

ଗୋଲ୍ଡ ମେଡାଲିଷ୍ଟ ବକ୍ସର୍ ଇମାନ ଖଲିଫ ମହିଳା ନୁହନ୍ତି
ପୃଷ୍ଠା ୬


# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 222 | ଭାଗ ୩୨ | ସଂଖ୍ୟା୨୨୨ | Bhubaneswar | Wednesday 6 November 2024 | Page 8 Rs. 4.00 | ଭୁବନେଶ୍ୱର | ବୁଧବାର ୬ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଧମକ ପରେ ମୁଣ୍ଡ ନୁଆଁଇଲା ଇସ୍କନ

### ରଥଯାତ୍ରା ପରିବର୍ତ୍ତେ ନିତାଇ ସଂକୀର୍ତ୍ତନ ଯାତ୍ରା




**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ଆଇନଗତ କାର୍ଯ୍ୟାନୁଷ୍ଠାନ ଚେତାବନୀ, ରାଜ୍ୟ ସରକାରଙ୍କ କଡ଼ା ଆଭିମୁଖ୍ୟ ସର୍ବୋପରି ଓଡ଼ିଶାବାସୀଙ୍କ ବିରୋଧକୁ ଲକ୍ଷ୍ୟ କରି ଇସ୍କନ କର୍ତ୍ତୃପକ୍ଷ ଅଦିନିଆ ରଥଯାତ୍ରା ନିଷ୍ପତ୍ତିରୁ ଓହରିଯାଇଛନ୍ତି। ରଥଯାତ୍ରା ବଦଳରେ ଗୌର ନିତାଇ ସଂକୀର୍ତ୍ତନ ଯାତ୍ରା କରିବେ ବୋଲି ଘୋଷଣା କରିଛନ୍ତି। ଆସନ୍ତା ୯ ତାରିଖରେ ଆମେରିକାର ଟେକ୍ସାସ୍ ସ୍ଥିତ ➪ପୃଷ୍ଠା-୬

### ଜଗନ୍ନାଥ ସଂସ୍କୃତିକୁ ଅସମ୍ମାନ କଲେ କାର୍ଯ୍ୟାନୁଷ୍ଠାନ



**ପୁରୀ,୫।୧୧ (ସଂଚାର ବ୍ୟୁରୋ):** ରଥ ଯାତ୍ରା ଏକ ଖେଳ ଘର ନୁହେଁ। ଖୋଦ ଜଗନ୍ନାଥଙ୍କ ନିର୍ଦ୍ଦେଶକ୍ରମେ ନିର୍ଦ୍ଦିଷ୍ଟ ତିଥିରେ ରଥ ଯାତ୍ରା ଆୟୋଜିତ ହେଉଛି। ମାତ୍ର ଇସ୍କନ ପକ୍ଷରୁ ପ୍ରାୟ ମାସେ ଦୁଇ ମାସ ବ୍ୟବଧାନରେ ବିଶ୍ୱର ବିଭିନ୍ନ ସ୍ଥାନରେ ରଥ ଯାତ୍ରା ଆୟୋଜିତ ହେଉଛି। ଇସ୍କନ ଏହାକୁ ଏକ ପ୍ରଚାର ଯାତ୍ରା ଭାବେ ପରିଚାଳନା କରୁଛି। କିନ୍ତୁ ଏହାକୁ ଆଉ ବରଦାସ୍ତ କରାଯିବନି। ଏଥର ଆମେ ଛାଡ଼ିବୁନି, ବହୁତ ହୋଇଗଲା।' ରଥ ଯାତ୍ରା ପାଳନ ନେଇ ଇସ୍କନ କର୍ତ୍ତୃପକ୍ଷଙ୍କ ମନମାନୀ ବିରୋଧରେ ଆଜି ଏପରି ବର୍ଷିଛନ୍ତି ଗଜପତି ମହାରାଜା ଦିବ୍ୟସିଂହ ଦେବ।

ଏହା ଶ୍ରୀମନ୍ଦିର ପରମ୍ପରାର ଉଲ୍ଲଂଘନ ବୋଲି ଗଜପତି ମହାରାଜା କହିବା ସହ ଭୁଲ ନ ସୁଧାରିଲେ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରାଯିବ ବୋଲି ଚେତାଇ ଦେଇଛନ୍ତି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଗଜପତି ମହାରାଜା ଶ୍ରୀମନ୍ଦିର ସଂସ୍କୃତି ସହ ଖେଳ ଖେଳୁଥିବା ଇସ୍କନ ପ୍ରତି କଠୋର ଆଭିମୁଖ୍ୟ ପୋଷଣ କରିଛନ୍ତି।

ଏନେଇ ସେ କହିଛନ୍ତି, ଜଗନ୍ନାଥ ହେଉଛନ୍ତି ମୂଳ ବିଗ୍ରହ। ତାଙ୍କ ପରମ୍ପରା ଅତି ପ୍ରତିଷ୍ଠିତ ଓ ପ୍ରସିଦ୍ଧ। ପରମ୍ପରା ଅନୁଯାୟୀ ହିଁ ଆମେ ଜଗନ୍ନାଥଙ୍କ ପର୍ବ ପାଳନ କରିବା ଉଚିତ। କେବଳ ଦୁଇଟି ଉତ୍ସବରେ ମହାପ୍ରଭୁଙ୍କୁ ଗର୍ଭଗୃହରୁ ବାହାର କରାଯାଇପାରିବ। ସେଥିନିମନ୍ତେ ସେ ନିଜେ ହିଁ ଇନ୍ଦ୍ରଦ୍ୟୁମ୍ନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେଥିପାଇଁ ତାଙ୍କ ଅନୁମତିରେ ତାଙ୍କ ଇଚ୍ଛାରେ ରଥଯାତ୍ରା ଆୟୋଜିତ ହେଉଛି। ତେଣୁ ତାଙ୍କ ପରମ୍ପରା ବିରୋଧୀ କାମ କରି ଇସ୍କନ ତରଫରୁ କେବଳ ପ୍ରଚାର ପାଇଁ ଏପରି ଅଦିନ ରଥ ଯାତ୍ରା ଆୟୋଜନ କରାଯାଉଛି। ଜଗନ୍ନାଥଙ୍କ ବିଗ୍ରହ ରଖିବା ତଥା ପୂଜାର୍ଚ୍ଚନା କରିବା ନିମନ୍ତେ ଆମେ କାହାକୁ ବାରଣ କରୁନୁ। କିନ୍ତୁ ଏହାକୁ ବିଧି ଅନୁଯାୟୀ କରିବା ଉଚିତ। କିନ୍ତୁ ସେମାନେ ଏହାକୁ ➪ପୃଷ୍ଠା-୬

## ପେଟକୁ ଦାନା ଦାୟିତ୍ୱ ନେଲେ ମୋହନ



- ତିନି ମାସର ଆଗୁଆ ଚାଉଳ ଦେବାକୁ ନିର୍ଦ୍ଦେଶ
- ରାଜ୍ୟ ଯୋଜନାରେ ସାମିଲ ହେବେ ୧.୩୧ ଲକ୍ଷ ଶ୍ରମିକ
- ଅକ୍ଟୋବରରୁ ମିଳିବ ୧୫ କିଲୋ ଚାଉଳ

**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଲୋକସେବା ଭବନରେ ସାଧାରଣ ବଣ୍ଟନ ବ୍ୟବସ୍ଥା ସମ୍ପର୍କରେ ସମୀକ୍ଷା କରି ହିତାଧିକାରୀ ମାନଙ୍କୁ ତିନି ମାସର ଚାଉଳ ଆଗୁଆ ପ୍ରଦାନ କରିବା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରତ୍ୟେକ ହିତାଧିକାରୀ ତିନି ମାସ (ଅକ୍ଟୋବରରୁ ଡିସେମ୍ବର) ପାଇଁ ୧୫ କିଲୋ ଲେଖାଏଁ ଚାଉଳ ପାଇବେ। ଏହି ପ୍ରକ୍ରିୟା ଅକ୍ଟୋବର ପହିଲା ଠାରୁ ଆରମ୍ଭ ହୋଇଥିଲେ ମଧ୍ୟ ୪୦ ଲକ୍ଷ ପରିବାର ଏ ପର୍ଯ୍ୟନ୍ତ ଚାଉଳ ପାଇ ନାହାନ୍ତି। ତେଣୁ ଏହି ପରିବାର ଗୁଡ଼ିକୁ ତୁରନ୍ତ ଚାଉଳ ବଣ୍ଟନ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଜଣାଯାଇଛି ଯେ ରାଜ୍ୟ ସରକାର ଇ-ଶ୍ରମିକ ଭାବରେ ପଞ୍ଜୀକରଣ କରିଥିବା ➪ପୃଷ୍ଠା-୬

## କାର୍ତ୍ତିକଙ୍କ ପ୍ରମ୍ପ୍ଟିଂ, ପେଣ୍ଡାଲରେ ଗଣେଶ

**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ଶ୍ରୀମନ୍ଦିର ମେଘନାଦ ପାଚେରିରେ ଫାଟ ଦେଖି ରାଜ୍ୟ ବିଜେଡି ନେତାଙ୍କ ଛାତି ଥରି ଯାଉଛି। ଏବେ ସେମାନେ ଏଏସଆଇ ଓ ବର୍ତ୍ତମାନର ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି । ହେଲେ ସେମାନେ ଗତ ୨୪ ବର୍ଷର ବିଜେଡି ସରକାରର କୁକର୍ମକୁ ବୋଧହୁଏ ଭୁଲିଯାଉଛନ୍ତି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ କଳେ ବଳେ କୌଶଳେ କାର୍ଯ୍ୟକାରୀ କରିବାକୁ ସବୁ ଫନ୍ଦିଫିକର କରୁଥିଲେ। ଯିଏ ମୁହଁ ଖୋଲୁଥିଲା ତା ମୁହଁ ବନ୍ଦ କରିଦିଆଯାଉଥିଲା । ସମସ୍ତଙ୍କ ଯୁକ୍ତିକୁ ଅଯୌକ୍ତିକ ବୋଲି କହି ବାଏଁ ବାଏଁ ଉଡାଇ ଦେଉଥିଲେ। ଏବେ କେମିତି ଶ୍ରୀମନ୍ଦିର ସୁରକ୍ଷା କଥା ଚିନ୍ତା ପଶୁଛି । ବିଜେଡି ନେତାମାନେ ଶ୍ରୀମନ୍ଦିର ସୁରକ୍ଷା ବାବଦରେ ଚିନ୍ତାପ୍ରକଟ କରିବା ଯାଦୁଆ ବିକୁଛି ଯାଦୁ ମଲମ ପରି ହୋଇଛି।

ପରିକ୍ରମା ପ୍ରକଳ୍ପ ପାଇଁ ବିରାଟ ବିରାଟ କଂକ୍ରିଟ ତିଆରି ହେବା ପାଇଁ ଲାଗୁଥିଲା ବଡ ବଡ ଜେସିବି ଆଉ ଭାଇବ୍ରେଟର । ପ୍ରକଳ୍ପ ପାଇଁ ସବୁ ନିୟମକାନୁନକୁ କୁଠାରଘାତ କରି ମଠଗୁଡିକୁ ଧୂଳିସାତ ➪ପୃଷ୍ଠା-୬




- ବିଜେଡି ମୁହଁରେ ଶ୍ରୀମନ୍ଦିର ସୁରକ୍ଷା ଚିନ୍ତା ; ସଇତାନର ବେଦପାଠ
- ଏଏସଆଇର ଚିଠିକୁ କାହିଁକି ଅଣଦେଖା କରାଯାଇଥିଲା ?
- ଡିଜେ ବ୍ୟାନ କରି ଭାଇବ୍ରେଟର ଓ ଜେସିବି ଚାଲୁଥିଲା କେମିତି ?



## ଟେଣ୍ଡର ମାଫିଆଙ୍କୁ ବଳିଗଲା 'ଦାସ ପରିବାର'

**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ନିଜକୁ ଯାଜପୁରର ବିକାଶ ପୁରୁଷ କହୁଥିବା ଦାସ ପରିବାରର କାର୍ଯ୍ୟ ଟେଣ୍ଡର ମାଫିଆଙ୍କୁ ବି ବଳି ଯାଇଛନ୍ତି। ଯାଜପୁର ଜିଲ୍ଲାରେ ପ୍ରତିଷ୍ଠା ହୋଇଥିବା ହକି ଷ୍ଟାଡିୟମ ନାଁରେ କେଉଁ କୋଟି ଟଙ୍କା ପକେଟସ୍ଥ କରିଛନ୍ତି। ଆରଟିଆଇ ତଥ୍ୟରୁ ଏହା ଧିରେ ଧିରେ ପଦାକୁ ଆସିବାରେ ଲାଗିଛି।

ମିଳିଥିବା ସୂଚନା ଅନୁଯାୟୀ, କ୍ରୀଡାର ବିକାଶ ଆଳରେ ଯାଜପୁରରେ ହୋଇଛି ଠିକାଦାରୀ ଲୁଟ୍। କୋଟି କୋଟିର ପ୍ରକଳ୍ପକୁ ସାର୍ବଜନୀନ ନକରି ଗୁପ୍ତ ଟେଣ୍ଡର କରି ବିକାଶ ପୁରୁଷ ଗିଳିଛନ୍ତି ଟଙ୍କା। ଯାହାକି ପାଣିକୋଇଲି




### ସ୍ଲିଟ୍ ଟେଣ୍ଡର କରି ବିକାଶ ପୁରୁଷ ଗିଳିଛନ୍ତି ହକି ପଇସା

### ଦାସଙ୍କ ପାଇଁ ଫସିବେ ଯନ୍ତ୍ରୀ ଓ ଅଫିସର

ପୂର୍ତ୍ତ ଡିଭିଜନ୍‌ରେ ଅତୀତରେ ହୋଇଥିବା ଗୋଟିଏ ପରେ ଗୋଟିଏ ଗୁପ୍ତ ଟେଣ୍ଡର ପେଡ଼ି ଖୋଲିବାରେ ଲାଗିଛି। ଯାଜପୁର ସହରରେ ନିର୍ମିତ ହକି ଷ୍ଟାଡିୟମ ଓ ଲାଇଟ୍ ଲଗାଇବାରେ ୧୨୪ଟି ଗୁପ୍ତ ଟେଣ୍ଡର ହୋଇଥିବା ତଥ୍ୟ ମିଳିଛି। ଷ୍ଟାଡିୟମ ଓ ଲାଇଟ୍ ଲଗାଇବା କାର୍ଯ୍ୟକୁ ଗୁପ୍ତ ଟେଣ୍ଡରରେ କରାଯାଇଥିବା ଜଣାପଡ଼ିବା ପରେ ଏବେ ଯନ୍ତ୍ରୀମାନେ ହରଡଘଣାରେ ପଡ଼ିଛନ୍ତି। ଯାହାକୁ ନେଇ ଏବେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି।

ଜିଲ୍ଲାରେ କ୍ରୀଡାର ବିକାଶ ପାଇଁ ଯାଜପୁର ସହରରେ ହକି ଷ୍ଟାଡିୟମ ନିର୍ମାଣ କରାଯାଇଛି। କିନ୍ତୁ ଏହି ଆକର୍ଷଣୀୟ ଷ୍ଟାଡିୟମ ନିର୍ମାଣରେ ବଡ ଲୁଟ୍ ଏବେ ସାମ୍ନାକୁ ଆସିଛି। କୋଟି କୋଟିର ଗୁପ୍ତ ଟେଣ୍ଡର କରି ରାଜନେତା ଓ ଯନ୍ତ୍ରୀ ନିଜସ୍ୱ ଅନୁଗତ ଠିକାଦାରଙ୍କୁ ଟଙ୍କା ବାଣ୍ଟି ଏବେ ହରଡଘଣାରେ ପଡ଼ିଛନ୍ତି। ଏହି ତଥ୍ୟ ଅନୁସାରେ ହକି ଷ୍ଟାଡିୟମ ଓ ଲାଇଟ୍ ଲଗାଇବାରେ ମୋଟ୍ ୧୨୪ଟି ଗୁପ୍ତ ଟେଣ୍ଡର ଜରିଆରେ ୪କୋଟି ୧୮ଲକ୍ଷ ୭୧ ହଜାର ଟଙ୍କା ବ୍ୟୟ ହୋଇଥିବା ଦର୍ଶାଯାଇଛି। ➪ପୃଷ୍ଠା-୬

## ଅରାଜକତା ମୂଳରେ ଅପାରଗ ଅଫିସର!

- ଷଡ଼ଙ୍ଗୀଙ୍କ ସାଥୀଙ୍କୁ ଚୋଟ ପକାଇଲେ ସୁମନ୍ତଙ୍କ ସହଯୋଗୀ
- ରାଜଧାନୀ ରାଜରାସ୍ତାରେ ରକ୍ତର ହୋଲି

**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ମହରଗରୁ ଯାଇ କାନ୍ତାରରେ ପଡ଼ିବା ରୁଢ଼ି ଆପଣ ଶୁଣିଥିବେ। ଭୁବନେଶ୍ୱରବାସୀଙ୍କ ପାଇଁ ଏହି କଥା ବୋଧହୁଏ ବର୍ତ୍ତମାନ ସମୟରେ ବେଶ ପ୍ରଯୁଜ୍ୟ। ଏକଥା ଆମେ କହିବାର କାରଣ ହେଲା ପୂର୍ବ ଡିସିପି ପ୍ରତୀକ ସିଂ ଥିବା ବେଳେ ସହରରେ ଛୋଟ ମୋଟ ଅପରାଧ ଘଟୁଥିଲା। ଲୋକେ ମଧ୍ୟ ଏହାକୁ ନେଇ ଚିନ୍ତିତ ହେଉଥିଲେ। ନୂଆ କମିଶନର ଭାବେ ଦେବଦତ୍ତ ସିଂ ଓ ଡିସିପି ଭାବେ ପିନାକ ମିଶ୍ର କାର୍ଯ୍ୟରେ ଯୋଗଦେବା ପରେ ପିନାକଙ୍କ ଉପରେ ସହର ବାସୀ ଅନେକ ଭରଷା କରିଥିଲେ। କଟକ ଓ ପୁରୀ ଭଳି ସହରରେ ପିନାକ ଆଇନ ଶୃଙ୍ଖଳା ରକ୍ଷା କରିଥିବାରୁ ତାଙ୍କ ଉପରେ ଆସ୍ଥା ସ୍ଥାପନ କରିଥିଲେ ରାଜ୍ୟ ସରକାର। କିନ୍ତୁ ଏବେ ପିନାକ ବୋଧହୁଏ ଏ ବିଶ୍ୱାସ ଭାଙ୍ଗି ଦେଇଛନ୍ତି ବୋଲି ଖୋଦ ରାଜଧାନୀ ବାସୀ ଅଣନିଶ୍ୱାସ ହୋଇ କହିବାରେ ଲାଗିଛନ୍ତି।

ଗତକାଲିର ଏକ ଘଟଣା କମିଶନରେଟ ପୋଲିସର ନିଦ ହଜାଇ ଦେଇଛି। ପଲାସପଲ୍ଲୀରେ ରହୁଥିବା ଶିବ ଶ୍ରୀଚନ୍ଦନ ନାମକ ଜଣେ ଯୁବକଙ୍କୁ ଲେନ ୫ ସମ୍ମୁଖରେ ଖଣ୍ଡାଚୋଟ ପକାଇ ଲହୁଲୁହାଣ କରିଦେଇଛନ୍ତି କିଛି ଦୁର୍ବୃତ୍ତ। ବାଂକୁଆଳ ନଦୀପଠାରେ ଲକ୍ଷ୍ମୀପୂଜା ଭସାଣି ବେଳେ ହୋଇଥିବା ଗଣ୍ଡଗୋଳ ଓ ପୂର୍ବ ଶତ୍ରୁତାରୁ ତାଙ୍କୁ ହାଣି ଗୁରୁତର କରିଛନ୍ତି ଦୁର୍ବୃତ୍ତ। ବଡ଼କଥା ହେଉଛି ହାଣିଥିବା ଯୁବକ ଓ ହଣା ଖାଇଥିବା ଯୁବକ ଦୁହେଁ ବିଜେପି କାର୍ଯ୍ୟକର୍ତ୍ତା ବୋଲି ଜାଣିବାକୁ ମିଳିଛି। ଶିବ ଶ୍ରୀଚନ୍ଦନ କୁଆଡେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀଙ୍କ ଏକାନ୍ତ ଅନୁଗତ। ସବୁବେଳେ ମ୍ୟାଡାମଙ୍କ ପାଖେ ପାଖେ ଥାଆନ୍ତି। ସେଥିପାଇଁ କାଲି ଏହି ଘଟଣା ପରେ ସାଂସଦଙ୍କ ଅଫିସରୁ ପ୍ରବଳ ଚାପ ପରେ ନିଜେ ପୋଲିସ କମିଶନର ଏମ୍ସ ହସ୍ପିଟାଲକୁ ଯିବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଧରିବାକୁ ଏୟାରପୋର୍ଟ ଥାନା ଅଧିକାରୀ ଓ ସ୍ପେଶାଲ ସ୍କ୍ୱାର୍ଡକୁ ନିର୍ଦ୍ଦେଶ ଦେଇଥିଲେ।

କିନ୍ତୁ ବଡ଼କଥା ହେଉଛି ଏହି ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା କଲର ପାପୁନି କୁଆଡେ ମାହାଙ୍ଗାରେ ବିଜେପି ପ୍ରାର୍ଥୀ ହୋଇଥିବା ସୁମନ୍ତ ଘଡେଇଙ୍କ ବେଶ ଖାସ। ଅଭିଯୁକ୍ତ ଜଣଙ୍କ ନିର୍ବାଚନ ସମୟରେ ଡିଜିଟାଲ ପ୍ରଚାର ଦାୟିତ୍ୱ ନେଇଥିଲେ। ସୁମନ୍ତଙ୍କ ସହ ଭାଇ ପରି ରହୁଥିଲେ। କିଛିଦିନ ତଳେ ସୁମନ୍ତଙ୍କ ଜନ୍ମଦିନରେ ମଧ୍ୟ ଭାଗ ନେଇଥିଲେ ପାପୁନି। ଜଗନ୍ନାଥ ମନ୍ଦିର ମଧ୍ୟ ଯାଇ ଏକାସାଙ୍ଗରେ ଫଟୋ ଉଠାଇଥିଲେ। ରାଜନୀତିରେ ହିଂସାକୁ ଘୃଣା କରୁଥିବା ଦଳର ନେତା କିଭଳି ଅପରାଧୀଙ୍କୁ ପ୍ରଶ୍ରୟ ଦେବା ସହ ଅଭିଯୁକ୍ତଙ୍କୁ ନ ➪ପୃଷ୍ଠା-୬






### ଖଣି ମ୍ୟାଡାମଙ୍କ ଗହିରିଆ ପ୍ରେମ

## ଟୋକା ଖୋଜିବାକୁ ହୋଣ୍ଡାସିଟିରେ ୨୦୦ କିମି



ଟୋକା ଖାଜିବାକୁ ବାଲେଶ୍ୱରରୁ ହୋଣ୍ଡାସିଟି ଚଢ଼ି ଭୁବନେଶ୍ୱର ଛୁଟି ଆସିଥିବା ଖଣି ବିଭାଗର ଜଣେ ମହିଳାଙ୍କୁ ନେଇ କମିଶନରେଟ ପୁଲିସ୍ ନାକେଦମ। ଅବଶ୍ୟ ମହିଳା ଜଣେ ଉଚ୍ଚପଦସ୍ଥ ଅଧିକାରୀ ବୋଲି ପୁଲିସ୍ ଜାଣିବା ପରେ ତାଙ୍କୁ ବୁଝାଶୁଝା କରି ବାଲେଶ୍ୱର ପଠାଇ ଦେଇଛି। କଥାଟି ଅଡୁଆ ଲାଗିଲେ ବି ସତ।

ଅତି ବିଶ୍ୱସ୍ତ ସୁତ୍ରରୁ ମିଳିଥିବା ସୂଚନା ମୁତାବକ, ଖଣି ବିଭାଗର ଜଣେ ବରିଷ୍ଠ ଅଧିକାରିଣୀ (ଡେପୁଟି ଡାଇରେକ୍ଟର) ଭାରି କଡ଼ା। ଏବେ ମ୍ୟାଡାମଙ୍କ ପୋଷ୍ଟିଂ ବାଲେଶ୍ୱର-ଭଦ୍ରକ ଅଞ୍ଚଳରେ। ଏହି କଡା ଅଧିକାରିଣୀ ଏବେ ଚର୍ଚ୍ଚର ବିଷୟ ପାଲଟିଛନ୍ତି। ଗତ ସପ୍ତାହାରେ ବାଲେଶ୍ୱରୁ ଆସିବା ସମୟରେ ସହାୟକ କର୍ମଚାରୀଙ୍କୁ କହିଥିଲେ, ଭୁବନେଶ୍ୱରରେ କଳିଙ୍ଗନଗରରେ ଘର କାମ ଚାଲିଛି। ଦୁଇ ଦିନ ପରେ ଫେରିବି। ବାଲି ମାଫିଆଙ୍କ ହୋଣ୍ଡା ସିଟି କାର୍ ଚଢ଼ି ବାଲେଶ୍ୱରୁ ଭୁବନେଶ୍ୱର ଆସିଥିଲେ। ଏକ ତାରକା ହୋଟେଲରେ ରହି ମଦ୍ୟପାନ କରିଥିଲେ। ନିଶା ଚଢିବା ପରେ ଟୋକା ଖାଜିବା ଆରମ୍ଭ କରି ଶେଷରେ ବିଳମ୍ବିତ ରାତିରେ ପହଞ୍ଚିଥିଲେ ଖଣ୍ଡଗିରି ପାହାଡ ତଳ କିନ୍ନର ହାଟରେ। ଉକ୍ତ କିନ୍ନର ହାଟରେ ମାଳ ମାଳ ଯୁବକ ବୁଲୁଥିଲେ। ଖଣି ମ୍ୟାଡାମଙ୍କୁ ଦେଖି କିନ୍ନରଙ୍କୁ ଛାଡି ତାଙ୍କ ପଛରେ ପଡ଼ି ଯାଇଥିଲେ ଯୁବକମାନେ। ମ୍ୟାଡାମ୍ ଯୁବକମାନଙ୍କ ହାତକୁ ଦେଖୁଥାନ୍ତି। କାରଣ ମ୍ୟାଡାମ୍ ଜାଣିଛନ୍ତି ଜିଗୋଲମାନେ ହାତରେ ଲାଲ୍ ରଙ୍ଗର କପାଟା ବାନ୍ଧିଥିବେ। ମ୍ୟାଡାମଙ୍କ ଏମିତି ଅବସ୍ଥା ଦେଖି କିନ୍ନରମାନେ ଅବାକ ହୋଇଥିଲେ। କାଳେ କିଛି ଘଟିବ ସେଥିପାଇଁ କିନ୍ନରମାନେ ବଦନାମ ହେବେ। ଏ ସବୁକୁ ଦେଖି ପିସିଆରକୁ ଫୋନ୍ କରିଥିଲେ ଜଣେ କିନ୍ନର। ପୁଲିସ୍ ପହଞ୍ଚି ମ୍ୟାଡାମଙ୍କୁ ବୁଝାଇଥିଲା। ସ୍ଥିତି ଏମିତି ହୋଇଥିଲା ମ୍ୟାଡାମ୍ ଜିଗୋଲ ପାଇଁ ନଛୋଡ଼ବନ୍ଧା। ପୁଲିସ୍ କିଛି ଉପାୟ ନ ପାଇଁ ତାଙ୍କ ଘର ଲୋକଙ୍କ ନମ୍ବର ମାଗିଥିଲା। କିନ୍ତୁ ସେ ଦେଇ ନ ଥିଲେ। ପୁଲିସ୍ ହୋଣ୍ଡା ସିଟି କାର୍ ନମ୍ବରରୁ ମ୍ୟାଡାମଙ୍କ ଘର ନମ୍ବର ବାହାର କରି ଫୋନ୍ କରିଥିଲା। ହେଲେ ଉକ୍ତ କାର୍ ମ୍ୟାଡାମଙ୍କର ନ ଥିଲା। ପୁଲିସ୍ କିଛି ଉପାୟ ନ ପାଇ ଥାନାକୁ ନେବାକୁ ଯୋଜନା କରିଥିଲା। ତେବେ ଥାନାକୁ ଯିବା କଥା ଶୁଣିବା ପରେ ମ୍ୟାଡାମଙ୍କ ନିଶା ଖସିଥିଲା। ମ୍ୟାଡାମ କିଛି ଉପାୟ ନ ପାଇ ନିଜ ପରିଚୟ ଦେଇଥିଲେ। ପୁଲିସ୍ କର୍ମଚାରୀମାନେ ପରିଚୟ ଜାଣିବା ପରେ ମାମଲାକୁ ସେହିଠାରେ ଇତିଶ୍ରୀ କରିବା ସହିତ ମହିଳାଙ୍କୁ ବୁଝାଇ ସୁଝାଇ ତାଙ୍କରି ହୋଣ୍ଡାସିଟିରେ ବସାଇ କଳିଙ୍ଗନଗର ଘରକୁ ପଠାଇ ଦେଇଥିଲା। କଥାଟି ଏବେ ଥାନାର ଚାରିକାନ୍ଥ ଡେଇଁ ବାଲେଶ୍ୱରରେ ପହଞ୍ଚିଲାଣି।

### ଆମ୍ବଟାକୁଆ ଖାଇ ୨ ମହିଳାଙ୍କ ମୃତ୍ୟୁ

## ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ, ଆରଡିସି କରିବେ ତଦନ୍ତ





ଆମ୍ବଟାକୁଆ ଖାଇ ମୃତ୍ୟୁ ହେବା ଘଟଣାର ତଦନ୍ତ ରାଜସ୍ୱ ଡିଭିଜନ କମିଶନର(ଆରଡିସି) କରିବେ। ଏନେଇ ଖୁବଶୀଘ୍ର ବିଧିବଦ୍ଧ ବିଜ୍ଞପ୍ତି ଓ ଏସ୍‌ଓପି ଜାରି ହେବ । ଭବିଷ୍ୟତରେ ଯେଭଳି ଏପରି ଘଟଣାର ପୁନରାବୃତ୍ତି ନହେବ ସେଥିପାଇଁ ମଧ୍ୟ ଆରଡିସି ଆବଶ୍ୟକ ମତାମତ ଦେବେ।

**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ଦାରିଙ୍ଗିବାଡ଼ି ବ୍ଲକ ଅଞ୍ଚଳରେ ଆମ୍ବଟାକୁଆ ଖାଇ ୨ଜଣ ମହିଳାଙ୍କ ମୃତ୍ୟୁ ଘଟିବା ମାମଲାର ଆରଡିସିସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ, କନ୍ଧମାଳରେ ରାଜ୍ୟ ସରକାର ଏହି ଘଟଣା ପରେ ଉକ୍ତ ଗାଁକୁ ଜିଲ୍ଲା ପ୍ରଶାସନ ଓ ଡାକ୍ତରୀ ଟିମ୍ ପଠାଇ ମୃତ୍ୟୁର କାରଣ ଯାଂଚ କରିଛନ୍ତି । ଏହା ସହିତ ଫୁଡ଼ପଏଜିନିଂ କାରଣରୁ ମୃତ୍ୟୁ ହୋଇଥିବା କହିଛନ୍ତି । ଏବେ ଅନ୍ୟ ପ୍ରଭାବିତଙ୍କୁ ସରକାରୀସ୍ତରରେ ଚିକିତ୍ସା ଯୋଗାଇ ଦିଆଯାଉଛି। ମାଣ୍ଡିପଙ୍କା ➪ପୃଷ୍ଠା-୬

### ହ୍ୱାଇଟ୍‌ହାଉସ୍ ଟକ୍କର

## ସାରା ବିଶ୍ୱର ନଜର

**ୱାଶିଂଟନ, ୫।୧୧:** ବିଶ୍ୱର ସର୍ବାଧିକ ଶକ୍ତିଶାଳୀ ଆମେରିକାର ୬୦ତମ ରାଷ୍ଟ୍ରପତି ନିର୍ବାଚନ ନିମନ୍ତେ ମଙ୍ଗଳବାର ମତଦାନ ଆରମ୍ଭ ହୋଇଛି। ଭାରତୀୟ ସମୟ ଅପରାହ୍ନ ୪ଟାରୁ ମତଦାନ ଅନୁଷ୍ଠିତ ହୋଇ ରାତି ୧୧.୩୦ ସୁଦ୍ଧା ଶେଷ ହୋଇଛି। ବୁଧବାର ରାତିସୁଦ୍ଧା ନିର୍ବାଚନ ଫଳାଫଳ ଜଣାପଡ଼ିବ। ଇତିମଧ୍ୟରେ ପ୍ରଥମ ଫଳାଫଳ ଆସିଛି। ପରମ୍ପରା ଅନୁଯାୟୀ ଡିକ୍‌ସଭିଲେ ନୋଚ୍‌ରେ ପ୍ରଥମ ଗଣତି କରାଯାଇ ଫଳାଫଳ ଆସିଛି। ଏଠାରେ ରିପବ୍ଲିକାନ ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ (୭୮) ଓ ଡେମୋକ୍ରାଟିକ ପାର୍ଟି ପ୍ରାର୍ଥୀ ତଥା ଉପରାଷ୍ଟ୍ରପତି କମଳା ହାରିସ(୬୦)ଙ୍କ ମଧ୍ୟରେ ସ୍ଥିତି ବରାବର ରହିଛି। ଉଭୟଙ୍କୁ ତିନିଟି ଲେଖାଏଁ ଭୋଟ ମିଳିଛି। ମୋଟ ୫୩୮ ଇଲେକ୍ଟୋରାଲ ଭୋଟ ମଧ୍ୟରୁ ବିଜୟ ହାସଲ କରିବାକୁ ହେଲେ ୨୭୦ ଭୋଟ ଆବଶ୍ୟକ। ମୋଟ ➪ପୃଷ୍ଠା-୬



## ଧାରଣାରତ ମହିଳାଙ୍କ ପଛରେ ବିଜେଡି ନେତା

**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ବିଜେଡି ସରକାର ସମୟରୁ ପାଉଣା ପାଇନଥିବା ଦର୍ଶାଇ ମିଶନ ଶକ୍ତିର କିଛି ମହିଳା ରାଜଧାନୀରେ ଆସି ଧାରଣା ଦେଇଛନ୍ତି। ତେବେ ପାଉଣା ନମିଳିବାର ଆଠମାସ ପରେ ମହିଳାମାନଙ୍କର ଏଭଳି ଧାରଣା ପଛରେ ବିଜେଡିର ଜଣେ କଟକୀ ନେତା ରହିଛନ୍ତି ଏବଂ ବିଜେପି ନେତାଙ୍କ ସହିତ ଲସର ପସର ହେଉଥିବା ଏହି ନେତା ଏବେ ସନ୍ୟାସୀଙ୍କ ନିର୍ଦ୍ଦେଶରେ ଶତ୍ରୁ ଦମନ ପାଇଁ ଏଭଳି ପନ୍ଥା ଆପଣେଇଥିବା ଆଲୋଚନା ହେଉଛି।

ମିଶନ ଶକ୍ତି ଭବନ ସମ୍ମୁଖରେ ଧାରଣା ଦେଇଥିବା ମହିଳାମାନେ କହିଛନ୍ତି ସେମାନେ ୮ମାସ ହେଲା ପାଉଣା ପାଇନାହାନ୍ତି। ଏଥିଯୋଗୁଁ ସେମାନେ କଷ୍ଟରେ ଅଛନ୍ତି। ସ୍କୁଟି ଲୋନ୍ ସୁଝିପାରୁ ନାହାନ୍ତି। ଲୋନ ସୁଝିପାରୁ ନଥିବାରୁ ସେମାନଙ୍କର ସିବିଲ୍ ଖରାପ ହୋଇଗଲାଣି। ପିଲାଙ୍କ ପାଠପଢା ବି ଅଟକି ଗଲାଣି। ତେବେ ନୂଆ ସରକାରକୁ ୫ମାସ ପୂରିନଥିବାବେଳେ ସେମାନେ ବିଜେଡି ସରକାର ଅମଳରୁ ପାଉଣା ପାଇନଥିବା ସ୍ପଷ୍ଟ ହୋଇଛି। ତେବେ ଏହି ମହିଳାମାନେ ବିଜେଡି ବିରୁଦ୍ଧରେ ପଦୁଟିଏ ପାଟି ଫିଟାଉନଥିବାବେଳେ କଥା କଥାରେ ବିଜେପି ସରକାର ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀଙ୍କ ନାଁ ନେବାରେ ଲାଗିଛନ୍ତି। କ୍ୟାମେରା ସମ୍ମୁଖରେ କାନ୍ଦି ପକାଉଛନ୍ତି।



- ବିଜେପି ନେତାଙ୍କ ସହିତ ଲସରପସର
- ସନ୍ୟାସୀଙ୍କ ନିର୍ଦ୍ଦେଶ ପରେ ମାରାତ୍ମକ ଖେଳ
- ଗୋଟିଏ ଗୁଳିରେ ୨ ଶିକାର

ତେବେ ହଠାତ୍ ଏମାନଙ୍କ ଆର୍ବିଭାବ ପଛରେ ଜଣେ କଟକୀ ନେତା ଥିବା ଆଲୋଚନା ହେଉଛି। ସଂଘ ପରିଚାଳନାରେ ଅତ୍ୟନ୍ତ ପାରଙ୍ଗମ ଏହି ନେତା ଜଣଙ୍କ ବିଜେପିର ନିକଟତର ହେବା ସହିତ ବିଜେଡିର ଦୁଇ କଟକୀ ନେତାଙ୍କୁ ପାନେ ଦେବାପାଇଁ ଏଭଳି ରଣନୀତି ଆପଣେଇଛନ୍ତି। ଏହି ନେତା ଜଣଙ୍କ ଏବେ କଟକର ବିଜେପି ସାଂସଦ ଓ ବିଧାୟକଙ୍କ ନିକଟତର ହେବାରେ ଲାଗିଛନ୍ତି। ଲୁଚି ଲୁଚି ମିଶୁଛନ୍ତି। ଏବେ ଗୋଟିଏ ଗୁଳିରେ ଦୁଇଟି ଶିକାର କରିବା ପାଇଁ ବାହାରିଛନ୍ତି। ମିଶନ ଶକ୍ତିକୁ ଆଣି ରାଜଧାନୀରେ ଛିଡା କରାଇବା ପାଇଁ ସନ୍ୟାସୀଙ୍କ ନିର୍ଦ୍ଦେଶ ପରେ କଟକୀ ନେତା ଅତ୍ୟନ୍ତ ଉତ୍ସାହିତ ହୋଇ ଉଠିଛନ୍ତି। ମିଶନଶକ୍ତି ଗୁଳିରେ ଏବେ ଶତ୍ରୁ ଦମନ ସହିତ ବିଜେପି ଭାବ ବଢାଇବାର ସୁଯୋଗ ମିଳିଯାଇଛି।

ରାଜ୍ୟରେ ୭୦ଲକ୍ଷ ମିଶନ ଶକ୍ତି ମହିଳା ଥିବାବେଳେ ମିଶନ ଶକ୍ତି ନେତ୍ରୀମାନେ ମଧ୍ୟ ରହିଛନ୍ତି। ନିକଟରେ ଏମାନଙ୍କ ମଧ୍ୟରୁ ଅନେକ ସୁଭଦ୍ରା ଯୋଜନାରେ ସାମିଲ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ଅନେକ ବି ସୁଭଦ୍ରା ଯୋଜାନର ହିତାଧିକାରୀ ହୋଇ ସାରିଲେଣି। ତେବେ ସୁଭଦ୍ରା ଯୋଜନା ଆରମ୍ଭ ହୋଇ ଟଙ୍କା ପାଇଥିବାବେଳେ ଏମାନେ କିନ୍ତୁ ନିଜର ପାଉଣା ସଂକ୍ରାନ୍ତରେ ଗତ ୫ମାସ ଭିତରେ ମୁହଁ ଖୋଲିନଥିଲେ। ହଠାତ୍ ଏବେ ଆସି ମିଶନ ଶକ୍ତି ଭବନ ସମ୍ମୁଖରେ ଧାରଣା ଦେବା ଅନେକଙ୍କ ଆଶ୍ଚର୍ଯ୍ୟଚକିତ କରିଛି।

ତେବେ ହେଉଥିବା ଆଲୋଚନା ଅନୁଯାୟୀ ମହିଳାମାନଙ୍କର ରାଜଧାନୀ ଆଗମନ ପଛରେ ଥିବା କଟକୀ ନେତା ଯିଏକି ସଂଘ ପରିଚାଳନାରେ ପାରଙ୍ଗମ, ସିଏ ଏବେ ଆନ୍ଦୋଳନ, ଧାରଣା ଜରିଆରେ ମହିଳାମାନଙ୍କୁ ବିଜେଡି ପଟକୁ ➪ପୃଷ୍ଠା-୬

# ମା’ ଶ୍ୟାମାକାଳୀଙ୍କ ଭସାଣି ଉତ୍ସବ

**କେନ୍ଦ୍ରାପଡ଼ା, ୫।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନସ୍ଥ ଗୁଲନଗର ପଞ୍ଚାୟତର ଗୁଲନଗର ଗ୍ରାମରେ ୫ଦିନଧରି ପୂଜା ପାଉଥିବା ମା’ ଦକ୍ଷୀଣକାଳୀଙ୍କର ସୋମବାର ରାତିରେ ବିସର୍ଜନ କରାଯିବା ପରେ ମଙ୍ଗଳବାର ଦିନ ଭସାଣୀ ଉତ୍ସବ ଅନୁଷ୍ଠିତ ହୋଇଥିଲା । ପ୍ରାତଃ ୬ଟା ସମୟରେ ଗୁଲନଗର ଗ୍ରାମବାସୀମାନଙ୍କ ଦ୍ୱାରା ମେଢକୁ ଏକ ବିରାଟ ଶୋଭାଯାତ୍ରାରେ ଢୋଲ ବାଦ୍ୟ ଓ ନଗର କୀର୍ତ୍ତନ କରି ଗ୍ରାମ ପରିକ୍ରମା କରାଯିବା ପରେ ଗୋବରୀ ନଦୀ ଘାଟରେ ମାଙ୍କୁ ବିସର୍ଜିତ କରଯାଇଥିଲା । ଗ୍ରାମବାସୀମାନେ ଅଶ୍ରୁଳ ନେତ୍ରରେ ମା’ କାଳୀଙ୍କୁ ବିଦାୟ ଦେଇଥିଲେ । ଏହି ଅବସରରେ ଗତ ୪ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୋମବାର ରାତିରେ ବୁଢା ଗୋବିନ୍ଦଜୀୟୁ ମନ୍ଦିର ପ୍ରାଙ୍ଗଣରେ ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରାଯାଇଥିଲା । ଏହାକୁ ଦେଖିବା ପାଇଁ ଆଖପାଖ ଅଞ୍ଚଳରୁ ବହୁ ସଂଖ୍ୟାରେ ଦର୍ଶକଙ୍କ ସମାଗମ ହୋଇଥିଲା । ଏହି ସମସ୍ତ କାର୍ଯ୍ୟକ୍ରମକୁ ଚକ୍ରବର୍ତ୍ତି ପରିବାର ସହ ଗୁଲନଗର ଗ୍ରାମର ଯୁବକମାନେ ପରିଚାଳନା କରିଥିଲେ ।



# କିଣିଲୋ ମା’ ମଙ୍ଗଳା ମନ୍ଦିରରେ ଯଜ୍ଞ ଅନୁଷ୍ଠିତ

**କେନ୍ଦ୍ରାପଡ଼ା, ୫।୧୧ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅନ୍ତର୍ଗତ କିଣିଲୋ ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ମଙ୍ଗଳା ମନ୍ଦିର ପରିସରରେ ଏକ ଦିବସୀୟ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ କଳସ ଶୋଭାଯାତ୍ରା କରି ମଙ୍ଗଳା ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ । ପୂଜକ ପ୍ରଥମେ ସୂର୍ଯ୍ୟପୂଜା,ଗୋପୂଜା,ଚଣ୍ଡୀ ପାଠ ସହ ହୋମଯଜ୍ଞ କରିଥିଲେ। କିଣିଲୋ ଗ୍ରାମବାସୀଙ୍କ ଦ୍ୱାରା ଆହୋଜିତ ହୋଇଥିବା ଏହି ଆଧ୍ୟାତ୍ମିକ କାର୍ଯ୍ୟରେ ଗ୍ରାମର ସମସ୍ତ ଅଧିବାସୀ ଉପସ୍ଥିତ ରହି ନାମ ସଙ୍କୀର୍ତ୍ତନ ପୂର୍ବକ ହରିବୋଲ ହୁଳହୁଳି ଦ୍ୱାରା ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ଏହା ସହ ପ୍ରସାଦ ସେବନର ଆୟୋଜନ ମଧ୍ୟ କରିଥିଲେ ।



# ଚେଳିତୋଳ ବୋଇତ ଓ ବାଲିଯାତ୍ରା ମହୋତ୍ସବର ଭୂମିପୂଜନ

**ଜଗତସିଂହପୁର, ୫।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ତିର୍ତ୍ତୋଲ ବ୍ଲକ ଗୋପିଆକୁଦ ମହାନଦୀ ପାଠରେ ଐତିହ୍ୟ ଓ ପରମ୍ପରା ଚେଳିତୋଳ ବୋଇତବନ୍ଦାଣ ଓ ବାଲିଯାତ୍ରା ମହୋତ୍ସବ ପାଇଁ ତିର୍ତ୍ତୋଲ ବିଧାୟକ ପ୍ରଫେସର ଡ଼ଃ. ରମାକାନ୍ତ ଭୋଇଙ୍କ ଅଧକ୍ଷତା ରେ ଭୂମିପୂଜା ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବ ଆସନ୍ତା ୧୫ ତାରିଖିରୁ ଗୋପିଆକୁଦ ମହାନଦୀ ପଠାରେ ଅନୁଷ୍ଠିତ ହେବାକୁ ଯାଉଛି। ଏହି ମହୋତ୍ସବ ଦୀର୍ଘ ୭ ଦିନ ବ୍ୟାପି ଚାଲିବ ବୋଲି ଆୟୋଜକଙ୍କ ଠାରୁ ସୂଚନା ମିଳିଛି। ଏହି ଭୂମି ପୂଜନ ଉତ୍ସବରେ ପୂଜକ ବଟକୃଷ୍ଣ ଦାଶ, ପଣ୍ଡିତ ଅଭୟ ଦାଶ, ଶିଶିର ପଣ୍ଡା ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଭୂମି ପୂଜନ ମହୋତ୍ସବରେ ଜିଲ୍ଲାପରିଷଦ ଉପା ଅଧକ୍ଷା ସୁଜାତା ମହାନ୍ତି, ତିର୍ତ୍ତୋଲ ବ୍ଲକ ସଭାପତି ଗଙ୍ଗାଧର ବିଶ୍ୱାଳ, ବରିଷ୍ଠ କର୍ମକର୍ତ୍ତା ଅଶ୍ୱିନୀ ଦାସ, ବସନ୍ତ ମହାପାତ୍ର, ତପନ ମହାନ୍ତି, ବିମଳକାନ୍ତ ମହାପାତ୍ର, ପ୍ରବୀର ରାୟ, ରଘୁନାଥପୁର ବ୍ଲକ ସଭାପତି ଦେବାଶିଷ ତ୍ରିପାଠୀ, ରଘୁନାଥପୁର ଜିଲ୍ଲାପରିଷଦ ପ୍ରକାଶ କୁମାର ମଲ୍ଲିକ, ବିରିଡି ଜିଲ୍ଲାପରିଷଦ ଚନ୍ଦ୍ର ଶେଖର ଦାସ, ପୂର୍ବତନ ଜିଲ୍ଲାପରିଷଦ ସନାତନ ଦଳାଇ, ବିନୟ ମହାପାତ୍ର, କ୍ଷୀରୋଦ ବାରିକ, ବିଜୟା ନନ୍ଦ ନାଥ, ଅଜୟ ରାଉଳ, ସମିତି ସଭ୍ୟ ସୁଭଦ୍ରା ଦାସ, ବିଷ୍ଣୁ ପ୍ରିୟା ଦାସ, ବିନ୍ଧ୍ୟବାସିନୀ ମହାନ୍ତି, ଅରୁଣ ମହାପାତ୍ର, ସୁରେନ୍ଦ୍ର ମହାପାତ୍ରଙ୍କ ସମେତ ସମସ୍ତ କର୍ମକର୍ତ୍ତା ଓ କର୍ମୀ ମାନେ ଉପସ୍ଥିତ ରହିଥିଲେ।



# ବାତ୍ୟା କ୍ଷୟକ୍ଷତି ସମ୍ପର୍କରେ ମନ୍ତ୍ରୀଙ୍କ ସମୀକ୍ଷା



## କ୍ଷୟକ୍ଷତି ଆକଳନ କଲା ପ୍ରଶାସନ

**କେନ୍ଦ୍ରାପଡା, ୫।୧୧ (ସଂଚାର ବ୍ୟୁରୋ):** ସୋମବାର ସନ୍ଧ୍ୟାରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାଏକ କେନ୍ଦ୍ରାପଡା ପ୍ରଦକ୍ଷଣ ଭବନଠାରେ ବାତ୍ୟା ‘ଦାନା’ ଯୋଗୁଁ ହୋଇଥିବା କ୍ଷୟକ୍ଷତି ସମ୍ପର୍କରେ ସମୀକ୍ଷା କରିଛନ୍ତି । ପ୍ରଦକ୍ଷଣ ଭବନ ଠାରେ ମାନ୍ୟବର ମନ୍ତ୍ରୀ ପହଁଞ୍ଚିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ କରାଯାଇଥିଲା । ପ୍ରଦକ୍ଷଣ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ କ୍ଷତିଗ୍ରସ୍ତ କୌଣସି ଦରିଦ୍ର ଲୋକ ଯେପରି ସରକାରି ସାହାଯ୍ୟରୁ ବଞ୍ଚିତ ନ ହୁଏ ସେଥିପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ ।

ବାତ୍ୟା ଦାନା ପୂର୍ବରୁ ଓ ପରବର୍ତ୍ତୀ ସମୟରେ ତାହାର ସଫଳ ମୁକାବିଲା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଏବଂ କ୍ଷୟକ୍ଷତିର ଆକଳନ ସମ୍ପର୍କରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ପଞ୍ଚାୟତରାଜ, କୃଷି, ରାସ୍ତା ଓ କୋଠାବାଡ଼ି, ବେସାମରିକ ଯୋଗାଣ, ଗ୍ରାମ୍ୟ ଉନ୍ନୟନ, ପ୍ରାଣୀ ସମ୍ପଦ ଆଦି ବିଭାଗ ପକ୍ଷରୁ ତଥ୍ୟ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିଲା । ଜଣାଯାଇଛି ଯେ ବାତ୍ୟା ଯୋଗୁଁ ଜିଲ୍ଲାରେ ୫ଟି କଚାଘର ସମ୍ପୂର୍ଣ୍ଣ ନଷ୍ଟ ହୋଇ ଥିବା ବେଳେ ୧୨୦୭ଟି କଚ୍ଚା ଘର ଆଂଶିକ, ୧୬୫ଟି ଗୁହାଳ ଘର, ୪୯ଟି କୁଡିଆ ଘର, କ୍ଷତିଗ୍ରସ୍ତ ହୋଇଥିଲା । ବାତ୍ୟା ଯୋଗୁଁ କେନ୍ଦ୍ରାପଡା ଡିଭିଜନ-୧ ଓ ମାର୍ଶାଘାଇ ଡିଭିଜନର ୩୦୩୩୪୪ ବିଦ୍ୟୁତ ଉପଭୋକ୍ତଙ୍କ ମଧ୍ୟରୁ ୨୯୭୦୦୨ ଜଣ ଉପଭୋକ୍ତଙ୍କୁ ୨୭,ଅକ୍ଟୋବର ସୁଦ୍ଧା ବିଦ୍ୟୁତ ଯୋଗାଣ କରାଯାଇଥିଲା । ରାଜନଗର, ରାଜକନିକା, ମହାକାଳପଡା ବ୍ଲକର ମୋଟ ୧୩୩୩୬୩ ଗୃହ ପାଳିତ ପଶୁଙ୍କୁ ୪ ନଭେମ୍ବର ସୁଦ୍ଧା ୭୧ ଜଣ ଟୀକା ପ୍ରଦାନକାରୀଙ୍କ ଦଳଙ୍କ ଦ୍ୱାରା ପ୍ରତିଷେଧକ ଟିକା ପ୍ରଦାନ କରାଯାଇଥିବା ବେଳେ ରାଜନଗରରେ ବଳକା ୪୦୦ ଗୃହପାଳିତ ପଶୁଙ୍କୁ ଟୀକା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି ବୋଲି ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଥିଲା । ବାତ୍ୟା ପୂର୍ବରୁ ୨୮୨ ଜଣ ଗର୍ଭବତୀ ମହିଳାଙ୍କୁ ନିକଟରେ ଥିବା ଡେଲିଭରି ସେଣ୍ଟରକୁ ସ୍ଥାନାନ୍ତର କରାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ୭୪୭୨୪ ଓ ଆର୍ ଏସ୍ ପ୍ୟାକେଟ୍, ୨୨୪୦୧୮ ହାଲୋଜିନ୍ ବଟିକା ବଣ୍ଟନ କରାଯାଇଥିବା ବେଳେ ୧୩୦୭୭୪ଟି କୂଅକୁ ବାତ୍ୟା ପରେ ବିଶୋଧିତ କରାଯାଇଛି ।

ବାତ୍ୟା ପରବର୍ତ୍ତୀ ସମୟରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ୩୬ଟି ଏମ୍ ଏଚ୍ ଟି, ୧୦ଟି ମେଡିକାଲ ରିଲିଫ ସେଣ୍ଟର ଓ ୧୦ଟି ରାପିଡ୍ ରେଶପନସ ଟିମ୍ କାର୍ଯ୍ୟ କରୁଥିଲେ । ପୁନଃଉଦ୍ଧାର ସମୟରେ ଏନ୍ ଡି ଆର୍ ଏଫ୍, ଓଡରାଫ୍ ଫରେଷ୍ଟ ଓ ଅଗ୍ନିଶମ ବିଭାଗର ୩୦ଟି ଦଳ ୬୪ଟି ରାସ୍ତା ଅବରୋଧ ହଟାଇବା ସହ ଭାଙ୍ଗିଥିବା ଗଛ କାଟିବାରେ ନିୟୋଜିତ ଥିଲେ । ସମଗ୍ର ଜିଲ୍ଲାରେ ୧୨୧୧୧୬ରୁ ଉର୍ଦ୍ଧ୍ୱ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ୬୪୬ ବାତ୍ୟା ଆଶ୍ରୟସ୍ଥଳୀରେ ରଖାଯାଇ ସେମାନଙ୍କୁ ଶୁଖିଲା ଖାଦ୍ୟ ଓ ୨୩ ତାରିଖରୁ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଥିଲା । ୨୪ ଅକ୍ଟୋବର ସୁଦ୍ଧା ୧୦୦୩.୨୫କ୍ୱିଣ୍ଟାଲ ଚୁଡା,୧୦୨.୬କ୍ୱିଣ୍ଟାଲ ଗୁଡ଼, ୧୭୦୯ ପ୍ୟାକେଟ ବିସ୍କୁଟ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଜିଲ୍ଲା ପ୍ରଶାସନର ପକ୍ଷରୁ ବିଭିନ୍ନ ବିଭାଗ, ଲାଇନ୍ ଡିପାର୍ଟମେଣ୍ଟ ଓ ବ୍ଲକ କାର୍ଯ୍ୟାଳୟରେ ୨୪ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିଲା ।

ବାତ୍ୟା ସମ୍ପର୍କରେ ଜଦି କିଛି ଅଭିଯୋଗ ବା ଭିଜୁଆଲ ଆସେ ତେବେ ସେ ଅନୁସାରେ କାର୍ଯ୍ୟ କରିବା ଘର ଭଙ୍ଗା ତାଲିକାର ଆବଶ୍ୟକସ୍ଥଳେ ପୁନଃ ଯୁଗ୍ମ ତଦନ୍ତ କରିବା ପାନୀୟ ଜଳର ଅସୁବିଧା ଥିଲେ ନଳକୂପ ଖନନ କରିବା, ବ୍ଲକ ରାସ୍ତାର ଉନ୍ନତିକରଣ କରିବା, ବାତ୍ୟା ପରିଚାଳନା ସମ୍ପର୍କରେ ଅନିୟମିତତା ଦୃଷ୍ଟିଗୋଚର ହେଲେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ମନ୍ତ୍ରୀ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ । କୃଷି କ୍ଷୟକ୍ଷତିର ସଠିକ ଆକଳନ କରି ରିପୋର୍ଟ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ବୈଠକରେ ମହାକାଳପଡାର ବିଧାୟକ ଡଃ ଦୂର୍ଗା ପ୍ରସନ୍ନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ନିଲୁ ମହାପାତ୍ର, ଉପ ଜିଲ୍ଲାପାଳ ରବିନ୍ଦ୍ର କୁମାର ପ୍ରଧାନ, ବିଜେପି ନେତା ତେଜେଶ୍ୱର ପରିଡା, ଗୀତାଞ୍ଜଳି ସେଠୀ, ବିଭିନ୍ନ ବିଭାଗୀୟ ଜିଲ୍ଲାସ୍ତରୀୟ ଅଧିକାରୀ ଲାଇନ୍ ଡିପାର୍ଟମେଣ୍ଟର ଅଧିକ୍ଷକ ଓ ନିର୍ବାହୀ ଯନ୍ତ୍ରୀ ସମସ୍ତ ବ୍ଲକର ବିଡିଓ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ଜିଲ୍ଲାପାଳ ଧନ୍ୟବାଦ ଦେଇଥିଲେ ।

# ପାଟକୁରାରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ


**କେନ୍ଦ୍ରାପଡ଼ା, ୫।୧୧ (ସଂଚାର ବ୍ୟୁରୋ):** ପାଟକୁରା ନିର୍ବାଚନ ମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ଗରଦପୁର ବ୍ଲକ ସ୍ତରୀୟ ଏକ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ତଳକୁସୁମା ସ୍ଥିତ ବିଧାୟକଙ୍କ ବାସଭବନରେ



ସଦସ୍ୟତା ପଞ୍ଜୀକରଣ ଅଭିଯାନ ଆରମ୍ଭ ହୋଇଯାଇଛି। ମଙ୍ଗଳବାର ଅପରାହ୍ନ ୪ଟାରେ ପାଟକୁରା ବିଜେଡିର ବିଜେଡି ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ ବିଜେଡି କର୍ମୀ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ହୋଇଯାଇଥିବା ଏହି ସଭାରେ ନୂତନ ବିଜେପି ସରକାରଙ୍କ ବିଭିନ୍ନ ଯୋଜନାର ବିଫଳତାକୁ ପଦାକୁ ଆଣିବା ସହିତ ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପାଳନ ନକରିବା ଆଦି ଦିଗରେ ଲୋକଙ୍କୁ ସଚେତନ କରିବା ସହ ସରକାରୀ ବିଫଳତା ଉପରେ ବୁଝାଇଥିଲେ। ଆୟୋଜିତ ହୋଇଥିବା ଏହି ସଭାରେ ଲୋକମାନଙ୍କୁ ବିଜେଡିରେ ସାମିଲ ହେବା ସହ ନାମ ପଞ୍ଜୀକରଣ କରିବା ପାଇଁ ଆହ୍ୱାନ କରିଥିଲେ। ଗରଦପୁର ବ୍ଲକର ସର୍ବମୋଟ ୧୮ଟି ଗ୍ରାମପଞ୍ଚାୟତର ୩ଟି ଜିଲା ପରିଷଦ ଯୋନର କର୍ମୀ ମାନେ ଯୋଗ ଦେଇଛନ୍ତି ।

ଏହି ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ବିଧାୟକ ଅରବିନ୍ଦ ମହାପାତ୍ର ନେତୃତ୍ୱରେ ହୋଇଥିବା ବେଳେ ବ୍ଲକ ଅଧ୍ୟକ୍ଷ ଅଭୟ କୁମାର ମହାରାଜ ବିଜେଡି ନେତା କ୍ଷୀତିଶ୍ ଚନ୍ଦ୍ର ଦାଶ, ବିଜେଡି ରାଜ୍ୟ ମହିଳା ମୋର୍ଚ୍ଚା ଉପ ସଭାପତି ମଞ୍ଜୁବାଳା ଜେନା, ଜିଲ୍ଲାପରିଷଦ ସଦସ୍ୟା ଏଲିଯା ସ୍ୱାଇଁ, ରେବତୀ ଶତପଥୀ, ଅହଲ୍ୟା ଲେଙ୍କା, ସୁଜାତା ମିଶ୍ର, ବନିତା ବାରିକ, ବାସନ୍ତୀ ମହାରଣା, କନକଲତା ସାହୁ, ସୁଚିତ୍ରା ବେହେରା ପାଟକୁରା ସରପଞ୍ଚ ଗୀତାଞ୍ଜଳି ମହାନ୍ତି, ରେଣୁବାଳା ଶତପଥି, ଅଶୋକ ଜେନା ସରପଞ୍ଚ ସନ୍ତୋଷ ମହାଳି, ଅମିୟ ଜେନା, ରାକେଶ ମହାପାତ୍ର, ଦିଲ୍ଲୀପ ସାହୁ ପ୍ରତାପ ଚନ୍ଦ୍ର ସାଇଁ, ଆକାଶ ମହାପାତ୍ର, ଉମାକାନ୍ତ ମିଶ୍ର, ଶୈଳେନ୍ଦ୍ର ମହାନ୍ତି, କ୍ଷୀରୋଦ ମହାନ୍ତି ପ୍ରଦୀପ ରାଉତ, ପ୍ରତିନିଧି ମଲ୍ଲିକ, ପ୍ରମୋଦ ନାୟକ, ପ୍ରକାଶ ସାହୁ, ପ୍ରଭାସ ରଂଜନ ସାହୁ, ପ୍ରହଲ୍ଲାଦ ସାହୁ, ବ୍ରଜକିଶୋର ସାହୁ, ରଞ୍ଜନ ନାୟକ, ରଞ୍ଜନ ମଲ୍ଲ, ସୁକାନ୍ତ ନାୟକ, ବାସୁଦେବ ବେହେରା, ସିର୍ ଗୁଲାବ୍ ଜିଲାନ, ଭାଗବତ ସ୍ୱାଇଁ,ପ୍ରମୋଦ ସ୍ୱାଇଁ ,ସୁଧୀର ସାମଲ, ପିତାମ୍ବର ସାହୁ ଅଜୟ ଦାସଙ୍କ ସମେତ ଶତାଧିକ କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ଥିଲେ ।

# ଭିତରକନିକାର ଶୋଭା ଉପଭୋଗ କଲେ ପଞ୍ଚାୟତିରାଜ ମନ୍ତ୍ରୀ



**ରାଜନଗର, ୫।୧୧ (ସଂଚାର ବ୍ୟୁରୋ):** ପଞ୍ଚାୟତରାଜ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ ଭିତରକନିକା ଜାତୀୟ ଉଦ୍ୟାନର ଶୋଭା ଉପଭୋଗ କରିଛନ୍ତି। ଗତକାଲି କେନ୍ଦ୍ରାପଡ଼ାରେ ବିଭିନ୍ନ କାର୍ଯ୍ୟକ୍ରମ ସାରିବା ପରେ ମନ୍ତ୍ରୀ ଭିତରକନିକାର ଡାଙ୍ଗମାଳ ଠାରେ ପହଁଚିଥିଲେ। ଫରେଷ୍ଟ ରେଷ୍ଟ ହାଉସରେ ରାତ୍ରିଯାପନ କରିଥିଲେ। ଆଜି ସକାଳେ ବୋଟ ଯୋଗେ ଡାଙ୍ଗମାଳରୁ ଖୋଲା ମାଉଥ୍ ଯାଏଁ ଭିତରକନିକାର ପ୍ରାକୃତିକ ଶୋଭା ଉପଭୋଗ କରିଥିଲେ। ଜଳପଥରେ ଭିତରକନିକା ପରିଭ୍ରମଣ ବେଳେ ବଉଳା କୁମ୍ଭୀର ଖରା ପୋଇଁବାର ଦୃଶ୍ୟ ଉପଭୋଗ କରିଥିଲେ। ଲୁଣା ଜଙ୍ଗଲ, ଦେଶ ବିଦେଶର ପକ୍ଷୀ ଓ ଶହ ଶହ ସଂଖ୍ୟାରେ ହରିଣଙ୍କୁ ଦେଖି ବିମୋହିତ ହୋଇଥିଲେ। ପଞ୍ଚାୟତରାଜ ମନ୍ତ୍ରୀଙ୍କ ସହିତ ମହାକାଳପଡ଼ା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ, ରାଜନଗର ନିର୍ବାଚନମଣ୍ଡଳୀର ବିଜେପି ନେତା ଲଳିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ପଟ୍ଟାମୁଣ୍ଡାଇ ବ୍ଲକସ୍ତରୀୟ ସୁରଭି

# ପ୍ରତିଭାବାନ ଶିଶୁ ବିକାଶର ଅଗ୍ରଦୂତ

**ପଟ୍ଟାମୁଣ୍ଡାଇ, ୫।୧୧ (ସଂଚାର ବ୍ୟୁରୋ):** ସାମ୍ପ୍ରତିକ ପ୍ରତିଯୋଗିତାମୂଳକ ଦୁନିଆରେ ଦେଶର ଆଗାମୀ ଭବିଷ୍ୟତ କୋମଳମତି ଶିଶୁମାନେ ପ୍ରତ୍ୟେକ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରି ନିଜକୁ ପ୍ରତିଭାବାନ ଭାବେ ଗଢି ତୋଳିଲେ ଦେଶ ବିକାଶର ଅଗ୍ରଦୂତ ହୋଇପାରିବେ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ କଷଣଅଣ୍ଡା ହାଇସ୍କୁଲରେ ଆୟୋଜିତ ପଟ୍ଟାମୁଣ୍ଡାଇ ବ୍ଲକ ସ୍ତରୀୟ ସୁରଭି -୨୦୨୪ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମତପ୍ରକାଶ କରିବା ସହିତ ପ୍ରତିଭାବାନ ଶିଶୁ ତିଆରି କରିବା ପାଇଁ ଖାଲି ସୁରଭି ନୁହେଁ ପ୍ରତ୍ୟେକ ସ୍ତରରେ ଅଭିଭାବକ ଓ ଶିକ୍ଷକମାନେ ନିଷ୍ଠାର ସହିତ ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ । ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କ ପୌରହିତ୍ୟ ଓ ସି ଆର ସି ସି ତଥା ଶିକ୍ଷକ ନେତା ମଳୟ ଜେନାଙ୍କ ସଂଯୋଜନାରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଶିଶୁଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ସୁରଭି ଭଳି କାର୍ଯ୍ୟକ୍ରମ ସହିତ ଆହୁରି ଅନେକ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ପରାମର୍ଶ ଦେଇଥିଲେ ।



ଜିଲ୍ଲା ବିଜ୍ଞାନ ପରିଦର୍ଶନ ନିଶିଥ ବାରିକ,ବି ଆର ସି ସି ଚନ୍ଦ୍ରଶେଖର ତ୍ରିପାଠୀ, ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ, ଏ ବି ଇ ଓ ପ୍ରେମବାଳା ମହାପାତ୍ର ରାଜ୍ୟ ପୁରସ୍କୃତ ପ୍ରଧାନଶିକ୍ଷକ କସ୍ତୁରୀ ସ୍ୱାଇଁ, ପ୍ରାକ୍ତନ ପ୍ରଧାନଶିକ୍ଷକ କବି ସଚିତ୍ର ବେହୁରା, ଶିକ୍ଷାବିତ ସୁରେଶ ଜେନା, ପ୍ରଧାନଶିକ୍ଷକ ଶ୍ରୀମନ୍ତ ବେହେରା, କାଉନସିଲର ମଳୟ ଓଝା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସି ଆର ସି ସି ସଞ୍ଜୟ ସାହୁ ସ୍ୱାଗତଭାଷଣ ଓ ସି ଆର ସି ସି ବିଭୁ ରଞ୍ଜନ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ସି ଆର ସି ସି ରଞ୍ଜନ କୁମାର ସାହୁ ଧନ୍ୟବାଦ ଦେଇଥିଲେ । ବି ଇ ଓ ହରିହର ଦଳାଇଙ୍କ ପୌରହିତ୍ୟରେ ଆୟୋଜିତ ଉଦଯାପନୀ ଉତ୍ସବରେ ଜିଲ୍ଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗ ମୁଖ୍ୟଅତିଥି, ରାଜନଗର ବିଇଓ ମନୋରଞ୍ଜନ ସେଠୀ ମୁଖ୍ୟବକ୍ତା, ଆଳି ବିଇଓ ନଳିନୀ ରଞ୍ଜନ ରାଉତରାୟ, ଆଳି ବ୍ଲକ ବି ଆର ସି ସି ଉଦକର ସାମଲ, ପଟ୍ଟାମୁଣ୍ଡାଇ ବ୍ଲକ ଏବିଇଓ ସୁନୀତି ଦାଶ,ଗଙ୍ଗାରାମ ହାଇସ୍କୁଲ ପ୍ରଧାନଶିକ୍ଷକ ଚିତ୍ତରଞ୍ଜନ କବି, ଶିକ୍ଷାବିତ ଗୋପାଳ ଚରଣ ପୃଷ୍ଟି ସମ୍ମାନିତଅତିଥି ଭାବେ ଯୋଗ ଦେଇଥିଲେ । ଏଇ ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଶୁଭ୍ରାଂଶୁ ଦାସ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ମିଶ୍ରଙ୍କ ସମେତ ସମସ୍ତ ସି ଆର ସି ସି ଓ କୃତୀ ଶିକ୍ଷକଙ୍କୁ ମୁଖ୍ୟଅତିଥି ଓ ଅନ୍ୟାନ୍ୟ ଅତିଥି ସମ୍ବର୍ଦ୍ଧିତ କରିବା ସହିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ସୁରଭି କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଭିନ୍ନ ସ୍କୁଲର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଅତିଥିମାନଙ୍କୁ ମନ୍ତ୍ରମୁଗ୍ଧ କରି ଦେଇଥିଲେ । ଏହି ସୁରଭି କାର୍ଯ୍ୟକ୍ରମରେ ପଟ୍ଟାମୁଣ୍ଡାଇ ବ୍ଲକର ୧୭ଟି କ୍ଲଷ୍ଟର ୧୨୦ ସ୍କୁଲର ୩୦୦ରୁ ଉର୍ଦ୍ଧ ଛାତ୍ରଛାତ୍ରୀ ୨୦ରୁ ଉର୍ଦ୍ଧ ପ୍ରତିଯୋଗିତାରେ ଭାଗ ନେଇଥିଲେ ।

# ବରିଷ୍ଠ କିରାଣିଙ୍କ ଲାଞ୍ଚ ଗ୍ରହଣ ଭିଡିଓ ଭାଇରାଲ

## ବିନା ରସିଦରେ ଯାତ୍ରା ଅନୁମତି ପାଇଁ ନେଉଥିଲେ ଟଙ୍କା

**କେନ୍ଦ୍ରାପଡ଼ା, ୫।୧୧ (ସଂଚାର ବ୍ୟୁରୋ):** ବିଭିନ୍ନ ସରକାରୀ କାର୍ଯ୍ୟାଳୟରେ ଲାଞ୍ଚ ନଦେବାକୁ ନୋଟିସ ବୋର୍ଡ ଝୁଲୁଛି । ହେଲେ ବିନା ଲାଞ୍ଚରେ କୌଣସି କାମ ହେଉନଥିବା ଦେଖିବାକୁ ମିଳୁଛି । ଫଳରେ କାହାକୁ ଖାତିର ନକରି ସରକାରୀ କାର୍ଯ୍ୟାଳୟ ଭିତରେ ଖୁଲମଖୁଲା ଲାଞ୍ଚ କାରବାର ହେଉଛି। ଏମିତିକି ଲାଞ୍ଚ ନଦେଲେ ଫାଇଲରେ ଷ୍ଟାମ୍ପ ବସିବନି ।

ଜମିଜମା ମାମଲା ହେଉ କି, ବାହାଘର, ଯାତ୍ରା ଅନୁମତି, ସବୁଥିରେ ଏମାନଙ୍କୁ ଦରକାର ମୋଟା ଆକାରର ଲାଞ୍ଚ । ସରକାରୀ ତହବିଲରୁ ମାସକୁ ଲକ୍ଷ ଲକ୍ଷ ଟଙ୍କା ଦରମା ନେଉଛନ୍ତି । ଏହାବାଦ ମଧ୍ୟ ସାଧାରଣ ଲୋକଙ୍କୁଠୁଁ ଲାଞ୍ଚ ନେଉଛନ୍ତି । ଏହିଭଳି ଏକ ଦୃଶ୍ୟ ଏବେ ସୋସିଆଲ ମିଡିଆରେ ଭାଇରଲ ହେଉଛି । ଏହି ଦୃଶ୍ୟ କେନ୍ଦ୍ରାପଡା ଜିଲ୍ଲା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଦେଖିବାକୁ ମିଳିଛି। ଆଉ ଏହି ଦୃଶ୍ୟରେ ବରିଷ୍ଠ କିରାଣୀ ପ୍ରମୋଦ ରାଉତ ଟଙ୍କା ନେଉଥିବା ଦେଖିବାକୁ ମିଳିଛି। ଜମିଜମା ମାମଲା ଠାରୁ ଆରମ୍ଭ କରି ଯାତ୍ରା ଅନୁମତି, ଭଷାଣି ଅନୁମତି ପର୍ଯ୍ୟନ୍ତ ଏହି ବାବୁଙ୍କୁ ସବୁଥିରେ ଲାଞ୍ଚ ଦରକାର ହୁଏ ।



ଏପରିକି ଜିଲ୍ଲା ରେଡ଼କ୍ରସ ପାଇଁ ସାଧାରଣ ଲୋକେ ରସିଦ କାଟୁଥିବା ବେଳେ, ସେଥିରେ ବାବୁଙ୍କ ପାଇଁ କାଟିବାକୁ ପଡିଥାଏ ଥାଏ ଆଉ ୫୦ ପ୍ରତିଶତ ଅର୍ଥ। ତେବେ ଏହି ଭିଡିଓ ଏବେ ମୋବାଇଲରୁ ମୋବାଇଲ ଘୁରିବୁଲୁଥିବା ବେଳେ ପ୍ରମୋଦ ବାବୁଙ୍କୁ ବାରମ୍ବାର ଫୋନ କରାଯାଇଥିଲେ ମଧ୍ୟ ପ୍ରତିକ୍ରିୟା ମିଳିପାରିନାହିଁ।

## ନାବାଳିକା ଦିବ୍ୟାଙ୍ଗଙ୍କୁ ବଳାତ୍କାର

# ଅଭିଯୁକ୍ତକୁ ଗିରଫ କଲା ବୈଶିଙ୍ଗା ପୁଲିସ

**ବୈଶିଙ୍ଗା, ୫।୧୧ (ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅଧୀନ ପ୍ରାପ୍ତ ସୂଚନା ଅନୁଯାଇ ବୈଶିଙ୍ଗା ଥାନା ଅଞ୍ଚଳର ୧୫ବର୍ଷୀୟା ଦିବ୍ୟାଙ୍ଗ ଯୁବତୀଙ୍କୁ ବଳପୂର୍ବକ ବଳାତ୍କାର କରି ଲୁଚି ବୁଲୁଥିଲା ଅଭିଯୁକ୍ତ ଯୁବକ। ଅଭିଯୋଗ ପରେ ଅଭିଯୁକ୍ତ ଯୁବକକୁ ଗିରଫ କରାଯାଇଥିବା ବେଳେ ମଙ୍ଗଳବାର କୋର୍ଟ ଚାଲାଣ କରାଯିବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ ।

ପ୍ରାପ୍ତ ସୂଚନା ମୁତାବକ ଦିବ୍ୟାଙ୍ଗ ନାବାଳିକାର ବାପା ବିଗତ ଫାଇଲିନ ବାତ୍ୟା ସମୟରେ ମୃତ୍ୟୁବରଣ କରିଥିଲେ । ସେ ତାର ବିଧବା ମାଆ ଓ ୨ଭାଇଙ୍କ ସହିତ ନିଜ ଗାଁ ର ଘରେ ରହୁଥିଲେ। ବଡ ଭାଇ ଗୁଜୁରାଟରେ କାମ କରୁଥିବାବେଳେ ସାନ ଭାଇ ଓ ମାଆଙ୍କ ସହ ଘରେ ରହୁଥିଲେ। ଦିବ୍ୟାଙ୍ଗଙ୍କ ମାଆ ପରିବାର ପୋଷଣ ପାଇଁ ପ୍ରତ୍ୟକ ଦିନ ବାଲେଶ୍ୱର ଅଞ୍ଚଳକୁ ପକ୍କା ମିସ୍ତ୍ରୀ କାମ କରିବାକୁ ଯାଉଥିଲେ । ସୋମବାର ଦିନ ବିଳମ୍ବିତ ସନ୍ଧ୍ୟାରେ ଦିବ୍ୟାଙ୍ଗ ରଶ୍ମିତାଙ୍କ ମାଆ ସ୍ଥାନୀୟ ବଜାରକୁ ଯାଇଥିବା ବେଳେ ତାଙ୍କ ସାନ ଭାଇ ଘରେ ଥିଲା । ଦିବ୍ୟାଙ୍ଗ ପୀଡିତା ସେହି ସମୟରେ ଘର ପାଖ ଦୋକାନକୁ ଯାଇ ଫେରୁଥିବା ସମୟରେ ଉକ୍ତ ଗ୍ରାମର ଯୁବକ ଅସିତ ବେହେରା (୨୨) ବଳପୂର୍ବକ ପୀଡ଼ିତାଙ୍କୁ ତାଙ୍କ ଘରକୁ ଟେକି ନେବା ସହ ଦୁଷ୍କର୍ମ କରିଥିଲା । ଏହି ଘଟଣା ବାବଦରେ କାହାରି ପାଖରେ ପ୍ରକାଶ କଲେ ଜୀବନରୁ ମାରିଦେବାକୁ ଧମକ ମଧ୍ୟ ଦେଇଥିଲା। ହେଲେ ସେହି ସମୟରେ ପୀଡିତା ଦିବ୍ୟାଙ୍ଗ ଯୁବତୀ କଷ୍ଟ ସହ୍ୟ କରି ନପାରି ଚିତ୍କାର କରିଥିଲା। ଫଳରେ ପାଖରେ ଥିବା ସାହି ପଡିସା ଚିତ୍କାର ଶୁଣି ଘଟଣା ସ୍ଥଳରେ ପହଞ୍ଚି ଭିତରୁ କବାଟ ବନ୍ଦ ଥିବା ଦେଖିଥିଲେ ଓ ଭିତରୁ ପୀଡିତାଙ୍କ କ୍ରନ୍ଦନ ସ୍ୱର ଶୁଣିଥିଲେ । ଅସିତ ଭିତରୁ କବାଟ ନଖୋଲିବାରୁ ଅନ୍ୟ ଉପାୟ ନପାଇ ଗ୍ରାମବାସୀ କବାଟ ଭାଙ୍ଗି ଭିତରକୁ ପଶିଥିଲେ ଓ ଦେଖିବାକୁ ପାଇଥିଲେ କି ଉଭୟ ଅସିତ ଓ ରଶ୍ମିତା ଉଲଗ୍ନ ଅବସ୍ଥାରେ ଘରେ ଥିଲେ । ପରେ ଗ୍ରାମବାସୀ ରଶ୍ମିତାକୁ ଉଦ୍ଧାର କରିବା ସହିତ ତାଙ୍କ ମାଆଙ୍କୁ ଖବର ଦେଇଥିଲେ। ହେଲେ ସେହି ସମୟ ଭିତରେ ଅଭିଯୁକ୍ତ ଅସିତ କୌଶଳକ୍ରମେ ଘଟଣା ସ୍ଥଳରୁ ଚମ୍ପଟ ମାରିଥିଲା । ପରେ ଏନେଇ ପୀଡିତା ରଶ୍ମିତାର ମାଆ ଥାନାରେ ଲିଖିତ ଅଭିଯୋଗ ଦେଇଥିଲେ । ବେତନଟୀ ଏସଡିପିଓ ସୁଦର୍ଶନ ଦାଶ ଓ ବୈଶିଙ୍ଗା ଥାନା ଅଧିକାରୀ ତପନ କୁମାର ପ୍ରଧାନ ଘଟଣାର ସମ୍ବେଦନଶୀଳତାକୁ ହୃଦୟଙ୍ଗମ କରି ତୁରନ୍ତ ଅଭିଯୁକ୍ତ ଅସିତକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିଲେ । ସ୍ଥାନୀୟ ଯୁବକଙ୍କ ସହାୟତାରେ ଦିନ ପ୍ରାୟ ୧୦ଟା ସମୟରେ ଯାଇ ଅଭିଯୁକ୍ତକୁ ପାଖି ଗୋରୁ ହାଟ ନିକଟରୁ ଗିରଫ କରିଥିଲା ପୁଲିସ। ଏନେଇ ବୈଶିଙ୍ଗା ଥାନାରେ ଏକ ମାମଲା ରୁଜୁ କରିବା ସହ ଆସନ୍ତା କାଲି କୋର୍ଟ ଚାଲାଣ କରାଯିବ ବୋଲି ଜଣାଯାଇଛି ।

## ଦାଦନ ଶ୍ରମିକର ହାଇଦ୍ରାବାଦରେ ମୃତ୍ୟୁ

# ମୃତଦେହ ଫେରାଇ ଆଣିବା ପାଇଁ ନିବେଦନ



**କେନ୍ଦ୍ରାପଡ଼ା, ୫।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାରୁ ଦାଦନ ଖଟିବାକୁ ହାଇଦ୍ରାବାଦ ଯାଇଥିବା ଜଣେ ଶ୍ରମିକଙ୍କ ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ମୃତ ଶ୍ରମିକ ଜଣକ ହେଉଛନ୍ତି ମହାକାଳପଡ଼ା ବ୍ଲକ ଗୋଗୁଆ ପଞ୍ଚାୟତର ରତନପୁର ଗ୍ରାମର ଗଣେଶ୍ୱର ଦାସ । ହେଲେ ଗଣେଶ୍ୱରଙ୍କ ମୃତଦେହ କେନ୍ଦ୍ରାପଡ଼ା ଫେରାଇ ଆଣିବା ପାଇଁ ପରିବାର ଲୋକେ ଜିଲ୍ଲା ପ୍ରଶାସନ ନିକଟରେ ନିବେଦନ କରିଛନ୍ତି । ପରିବାର ସଦସ୍ୟଙ୍କ ସୂଚନା ଅନୁଯାୟୀ ଗଣେଶ୍ୱର ଦାଦନ ଖଟିବା ପାଇଁ ଗତ ଏକ ବର୍ଷ ହେବ ହାଇଦ୍ରାବାଦ ଯାଇଥିଲେ। ସେଠାରେ ଜଣେ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଗତ ସୋମବାର ରାତିରେ ସେ କାମ ସାରି ଫେରୁଥିବା ବେଳେ ତାଙ୍କୁ ଏକ ଅଜଣା ଗାଡି ଧକ୍କା ଦେଇ ପଳାଇଥିଲା । ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା । ଘଟଣା ସ୍ଥଳରେ ହାଇଦ୍ରାବାଦ ପୁଲିସ ପହଞ୍ଚି ମୃତଦେହ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ଗାନ୍ଧୀ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଶବ ବ୍ୟବଚ୍ଛେଦ ପରେ ଶବକୁ ସେଠାରେ ଶବ ସଂରକ୍ଷଣ ଗୃହରେ ରଖାଯାଇଛି ।

## ଗଛ କାଟୁଛନ୍ତି ମାଫିଆ

# ସୁରକ୍ଷାରେ ଡେରାବିଶ ତହସିଲଦାର



**କେନ୍ଦ୍ରାପଡ଼ା, ୫।୧୧ (ସଂଚାର ବ୍ୟୁରୋ):** ଡେରାବିଶ ତହସିଲ ଏବଂ ସଦର ଥାନା ଅଧିନସ୍ଥ ଭାଣ୍ଡିଲୋ ଗ୍ରାମରେ ଥିବା ଜଳ ସମ୍ପଦ ବିଭାଗର ୩ ନମ୍ବର କେନାଲ ଚକ୍ରୋଡା ଲକ୍ ଠାରୁ ଭାଣ୍ଡିଲୋ ମାଇନର୍ ଦେଇ ହାଟବାଣପୁର ୩ ନମ୍ବର କେନାଲ ପର୍ଯ୍ୟନ୍ତ ଅନେକ ମୂଲ୍ୟବାନ ଗଛ ଗୁଡ଼ିକ ରାସ୍ତା କଡ଼ରେ ଅଛି । ଯାହା ଏବେ ମାଫିଆଙ୍କ ଖୋରାକ ପାଲଟିଛି । ଅଭିଯୋଗ ଅନୁସାରେ ଗତ ଏକ ମାସ ମଧ୍ୟରେ ଏହି ଜଳ ସମ୍ପଦ ଜାଗାରୁ ୨ ଗୋଟି ଗଛ ଚୋରି ଯାଇଥିଲେ ମଧ୍ୟ ତହସିଲ ବିଭାଗ ଚୁପ ବସିଛି ଏବଂ ଗତ ଶନିବାର ରାତିରେ ଆଉ ଏକ ଜୀବନ୍ତ ଗଛ ସମାନ ଜାଗାରୁ ଚୋରି କରିବାକୁ ମାଫିଆ ଉଦ୍ୟମ କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ନିକଟସ୍ଥ ସଦର ଥାନା ପୁଲିସ୍ ର ପିସି ଆର୍ ପହଞ୍ଚି ଯିବାରୁ ମାଫିଆଙ୍କ ଯୋଜନା ପଣ୍ଡ ହୋଇଥିଲା ଏବଂ ଏକାଧିକ ମାଫିଆ ଜାଗା ଛାଡ଼ି ଫେରାର ମାରିଥିଲେ । ଘଟଣା ସ୍ଥଳରୁ ସଦର ପୋଲିସ ଏକ ବାଇକ୍(ଓ:ଡ଼ି: ୨୯ଏଲ୍:୨୪୪୩)କୁ ନିଜ ହେଫାଜତ୍ କୁ ନେଇଥିବା ବେଳେ ଆଜି ଭଣ୍ଡିଲୋ ଗ୍ରାମର ଗ୍ରାମବାସୀ ବୃନ୍ଦ ଜଳସମ୍ପଦ ବିଭାଗର ମୁଖ୍ୟଯନ୍ତ୍ରୀଙ୍କୁ ଭେଟି ଏହି ଚୋରି ଉପରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଜଣାପଡିଛି ।

# ପ୍ରଥମ ଏସୀୟ ବୌଦ୍ଧ ଶିଖର ସମ୍ମିଳନୀରେ ଭାଗ ନେଲେ ରାଷ୍ଟ୍ରପତି



**ନୂଆଦିଲ୍ଲୀ,୫।୧୧:** ଭାରତର ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ଆଜି (୫ ନଭେମ୍ବର ୨୦୨୪) ନୂଆଦିଲ୍ଲୀରେ ଅନ୍ତର୍ଜାତୀୟ ବୌଦ୍ଧ ମହାସଂଘ (ଆଇବିସି) ସହଯୋଗରେ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ହୋଇଥିବା ପ୍ରଥମ ଏସୀୟ ବୌଦ୍ଧ ଶିଖର ସମ୍ମିଳନୀରେ ଯୋଗ ଦେଇଥିଲେ। ଏହି ଅବସରରେ ରାଷ୍ଟ୍ରପତି କହିଛନ୍ତି ଯେ ଭାରତ ହେଉଛି ଧର୍ମର ଭୂମି। ପ୍ରତ୍ୟେକ ଯୁଗରେ, ଭାରତରେ ମହାନ ଗୁରୁ ଏବଂ ରହସ୍ୟବାଦୀ, ଦର୍ଶକ ଏବଂ ସାଧକ ରହିଆସିଛନ୍ତି, ଯେଉଁମାନେ ମାନବିକତା ଭିତରେ ଶାନ୍ତି ଏବଂ ବାହାରେ ସଦ୍ଭାବ ଖୋଜିବାର ମାର୍ଗ ଦେଖାଇଛନ୍ତି। ଏହି ପଥପ୍ରଦର୍ଶକମାନଙ୍କ ମଧ୍ୟରେ ବୁଦ୍ଧଙ୍କ ସ୍ଥାନ ଅଦ୍ୱିତୀୟ। ବୋଧଗୟା ସ୍ଥିତ ବୋଧି ଗଛ ତଳେ ସିଦ୍ଧାର୍ଥ ଗୌତମଙ୍କ ଜ୍ଞାନ ପ୍ରାପ୍ତି ଇତିହାସରେ ଅଦ୍ୱିତୀୟ ଘଟଣା। ସେ କେବଳ ମଣିଷ ମନର କାର୍ଯ୍ୟ ବିଷୟରେ ତୁଳନାତ୍ମକ ଭାବରେ ସମୃଦ୍ଧ ଜ୍ଞାନ ହାସଲ କରିନଥିଲେ, ବରଂ ଜନତାଙ୍କ କଲ୍ୟାଣ ପାଇଁ ସେ "ବହୁଜନ ସୁଖାୟ ବହୁଜନ ହିତାୟ ଚ" ଚିନ୍ତାଧାରା ସହିତ ସମସ୍ତ ଲୋକଙ୍କୁ ସାମିଲ କରିବାକୁ ମଧ୍ୟ ନିଷ୍ପତ୍ତି ନେଇଥିଲେ। ରାଷ୍ଟ୍ରପତି କହିଛନ୍ତି ଯେ, ଶତାବ୍ଦୀ ଧରି ଭିନ୍ନ ଭିନ୍ନ ଅଭ୍ୟାସକାରୀମାନେ ବୁଦ୍ଧଙ୍କ ବକ୍ତବ୍ୟର ଭିନ୍ନ ଅର୍ଥ ବାହାର କରୁଥିଲେ ଏବଂ ଏହପରି ଭାବରେ ବିଭିନ୍ନ ସମ୍ପ୍ରଦାୟର ସୃଷ୍ଟି ହୋଇଥିଲା। ବ୍ୟାପକ ବର୍ଗୀକରଣରେ ଆଜି ଆମର ଥେରବାଦ, ମହାଯାନ ଏବଂ ବଜ୍ରଯାନ ପରମ୍ପରା ଅଛି, ସେମାନଙ୍କ ମଧ୍ୟରେ ଅନେକ ବିଦ୍ୟାଳୟ ଏବଂ ସମ୍ପ୍ରଦାୟ ରହିଛି। ଏହାଛଡା, ବୁଦ୍ଧ ଧର୍ମର ଏପରି ବିକାଶ ଇତିହାସର ବିଭିନ୍ନ ସମୟ ମଧ୍ୟରେ ଅନେକ ଦିଗରେ ହୋଇଥିଲା। ବିସ୍ତାରିତ ଭୌଗଳିକ କ୍ଷେତ୍ରରେ ଧମ୍ମର ଏହି ବିସ୍ତାର ଏକ ସମ୍ପ୍ରଦାୟ, ଏକ ବଡ ସଂଘର ନିର୍ମାଣ କଲା। ଏକ ଅର୍ଥରେ, ଭାରତ ଯାହା ବୁଦ୍ଧଙ୍କ ଜ୍ଞାନ ଭୂମି ଅଟେ ଏହାର କେନ୍ଦ୍ରରେ ରହିଛି। କିନ୍ତୁ ଭଗବାନଙ୍କ ବିଷୟରେ ଯାହା କୁହାଯାଇଛି, ତାହା ଏହି ବୃହତ ବୌଦ୍ଧ ସଂଗଠନ ବିଷୟରେ ମଧ୍ୟ ସତ୍ୟ: ଏହାର କେନ୍ଦ୍ର ସବୁ ସ୍ଥାନରେ ରହିଛି ଏବଂ ପରିଧି କୌଣସି ସ୍ଥାନରେ ନାହିଁ।

## ଭାରତ ଅଟା,ଚାଉଳର ଦ୍ୱିତୀୟ ପର୍ଯ୍ୟାୟ ବିକ୍ରିର ଶୁଭାରମ୍ଭ



**ନୂଆଦିଲ୍ଲୀ,୫।୧୧:** କେନ୍ଦ୍ର ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ଏବଂ ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଆଜି ରାଷ୍ଟ୍ରମନ୍ତ୍ରୀ ଶ୍ରୀ ବିଏଲ ବର୍ମାଙ୍କ ଉପସ୍ଥିତିରେ ଏନସିସିଏଫ, ନାଫେଡ ଏବଂ କେନ୍ଦ୍ରୀୟ ଭଣ୍ଡାରର ମୋବାଇଲ ଭ୍ୟାନକୁ ପତାକା ଦେଖାଇ ଭାରତ ଅଟା ଏବଂ ଭାରତ ଚାଉଳର ଖୁଚୁରା ବିକ୍ରିର ଦ୍ୱିତୀୟ ପର୍ଯ୍ୟାୟର ଶୁଭାରମ୍ଭ କରିଛନ୍ତି। ଦ୍ୱିତୀୟ ପର୍ଯ୍ୟାୟରେ ଗ୍ରାହକଙ୍କୁ ଅଟା କିଲୋ ପିଛା ସର୍ବାଧିକ ୩୦ ଟଙ୍କା ଏବଂ ଭାରତ ଚାଉଳ କିଲୋ ପିଛା ସର୍ବାଧିକ ୩୪ ଟଙ୍କାରେ ଉପଲବ୍ଧ କରାଯାଉଛି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତା ବେଳେ ଶ୍ରୀ ଯୋଶୀ କହିଥିଲେ ଯେ ଉପଭୋକ୍ତାଙ୍କୁ ରିହାତି ମୂଲ୍ୟରେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପଲବ୍ଧ କରାଇବା ଦିଗରେ ଭାରତ ସରକାରଙ୍କ ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରମାଣିତ କରୁଛି। ଭାରତ ବ୍ରାଣ୍ଡ ଅଧୀନରେ ଚାଉଳ, ଅଟା ଓ ଡାଲି ଭଳି ମୌଳିକ ଖାଦ୍ୟ ସାମଗ୍ରୀର ଖୁଚୁରା ବିକ୍ରି ମାଧ୍ୟମରେ ସିଧାସଳଖ ସ୍ଥିର ମୂଲ୍ୟ ବ୍ୟବସ୍ଥା ବଜାୟ ରଖିବାରେ ସହାୟକ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟର ପ୍ରଥମ ପର୍ଯ୍ୟାୟରେ ଖୁଚୁରା ବିକ୍ରି ପାଇଁ ୩.୬୯ ଲକ୍ଷ ମେଟ୍ରିକ ଟନ୍ ଗହମ ଓ ୨.୯୧ ଲକ୍ଷ ମେଟ୍ରିକ ଟନ୍ ଚାଉଳ ଉପଲବ୍ଧ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୧୫.୨୦ ଲକ୍ଷ ମେଟ୍ରିକ ଟନ୍ ଭାରତ ଅଟା ଓ ୧୪.୫୮ ଲକ୍ଷ ମେଟ୍ରିକ ଟନ୍ ଭାରତ ଚାଉଳ ସାଧାରଣ ଉପଭୋକ୍ତାଙ୍କୁ ରିହାତି ଦରରେ ଉପଲବ୍ଧ କରାଯାଇଥିଲା। କେନ୍ଦ୍ରୀୟ ଭଣ୍ଡାର, ନାଫେଡ୍ ଏବଂ ଏନସିସିଏଫ ଏବଂ ଇ-କମର୍ସ/ବିଗ୍ ଚେନ୍ ରିଟେଲରଙ୍କ ଷ୍ଟୋର ଏବଂ ମୋବାଇଲ ଭ୍ୟାନ୍ ରେ ଭାରତ ଅଟା ଏବଂ ଭାରତ ଚାଉଳ ଉପଲବ୍ଧ ହେବ। ଦ୍ୱିତୀୟ ପର୍ଯ୍ୟାୟରେ 'ଭାରତ' ବ୍ରାଣ୍ଡ୍ ଅଟା ଏବଂ ଚାଉଳ ୫ କେଜି ଓ ୧୦ କେଜି ବ୍ୟାଗରେ ବିକ୍ରି ହେବ।

## ସୁନାମି ମୁକାବିଲା ଅଭ୍ୟାସ

**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ଭାରତ ମହାସାଗର ସୁନାମିର ବିଂଶତମ ବାର୍ଷିକୀ ତଥା ବିଶ୍ୱ ସୁନାମି ସଚେତନତା ଦିବସ ଉପଲକ୍ଷେ ଭାରତୀୟ ଜାତୀୟ ସାମୁଦ୍ରିକ ସୂଚନା ସେବା କେନ୍ଦ୍ର (ଇନକୋଇସ୍) ପକ୍ଷରୁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଏନଡିଏମଏ) ସହଯୋଗରେ ଆଜି ଜାତୀୟ ସୁନାମି ମୁକାବିଲା ଅଭ୍ୟାସ ବା ମକ୍ ଡ୍ରିଲ୍ ଆୟୋଜିତ ହୋଇଯାଇଛି। ଓଡ଼ିଶା ସମେତ ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ପୁଡୁଚେରୀ, ଲାକ୍ଷାଦ୍ୱୀପ, କେରଳ, କର୍ଣ୍ଣାଟକ, ଗୋଆ, ମହାରାଷ୍ଟ୍ର, ଦିଉ ଓ ଦାମନ ଓ ଗୁଜରାଟ ଆଦିର ସବୁ ବିପର୍ଯ୍ୟୟ ପ୍ରଶମନ ପ୍ରାଧିକରଣ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହାବ୍ୟତୀତ ନୌସେନା, ତଟରକ୍ଷୀ ବାହିନୀ ଏବଂ ଜାତୀୟ ବିପର୍ଯ୍ୟୟ ପ୍ରଶମନ ବଳ, ଆଣବିକ ଶକ୍ତି କେନ୍ଦ୍ର, ବନ୍ଦର ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରତିଷ୍ଠାନର ଯବାନମାନେ ଏହି ଅଭ୍ୟାସରେ ଅଂଶଗ୍ରହଣ କରିଥିଲେ।


## ସୋଆ କୃଷି ଓ ପ୍ରାଣୀବିଜ୍ଞାନ ଛାତ୍ରଛାତ୍ରୀଙ୍କ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ଆୟୋଜିତ



**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ ସାଇନ୍‌ସେସ୍ (ଆଇଏଏସ୍) ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରୀନାରୀ ସାଇନସେସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ଆଇଭିଏସ୍‌ଏଚ୍) ର ୨୦୨୪ -୨୫ ବ୍ୟାଚ୍ ପ୍ରଥମ ବର୍ଷ ବି.ଏସ୍‌ସି (ଅନର୍ସ) ଏଗ୍ରିକଲ୍‌ଚର, ଏମ୍.ଏସସି ଏଗ୍ରିକଲ୍‌ଚର ଓ ବ୍ୟାଚଲର୍ ଅଫ୍ ଭେଟେରୀନାରୀ ସାଇନସ୍ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରୀ (ବିଭିଏସ୍‌ସି ଆଣ୍ଡ ଏଏଚ୍) ଛାତ୍ରଛାତ୍ରୀମାନଙ୍କ ପାଇଁ ସୋମବାର ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୃଙ୍ଖଳା, ସମାୟାନୁବର୍ତ୍ତିତା, କଠିନ ପରିଶ୍ରମ ଏହି ତିନୋଟି ଜିନିଷ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ପାଖରେ ରହିବା ଆବଶ୍ୟକ ବୋଲି କହିଥିଲେ। ଛାତ୍ରଛାତ୍ରୀମାନେ ସୋଆ ଭଳି ବିଶ୍ୱବିଦ୍ୟାଳୟ ଶିକ୍ଷାଗ୍ରହଣ କରିବା ପାଇଁ ଚୟନ କରିଛନ୍ତି ଯାହା କି ନ୍ୟାସ୍‌ନାଲ ଇନ୍‌ଷ୍ଟିଚ୍ୟୁସନାଲ୍ ର୍‌ୟାଙ୍କିଙ୍ଗ୍ ଫ୍ରେମ୍‌ୱାକ୍ (ଏନ୍‌ଆଇଆର୍‌ଏଫ୍) ଅନୁଯାୟୀ ୨୦୨୪ରେ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବୋଲି ପ୍ରଫେସର ନନ୍ଦ କହିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସୋଆ କଂଟ୍ରୋଲର ଅଫ୍ ଏଗଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ, ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତିରଞ୍ଜନ ଦାସ ଓ ଆଇଏଏସ୍‌ର ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ରାଷ୍ଟ୍ରୀୟ ଶିକ୍ଷାନୀତି -୨୦୨୦ ବିଷୟରେ ବିଶେଷ ବିବରଣୀ ପ୍ରଦାନ କରିବା ସହିତ କିପରି ଛାତ୍ରଛାତ୍ରୀମାନଙ୍କ ପୂର୍ଣ୍ଣ ବିକାଶ ହେବ ସେ ବିଷୟରେ ଆଇଏଏସ୍‌ର ଏଂଟୋମୋଲୋଜି ବିଭାଗର ପ୍ରଫେସର ସନ୍ତୋଷ କୁମାର ପଣ୍ଡା ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ଆଇଏଏସ୍‌ର ଏକ୍ସଟେନ୍ସନ୍ ଆଣ୍ଡ କମନ୍ ର ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରାଫିକ ପୋଷ୍ଟକୁ ଉଡ଼ାଇ ଦେଲା କାର୍

**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ବେପରୁଆ ଗାଡ଼ି ଚାଳନା ଯୋଗୁ ଉଡ଼ିଲା ଟ୍ରାଫିକ ପୋଷ୍ଟ। ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱର ଡମଣା ଛକରେ ଘଟିଛି ଏପରି ଏକ ମର୍ମନ୍ତୁଦ ଦୁର୍ଘଟଣା । ଏହି ଦୁର୍ଘଟଣାରେ ୨ଜଣ ଗୁରୁତର ହୋଇଛନ୍ତି । ଗତକାଲି ବିଳମ୍ବିତ ରାତିରେ କେଳୁଚରଣ ପାର୍କ ପଟୁ କାରଟି ଦ୍ରୁତ ଗତିରେ ଆସୁଥିବା ବେଳେ ଡମଣା ଟ୍ରାଫିକ ପୋଷ୍ଟରେ ପିଟି ହୋଇଥିଲା। କାର୍‌ଟି ଭାରସାମ୍ୟ ହରାଇ ସିଧା ଟ୍ରାଫିକ ପୋଷ୍ଟକୁ ଧକ୍କା କରିବା ସହ ଅପରପାର୍ଶ୍ୱରେ ଥିବା ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଏହି ଦୁର୍ଘଟଣାରେ ଡ୍ରାଇଭରଙ୍କ ସମେତ ଦୁଇ ଜଣ ଗୁରୁତର ହୋଇଛନ୍ତି। ଖବର ପାଇ ଚନ୍ଦ୍ରଶେଖରପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତରଙ୍କୁ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇବା ସହ ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ଜବତ କରିଥିଲା ।



## ନ୍ୟୁୟର୍କରେ ପୁରୀର ପଟଚିତ୍ର



**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ପୁରୀର ଐତିହ୍ୟ ଓ କଳା ବିଶ୍ୱ ଦରବାରରେ ନିଜର ସ୍ଥାନ ସୃଷ୍ଟି କରିପାରିଛି। ମିଳିତ ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ଶ୍ରୀ ପାର୍ଥନେନି ହରିଶଙ୍କ ନ୍ୟୁୟର୍କ ସ୍ଥିତ ବାସଭବନରେ ପୁରୀର ବିଶ୍ୱ ପ୍ରସିଦ୍ଧ ପଟଚିତ୍ରକୁ ସମ୍ମାନଜନକ ସ୍ଥାନ ଦିଆଯାଇଛି । ଏହି ପଟଚିତ୍ରଗୁଡ଼ିକ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଲୀଳା ଓ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରମ୍ପରାକୁ ପ୍ରତିଫଳିତ କରୁଛି। ହରିଶଙ୍କ ନିଜ ବାସଭବନରେ ଏହି ଅମୂଲ୍ୟ କଳାକୃତିକୁ ସ୍ଥାନ ଦେଇ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ପୁରୀର ଲୋକସଭା ସାଂସଦ ସମ୍ବିତ ପାତ୍ର ଭାରତୀୟ ସଂସଦର ପ୍ରତିନିଧି ମଣ୍ଡଳର ସଦସ୍ୟ ଭାବେ ନ୍ୟୁୟର୍କ ପ୍ରବାସ ସମୟରେ ସେ ହରିଶଙ୍କ ବାସଭବନରେ ଆୟୋଜିତ ରାତ୍ରି ଭୋଜନ ସମାରୋହରେ ଯୋଗ ଦେଇଥିଲେ। ଏହି ସମୟରେ ସେ ତାଙ୍କୁ ଜଗନ୍ନାଥ୍ ସଂସ୍କୃତିର ପ୍ରଚାର ପାଇଁ ଧନ୍ୟବାଦ ଜ୍ଞାପନ କରିଥିଲେ। ଏହି ସମୟରେ ସମ୍ବିତ ପାତ୍ର ପ୍ରତିକ୍ରିୟା ଦେଇ କହିଛନ୍ତି ଯେ, ଆମର ପଟଚିତ୍ର ଶିଳ୍ପ ଶତାବ୍ଦୀ ଶତାବ୍ଦୀ ଧରି ଓଡ଼ିଶାର ଗୌରବମୟ ପରମ୍ପରାକୁ ବହନ କରି ଆସିଛି। ଆଜି ଏହା ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ପାଇବା ଆମ ପାଇଁ ଗର୍ବ ଓ ସମ୍ମାନର ବିଷୟ। ଏହି ଅବସରରେ ମୁଁ ଶ୍ରୀ ହରିଶଙ୍କୁ ଓଡ଼ିଶାର କଳା ଓ ସଂସ୍କୃତିର ପ୍ରଚାର ପାଇଁ ହାର୍ଦ୍ଦିକ ଧନ୍ୟବାଦ ଜଣାଉଛି। ଓଡ଼ିଶାର କଳା, ସଂସ୍କୃତି ଓ ପରମ୍ପରା ସର୍ବଦା ଭାରତକୁ ଗୌରବାନ୍ୱିତ କରି ଆସିଛି। ଆମେ ଆଶା କରୁଛୁ ଯେ ଏହି ପ୍ରୟାସ ଆମର ସାଂସ୍କୃତିକ ସମ୍ପଦର ବ୍ୟାପକ ପ୍ରଚାର ପ୍ରସାରରେ ସହାୟକ ହେବ ବୋଲି ସେ କହିଥିଲେ ।

## ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ



**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ମୁଖ୍ୟ ଶାସନ ସଚିବ ଶ୍ରୀ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୃହ, ଜଙ୍ଗଲ ଓ ପରିବେଶ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ସତ୍ୟବ୍ରତ ସାହୁ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଂଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକାରୀ ହେଉଥିବା ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସଫଳ କାର୍ଯ୍ୟକାରିତା ନିମନ୍ତେ ସଚିବମାନେ ନିୟମିତ ସମୀକ୍ଷା ଓ ତଦାରଖ କରିବା ସହିତ ଜନସାଧାରଣଙ୍କୁ ସେବା ପ୍ରଦାନରେ ତ୍ୱରିତ ପଦକ୍ଷେପ ନିଆଯିବାକୁ ବୈଠକରେ ଆଲୋକପାତ କରାଯାଇ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ମୁଖ୍ୟ ଶାସନ ସଚିବ ଆହୁଜା ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ଅଗ୍ରଗତି ସଂପର୍କରେ ଗୁରୁତ୍ୱ ଦେବା ସହ ୨୦୨୪-୨୫ ଆର୍ଥିକ ବର୍ଷରେ ବଜେଟ ଅନୁମୋଦନ ଅନୁସାରେ ଧାର୍ଯ୍ୟ ଲକ୍ଷ୍ୟ ମୁତାବକ କାର୍ଯ୍ୟ କରି କାର୍ଯ୍ୟକ୍ରମ ବ୍ୟୟ ତ୍ୱରାନ୍ୱିତ କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ। ସେହିଭଳି କେନ୍ଦ୍ରୀୟ ଅନୁଦାନ ଅର୍ଥର କାର୍ଯ୍ୟକାରିତା ଏବଂ ଖର୍ଚ୍ଚ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ପଦବୀ ପୂରଣ ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ତରଫରୁ ନିଆଯାଇଥିବା ପଦକ୍ଷେପ, 'ଭିଜନ ଡକ୍ୟୁମେଣ୍ଟ: ବିକଶିତ ଓଡ଼ିଶା-୨୦୩୬ ଏବଂ ବିକଶିତ ଭାରତ-୨୦୪୭ ସଂପର୍କିତ ପ୍ରସ୍ତାବ ଗ୍ରହଣ, ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅଧିନରେ ପ୍ରଦାନ କରାଯାଉଥିବା ବିଭିନ୍ନ ସେବାକୁ ଗୁରୁତ୍ୱ ଦେଇ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯିବା ଏବଂ ଅବସରଗ୍ରହଣ ଦିନ ଯେପରି ସରକାରୀ କର୍ମଚାରୀ ଚୂଡ଼ାନ୍ତ ପେନସନ ପାଇପାରିବେ, ସେଥି ନିମନ୍ତେ ଆବଶ୍ୟକ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ପ୍ରକ୍ରିୟା ଉପଯୋଗରେ ସୁବ୍ୟବସ୍ଥା କରାଯିବା ସଂପର୍କରେ ବିଶଦ୍ ଭାବେ ଆଲୋଚନା କରାଯାଇଥିଲା ।

## ମତ୍ସ୍ୟ ଓ ପ୍ରାଣିସମ୍ପଦ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ସମୀକ୍ଷା




**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଗୁଡ଼ିକର କାର୍ଯ୍ୟାକରିତା ଓ ସୁଫଳ ନେଇ ବିସ୍ତୃତ ସମୀକ୍ଷା କରିଛନ୍ତି । ଭୁବନେଶ୍ୱରସ୍ଥିତ ପ୍ରାଣି ଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନରେ ଅନୁଷ୍ଠିତ ବୈଠକରେ ପୂର୍ବାହ୍ନରେ ମତ୍ସ୍ୟ ନିର୍ଦ୍ଦେଶାଳୟ ପ୍ରାୟୋଜିତ ବିଭିନ୍ନ ଯୋଜନା ଓ ଅପରାହ୍ନରେ ପ୍ରାଣିପାଳନ ଓ ପ୍ରାଣି ଚିକିତ୍ସା ନିର୍ଦ୍ଦେଶାଳୟର କାର୍ଯ୍ୟାବଳୀ ବିଷୟରେ ମନ୍ତ୍ରୀ ସମୀକ୍ଷା କରି ବିଭିନ୍ନ ଯୋଜନାରେ ଧାର୍ଯ୍ୟ ଲକ୍ଷ୍ୟର ଶତ ପ୍ରତିଶତ ସଫଳତା ହାସଲ କରିବା ପାଇଁ ଅଧିକରୁ ଅଧିକ କାର୍ଯ୍ୟାଦେଶ ପ୍ରଦାନ ଉପରେ ଗୁରୁତ୍ୱ ଦେଇଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ପ୍ରାଣିସମ୍ପଦ ସମୃଦ୍ଧି ଯୋଜନା, ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା, ପ୍ରଧାନମନ୍ତ୍ରୀ ମତ୍ସ୍ୟସମ୍ପଦ ଯୋଜନା, ମୁଖ୍ୟମନ୍ତ୍ରୀ ପ୍ରାଣିକଲ୍ୟାଣ ଯୋଜନା ଆଦିରେ ଆବଶ୍ୟକୀୟ ଲକ୍ଷ୍ୟ ହାସଲ କରି ଗୋପାଳକ, ମତ୍ସ୍ୟଚାଷୀ, ମତ୍ସ୍ୟଜୀବୀ ଓ ପ୍ରାଣୀପାଳକମାନଙ୍କ ଜୀବିକା ଓ ଆୟବୃଦ୍ଧିରେ ସହାୟକ ହେବା ପାଇଁ ମନ୍ତ୍ରୀ ଶ୍ରୀ ମଲ୍ଲିକ ଉପସ୍ଥିତ ଅଧିକାରୀମାନଙ୍କୁ କହିଥିଲେ । ଗ୍ରାମାଞ୍ଚଳ କୃଷକମାନଙ୍କ ପାଖରେ ଯୋଜନାଗୁଡ଼ିକର ସୁଫଳ ପହଞ୍ଚାଇବା ପାଇଁ ଯୋଜନା ବ୍ୟୟ ବୃଦ୍ଧି କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ମନ୍ତ୍ରୀ କହିଥିଲେ ଯେ ହିତାଧ୍ୟାକାରୀ ଚୟନରେ ପଞ୍ଚାୟତିରାଜ ପ୍ରତିନିଧିମାନଙ୍କ ଯୋଗଦାନ ଓ ପରାମର୍ଶ ନିଶ୍ଚିତ କରିବା ଆବଶ୍ୟକ । ବ୍ଲକ୍ ସ୍ତରରେ କାର୍ଯ୍ୟ କରୁଥିବା ବ୍ଲକ୍ ପ୍ରାଣିଚିକିତ୍ସା ଅଧିକାରୀ ଏବଂ ଅତିରିକ୍ତ ମତ୍ସ୍ୟ ଅଧିକାରୀମାନେ ସେ ଦିଗରେ ତ୍ୱରିତ ପଦକ୍ଷେପ ନେବା ବାଞ୍ଛନୀୟ । ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗରେ ଭିତ୍ତିଭୂମି ଉନ୍ନୟନ ପାଇଁ ଅନେକ କାର୍ଯ୍ୟକ୍ରମ ସରକାରଙ୍କ ତରଫରୁ କରାଯାଉଛି । ସେସବୁର ଉଚିତ ତଦାରଖ କରିବାକୁ ନିର୍ଦ୍ଦେଶାଳୟ ସ୍ତରୀୟ ଅଧିକାରୀମାନଙ୍କୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ମନ୍ତ୍ରୀ କହିଥିଲେ ଯେ, ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗର ବିଭିନ୍ନ ଯୋଜନା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଓ ସଚେତନତା ସୃଷ୍ଟି କରିବା ପାଇଁ ସୂଚନା, ଶିକ୍ଷା ଓ ସଂଚାର ଅଭିଯାନକୁ ଆହୁରି ବ୍ୟାପକ କରିବାକୁ ହେବ । ଗ୍ରାମାଞ୍ଚଳରେ ସଚେତନତା ଯାନ ଚଳାଇ ଲୋକଙ୍କୁ ମତ୍ସ୍ୟଚାଷ ଓ ପ୍ରାଣିପାଳନ ସମ୍ବନ୍ଧୀୟ ସରକାରୀ ସହାୟତା ବିଷୟରେ ସୂଚନା ଦେବା ଆବଶ୍ୟକ । ରାଜ୍ୟ ଓ ଜିଲ୍ଲା ସ୍ତରରେ ସଚେତନତା ସୃଷ୍ଟି ପାଇଁ ଆୟୋଜିତ ହେଉଥିବା ମେଳା ଓ ସମାବେଶଗୁଡ଼ିକ ବ୍ଲକ ଦରକୁ ସମ୍ପ୍ରସାରିତ କରିବାକୁ ମନ୍ତ୍ରୀ ଇଲ୍ଲେଖ କରିଥିଲେ ।

## ଅଦିନିଆ ରଥଯାତ୍ରା ବିରୋଧରେ ବିକ୍ଷୋଭ



**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ଇସ୍କନ ସଂସ୍ଥା ଜଗନ୍ନାଥ ସଂସ୍କୃତି ବିରୋଧୀ କାର୍ଯ୍ୟକଳାପ କରିବାରେ ସମସ୍ତ ସୀମା ଅତିକ୍ରମ କରିସାରିଛି। ଜଗନ୍ନାଥ ସଂସ୍କୃତି ଓ ପରମ୍ପରାକୁ ଅନୁସରଣ ନକରି ଇସ୍କନ ସଂସ୍ଥା ଏହା କେବଳ ଆମେରିକା ସହରରେ ନୁହେଁ ବରଂ ବର୍ଷ ସାରା ପ୍ରତି ମାସରେ ବିଭିନ୍ନ ଯାଗାରେ ଅଦିନିଆ ରଥଯାତ୍ରା କରିବା ସହ ଜଗନ୍ନାଥ ସଂସ୍କତିକୁ ଅସମ୍ମାନ କରୁଛନ୍ତି। ଶ୍ରୀମନ୍ଦିର ସମ୍ମୁଖରେ ଶ୍ରୀକ୍ଷେତ୍ର ସଂସ୍କୃତି ଯୁବ ମଞ୍ଚ ତରଫରୁ ଶତାଧିକ ସଦସ୍ୟ ଓ ବହୁ ସଂଖ୍ୟକ ଜଗନ୍ନାଥ ପ୍ରେମୀ ଏକତ୍ରିତ ହୋଇ ଇସ୍କନର ଅଦିନିଆ ରଥଯାତ୍ରା ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ବିକ୍ଷୋଭରେ ବସନ୍ତ ରଣା, ଶକ୍ତି ରଥ, ଭୀମସେନ ପଲଙ୍କଧାରୀ, ଟୁଲୁ ପଢ଼ିଆରି, ସାଇ ମହାପାତ୍ର, ସୁବ୍ରତ ଦାସ, ରାଜେଶ ରଥ, ପ୍ରଦୀପ୍ତ ପ୍ରଧାନ, ସନ୍ତୋଷ ପୁଷ୍ପାଳକ, ଦିନେଶ ପଣ୍ଡା, ବାବୁନା ପ୍ରଧାନ, ବାବୁ ମହାପାତ୍ର, ମନୋଜ ରାଉଳ, ପୂର୍ଣ୍ଣ ଓଝା, ଶୋଭନ ସମର୍ଥା, ଗଣେଶ ବାରିକ, ରୁଦ୍ର ପାଢ଼ୀ ସାହିଲ ମହାନ୍ତି, ନରୁ ମହାନ୍ତିଙ୍କ ସହ ମଞ୍ଚର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

## ଧୂଳିଧୂଷରିତ ସହର,ବଢ଼ୁଛି ସ୍ୱାସ୍ଥ୍ୟ ସମସ୍ୟା

**ଯାଜପୁର,୫।୧୧(ସଂଚାର ବ୍ୟୁରୋ):** ଗଣପର୍ବ କାଳିପୂଜ ପୂଜା ପାଇଁ ଯାଜପୁର ସହର ଉତ୍ସବମୁଖର । ସହରରେ ଛକ ଛକ ରେ ଭିଡ଼ ପୂଜାପାଇଁ ଭିଡ଼ ରହୁଛି। ଏହାରି ଭିତରେ ଏକ ଗୁରୁତ୍ୱପୂର୍ଣ୍ଣ ସମସ୍ୟା ଦେଖାଦେଇଛି। ସହରର ସମ୍ପୂର୍ଣ୍ଣ ପରିବେଶ ଏବେ ଧୂଳିମୟ ହୋଇଛି। ଯାହାକୁ ନେଇ ସହରବାସି ସମସ୍ୟା ଭୋଗୁଥିଲେ ମଧ୍ୟ କେହି ସ୍ୱର ଉଠାଉ ନାହାଁନ୍ତି । ଏମିତି ରେ ବି କାହା ଆଗରେ ସମସ୍ୟା କହିବେ ଶୁଣିବ କିଏ। ଯାଜପୁର ପ୍ରଶାସନ ପକ୍ଷରୁ ପୂଜା ପୂର୍ବରୁ ସମସ୍ତ ଗୁରୁତ୍ୱପୂର୍ଣ୍ଣ ବିଭାଗ ମାନଙ୍କୁ ଡାକି ପ୍ରସ୍ତୁତି ବୈଠକ କରାଯାଇଥିଲା। କିଭଳି ସବୁ କାର୍ଯ୍ଯ ସୁରୁଖୁରୁ ରେ ସମାପନ କରାଯିବ ପ୍ରସ୍ତୁତି କରାଯାଇଅଛି। ହେଲେ କିଭଳି ସହରବାସୀଙ୍କ ସ୍ୱାସ୍ଥ୍ୟ କଥା ପ୍ରତି ପ୍ରଶାସନ ସଚେତନ ହେଲା ନାହିଁ ବୁଦ୍ଧିଜୀବି ମାନେ ପ୍ରଶ୍ନ କରିଛନ୍ତି। ପୂଜାପାଇଁ ବାକି ଥିବା ରାସ୍ତା ଘାଟ ସବୁ ତରବରିଆ ଭାବେ ସାରିଦେଇଥିଲେ ମଧ୍ୟ କାମ ସବୁ ନିମ୍ନ ମାନର ହୋଇଥିବା ଅଭିଯୋଗ ହେଉଛି। ଯେଉଁଥିପାଇଁ ଏହି ସମସ୍ୟା ଦୁଇ ଗୁଣିତ ହୋଇଥିବା କୁହାଯାଉଛି। ଅନ୍ୟପଟେ ଯଦି ପ୍ରଶାସନ ପକ୍ଷରୁ ଯଦି ରାସ୍ତାରେ ପାଣି ପକାଯାଆନ୍ତା ଅନ୍ତତଃ ପକ୍ଷେ ଧୂଳି ପ୍ରଦୂଷଣ କିଛିଟା କମ୍ ହୋଇପାରନ୍ତା।

## ଗଠନ ହେବ ନୂଆ ପୌରାଞ୍ଚଳ, ଜିଲ୍ଲାପାଳଙ୍କୁ ରିପୋର୍ଟ ତଲବ

**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କ୍ଷମତାସୀନ ବିଜେଡି ସରକାର ନିଜର ରାଜନୀତିକ ଫାଇଦା ପାଇଁ ନୂଆ ମ୍ୟୁନିପାଲିଟି ଓ ଏନଏସି ଗଠନ ନିମନ୍ତେ ଘୋଷଣା କରିଥିଲେ । ଏବେ ପ୍ରାୟ ୭ମାସ ପରେ ବିଜେଡିର ଏହି ନିର୍ବାଚନୀ ପ୍ରତିଶ୍ରୁତିକୁ ପୂରଣ କରିବାକୁ ଆଗେଇ ଆସିଛନ୍ତି ବିଜେପି ସରକାର । ରାଜ୍ୟରେ ସରକାର ପରିବର୍ତ୍ତନ ହୋଇଛି ସତ କିନ୍ତୁ ତତକାଳୀନ ବିଜେଡି ସରକାର କରିଥିବା ଘୋଷଣାକୁ କାର୍ଯ୍ୟକାରୀ କରିବା ନିମନ୍ତେ ବିଜେପି ସରକାର ଏବେ ଜିଲ୍ଲାପାଳମାନଙ୍କୁ ବିସ୍ତୃତ ରିପୋର୍ଟ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି । ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଗତକାଲି ଅର୍ଥାତ୍ ନଭେମ୍ବର ୪ତାରିଖରେ ବିଭିନ୍ନ ଜିଲ୍ଲାର ଜିଲ୍ଲାପାଳଙ୍କୁ ଚିଠି ଲେଖି ୬ଟି ଏନଏସିକୁ ମ୍ୟୁନିସପାଲଟିକୁ ଉନ୍ନୀତ କରିବା ସମେତ ୫୭ଟି ନୂଆ ଏନଏଏସି ଗଠନ ନିମନ୍ତେ ପୂର୍ବ ସରକାର ନୀତିଗତ ଅନୁମୋଦନ କରିଥିବାରୁ ଏସବୁର ବିସ୍ତୃତ ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭାଗର ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ଜିଲ୍ଲାପାଳମାନଙ୍କୁ ଲେଖିଥିବା ଚିଠିରେ ଗଞ୍ଜାମ ଜିଲ୍ଲାର ଆସିକା, ଛତ୍ରପୁର ଓ ଭଞ୍ଜନଗର ଏନଏସି ସମେତ ବୌଦ୍ଧ ଜିଲ୍ଲାର ବୌଦ୍ଧଗଡ଼ ଏନଏଏସି, ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଏନଏସି ଏବଂ ବଲାଙ୍ଗୀର ଜିଲ୍ଲାର କଂଟାବାଞ୍ଜି ଏନଏସିକୁ ମ୍ୟୁନିସପାଲଟିକୁ ଉନ୍ନୀତ କରିବା ନିମନ୍ତେ ତୁରନ୍ତ ବିସ୍ତୃତ ତଥ୍ୟ ବିଭାଗକୁ ପଠାଇବାକୁ କହିଛନ୍ତି । ଓଡ଼ିଶା ମ୍ୟୁନିସପାଲ ଆକ୍ଟ-୧୯୫୦ର ପ୍ରାବଧାନ ଓ ପ୍ରଚଳିତ ନୀତି ଆଧାରରେ ଏଦିଗରେ ପଦକ୍ଷେପ ନିଆଯିବ ବୋଲି କହିବା ସହ ୨୦୨୪ ମାର୍ଚ୍ଚ ୧୩ତାରିଖରେ ବିଭାଗ ମାଗିଥିବା ତଥ୍ୟ ଦେବାକୁ କହିଛନ୍ତି । ସେହିପରି ଅନ୍ୟ ଏକ ଚିଠିରେ ଦେବଗଡ଼, ଗଜପତି, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, କେନ୍ଦୁଝର, ମାଲକାନଗିରି ଓ ନବରଙ୍ଗପୁର ଜିଲ୍ଲାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଜିଲ୍ଲାର ଜିଲ୍ଲାପାଳଙ୍କୁ ବିଭାଗୀୟ ଅତିରିକ୍ତ ସଚିବ ରବୀନ୍ଦ୍ର କୁମାର ସାହୁ ନୂଆ ୫୭ଟି ଏନଏସି ଗଠନ ନିମନ୍ତେ ନିଆଯାଇଥିବା ନୀତିଗତ ନିଷ୍ପତ୍ତି ଆଧାରରେ ଆବଶ୍ୟକ ତଥ୍ୟ ନିର୍ଦ୍ଧାରିତ ଫର୍ମାଟରେ ପଠାଇବାକୁ କହିଛନ୍ତି । ସାହୁ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ମ୍ୟୁନିସପାଲ ଆକ୍ଟ-୧୯୫୦ର ପ୍ରାବଧାନ ଓ ପ୍ରଚଳିତ ନୀତି ଆଧାରରେ ରାଜ୍ୟରେ ୫୭ଟି ନୂଆ ଏନଏଏସି ଗଠନକୁ ସରକାର ନୀତିଗତ ଅନୁମୋଦନ କରିସାରିଛନ୍ତି । ତେଣୁ ୨୦୧୧ ଜନସଂଖ୍ୟା ଆଧାରରେ ଏହି ଏନଏସି ଗଠନ ନିମନ୍ତେ ଆବଶ୍ୟକ ତଥ୍ୟ ଦେବାକୁ ସେ ଜିଲ୍ଲାପାଳମାନଙ୍କୁ କହିଛନ୍ତି । ତତକାଳୀନ ବିଜେଡି ସରକାର ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଯେଉଁ ୨୩ଟି ଜିଲ୍ଲାରେ ୫୭ଟି ନୂଆ ଏନଏଏସି ଗଠନ ପାଇଁ ନୀତିଗତ ନିଷ୍ପତ୍ତି ନେଇଥିଲେ ସେଥିରେ ସର୍ବାଧିକ ୫ଟି ସୋନପୁର ଜିଲ୍ଲାରେ, ୪ଟି ଲେଖାଏଁ ଯାଜପୁର,କଟକ,ବୌଦ୍ଧ, ବାଲେଶ୍ୱର ଓ ବଲାଙ୍ଗୀର ଜିଲ୍ଲାରେ ରହିଛି । ତେବେ ବିଜେଡି ନିଜର ନିର୍ବାଚନୀ ଫାଇଦା ପାଇଁ ଘୋଷଣା କରିଥିବା ଏତେ ପରିମାଣର ଏନଏସି ଓ ମ୍ୟୁନିସପାଲଟି ଗଠନ ପାଇଁ ଏବେ ବିଜେପି ସରକାର କାହିଁକି ତତ୍ପରତା ଦେଖାଉଛନ୍ତି ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ସୂଚନାଯୋଗ୍ୟ, ବିଜେଡି ସରକାର ନିଜର ନିର୍ବାଚନୀ ଫାଇଦା ପାଇଁ ପଦମପୁରକୁ ନୂଆ ଜିଲ୍ଲା ମାନ୍ୟତା ଦେବାକୁ ଘୋଷଣା କରିଥିଲେ । କିନ୍ତୁ ରାଜ୍ୟର ଅନ୍ୟଭାଗରେ ସମାନ ଦାବି ଜୋର ଧରିବା ପରେ ଆଇନଗତ ସମସ୍ୟାର ବାହାନା ଦେଖାଇ ସେଥିରୁ ଦୂରେଇଯାଇଥିଲେ ।



## ଡିଏଭି ଚନ୍ଦ୍ରଶେଖରପୁର 'ଲିଟରେଚର କନ୍‌କ୍ଲେଭ୍'




**ଭୁବନେଶ୍ୱର,୫।୧୧(ସଂଚାର ବ୍ୟୁରୋ):** ପୁସ୍ତକ ଭିତରେ ସଂଗୁପ୍ତରେ ରହିଛି ଅସଂଖ୍ୟ ମଣିଷଙ୍କ ହୃଦୟ। ଅଧ୍ୟୟନ ଜରିଆରେ ସେସବୁର ଉନ୍ମୋଚନ ସମ୍ଭବପର। ସମସ୍ତ ପ୍ରତିକୂଳ ପରିସ୍ଥିତିରେ ଥାଇ ସାହିତ୍ୟ ଆମ ପାଇଁ ସର୍ବଦା ନୂତନ ଆଶା ଓ ବିଶ୍ୱାସ ସଞ୍ଚାର କରିପାରେ ବୋଲି ସ୍ଥାନୀୟ ଡିଏଭି ପବ୍ଲିକ୍ ସ୍କୁଲ, ଚନ୍ଦ୍ରଶେଖରପୁରରେ ଆୟୋଜିତ 'ଲିଟରେଚର କନ୍‌କ୍ଲେଭ୍'ର ତୃତୀୟ ସଂସ୍କରଣରେ ମତପ୍ରକାଶ ପାଇଛି। ଜୀବନରେ ଘଟୁଥିବା କ୍ଷୁଦ୍ରାତିକ୍ଷୁଦ୍ର ଘଟଣାମାନ କଳାତ୍ମକ ଭାବରେ ବିଶାଳ ସର୍ଜନାର ଭିତ୍ତିଭୂମି ପାଲଟିଯାଏ ଏବଂ ସାହିତ୍ୟ ଶୋଇପଡ଼ିଥିବା ଦେବତାଙ୍କୁ ମଧ୍ୟ ନିଦରୁ ଉଠାଇଦେଇପାରେ ବୋଲି ବିଶିଷ୍ଟ ସାହିତ୍ୟିକ ଡ.ଗୌରହରି ଦାସ ତା'ଙ୍କ ବକ୍ତବ୍ୟରେ କହିଥିଲେ। ପୂର୍ବାହ୍ଣ ଅଧିବେଶନରେ ଡ.ଦାସଙ୍କ ସମେତ ପ୍ରଧ୍ୟାପକ ଅଭିଷେକ ଶର୍ମା, ପଲ୍ଲବ ଦାସ ଅତିଥିରୂପେ ଯୋଗଦେଇ ସାହିତ୍ୟମନସ୍କ ହେବାପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ଡ.ସୁଜାତା ସାହୁ ସ୍ୱାଗତ ଭାଷଣ ପ୍ରଦାନ ଅବସରରେ ସାହିତ୍ୟର ଅଖଣ୍ଡ ପ୍ରଭାବ ସମସ୍ତଙ୍କ ଜୀବନକୁ ସକ୍ରିୟ ଓ ସଫଳ କରିପାରିବ ବୋଲି କହିଥିଲେ। ଅପରାହ୍ଣ ଅଧିବେଶନରେ ଡିଏଭି ଆଞ୍ଚଳିକ ନିର୍ଦ୍ଦେଶକ ଡ. କେ.ସି.ଶତପଥୀ 'ଡିଏଭି ଚନ୍ଦ୍ରଶେଖରପୁର ଟକ୍‌ସ' ଶୀର୍ଷକ ବକ୍ତୃତାରେ ମୂଲ୍ୟବୋଧର ପୁନଃପ୍ରତିଷ୍ଠା ଉପରେ ଗୁରୁତ୍ୱ ଦେଇ ସାହିତ୍ୟ ଆମକୁ କର୍ତ୍ତବ୍ୟନିଷ୍ଠ ଓ ସମାଜ ସଚେତନ କରିଥାଏ ବୋଲି ମତ ରଖିଥିଲେ। ଅନ୍ୟତମ ବକ୍ତା ଗୁରୁ ସଂଗ୍ରାମଜିତ ଦାସ ସଫଳ ବ୍ୟକ୍ତିତ୍ୱଗଠନର ଦିଗବିଦିଗ ଉପରେ ଆଲୋକପାତ କରିଥିଲେ।

SANCHAR
ସଂଚାର

୪ ବୁଧବାର ୬ ନଭେମ୍ବର ୨୦୨୪, ଭୁବନେଶ୍ୱର
Wednesday 6 November 2024 Bhubaneswar

# ଟାର୍ଗେଟରେ ହିନ୍ଦୁ ସମ୍ପ୍ରଦାୟ

ବିଶ୍ୱର ବିଭିନ୍ନ ଦେଶରେ ଏବେ ହିନ୍ଦୁ ଧର୍ମାବଲମ୍ବୀଙ୍କ ଉପରେ ଆକ୍ରମଣ ହେଉଥିବା ଲକ୍ଷ୍ୟ କରାଯାଉଛି। ପଡ଼ୋଶୀ ବାଂଲାଦେଶରେ ଶେଖ ହାସିନା କ୍ଷମତାଚ୍ୟୁତ ହେବା ପରେ ସେଠାରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣ ଏବଂ ଅତ୍ୟାଚାର ବଢୁଛି। ଅନେକ ହିନ୍ଦୁଙ୍କୁ ହତ୍ୟା କରାଯାଇଛି। ଅନେକଙ୍କ ଘର ଜାଳି ଦିଆଯାଇଛି। କେବଳ କିଛି ମୌଳବାଦୀଙ୍କ ଅସହିଷ୍ଣୁତା ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ହେତୁ ଏଭଳି ଘଟୁଛି। ଏହା ଏବେ ନୁହେଁ, ବହୁ ବର୍ଷ ହେବ ଏପରି କରାଯାଉଛି। ବାଂଲାଦେଶରେ କୋଟିଏରୁ ଅଧିକ ହିନ୍ଦୁ ଅଛନ୍ତି। କିନ୍ତୁ ସେମାନେ କେବେ ଭାରତ ସପକ୍ଷରେ ନୁହେଁ, ବାଂଲାଦେଶକୁ ସମର୍ଥନ କରନ୍ତି, ନିଜ ମାତୃଭୂମିକୁ ଶ୍ରଦ୍ଧା ଏବଂ ସମ୍ମାନ କରନ୍ତି। ତଥାପି ସେମାନଙ୍କୁ ଅତ୍ୟାଚାରର ସମ୍ମୁଖୀନ ହେବାକୁ ପଡ଼ିଥାଏ। ଏଥିପାଇଁ ବାଂଲାଦେଶରେ ହିନ୍ଦୁମାନଙ୍କ ସଂଖ୍ୟା ଧିରେ ଧିରେ ହ୍ରାସ ପାଉଛି। ଏହା ଜାରି ରହିଲେ ଆଗକୁ ପାକିସ୍ତାନ ଓ ଆଫଗାନିସ୍ତାନ ଭଳି ବାଂଲାଦେଶ ମଧ୍ୟ ହିନ୍ଦୁଶୂନ୍ୟ ହୋଇଯିବ। ବାଂଲାଦେଶର ଅନ୍ତରୀଣ ସରକାର ମୁଖ୍ୟ ମହମ୍ମଦ ୟୁନୁସ ଜଣେ ଅତି ଦୁର୍ବଳ ଏବଂ ଅନଭିଜ୍ଞ ନେତା। ସେ ବାଂଲାଦେଶର ହିନ୍ଦୁମାନଙ୍କ ସୁରକ୍ଷାରେ ଅସମର୍ଥ। ଶାସକ ହେବାକୁ ସେ ଜଣେ ଅଯୋଗ୍ୟ ବ୍ୟକ୍ତି। ତାଙ୍କ ହାତରେ ବାଂଲାଦେଶ ସୁରକ୍ଷିତ ନୁହେଁ। ବାଂଲାଦେଶ ଭଳି ପାକିସ୍ତାନ, ଆଫଗାନିସ୍ତାନରେ ମଧ୍ୟ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢୁଛି। ପାକିସ୍ତାନରେ ଗତ ୭୦ ବର୍ଷ ଭିତରେ ହଜାର ହଜାର ହିନ୍ଦୁ ମନ୍ଦିର, ପୁରାତନ ଐତିହ୍ୟକୁ ନଷ୍ଟ କରାଯାଇଛି। ଅନେକ ହିନ୍ଦୁଙ୍କୁ ବଳପ୍ରୟୋଗ କରି ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରାଯାଇଛି। ଅନେକ ହିନ୍ଦୁ ଯୁବତୀଙ୍କୁ ଅପହରଣ କରି ମୁସଲମାନ ବ୍ୟକ୍ତିମାନେ ବିବାହ କରିଛନ୍ତି ଏବଂ ସେମାନଙ୍କୁ ଇସଲାମ ଧର୍ମ ଗ୍ରହଣ କରିବାକୁ ବାଧ୍ୟ କରିଛନ୍ତି। ଏବେ ସୁଦୁର କାନାଡ଼ାରେ ମଧ୍ୟ ଏଭଳି ଅନେକ ଘଟଣା ଦୃଷ୍ଟିକୁ ଆସିଛି। କାନାଡ଼ାରେ ଅନେକ ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ କରାଯାଉଛି, ଭଙ୍ଗାରୁଜା ସହ ହିନ୍ଦୁ ଶ୍ରଦ୍ଧାଳୁମାନଙ୍କୁ ଆକ୍ରମଣ କରାଯାଉଛି। ଏହା ପଛରେ କଲିସ୍ତାନୀ ସମର୍ଥକ ଏବଂ ବିଚ୍ଛିନ୍ନତାବାଦୀଙ୍କ ହାତ ରହିଛି। କାନାଡ଼ାରେ ବହୁ ଶିଖ ଧର୍ମାବଲମ୍ବୀ ବସବାସ କରନ୍ତି। ସେମାନଙ୍କ ମଧ୍ୟରୁ ଅନେକ କାନାଡ଼ାର ନାଗରିତ୍ୱ ଗ୍ରହଣ କରିଛନ୍ତି। ବିଭିନ୍ ପ୍ରକାର ବ୍ୟବସାୟ କରି ସେମାନେ କାନାଡ଼ାର ଏକ ଧନୀ ବର୍ଗ ଭାବେ ବିବେଚିତ ହେଉଛନ୍ତି। ଏହା ସ୍ୱାଗତଯୋଗ୍ୟ। କିନ୍ତୁ କିଛି ଧନୀ ଶିଖ ଧର୍ମାବଲମ୍ବୀ ଭାରତରେ ଖଲିସ୍ତାନ ଆନ୍ଦୋଳନକୁ ସହାୟତା ଏବଂ ସହଯୋଗ କରିଆସୁଛନ୍ତି। ଭାରତରେ ଅନେକ ଆତଙ୍କବାଦୀ କାର୍ଯ୍ୟକଳାପ ପଛରେ ସେମାନଙ୍କ ହାତ ରହିଛି। ସେହିମାନେ ହିଁ କାନାଡ଼ାରେ ହିନ୍ଦୁଙ୍କ ପ୍ରତି ଘୃଣାର ବାତାବରଣ ସୃଷ୍ଟି କରିଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ନିଜକୁ ଏକ ସଭ୍ୟ ଏବଂ ଗଣତାନ୍ତ୍ରିକ ରାଷ୍ଟ୍ରଭାବେ ଦାବି କରୁଥିବା କାନାଡ଼ା ସରକାର ଏହା ବିରୋଧରେ କୌଣସି ପଦକ୍ଷେପ ନେଉ ନାହାଁନ୍ତି। ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟକୁ ସମର୍ଥନ ଏବଂ ସୁରକ୍ଷା ପ୍ରଦାନ କରୁଛନ୍ତି। କାନାଡ଼ାର ହିନ୍ଦୁସମ୍ପ୍ରଦାୟକୁ ଟ୍ରୁଡୋ ସରକାର ସୁରକ୍ଷା ପ୍ରଦାନରେ ବ୍ୟର୍ଥ ହୋଇଛନ୍ତି। ମାନବାଧିକାର କଥା କହୁଥିବା ଟ୍ରୁଡୋ ସରକାର ଏହାକୁ ଅଣଦେଖା କରି ଭାରତ ସରକାରଙ୍କ ମୁଣ୍ଡରେ ଅଯଥା ଅଠାବୋଳୁଛନ୍ତି। କେବଳ କାନାଡ଼ା ନୁହେଁ, ଆମେରିକାରେ ମଧ୍ୟ ଏଭଳି ଘଟଣା ଘଟୁଛି। ଅନେକ ସ୍ଥାନରେ ହିନ୍ଦୁ ମନ୍ଦିର, ମହାତ୍ମା ଗାନ୍ଧିଙ୍କ ପ୍ରତିମୂର୍ତ୍ତୀ ଭଙ୍ଗାଯାଉଛି। ଏହା ପଛରେ ଭାରତ ବିରୋଧୀ ଶକ୍ତିଙ୍କ ହାତ ରହିଛି। ଏବେ ସମୟ ଆସିଛି ଭାରତ ଏବଂ ଭାରତ ବାହାରେ ବସବାସ କରୁଥିବା ହିନ୍ଦୁମାନେ ନିଜ ସମ୍ମାନ ଏବଂ ସୁରକ୍ଷା ପାଇଁ ଏକଜୁଟ ହେବା ଉଚିତ। କୌଣସି ନିର୍ଦ୍ଦିଷ୍ଟ ଧର୍ମାବଲମ୍ବୀଙ୍କ ବିରୋଧରେ ଅଭିଯୋଗର ଆବଶ୍ୟକତା ନାହିଁ। ଅଳ୍ପ କିଛି ଶିଖ ବା ମୁସଲମାନ ଧର୍ମାବଲମ୍ବୀଙ୍କ ପାଇଁ ପୁରା ସମୁଦାୟକୁ ଦୋଷ ଦେବା ଅନୁଚିତ। ହିନ୍ଦୁମାନଙ୍କ ସୁରକ୍ଷାରେ ଶିଖ ଓ ମୁସଲମାନ ଧର୍ମାବଲମ୍ବୀଙ୍କ ସହଯୋଗ ମଧ୍ୟ ଆବଶ୍ୟକ। ଜାତି ଧର୍ମ ନିର୍ବିଶେଷରେ ସବୁ ଭାରତୀୟଙ୍କ ସୁରକ୍ଷା ନିମନ୍ତେ ସମସ୍ତେ ଏକାଠି ହେବା ଉଚିତ। କାନାଡ଼ା ହେଉ ଅଥବା ବାଂଲାଦେଶ, ସେଠାରେ ବସବାସ କରୁଥିବା ହିନ୍ଦୁମାନେ ସେଠାକାର ନାଗରିକ ହୋଇପାରନ୍ତି। ସେଠାକାର ଆଇନ ଶୃଙ୍ଖଳା ପରିସ୍ଥିତି ସେ ଦେଶର ଆଭ୍ୟନ୍ତରୀଣ ବ୍ୟାପାପର। ଏଥିରେ ଭାରତ ସରକାର ମୁଣ୍ଡ କେଳାଇନପାରନ୍ତି। କିନ୍ତୁ ମାନବାଧିକାର ସୁରକ୍ଷା ସବୁ ଜାତି, ଧର୍ମ ବା ରାଷ୍ଟ୍ରୀୟତାରୁ ଉର୍ଦ୍ଧ୍ୱରେ। ହିନ୍ଦୁ ହୁଅନ୍ତୁ, ବା ମୁସଲାମନ ଯେଉଁଠି ସାଧାରଣ ଲୋକଙ୍କ ଉପରେ ଆକ୍ରମଣ ହେଉଛି, ଅନ୍ୟାୟ ଅତ୍ୟାଚାର ବଢୁଛି, ମୌଳବାଦୀମାନେ ହତ୍ୟା କରୁଛନ୍ତି, ସେଠାରେ ପ୍ରତିବାଦର ସ୍ୱର ଉଠାଇବା ଏବଂ ନ୍ୟାୟ ଦାବି କରିବା ସମସ୍ତଙ୍କର ଧର୍ମ ଏବଂ କର୍ତ୍ତବ୍ୟ।

# ଶ୍ରୀମନ୍ଦିର ପ୍ରତି ବିପଦ

ଓଡ଼ିଶାର ଏକ ପ୍ରାଚୀନ ଐତିହ୍ୟର ପ୍ରତୀକ ମହାପ୍ରଭୁ ଶ୍ରୀଜଗନ୍ନାଙ୍କ ଶ୍ରୀମନ୍ଦିର ଓଡ଼ିଶାର ଗର୍ବ, ଗୌରବ ଏବଂ ସ୍ୱାଭିମାନର ପ୍ରତୀକ। ଓଡ଼ିଆ ଜାତିର ମଉଡ଼ମଣୀ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ବିଶ୍ୱର କୋଣ ଅନୁକୋଣରୁ ପ୍ରତିଦିନ ଲକ୍ଷ ଲକ୍ଷ ଭକ୍ତ ପୁରୀକୁ ଆସନ୍ତି। ସେମାନଙ୍କ ସହିତ ଅନେକ ପର୍ଯ୍ୟଟକ ମଧ୍ୟ ପୁରୀ ଆସନ୍ତି। ସେମାନଙ୍କ ଲକ୍ଷ୍ୟ ହେଲା ପୁରୀ ଶ୍ରୀମନ୍ଦିରକୁ ଦେଖିବା। ପୁରୀର ଐତିହ୍ୟ, ପରମ୍ପରାକୁ ଅବଲୋକନ କରିବା ଯାହା ସାରା ବିଶ୍ୱରେ ଅନନ୍ୟ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଗତ କିଛି ବର୍ଷ ହେବ ପୁରୀରେ ମହାପ୍ରଭୁଙ୍କ ମହାନ ପରମ୍ପରା ଏବଂ ଐତିହ୍ୟ ପ୍ରତି ବିପଦ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ନାମରେ ଶ୍ରୀମନ୍ଦିର ଚାରିପଟେ ଥିବା ପୁରାତନ ମଠ ମନ୍ଦିରକୁ ଅବିଚାରିତ ଭାବେ ଭାଙ୍ଗିଦିଆଗଲା। ପୁରାତନ ସଂସ୍କୃତି ଏବଂ ପରମ୍ପରାକୁ ନଷ୍ଟ କରିବାର ପ୍ରୟାସ କରାଗଲା। ପୁରାତନ ପରମ୍ପରା ଏବଂ ଐତିହ୍ୟର ମହକ ଆଉ ନାହିଁ। ବିକାଶ ନାମରେ ପୁରୀକୁ ବିକୃତ କରାଯାଇଛି। ସବୁଠାରୁ ଚିନ୍ତାର ବିଷୟ ହେଲା ଶ୍ରୀମନ୍ଦିରର ସ୍ଥିତି ପ୍ରତି ବିପଦ ସୃଷ୍ଟି ହୋଇଛି। ଶ୍ରୀମନ୍ଦିର ଚାରିପଟେ ଥିବା ମେଗନାଦ ପାଚେରୀ ଏବେ ଦୁର୍ବଳ ଅବସ୍ଥାରେ ରହିଛି। କାନ୍ଥରୁ ପାଣିଗଳୁଛି। ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ଏବଂ କିଛି ମନୁଷ୍ୟକୃତ ତ୍ରୁଟିରୁ ଏଭଳି ହୋଇଛି। କିନ୍ତୁ ମହାପ୍ରଭୁ ଶ୍ରୀଜଗନ୍ନାତଙ୍କ ମୁଖ୍ୟ ବାଡ଼ଗ୍ରାହୀ ଯାହା କହିଛନ୍ତି ତାହା ମଧ୍ୟ ବେଶ ଗୁରୁତ୍ୱପୂର୍ଣ୍ଣ। ଏହା ଏକ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଏହାକୁ ନେଇ ରାଜନୈତିକ ବୟାନବାଜି କରିବା ଅନୁଚିତ। କିନ୍ତୁ ଏହାକୁ ହାଲୁକାଭାବେ ନେବା ମଧ୍ୟ ଅନୁଚିତ। ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ କହିଛନ୍ତି ଯେ, ମେଘନାଦ ପାଚେରୀ ଯେପରି ଅବସ୍ଥାରେ ରହିଛି, ଏହାର ତୁରନ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ ଲାଗି ଉପଯୁକ୍ତ ପଦକ୍ଷେପ ନିଆନଗଲେ ଏହା ଭୁଶୁଡ଼ି ପଡ଼ିବ। ଏହାର ସ୍ୱତନ୍ତ୍ର ମରାମତି ଏବଂ ସୁରକ୍ଷା ଦାୟିତ୍ୱ ଏଏସଆଇକୁ ପ୍ରଦାନ କରାଯାଉ।। ଖୋଦ ପ୍ରଧାନମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିବାକୁ ସେ ଅନୁରୋଧ କରିଛନ୍ତି। ଜାଣିଶୁଣି ଶ୍ରୀମନ୍ଦିରକୁ ଭାଙ୍ଗବା ନିମନ୍ତେ ଚକ୍ରାନ୍ତ କରାଯାଇଛି ବୋଲି ସେ ଅତି ସଂଘାତିକ ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଶ୍ରୀମନ୍ଦିର ଚାରିପଟେ ଯେଉଁସବୁ ମଠ ମନ୍ଦିର ଥିଲା ତାହା ମେଘନାଦ ପାଚେରୀ ଏବଂ ଶ୍ରୀମନ୍ଦିର ପାଇଁ ସପୋର୍ଟ ସିଷ୍ଟମ ଭାବେ କାର୍ଯ୍ୟ କରୁଥିଲା। ସେସବୁକୁ ଅବିଚାରିତ ଭାବେ ଭାଙ୍ଗିଦିଆଯିବା ଦ୍ୱାରା ମେଘନାଦ ପାଚେରୀ ପ୍ରତି ବିପଦ ସୃଷ୍ଟି ହୋଇଛି। ପରିକ୍ରମ ପ୍ରକଳ୍ପ ବେଳେ ଶ୍ରୀମନ୍ଦିର ଚାରିପେଟ ଦିନ ରାତି ମେସିନ ଚାଲିଲା। ପ୍ରଚଣ୍ଡ ଶବ୍ଦ ଯୋଗୁଁ ମନ୍ଦିର ଓ ଏହାର ପାଚେରୀରେ ଫାଟ ସୃଷ୍ଟି ହେବା ସ୍ୱାଭାବିକ। ଶ୍ରୀମନ୍ଦିର ଚାରିପେଟ ବଡ଼ ବଡ଼ ଗାତ ଖୋଳାଗଲା। ଅନେକ ଗାତ ଏବେ ସୁଦ୍ଧା ରହିଛି। ଏସବୁ ଶ୍ରୀମନ୍ଦିର ପ୍ରତି ବିପଦ ସୃଷ୍ଟି କରିଛି। ପରିକ୍ରମା ପ୍ରକଳ୍ପ ଆରମ୍ଭରୁଏହି ସନ୍ଦେହ ଏବଂ ଅଭିଯୋଗ ଉଠିଥିଲା। ଶ୍ରୀମନ୍ଦିର ଚାରିପଟେ ଏଭଳି ବଡ଼ ନିର୍ମାଣ କାର୍ଯ୍ୟକୁ ବିରୋଧ କରାଯାଇଥିଲା। ଏଥିଲାଗି ଏଏସଆଇର ଅନୁମତି ବା ପରାମର୍ଶ ଲୋଡ଼ାଯାଇନଥିଲା। ସରକାର ମିଛ ଏବଂ ବିଭ୍ରାନ୍ତିକର ତଥ୍ୟ ପ୍ରଦାନ କରି କୋର୍ଟକୁ ମଧ୍ୟ ବିଭ୍ରାନ୍ତ କରିଥିଲେ। ସଂସଦରେ ବିଜେଡିର ପୁରୀ ସାଂସଦ ଯାହା କହିଥିଲେ ତାହା ଥିଲା ସମ୍ପୂର୍ଣ୍ଣ ମିଛ। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପାଇଁ ଓଡ଼ିଶାର ବିପୁଳ କ୍ଷତି ହେଲା। ଆଉ ଥରେ ଏମଆର ମଠକୁ ଫେରାଇ ଅଣାଯାଇପାରିବ ନାହିଁ। ଶ୍ରୀମନ୍ଦିର ଚାରିପଟେ ଥିବା ମହ ମହ ବାସ୍ନା ହେଉଥିବା ଖଜା ଦୋକାନ ସବୁ ଆଉ ନାହିଁ। ଓଡ଼ିଶାବାସୀଙ୍କ ଟିକସ ଅର୍ଥକୁ ପାଣିରେ ଫିଙ୍ଗିଦିଆଯାଇଛି। ଏଥିପାଇଁ ଯେଉଁମାନେ ଦାୟୀ ଦାୟୀ, ସେମାନଙ୍କୁ ଇତିହାସ କେବେ କ୍ଷମା ଦେବ ନାହିଁ। ସେମାନେ ସବୁ ବେଳେ ଇତିହାସରେ କଳାପାହାଡ଼ ଭଳି ନିନ୍ଦିତ ଚରିତ୍ର ଭାବେ ବିବେଚିତ ହେବେ। ତେବେ ଯାହା ହେବାର କଥା ହୋଇସାରିଲାଣି। ସେଥିପାଇଁ ପରସ୍ପର ଉପରକୁ କାଦୁଅ ଫିଙ୍ଗାରେ ବ୍ୟାପୃତ ନହୋଇ ଦଳମତ ନିର୍ବିଶେଷରେ ସମସ୍ତେ ଶ୍ରୀମନ୍ଦିରର ସୁରକ୍ଷା ଏବଂ ସ୍ଥାୟିତ୍ୱ ପ୍ରତି ଦୃଷ୍ଟି ଦେବା ଉଚିତ। ଆମର ମହାନ ପରମ୍ପରା, ଐତିହ୍ୟ ଏବଂ ସଂସ୍କୃତିର ସୁରକ୍ଷା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ଏହାକୁ ପ୍ରାଥମିକତା ଦିଆଯିବା ଉଚିତ। ଉଭୟ ରାଜ୍ୟ ଏବଂ କେନ୍ଦ୍ର ସରକାର ଏହାକୁ ଅଣଦେଖା ନକରି ଯୁଦ୍ଧକାଳୀନ ଭିତ୍ତିରେ ମରାମତି କାର୍ଯ୍ୟ କରିବା ଉଚିତ।

# ମାଗଣା ପରେ ଏବେ ନଗଦ ପାଳି



**ସୁବାସ ଷଡଙ୍ଗୀ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୦୨୨ ମସିହାରେ ଉତର ପ୍ରଦେଶର ଏକ ସଭାରେ କହିଥିଲେ, ଏଣିକି ଆଉ 'ରେଉଡି' ଦେଇ ହେବ ନାହିଁ। ରେଉଡି ହେଉଛି, ଉତର ଭାରତରେ ତିଳ ଦାନାରୁ ତିଆରି ଏକ ମିଠେଇ, ଯାହାକୁ ମନ୍ଦିରଗୁଡ଼ିକରେ ବିଭିନ୍ନ ପର୍ବପର୍ବାଣିରେ ମାଗଣାରେ ଦିଆଯାଏ। କଥାଟି ମାଗଣାରେ ଚାଉଳ ଦେବାକୁ କଥାକୁ ନେଇ କୁହାଯାଇଥିଲା। ମାଗଣାରେ ସବୁଦିନ ଏତେଗୁଡିଏ ଲୋକଙ୍କୁ ଚାଉଳ ଦେବାଦ୍ୱାରା ରାଜ୍ୟଗୁଡିକର ରାଜକୋଷ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ଅନେକ ରାଜ୍ୟ ଏଥିପାଇଁ ଋଣ କରିବାକୁ ବାଧ୍ୟ ଓେଛନ୍ତି। ଏଣୁ ଏଭଳି ମାଗଣା ଦେବା ପ୍ରଥାକୁ ବନ୍ଦ କରିବା ନେଇ ସେ ପରୋକ୍ଷରେ ଇଙ୍ଗିତ ଦେଇଥିଲେ।

କିନ୍ତୁ ଏହାର କିଛି ମାସ ପରେ ଖୋଦ ପ୍ରଧାନମନ୍ତ୍ରୀ ମାଗଣାରେ ଅଶୀ କୋଟି ଲୋକଙ୍କୁ ଚାଉଳ ଦେବା କଥା ଘୋଷଣା କରିଥିଲେ। ନିର୍ବାଚନୀ କୌଶଳ ଭାବରେ ଏହାକୁ ଘୋଷଣା କରାଯାଇଥିଲା। କିନ୍ତୁ ଏହାର ବିଶେଷ ପ୍ରଭାବ ନିମ୍ନମଧ୍ୟବିତ ଶ୍ରେଣୀ ଉପରେ ପଡ଼ିଲା ନାହିଁ। ଏଣୁ ଆରମ୍ଭ ହେଲା ନଗଦ ଦେବାର ପ୍ରଥା। ଗରିବ ଲୋକଙ୍କୁ କିଛି ଅର୍ଥ ନଗଦ ଆକାରରେ ଦେବା କଥା ଜୋର ଧରିଲା। ଏ ନେଇ ମଧ୍ୟପ୍ରଦେଶରେ ଆରମ୍ଭ ହେଲା ଯୋଜନା। ମହିଳାମାନଙ୍କୁ ନଗଦ ଆକାରରେ ଟଙ୍କା ଦିଆଗଲା। ଯାହାଫଳରେ ଲୋକେ ପୁଣି ଥରେ ବିଜେପିକୁ କ୍ଷମତାକୁ ଆଣିଲେ। ପୂର୍ବରୁ ପଶ୍ଚିମବଙ୍ଗରେ ମମତା ବାନାର୍ଜି ମଧ୍ୟ ଏଭଳି ଯୋଜନା ଆରମ୍ଭ କରିଦେଇଥିଲେ। ଯାହାଫଳରେ ଅତି ସହଜରେ ନିର୍ବାଚନ ବୈତରଣୀ ପାର ହୋଇପାରିଥିଲେ। ବିଜେପିର ସବୁ ଚାଲ ଫେଲ ମାରିଥିଲା।

ନଗଦ ଯୋଜନା ଭଲ କାମ କରୁଥିବାରୁ କର୍ଣ୍ଣାଟକ ନିର୍ବାଚନରେ କଂଗ୍ରେସ ମଧ୍ୟ ଏହାକୁ ନିର୍ବାଚନ କୌଶଳ ଭାବରେ ଗ୍ରହଣ କରି ସଫଳତା ପାଇଥିଲା। ପରବର୍ତ୍ତୀ ସମୟରେ ତେଲେଙ୍ଗାନାରେ ଏହାକୁ ପ୍ରୟୋଗ କରାଗଲା। ଯାହାଫଳରେ ଦଳ ତେଲେଙ୍ଗାନାରେ କ୍ଷମତା ଦଖଲ କଲା। ଯେଉଁଠି ନଗଦ ଟଙ୍କା ଦେବାର ପ୍ରତିଶ୍ରୁତି ଦିଆଯାଉଛି, ସେଠାରେ ଲୋକେ ଅନ୍ୟ ସବୁ କିଛିକୁ ଭୁଲିଯାଉଛନ୍ତି। ଏଇ ଯେମିତି ଓଡ଼ିଶାର ନିର୍ବାଚନ। ସୁଭଦ୍ରା ଯୋଜନା ବିଜେପିକୁ କ୍ଷମତାକୁ ଆଣିଲା। ଚବିଶ ବର୍ଷ ଧରି ଯେଉଁ ବିଜେଡି ଦଳ ମହିଳାମାନଙ୍କୁ ବିଭିନ୍ନ ପ୍ରଲୋଭନ ମାଧ୍ୟରେ ଏକ ଭୋଟ ବ୍ୟାଙ୍କ ତିଆରି କରିଥିଲା, ସୁଭଦ୍ରା ଯୋଜନା ତାହାକୁ ଭାଙ୍ଗି ଧୂଳିସାତ କରିଦେଲା। ଠିକ ଯେମିତି ମମତାଙ୍କୁ ୨୦୨୧ ମସିହା ନିର୍ବାଚନରେ ଜିତାପଟ କରାଇଥିଲା। ଏଣୁ ଯେଉଁ ପ୍ରଧାନମନ୍ତ୍ରୀ ଦିନେ ମାଗଣା ଦେବା ଯୋଜନା ବିରୁଦ୍ଧରେ କହୁଥିଲେ, ସେ ହିଁ ପ୍ରଥମେ ନଗଦ ଅର୍ଥ ଦେବାକୁ ଘୋଷଣା କଲେ।

ଓଡ଼ିଶାର ଜିତାପଟ ଏବେ ବିଜେପିକୁ ବେଶ ସୁହାଇଛି। ଆଗକୁ ଆସୁଛି ମହାରାଷ୍ଟ୍ର ନିର୍ବାଚନ। ଏଣୁ ସେଠାରେ ମେଣ୍ଟ ସରକାର ମହିଳାମାନଙ୍କୁ କିଛି ମାସ ପୂର୍ବେ ମାସକୁ ଦେଢ ହଜାର ଟଙ୍କା ଦିଆଯିବା ନେଇ ଘୋଷଣା କରିବା ପରେ ମଧ୍ୟ ଏହାକୁ ମାସିକ ତିନି ହଜାର ଟଙ୍କାକୁ ବୃଦ୍ଧି କରାଯିବ ବୋଲି କହିଛନ୍ତି। ଯେ କୌଣସି ଉପାୟରେ ନିର୍ବାଚନ ଜିତିବା ହେଉଛି, ରଣନୀତି।

କିନ୍ତୁ ଏତେ ଟଙ୍କା ନଗଦ ଆକାରରେ ଦିଆଗଲେ, ତାହା ରାଜ୍ୟର ଅର୍ଥନୀତିକୁ ବିପର୍ଯ୍ୟସ୍ତ କରଦେବ। ଏନେଇ ଯୋଜନା କମିଶନ ବିଭିନ୍ନ ରାଜ୍ୟର ମୁଖ୍ୟ ଶାସନ ସଚିବ ମାନଙ୍କୁ ଚିଠି ଲେଖି ମାଗଣା ଯୋଜନା କମାଇବାକୁ କହିଛନ୍ତି। ଓଡ଼ିଶାରେ ବିଜେପି ଦଳ ମହିଳାମାନଙ୍କୁ ଦୁଇ ବର୍ଷରେ ପଚାଶ ହଜାର ଟଙ୍କା ଦେବ ବୋଲି କହିଥିଲା, କିନ୍ତୁ ଏବେ ମାତ୍ର ଦଶ ହଜାର ଟଙ୍କା ଦେଉଛି। କିନ୍ତୁ ଲୋକେ ସେଥିରେ ମଧ୍ୟ ବହୁତ ଖୁସି। ସୁଭଦ୍ରା ଟଙ୍କା ପାଇବାକୁ ଗାଁ ଗାଁରେ ଆଗ୍ରହ ପ୍ରକାଶ ପାଉଛି। ପ୍ରଥମେ ଯାହା କିଛି ଦେଲେ ବି ପରବର୍ତ୍ତୀ ସମୟରେ ଏହାର ପରିମାଣ ବଢ଼ିବ। ବିଶେଷ କରି ନିର୍ବାଚନ ଆସିଲେ, ଏହାକୁ ଭୋଟବ୍ୟାଙ୍କ ଭାବରେ ବ୍ୟବହାର କରାଯିବ। ଓଡ଼ିଶାରେ ଏହି ଯୋଜନାର ସଫଳତା ପରେ ମହାରାଷ୍ଟ୍ରରେ ପରିମାଣ ଟଙ୍କା ବଢ଼ାଯିବାକୁ ଘୋଷଣା କରାଯାଇଛି। କୁହାଯାଉଛି, ୨୦୨୧ ମସିହାରେ ଯେପରି ପଶ୍ଚିମବଙ୍ଗରେ ମମତା କନ୍ୟାଶ୍ରୀ ଯୋଜନା ଆରମ୍ଭ କରି ବାଜିମାତ କରିଥିଲେ, ଠିକ ସେମିତି ମହାରାଷ୍ଟ୍ରରେ ହେବ। ମହାରାଷ୍ଟ୍ର ନିର୍ବାଚନ ବିଜେପି ପାଇଁ ଖୁବ ଗୁରୁପୂର୍ଣ୍ଣ। ଏହାର ବିଜୟ ଉପରେ କେନ୍ଦ୍ର ସରକାରର ସ୍ଥାଇତ୍ୱ ନିର୍ଭର କରେ। ଆଜିକାଲି ନଗଦ ଟଙ୍କା ଦେବାକୁ ସବୁ ଦଳ ଜୋର ଦେଉଛନ୍ତି। ଚାଉଳ ଉପରେ ଆଉ ଲୋକଙ୍କର ଆଗ୍ରହ ନାହିଁ। ସେମାନେ ଚାହାନ୍ତି, ନଗଦ ଟଙ୍କା। ଯାହକୁ ସେମାନେ ନିଜ ଇଛା ଅନୁସାରେ ଖର୍ଚ୍ଚ କରିପାରିବେ। ସେମାନେ ଜାଣନ୍ତି, ସରକାର ମାଗଣା ଚାଉଳ ଯୋଜନା ବନ୍ଦ କରିପାରିବେ ନାହିଁ। ଏବେ ଲକ୍ଷ୍ୟ ନଗଦ ଟଙ୍କା ପରିମାଣ କିପରି ବଢ଼ିବ। କଂଗ୍ରେସ ମଧ୍ୟ ଏକ୍ଷେତ୍ରରେ ପଛରେ ପଡ଼ି ନାହିଁ। କିନ୍ତୁ ଦୌଡରେ ବିଜେପି ସହିତ ସମକକ୍ଷ ହୋଇପାରୁ ନାହିଁ ଯାହା। କିନ୍ତୁ ମାଗଣା ଚାଉଳ ସହିତ ନଗଦ ଟଙ୍କା ଦେଇ ଭୋଟ ହାତେଇବାର ଯୋଜନା ଆମକୁ କେଉଁଆଡକୁ ନେଇ ଯାଉଛି, ତାହା କେବଳ ସମୟ ହିଁ କହିବ।

ମୋବାଇଲ୍: ୯୪୩୯୬୫୨୩୨୨

# ଭାରତୀୟ ନ୍ୟାୟିକ ଆଦର୍ଶର ପ୍ରତୀକ ନୂତନ 'ଲେଡି ଜଷ୍ଟିସ୍'

**ରାଜେଶ କୁମାର ତ୍ରିପାଠୀ**



ଆଧୁନିକ ଭାରତୀୟ ଆଇନଗତ ଆଦର୍ଶର ପ୍ରତୀକ ନୂତନ 'ଲେଡି ଜଷ୍ଟିସ୍' ପ୍ରତିମୂର୍ତ୍ତି ଭାରତର ଉପନିବେଶିକ ଅତୀତରୁ ବିଦାୟ ନେବା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେଉଛି ସୁପ୍ରିମକୋର୍ଟରେ ଉନ୍ମୋଚିତ ନୂତନ 'ଲେଡି ଜଷ୍ଟିସ୍'। କଳା ପଟି ବାନ୍ଧି ଆଖି ବୁଜି ଏବଂ ହାତରେ ଖଣ୍ଡା ଧରିଥିବା ନ୍ୟାୟ ମୂର୍ତ୍ତୀକୁ ବଦଳା ଯାଇଛି। ଭାରତର ପ୍ରଧାନ ବିଚାରପତି (ସିଜେଇ) ଡି.ଓ୍ୱାଇ ଚନ୍ଦ୍ରଚୁଡ଼ଙ୍କ ପ୍ରଚେଷ୍ଟାରେ ହୋଇଥିବା ଏହି ପରିବର୍ତ୍ତନ ସାମ୍ବିଧାନିକ ଆଇନ ଅନୁଯାୟୀ ସମାନତା ପାଇଁ ନ୍ୟାୟପାଳିକାର ପ୍ରତିବଦ୍ଧତାକୁ ସୂଚିତ କରେ।

ସୁପ୍ରିମକୋର୍ଟର ବିଚାରପତିଙ୍କ ଲାଇବ୍ରେରୀରେ ସ୍ଥାପିତ ଏହି ନୂତନ ପ୍ରତିମୂର୍ତ୍ତିର ପ୍ରତୀକ ହେଉଛି ଯେ ଭାରତୀୟ ଆଇନ ଅନ୍ଧ ନୁହେଁ କିନ୍ତୁ ସମସ୍ତଙ୍କୁ ସମାନ ଭାବରେ ଦେଖୁଛି, ସମ୍ବିଧାନ ଅନୁଯାୟୀ ନ୍ୟାୟ ସୁନିଶ୍ଚିତ କରୁଛି। ଦୀର୍ଘ ଦିନ ଧରି କୋର୍ଟ ଏବଂ ଆଇନ ଅନୁଷ୍ଠାନ ସହିତ ଜଡିତ ପରିଚିତ 'ଲେଡି ଜଷ୍ଟିସ୍' ପ୍ରତିମୂର୍ତ୍ତିକୁ ଏହାର ଉପନିବେଶିକ ଉତ୍ତରାଧିକାରୀଠାରୁ ଦୂରେଇ ଯିବାକୁ ପ୍ରୟାସର ଏକ ଅଂଶ ଭାବରେ ଏହା ଭାରତର ସୁପ୍ରିମକୋର୍ଟଙ୍କ ଦ୍ୱାରା ନିଆଯାଇଥିବା ଏକ ଯୁଗାନ୍ତକାରୀ ନିଷ୍ପତି। ପାରମ୍ପାରିକ ଭାବରେ ଏକ ଦୃଷ୍ଟିହୀନ ଏବଂ ଖଣ୍ଡା ଧରିଥିବା ନ୍ୟାୟ ପ୍ରତିମୂର୍ତ୍ତିର ପରିବର୍ତ୍ତିତ ସଂସ୍କରଣରେ ଆଖିରୁ କଳା ପଟି ହଟାଇ ଏବଂ ଖଣ୍ଡା ବଦଳରେ ହାତରେ ସମ୍ବିଧାନ ରଖି ଭାରତୀୟ ନ୍ୟାୟ ପାଇଁ ଏକ ନୂତନ ଯୁଗର ସଙ୍କେତ ଦେଇଛନ୍ତି ସର୍ବୋଚ୍ଚ ନ୍ୟାୟାଳୟ। ଏହି ପରିବର୍ତ୍ତନ ଭାରତୀୟ ନ୍ୟାୟପାଳିକାର ବିକାଶଶୀଳ ପରିଚୟକୁ ପ୍ରତିଫଳିତ କରେ, ଯାହା ନ୍ୟାୟକୁ ପ୍ରତିନିଧିତ୍ୱ କରିବା ପାଇଁ ଉପନିବେଶିକ ପ୍ରତୀକ ଉପରେ ଆଉ ନିର୍ଭର କରିବାର ଅବକାଶ ରଖିବ ନାହିଁ।

ନୂତନ ପ୍ରତିମୂର୍ତ୍ତିର ସବୁଠାରୁ ଚମତ୍କାର ପରିବର୍ତ୍ତନ ହେଉଛି 'ଲେଡି ଜଷ୍ଟିସ୍'ର ବାମ ହାତରେ ଖଣ୍ଡାକୁ ସମ୍ବିଧାନ ସହିତ ବଦଳାଇବା। ପୂର୍ବ ପ୍ରତିମୂର୍ତ୍ତିରେ ଥିବା ଖଣ୍ଡା ଦଣ୍ଡ ଏବଂ ଅଧିକାରର ପ୍ରତୀକ ହୋଇଥିବାବେଳେ ସମ୍ବିଧାନ ନ୍ୟାୟ ପ୍ରତି ଅଧିକ ସନ୍ତୁଳିତ ଏବଂ ନୀତିଗତ ଆଭିମୁଖ୍ୟକୁ ପ୍ରତିପାଦିତ କରିବ। ନିକିତି, ଉଭୟ ପୁରାତନ ଏବଂ ନୂତନ ପ୍ରତିମୂର୍ତ୍ତିର ଏକ ପ୍ରମୁଖ ବୈଶିଷ୍ଟ୍ୟ, ଯାହା ଅପରିବର୍ତ୍ତିତ



ରହିଛି , ଯାହା ନ୍ୟାୟ ଏବଂ ପ୍ରମାଣର ଓଜନକୁ ନିରପେକ୍ଷ ଭାବରେ ଦର୍ଶାଏ। ଏହା ଜଣା ପଡ଼େ ଯେମିତି "ଖଣ୍ଡା ହିଂସା ର ପ୍ରତୀକ, କିନ୍ତୁ ସାମ୍ବିଧାନିକ ନିୟମ ଅନୁଯାୟୀ କୋର୍ଟ ନ୍ୟାୟ ପ୍ରଦାନ କରନ୍ତି। ଏହି ପ୍ରତିମୂର୍ତ୍ତିକୁ ପ୍ରତିଫଳିତ କରିବାକୁ ନୂତନ ପ୍ରତିମୂର୍ତ୍ତି ଲକ୍ଷ୍ୟ ରଖିଛି। " ସମ୍ବିଧାନର ଅନ୍ତର୍ଭୁକ୍ତତା ସୂଚିତ କରେ ଯେ ଆଇନଗତ ଢାଞ୍ଚା ଉପରେ ଆଧାର କରି ନ୍ୟାୟ ପ୍ରଦାନ କରା ଯାଏ ଯାହା ସମସ୍ତ ନାଗରିକଙ୍କ ପାଇଁ ସମାନତା ଏବଂ ନ୍ୟାୟକୁ ସୁନିଶ୍ଚିତ କରେ।

ବିଚାରପତିଙ୍କ ଲାଇବ୍ରେରୀରେ ସ୍ଥାପିତ ଏହି ନୂତନ ପ୍ରତିମୂର୍ତ୍ତି ନ୍ୟାୟପାଳିକାର ଏହି ଆଧୁନିକ ଦୃଷ୍ଟିକୋଣ ପ୍ରତି ପ୍ରତିବଦ୍ଧତାର ପ୍ରତୀକ ଭାବରେ ଛିଡା ନିର୍ବିକାର ତଥା ଗ୍ଲାନି ହୀନ ଭାବରେ ଛିଡ଼ା ହେବ। ଆଇନ ସମ୍ମୁଖରେ ସମାନତାକୁ ପ୍ରତିପାଦିତ କରିବା ଏବଂ ଧନ, ଶକ୍ତି କିମ୍ବା ସ୍ଥିତିକୁ ଗୁରୁତ୍ୱ ନଦେବା ଉଚିତ ବୋଲି ଧାରଣା ରଖି ନ୍ୟାୟର ଏକ ସମସାମୟିକ ବ୍ୟାଖ୍ୟା ସହିତ ସମାନ ହେବା ପାଇଁ ଆଗରୁ ଥିବା କଳା ପଟିକୁ ଅପସାରଣ କରାଯାଇଛି। ନ୍ୟାୟ ସମସ୍ତଙ୍କୁ ସମାନ ଭାବରେ ଦେଖୁଛି, ନୂତନ ନ୍ୟାୟ ମୂର୍ତ୍ତି ଏହା ସୂଚାଇ ଦେବା ସହ ନ୍ୟାୟପାଳିକାର ଭୂମିକା ଯେ କେବଳ ଦଣ୍ଡ ଦେବା ନୁହେଁ ବରଂ ସାମ୍ବିଧାନିକ ମୂଲ୍ୟବୋଧକୁ ସମର୍ଥନ କରିବା ଯାହା ନ୍ୟାୟ ଏବଂ ସମାନତାକୁ ପ୍ରୋତ୍ସାହିତ କରିବ।

ଉପନିବେଶ ପରମ୍ପରାରୁ ଆଉ ଏକ ପାଦ ଦୂରରେ 'ଲେଡି ଜଷ୍ଟିସ୍'ର ପୁନଃ ନିର୍ମାଣ ଭାରତୀୟ ଆଇନରେ ବ୍ରିଟିଶ ଯୁଗର ପରମ୍ପରାରୁ ଦୂରେଇ ରହିବା ପାଇଁ ଏକ ବଳିଷ୍ଠ ପ୍ରୟାସ ବୋଲି ମଧ୍ୟ କହି ହେବ।ଯେମିତି ଭାରତୀୟ ଦଣ୍ଡବିଧିକୁ ନେଇ ଚାଲି ଆସୁଥିବା ଉପନିବେଶିକ ଯୁଗର ନିୟମଗୁଡ଼ିକର ପରିବର୍ତ୍ତନ କରା ଯାଇଛି , ସେହି ଢଙ୍ଗରେ ଦେଶ ଏହାର ଉପନିବେଶିକ ଅତୀତର ନ୍ୟାୟିକ ପ୍ରତୀକରୁ ମଧ୍ୟ ମୁକ୍ତ ହେବାର ଆବଶ୍ୟକ ଥିଲା। ଯାହା ଏବେ ସମ୍ଭବ ହୋଇଛି। ପ୍ରଧାନ ବିଚାରପତିଙ୍କ କାର୍ଯ୍ୟାଳୟ ସହ ଜଡିତ ଶୀର୍ଷ ସୂତ୍ରଙ୍କ ଦିଆଯାଇଥିବା ବିବୃତ୍ତି ଅନୁଯାୟୀ , ଜଷ୍ଟିସ ଚନ୍ଦ୍ରଚୁଡ଼ ବିଶ୍ୱାସ କରନ୍ତି ଯେ ଭାରତ ବ୍ରିଟିଶ ଉତ୍ତରାଧିକାରୀଙ୍କଠାରୁ ଆଗକୁ ବଢ଼ିବା ଉଚିତ ଏବଂ ଆଇନ କଦାପି ଅନ୍ଧ ନୁହେଁ; ଏହା ସମସ୍ତଙ୍କୁ ସମାନ ଭାବରେ ଦେଖୁଛି। ଏହି ବିଶ୍ୱାସ ନୂତନ ଭାବେ ପ୍ରତିଷ୍ଠିତ ହୋଇଥିବା ପ୍ରତିମୂର୍ତ୍ତିରେ ପ୍ରତିଫଳିତ ହୋଇଛି, ଯାହା ଦଣ୍ଡବିଧାନ କରିବାର ଶକ୍ତି ଅପେକ୍ଷା ସମ୍ବିଧାନକୁ ନ୍ୟାୟର ମୂଳ ଉତ୍ସ ଭାବରେ ଉପସ୍ଥାପନ କରିବାକୁ ଉଦ୍ଦିଷ୍ଟ।

କିନ୍ତୁ 'ଲେଡି ଜଷ୍ଟିସ'ର ଡାହାଣ ହାତରେ ଥିବା ନିକିତିକୁ ଅପରିବର୍ତ୍ତିତ ରଖାଯାଇଛି।କାରଣ ନିକିତି ନ୍ୟାୟର ସନ୍ତୁଳନକୁ ବ୍ୟାଖ୍ୟା କରେ , ଏକ ନ୍ୟାୟପୂର୍ଣ୍ଣ ଏବଂ ନିରପେକ୍ଷ ନିଷ୍ପତ୍ତି ନେବା ପୂର୍ବରୁ କୋର୍ଟ ଉଭୟ ପକ୍ଷର ତଥ୍ୟ ଏବଂ ଯୁକ୍ତିକୁ ତର୍ଜମା କରିବେ। ଯେହେତୁ "ନ୍ୟାୟର ମାପକାଠି ସମାଜରେ ସନ୍ତୁଳନକୁ ପ୍ରତିପାଦିତ କରେ ଏବଂ ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ଉଭୟ ପକ୍ଷର ତଥ୍ୟ ଏବଂ ଯୁକ୍ତି ତର୍ଜମା କରାଯାଇଥାଏ" ଏହାକୁ ବଦଳା ନଯିବା ନିଷ୍ପତ୍ତି ନିଜସ୍ୱ ଗୁରୁତ୍ୱ ରଖୁଛି। ନୂତନ ଭାବେ ନିର୍ମିତ ଏବଂ ଉନ୍ମୋଚିତ ଏହି ନ୍ୟାୟିକ ପ୍ରତିମୂର୍ତ୍ତିକୁ ଭାରତୀୟ ନ୍ୟାୟ ପାଇଁ ନୂତନ ଯୁଗର ଶୁଭାରମ୍ଭର ପ୍ରତୀକ ଭାବେ ଗ୍ରହଣ କରାଯାଇ ପାରିବ।

ଭାରତୀୟ ନ୍ୟାୟପାଳିକା ସମାଜରେ ନିଜର ଭୂମିକାକୁ କିପରି ଦେଖେ ତାହା ନୂତନ ନ୍ୟାୟ ମୂର୍ତ୍ତି ପ୍ରତି ରହିଥିବା ଏହି ବିଚାର ସୂଚିତ କରୁଛି।ଏକ ପ୍ରତୀକ ଭାବରେ, 'ଲେଡି ଜଷ୍ଟିସ୍' ଆଉ ଆଖି ବୁଜି ନ୍ୟାୟ ଦେବାକୁ କହିବେ ନାହିଁ ବରଂ ନ୍ୟାୟପାଳିକାର ବିକାଶଶୀଳ ଦୃଷ୍ଟିକୋଣକୁ ପ୍ରତିଫଳିତ କରିବା ପାଇଁ ଆଖି ଖୋଲି ରହିବେ।ସମ୍ବିଧାନ ତାଙ୍କ ହାତରେ ଅଛି, ସେ ଏକ ନ୍ୟାୟ ବ୍ୟବସ୍ଥାର ପ୍ରତିନିଧିତ୍ୱ କରନ୍ତି ଯାହା ଆଉ ଦଣ୍ଡ ଉପରେ ଧ୍ୟାନ ଦେଇନଥାଏ ବରଂ ସାମ୍ବିଧାନିକ ନୀତି ଉପରେ ଆଧାର କରି ନ୍ୟାୟ ଏବଂ ସମାନତା ସୁନିଶ୍ଚିତ କରେ | ସର୍ବୋଚ୍ଚ ନ୍ୟାୟାଳୟର ପ୍ରଧାନ ବିଚାରପତି ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱରେ ଭାରତର ନ୍ୟାୟ ବ୍ୟବସ୍ଥା ଉପନିବେଶିକ ପ୍ରତୀକଠାରୁ ଦୂରେଇ ଯିବା ପାଇଁ ନିଆ ଯାଇଥିବା ଏହି ଐତିହାସିକ ନିଷ୍ପତ୍ତି ଆଇନଗତ କ୍ଷେତ୍ରରେ ନିଜସ୍ୱ ବିଚାର ଆଧାରିତ ନ୍ୟାୟ ବ୍ୟବସ୍ଥା ପାଇଁ ଭାରତର ପ୍ରୟାସକୁ ନୂତନ ସମ୍ଭାବନା ଆଡକୁ ନେଇ ଯିବ। ଦେଶ ନ୍ୟାୟର ଏକ ନୂତନ ଯୁଗରେ ପାଦ ଦେବାବେଳେ ନୂତନ ଭାବେ ନିର୍ମିତ 'ଲେଡି ଜଷ୍ଟିସ୍' ନ୍ୟାୟ, ସମାନତା ଏବଂ ସାମ୍ବିଧାନିକ ମୂଲ୍ୟବୋଧ ପ୍ରତି ଦେଶର ପ୍ରତିବଦ୍ଧତାର ପ୍ରମାଣ ଭାବେ ବିଶ୍ୱ ସମ୍ମୁଖରେ ନିଜର ଉପସ୍ଥିତିକୁ ସୁନିଶ୍ଚିତ କରିବାରେ ସଫଳ ରହିବ।

ଭୁବନେଶ୍ୱର, ଓଡ଼ିଶା

# ବିଜେପି ସରକାରର ବିଫଳତା

**କାଳୀ ଦାସ**



କେନ୍ଦ୍ରରେ ଶାସନ କରୁଥିବା ବିଜେପି ସରକାରର ୧୦ ବର୍ଷ ର ଶାସନ ପୁରା ହୋଇଗଲା। ଅନେକଗୁଡ଼ିଏ ପ୍ରତିଶ୍ରୁତିର ସହିତ ଏହି ଦଳ ନିର୍ବାଚନକୁ ଓହ୍ଲାଇଥିଲା। ସାଧାରଣ ଜନତା ଅନେକ ଆଶା ଓ ବିଶ୍ୱାସ ନେଇ ଏହି ଦଳକୁ ନିର୍ବାଚିତ କରିଥିଲେ କିନ୍ତୁ ମନେହେଉଛି ବିଜେପି ସରକାରର ଅନେକ ପ୍ରତିଶ୍ରୁତି ପୂରଣ ଏବଯାଏଁ ହୋଇପାରିଲା ନାହିଁ। ବିଜେପି ଯେବେ ସରକାର ଗାଡ଼ିରେ ଚଢ଼ିଥିଲା ସେହି ସମୟରେ ଅନେକ ଯୋଜନା ହିତାଧିକାରୀଙ୍କ ପାଇଁ ଅଣାଯାଇଥିଲା କିନ୍ତୁ ଯୋଜନା ଯୋଜନାରେ ହିଁ ରହିଗଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ଏକ ବଳିଷ୍ଠ ସ୍ଲୋଗାନ ଥିଲା "ବେଟି ବଚାଓ ବେଟି ପଢ଼ାଓ"। ମା'ର ପେଟ ଭିତରୁ କନ୍ୟା ଭ୍ରୁଣ ହତ୍ୟା କରାଯାଉଥିଲା ତା' ବିରୋଧରେ ଏହି ସ୍ଲୋଗାନ ଦିଆଯାଉଥିଲା। ସମାଜରେ ଆଜି ମଧ୍ୟ ମହିଳାଙ୍କ ସ୍ଥାନ ଆଗକୁ ବଢ଼ିପାରିନାହିଁ। ଆଜି ବି ଲୋକେ ଲୁଚିଛପି କନ୍ୟାଭ୍ରୁଣକୁ ହତ୍ୟା କରୁଛନ୍ତି। ପୁରୁଷଙ୍କ ସଂଖ୍ୟାଠାରୁ ମହିଳାଙ୍କ ସଂଖ୍ୟା କମିଗଲାଣି। ଯେତେବେଳେ ମହିଳାଙ୍କ ସଂଖ୍ୟା ପୁରୁଷଙ୍କ ସଂଖ୍ୟାଠାରୁ କମିଯାଇଛି, ସେତେବେଳେ ସାମଜରେ ବିପଦର ଘଣ୍ଟି ବାଜୁଛି ମହିଳାମାନେ ସବୁକ୍ଷେତ୍ରରେ ଅସୁରକ୍ଷିତ ହୋଇଯାଉଛନ୍ତି। ଆମ ଦେଶର କାନୁନ୍ ବ୍ୟବସ୍ଥା ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ଅକ୍ଷମ। ପ୍ରଧାନମନ୍ତ୍ରୀ ଅନେକଥର ଗଣମାଧ୍ୟମ ଜରିଆରେ 'ବେଟି ବଚାଓ ବେଟି ପଢ଼ାଓ' ବିଷୟରେ କହିଥିଲେ। କିନ୍ତୁ ଅନେକ ବେଟିଙ୍କ ସାଥିରେ ବଳାତ୍କାର, ହତ୍ୟା ଏବଂ ଅନ୍ୟାୟ ହୋଇଚାଲିଛି। କିନ୍ତୁ ଦେଶର କାନୁନ୍ ବ୍ୟବସ୍ଥା ମହିଳାଙ୍କୁ ସୁରକ୍ଷା ଦେବା ପାଇଁ ଅକ୍ଷମ। କେନ୍ଦ୍ରରେ ଥିବା ବିଜେପି ସରକାର ଏହି ଭିନ୍ନକ୍ଷମ କାନୁନ୍ ବ୍ୟବସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଅକ୍ଷମ।ବେଳେ ବେଳେ ଅପରାଧୀଙ୍କୁ ଶାସକ ଦଳ ର ଛତ୍ର ଛାୟା ମିଳୁଛି।ଶାସକ ଦଳ କୌଣସି ପଦକ୍ଷେପ ନ ନେଇ ବରଂ ଅପରାଧୀଙ୍କୁ ବଞ୍ଚେଇବା ପାଇଁ ଚେଷ୍ଟା କରୁଛନ୍ତି। ମଣିପୁର ରେ ଜାତିଗତ ସଂଘର୍ଷରେ ଦୁଇଟି ମହିଳାଙ୍କୁ ରାସ୍ତା ରେ ଉଲଗ୍ନ କରାଇ ବୁଲାଯାଇଛି କିନ୍ତୁ ମଣିପୁର ରେ ଥିବା ବିଜେପି ସରକାର ଏହି ଘଟଣା କୁ ଚପେଇ ଦେବାପାଇଁ ଯଥେଷ୍ଟ ଚେଷ୍ଟା କରିଛନ୍ତି। ଘଟଣା ଟି ଭାଇରାଲ ହେଲାପରେ ସୁପ୍ରିମ କୋର୍ଟ ନିଜ ଶୁଣାଣି ରେ ମଣିପୁର ଦୁଇ ମହିଳା ଙ୍କ ଉଲଗ୍ନ କରାଯାଇଥିବା ଘଟଣା କୁ ସଂଜ୍ଞାନ ରେ ନେଇ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଙ୍କୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଆଦେଶ ଦେଇଛନ୍ତି। ଏହା ପରେ କେନ୍ଦ୍ର ରେ ବସିଥିବା ମୋଦୀ ସରକାର ଏକସନ୍ ମୋଡ ରେ ଆସିଲେ ଏବଂ କେନ୍ଦ୍ର ସରକାରଙ୍କ ତରଫ ରୁ କୁହାଯାଇଥିଲା ଯେ କୌଣସି ଅପରାଧୀଙ୍କୁ ବକ୍ସା ଯିଓ୍ୱନାହିଁ।ସମସ୍ତଙ୍କୁ କଠୋର ଦଣ୍ଡବିଧାନ କରାଯିବ। ମଣିପୁର ଘଟଣା ହେଲା ବିଜେପି ସରକାର ର ବିଫଳତା ର ଏକ ଉଦାହରଣ।ଓଡ଼ିଶା ରେ ୨୫ ବର୍ଷ ର ବିଜେଡି ସରକାର ର ପତନ ପରେ ବିଜେପି ସରକାର ର ଶାସନ ଆରମ୍ଭ ହେଲା। ବିଜେପି ସରକାର ଅମଳ ରେ ପ୍ରଥମ ରଥ ଯାତ୍ରା ର ପହଣ୍ଡି ବିଜେ ସମୟ ରେ ପ୍ରଭୁ ଶ୍ରୀ ବଳଭଦ୍ର ପଡିଯାଇଥିଲେ

କିନ୍ତୁ ବିଜେପି ର ଉପମୁଖ୍ୟ ମନ୍ତ୍ରୀ ଗଣମାଧ୍ୟମ କୁ କହିଲେ କି ଏଇଟା ଗୋଟିଏ ଛୋଟ ଘଟଣା ।ଓଡ଼ିଶା ରେ ନିକଟ ରେ ଭରତପୁର ଥାନା ରେ ମେଜର ଏବଂ ତାଙ୍କ ବାନ୍ଧବୀ ରୋଡ ରମିଓଙ୍କ ବିରୋଧ ରେ ଯେବେ ଅଭିଯୋଗ କରିବାପାଇଁ ଯେବେ ଥାନା କୁ ଯାଇଥିଲେ ସେହି ସମୟ ରେ କିଛି ମହିଳା ପୋଲିସ କର୍ମୀ ଡିଉଟି ସମୟ ରେ ୟୁନିଫର୍ମ ନ ପିନ୍ଧି ବରଂ ନାଇଟି ରେ ଥିଲେ, ଭରତପୁର ଥାନେ ରେ କାମ କରିଥିବା ପୋଲିସ କର୍ମୀ ନାଇଟି ରେ ଥିବା ଦେଖିକି ମେଜରଙ୍କ ବାନ୍ଧବୀ ତାଙ୍କ ଭିଡିଓ ରେକର୍ଡ କରି କହିଲେ କି ତମ ର ଭିଡିଓ କୁ ମୁ କମିସନରେଟ ପୋଲିସ କୁ ପଠେଇଦେଇଛି ଏହା ସୁଣି ସେଠାରେଥିବା ପୋଲିସ କର୍ମୀ ତାଙ୍କ ଗୋଡ ହାତ ବାନ୍ଧିଦେଇଥିଲେ ତାଙ୍କୁ ଫିଜିକଲ ଟରଚର ମଧ୍ଯ କରିଥିଲେ ଏବଂ ମାଡ଼ ମାରି ତାଙ୍କ ଦାନ୍ତ ଭାଙ୍ଗିଦେଇଥିଲେ। ମହିଳା ପୋଲିସ କର୍ମଚାରୀ ଙ୍କ ନିର୍ଯାତନା ପରେ ଭରତପୁର ପୋଲିସ ଥାନାର ଅଧିକାରୀ ମଧ୍ୟ ଆସି ମେଜରଙ୍କ ବାନ୍ଧବୀଙ୍କୁ ଯୌନ ନିର୍ଯାତନ ଦେଇଥିଲେ ଏବଂ ଧମକ ଚମକ୍ ଦେଇ କହିଥିଲେ ଯେ ମହିଳାଙ୍କ ସାଥିରେ ଦୁଷ୍କର୍ମ କରିବା ପାଇଁ ସିଏ ପଛଘୁଞ୍ଚା ଦେବେ ନାହିଁ। ଓଡ଼ିଶାର ଭରତପୁର ଘଟଣା ପୁରା ଭାରତ ରେ ଓଡ଼ିଶା ର ନାମ ବଦନାମ କରିଛି। ଏହି ଘଟଣା କୁ କେନ୍ଦ୍ର କରି ବିଭିନ୍ନ ସାମାଜିକ କର୍ମୀ ଏବଂ ରାଜନୈତିକ ଦଳ ମାନେ ଆନ୍ଦୋଳନ କୁ ଓହ୍ଲାଇଛନ୍ତି ଏବଂ ଭରତପୁର ଥାନା ର ପୋଲିସ୍ କର୍ମଚାରୀଙ୍କ ଉପରେ ଦୃଢ଼କାର୍ଯ୍ୟନୁଷ୍ଠାନ ନେବାପାଇଁ ଦାବୀ କରିଛନ୍ତି।ଏହି ସବୁ ଘଟଣା ଯଦି ଆମେ ଦେଖିବା ଡବଲ ଇଞ୍ଜିନ ସରକାର ଓଡ଼ିଶା ରେ ବିଫଳ ହୋଇଛି। ସରକାରଙ୍କ ଉପରେ ଲୋକ ମାନେ ବହୁତ ଆଶା ରଖିଛନ୍ତି କିନ୍ତୁ ସରକାର ଯଦି ଲୋକଙ୍କ ପାଇଁ କିଛି କରିବେନି ଏବଂ ଦୋଷୀଙ୍କୁ ବଞ୍ଚାଇବେ ତାହେଲେ ସରକାରଙ୍କ ଉପରେ ଲୋକଙ୍କ ବିଶ୍ୱାସ ଚାଲିଯିବ।କେନ୍ଦ୍ର ରେ ବସିଥିବା ବିଜେପି ସରକାର ସବୁବେଳେ କହନ୍ତି କି ଭାରତ ରେ ବିଜେପି ସରକାର ସଫଳ କିନ୍ତୁ ଦିନ କୁ ଦିନ ଯେଉଁ ଘଟଣା ଘଟିଚାଲିଛି ତାକୁ ଦେଖିଲେ ମନେ ହୁଏ ସରକାରଙ୍କ ସଫଳତା ରୁ ବିଫଳତା ବେଶି।ଏବେ ସରକାରଙ୍କୁ ନିଜକୁ ପରିବର୍ତ୍ତନ କରିବାକୁ ପଡ଼ିବ ନହେଲେ ଦେଶ ର ଜନତା ତାଙ୍କୁ ନିର୍ବାଚନ ରେ ହରାଇଦେବେ। ବିଜେପି ସରକାର ଏବେ ଯାଏଁ ଯେତେ କାମ କରିଛନ୍ତି ତାହା ସମୁଦ୍ର କୁ ସଂଖେ କହିଲେ ଭୁଲ ହେବନାହିଁ ତେଣୁ ସରକାର ଏବଂ ପ୍ରଶାସନ ଜନତାଙ୍କ ଭରଷା ଉପରେ କୁଠାରଘାତ ନକରିବା କଥା।ଲୋକମାନଙ୍କ ପାଇଁ କିଛି ହେଲେ କାମ କରିବା କଥା।

ବ୍ରହ୍ମପୁର, ଖୋଡାସିଙ୍ଗି, କଳିଙ୍ଗନଗର,
ମୋବାଇଲ୍: ୭୨୦୫୧୦୦୮୩୯

# 'ସବୁ ବ୍ୟକ୍ତିଗତ ସମ୍ପତ୍ତିକୁ ସରକାର ଦଖଲ କରିପାରିବେନି'

**ନୂଆଦିଲ୍ଲୀ, ୫।୧୧:** ସବୁ ଘରୋଇ ସମ୍ପତ୍ତିକୁ ସରକାର ସର୍ବସାଧାରଣ ବ୍ୟବହାର ଲାଗି ଦଖଲ କରିପାରିବେ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ପ୍ରଧାନବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୁଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ୯ଜଣିଆ ଖଣ୍ଡପୀଠର ୮ଜଣ ସଦସ୍ୟ ଏହା ସପକ୍ଷରେ ମତ ଦେଇଥିବା ବେଳେ କେବଳ ଜଣେ ଭିନ୍ନମତ ରଖିଥିଲେ। ପରିଶେଷରେ ୮-୧ ବହୁମତରେ ରାୟ ପ୍ରକାଶ ପାଇଥିଲା। ଜଷ୍ଟିସ ଚନ୍ଦ୍ରଚୁଡ଼ଙ୍କ ବ୍ୟତିତ ଜଷ୍ଟିସ ହୃଷିକେଶ ରାୟ, ଜଷ୍ଟିସ ବି ଭି ନାଗରତ୍ନ, ଜଷ୍ଟିସ ସୁଧାଂଶୁ ଧୁଲିଆ, ଜଷ୍ଟିସ ଜେ ବି ପାର୍ଡିୱାଲା, ଜଷ୍ଟିସ ମନୋଜ ମିଶ୍ର, ଜଷ୍ଟିସ ରାଜେଶ ବିନ୍ଦାଲ, ଜଷ୍ଟିସ ଏ ଜି ମାସି ଏବଂ ଜଷ୍ଟିସ ଏ,ସି ଶର୍ମା ଖଣ୍ଡପୀଠର ସଦସ୍ୟ ଥିଲେ। ପ୍ରଧାନ ବିଚାରପତି ଜଷ୍ଟିସ ଡି ୱାଇ ଚନ୍ଦ୍ରଚୂଡ ସଂଖ୍ୟା ଗରିଷ୍ଠତା ଆଧାରରେ ଏହି ରାୟ ଶୁଣାଇଛନ୍ତି। ଏଥିସହ ବେଞ୍ଚ ନିଜ ପୂର୍ବ ରାୟକୁ ବଦଳାଇ ଦେଇଛନ୍ତି। ପ୍ରଧାନ ବିଚାରପତି କହିଛନ୍ତି ଯେ ପ୍ରତ୍ୟେକ ବ୍ୟକ୍ତିଗତ ସମ୍ପତ୍ତିକୁ ସମ୍ପ୍ରଦାୟର ଶାରୀରିକ ସମ୍ବଳ ଭାବରେ ବିବେଚନା କରାଯାଇପାରିବ ନାହିଁ। ସରକାର କେବଳ କିଛି ଅଂଶକୁ ସମ୍ପ୍ରଦାୟର ସମ୍ବଳ ଭାବି ଏହାକୁ ଜନସାଧାରଣଙ୍କ ସୁବିଧା ପାଇଁ ବ୍ୟବହାର କରିପାରିବେ। କିନ୍ତୁ ସମସ୍ତ ସମ୍ପତ୍ତିକୁ କବ୍‌ଜା କରିପାରିବେ ନାହିଁ। ୯ ଜଣ ବିଚାରପତିଙ୍କୁ ନେଇ ଗଠିତ ସମ୍ବିଧାନ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛି। ଏଥିରେ ୧୯୭୮ ପରଠାରୁ ସୁପ୍ରିମକୋର୍ଟଙ୍କ ଅନେକ ନିଷ୍ପତ୍ତିକୁ ରଦ୍ଦ କରିଦିଆଯାଇଛି, ଯାହା ଦାବି କରେ ଯେ ସାଧାରଣ ହିତ ପାଇଁ ସରକାର ସମସ୍ତ ଘରୋଇ ସମ୍ପତ୍ତି ନେଇପାରିବେ। ଖଣ୍ଡପୀଠରେ ସାତଜଣ ବିଚାରପତିଙ୍କ ସମର୍ଥନରେ ପ୍ରଧାନ ବିଚାରପତି କହିଛନ୍ତି ଯେ ସମସ୍ତ ବ୍ୟକ୍ତିଗତ ସମ୍ପତ୍ତି ଶାରୀରିକ ସମ୍ବଳ ନୁହେଁ ତେଣୁ ସରକାର ଏହାକୁ ଗ୍ରହଣ କରିପାରିବେ ନାହିଁ। ଜଷ୍ଟିସ୍ ଡି ୱାଇ ଚନ୍ଦ୍ରଚୂଡଙ୍କ ଅଧ୍ୟକ୍ଷତାରେ ଗଠିତ ୯ ଜଣିଆ ବିଚାରପତିଙ୍କ ଖଣ୍ଡପୀଠ ଚଳିତ ମେ'ରେ ତାରିଖରେ ବ୍ୟକ୍ତିଗତ ସମ୍ପତ୍ତି ମାମଲରେ ଶୁଣାଣି କରି ଏହାର ରାୟ ସଂରକ୍ଷିତ ରଖିଥିଲେ। ଏହି ମାମଲାରେ ଏହି ରାୟ ପ୍ରଦାନ କରୁଥିବାବେଳେ ସଜେଆଇ କହିଛନ୍ତି, 'ମୋର ଏବଂ ୬ ଜଣ ବିଚାରପତିଙ୍କ ତିନୋଟି ବିଚାର ଅଛି ... ଜଷ୍ଟିସ୍ ନାଗରତ୍ନାଙ୍କ ଆଂଶିକ ସମନ୍ୱୟ ଏବଂ ଜଷ୍ଟିସ୍ ଧୁଲିଆଙ୍କ ଅସନ୍ତୋଷ। ଆମେ ବିଶ୍ୱାସ କରୁ ଯେ କେଶବାନନ୍ଦ ଭାରତୀ ମାମଲାରେ ଧାରା ୩୧ସି ଅକ୍ଷୁର୍ଣ୍ଣ ରହିଛି।



## ୟୁପିରେ ୧୬ ହଜାର ମଦ୍ରାସା ଚାଲୁ ରହିବ

**ନୂଆଦିଲ୍ଲୀ, ୫।୧୧:** ଉତ୍ତରପ୍ରଦେଶରେ ଚାଲୁ ରହିବ ୧୬ ହଜାର ମଦ୍ରାସା। ସୁପ୍ରିମକୋର୍ଟ 'ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆକ୍ଟ -୨୦୦୪'କୁ ବୈଧ ଦର୍ଶାଇଛନ୍ତି, ଯାହା ମଦ୍ରାସାର ଶିକ୍ଷାନୀତିକୁ ନିୟନ୍ତ୍ରିତ କରିଥାଏ। ଏହା ପୂର୍ବରୁ ଆହ୍ଲାବାଦ ହାଇକୋର୍ଟ ମଦ୍ରାସା ଶିକ୍ଷା ବୋର୍ଡ ଅଧିନିୟମକୁ ଖାରଜ କରିଥିଲେ ଏବଂ ଅନ୍ୟ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ନାମ ଲେଖାଇବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆଜି ହାଇକୋର୍ଟଙ୍କର ଏହି ଆଦେଶକୁ ଖାରଜ କରିଛନ୍ତି ସୁପ୍ରିମକୋର୍ଟ। ପ୍ରଧାନ ବିଚାରପତି ଜଷ୍ଟିସ ଡି.ୱାଇ ଚନ୍ଦ୍ରଚୂଡ଼ଙ୍କ ସମେତ ଜଷ୍ଟିସ ଜେ.ବି ପାରଦୀୱାଲା ଓ ଜଷ୍ଟିସ ମନୋଜ ମିଶ୍ରଙ୍କ ତିନି ଜଣିଆ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ଏହା ଧର୍ମନିରପେକ୍ଷତାର ନୀତି ଉଲ୍ଲଂଘନ କରୁନଥିବା ଦର୍ଶାଇ ହାଇକୋର୍ଟଙ୍କ ନିଷ୍ପତ୍ତିରେ ତ୍ରୁଟି ଥିବା ଦର୍ଶାଇଛନ୍ତି ଖଣ୍ଡପୀଠ।

ଅକ୍ଟୋବର ୨୨ରେ ସୁପ୍ରିମକୋର୍ଟର ଏହି ତିନି ଜଣିଆ ଖଣ୍ଡପୀଠ ହାଇକୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଅଞ୍ଜୁମ କାଦ୍ରିଙ୍କ ଦ୍ୱାରା ଦାଖଲ ହୋଇଥିବା ମୁଖ୍ୟ ଆବେଦନ ସମେତ ଆଠଟି ଆବେଦନ ଉପରେ ରାୟ ସଂରକ୍ଷିତ ରଖିଥିଲେ। ମାର୍ଚ୍ଚ ୨୨ରେ ଆହ୍ଲାବାଦ ହାଇକୋର୍ଟ 'ଉତ୍ତରପ୍ରଦେଶ ମଦ୍ରାସା ଶିକ୍ଷା ବୋର୍ଡ ଆକ୍ଟ -୨୦୦୪' ଧର୍ମନିରପେକ୍ଷତାର ନୀତି ଉଲ୍ଲଂଘନ କରୁଛି ବୋଲି ଦର୍ଶାଇ ଏହାକୁ ଅସାମ୍ବିଧାନିକ ବୋଲି ଘୋଷଣା କରିଥିଲେ।

ସୁପ୍ରିମକୋର୍ଟ କହିଛନ୍ତି ଯେ ମଦ୍ରାସା ବୋର୍ଡ ଏବଂ ରାଜ୍ୟ ସରକାରଙ୍କର ମଦ୍ରାସାକୁ ନିୟନ୍ତ୍ରଣ କରିବାର କ୍ଷମତା ରହିଛି। ରାଜ୍ୟ ସରକାର ମଦ୍ରାସାର କାର୍ଯ୍ୟକଳାପକୁ ନିୟନ୍ତ୍ରିତ କରିପାରିବେ, ଯାହା ଦ୍ୱାରା ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ପାଇପାରିବେ। ଶିକ୍ଷାର ମାନରେ ଉନ୍ନତି ଆଣିବା ପାଇଁ ମଦ୍ରାସା ନିୟନ୍ତ୍ରଣ କରିବାରେ ସରକାରଙ୍କ ଆଗ୍ରହ ଗୁରୁତ୍ୱପୂର୍ଣ୍ଣ। ସୁପ୍ରିମକୋର୍ଟ ମଦ୍ରାସା ବୋର୍ଡର ଫାଜିଲ ଏବଂ କାମିଲ ଡିଗ୍ରୀକୁ ଅସାମ୍ବିଧାନିକ ବୋଲି ବିବେଚନା କରିଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଏହା ୟୁଜିସିର ସ୍ୱତନ୍ତ୍ର ଅଧିକାର। ୟୁପିର ମଦ୍ରାସାରେ ଉଚ୍ଚ ବିଦ୍ୟାଳୟ ଏବଂ ଏକାଦଶ ଓ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ଡିଗ୍ରୀ ରହିଛି। ଏହାପରେ ଫାଜିଲ ଏବଂ କାମିଲ ଡିଗ୍ରୀ। ୟୁଜିସିର ଏହି ପାଠ୍ୟକ୍ରମଗୁଡ଼ିକର ମାନ୍ୟତା ଦାବି କରିଥିଲା ମଦ୍ରାସା ବୋର୍ଡ। ୟୁଜିସି ଏପର୍ଯ୍ୟନ୍ତ ଏନେଇ ଅନୁମୋଦନ ଦେଇନାହିଁ। ତେଣୁ ମଦ୍ରାସା ବୋର୍ଡ ଫାଜିଲ ଓ କାମିଲ ଡିଗ୍ରୀ ଅନୁମତି ସୁପ୍ରିମକୋର୍ଟଙ୍କୁ ମାଗିଥିଲା। ହେଲେ ଏହି ଅଧିକାର ୟୁଜିସିର ବୋଲି କହି ସୁପ୍ରିମକୋର୍ଟ ଏହି ଆବେଦନକୁ ଖାରଜ କରିଛନ୍ତି।

## ପ୍ରଧାନ ଶିକ୍ଷକଙ୍କୁ ଗୁଳିକରି ହତ୍ୟା

**ମୁରାଦାବାଦ, ୫।୧୧:** ଚାଲି ଚାଲି ସ୍କୁଲ ଯାଉଥିଲେ ପ୍ରଧାନ ଶିକ୍ଷକ। ହଠାତ୍ ପଛରୁ ବାଇକରେ ଆସି ତାଙ୍କ ଉପରକୁ ଗୁଳିମାଡ଼ କଲେ ଦୁର୍ବୃତ୍ତ। ଉତ୍ତରପ୍ରଦେଶର ମୁରାଦାବାଦରେ ଦିନ ଦ୍ୱିପହରେ ସମସ୍ତ ସାମ୍ନାରେ ଘଟିଛି ଏଭଳି କିଛି ଅଭାବନୀୟ ଘଟଣା। ଏହାକୁ ନେଇ ସମସ୍ତଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ଶବାବୁଲ ହୁସେନ। ସେ ଉତ୍ତରପ୍ରଦେଶ ମୁରାଦାବାଦର ସାଇ ବିଦ୍ୟା ମନ୍ଦିରର ପ୍ରଧାନ ଶିକ୍ଷକ ଅଟନ୍ତି। ତେବେ ସବୁଦିନ ଭଳି ଗତକାଲି ମଧ୍ୟ ସକାଳୁ ସେ ଘରୁ ଚାଲି ଚାଲି ସ୍କୁଲ ଯିବାକୁ ବାହାରିଥିଲେ। ରାସ୍ତାରେ ଯାଉଥିବା ବେଳେ ହଠାତ୍ ପଛରେ ଦୁଇ ଜଣ ଦୁର୍ବୃତ୍ତ ବାଇକରେ ଆସି ତାଙ୍କ କାନ ମୁଣ୍ଡା ଉପରକୁ ଗୁଳିମାଡ଼ କରି ସେଠାରୁ ଫେରାର ହୋଇଯାଇଥିଲେ। ଫଳରେ ଘଟଣାସ୍ଥଳରେ ହିଁ ଶବାବୁଲ ହୁସେନ ଟଳି ପଡିଥିଲେ। ଏହାପରେ ଆଖପାଖର ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏହି ପୂରା ଘଟଣାର ଭିଡିଓ ସିସିଟିଭିରେ କଏଦ ହୋଇଛି। ଏହି ଘଟଣା ମୁରାଦାବାଦର ମଞ୍ଜୋଲା ପୁଲିସ ଷ୍ଟେସନର ଲାକଡି ଫଜଲପୁର ଅଞ୍ଚଳରେ ଘଟିଛି। ମୃତ ଶାବୁଲ ସାଇ ବିଦ୍ୟା ମନ୍ଦିର ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଥିଲେ। ସାଇ ବିଦ୍ୟା ମନ୍ଦିର ବିଦ୍ୟାଳୟ ଜଣେ ବିଜେପି ନେତାଙ୍କ ସ୍କୁଲ ବୋଲି କୁହାଯାଉଛି। ଦିନ ଦ୍ୱିପହରେ ଘଟିଥିବା ଏହି ହତ୍ୟାକାଣ୍ଡକୁ ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ଖେଳି ଯାଇଛି। ତେବେ କିଏ ଓ କାହିଁକି ତାଙ୍କୁ ଏଭଳି ହତ୍ୟା କଲା ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିନାହିଁ। ଏପିରିକି ଏପର୍ଯ୍ୟନ୍ତ ଏହି ମାମଲରେ ପୁଲିସ କାହାକୁ ଗିରଫ କରିବାରେ ସଫଳ ହୋଇନାହିଁ। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅଜ୍ଞାତ ଆକ୍ରମଣକାରୀଙ୍କୁ ଧରିବା ପାଇଁ ଏକ ଟିମ୍ ମଧ୍ୟ ଗଠନ କରାଯାଇଛି। ସିସିଟିଭି ଫୁଟେଜ ଆଧାରରେ ଅଭିଯୁକ୍ତମାନଙ୍କୁ ଚିହ୍ନଟ କରିବାକୁ ଚେଷ୍ଟା କରୁଛି ପୁଲିସ।

## ବସ୍ ଚାପାରେ କନେଷ୍ଟବଲଙ୍କ ସହ ୨ ମୃତ


**ନୂଆଦିଲ୍ଲୀ, ୫।୧୧:** ନିୟନ୍ତ୍ରଣ ହରାଇ ମାଡ଼ି ଆସିଲା ବସ୍। ଆଉ ରାତିର ଅନ୍ଧକାରରେ ଡ୍ୟୁଟିରେ ଥିବା ଜଣେ ପୁଲିସ୍ କନଷ୍ଟେବଲଙ୍କ ସମେତ ଦୁଇ ଜଣଙ୍କ ଉପରେ ଚଢ଼ିଗଲା ବସ୍ । ଏପରି ଏକ ଲୋମହର୍ଷଣକାରୀ ଘଟଣା ରାଜଧାନୀ ଦିଲ୍ଲୀର ସିଭିଲ ଲାଇନ୍ସ ଅଞ୍ଚଳରେ ଗତ ରାତିରେ ଘଟିଛି। ମୃତକଦ୍ୱୟ ହେଲେ କନଷ୍ଟେବଲ ଭିକ୍ଟର ଓ ଅନ୍ୟ ଜଣେ ପଥଚାରୀ। ତାଙ୍କ ପରିଚୟ ମିଳି ପାରିନି। ଏହି ଘଟଣାରେ ପୁଲିସ୍ ବସ୍ ଚାଳକ ବିନୋଦ କୁମାରଙ୍କୁ ଅଟକ ରଖିଛି। ଗତ ରାତିରେ ଡିଟିସି (ଦିଲ୍ଲୀ ଟ୍ରାନ୍ସପୋର୍ଟ କର୍ପୋରେସନ) ବସ୍‌ରେ କେହି ଯାତ୍ରୀ ନ ଥିବା ବେଳେ ଡ୍ରାଇଭର ବିନୋଦ ଗାଡ଼ିଟିକୁ ପାର୍କିଂ କରୁଥିଲେ। ମାତ୍ର ନିୟନ୍ତ୍ରଣ ହରାଇ ଗାଡ଼ିଟି ଏକ ଖୁଣ୍ଟିରେ ପିଟି ହେବା ପରେ ଭିକ୍ଟର ଓ ଅନ୍ୟ ଜଣଙ୍କ ଉପରେ ଚଢ଼ି ଯାଇଥିଲା। ଉକ୍ତ ସମୟରେ ଡ୍ୟୁଟିରେ ଥିବା ଭିକ୍ଟର ପିସିଆର ବାଇକ୍ ଉପରେ ବସିଥିବା ବେଳେ ବସ୍ ତାଙ୍କୁ ଧକ୍କା ଦେଇ ଅନ୍ୟ ଜଣେ ପଥଚାରୀଙ୍କୁ ପିଟିଥିଲା। ଗୁରୁତରଦ୍ୱୟଙ୍କୁ ତୁରନ୍ତ ସ୍ଥାନୀୟ ଲୋକେ ନିକଟସ୍ଥ ମେଡିକାଲକୁ ନେଇଥିଲେ। ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ପୁଲିସ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ଘଟାଇଥିବା ବସ୍‌କୁ ଜବତ କରିବା ସହ ଡ୍ରାଇଭର ବିନୋଦ କୁମାରଙ୍କୁ ଅଟକ ରଖିଛି।

## ନାବାଳିକାଙ୍କୁ ଦୁଷ୍କର୍ମ ପରେ ହୃଦଘାତରେ ଟଳି ପଡ଼ିଲେ

**ମୁମ୍ବାଇ, ୫।୧୧:** ନାବାଳିକଙ୍କୁ ହୋଟେଲକୁ ଯୌନ ଶୋଷଣ କଲେ ଏକ ହୀରା କମ୍ପାନୀର ମ୍ୟାନେଜର। ମାତ୍ର ତା' ପରେ ପରେ ହୃଦଘାତରେ ସେ ଆଖି ବୁଜିଲେ। ଏପରି ଏକ ଅଭାବନୀୟ ଘଟଣା ମୁମ୍ବାଇର ଏକ ହୋଟେଲରେ ଘଟିଛି। ହୀରା କମ୍ପାନୀର ମ୍ୟାନେଜରଜଣକ କାମ ଦେବାର ପ୍ରତିଶ୍ରୁତି ଦେଇ ୧୪ ବର୍ଷୀୟା ନାବାଳିକାଙ୍କୁ ଗୁଜରାଟରୁ ନିଜ ସହ ମୁମ୍ବାଇ ନେଇ ଆସିଥିଲେ। ସେଠାରେ ସେ ନାବାଳିକାଙ୍କୁ ଏକ ହୋଟେଲରେ ରଖିଥିବା ବେଳେ ତାଙ୍କ ସହ ଦୁଷ୍କର୍ମ କରିଥିଲେ। ମାତ୍ର ଏହାର କିଛି ସମୟ ପରେ ମ୍ୟାନେଜରଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ି ଯାଇଥିଲା। ଏହାଦେଖି ହୋଟେଲ କର୍ମଚାରୀ ତାଙ୍କୁ ନିକଟସ୍ଥ ମେଡିକାଲ ନେଇ ଯାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ହୃଦଘାତରୁ ତାଙ୍କ ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ତେବେ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏହି ଘଟଣା ପରେ ନାବାଳିକାଙ୍କ ମା' ମୁମ୍ବାଇରେ ପହଞ୍ଚି ଝିଅକୁ ନିଜ ସହ ନେଇଯାଇଛନ୍ତି। ପରିବାରର ଆର୍ଥିକ ସ୍ଥିତି ଭଲ ନ ଥିବାରୁ ବ୍ୟକ୍ତିଜଣକ ଚାକିରି ପ୍ରଲୋଭନ ଦେଖାଇ ଝିଅକୁ ମୁମ୍ବାଇ ନେଇ ଆସିଥିବା ସେ ପୁଲିସ୍ ସମ୍ମୁଖରେ ପ୍ରକାଶ କରିଛନ୍ତି।

**ଆରଜି କର ଦୁଷ୍କର୍ମ ମାମଲାରେ ସଞ୍ଜୟର ବୟାନ**

## ମୋତେ ଫସାଇ ଦିଆଯାଇଛି



**କୋଲକାତା, ୫।୧୧:** କୋଲକାତା ଜୁନିୟର ଡାକ୍ତର ଦୁଷ୍କର୍ମ ଓ ହତ୍ୟା ମାମଲାରେ ଅଭିଯୁକ୍ତ ସଞ୍ଜୟ ରାୟର ବଡ଼ ବୟାନ। ସିଆଲଦାହ କୋର୍ଟରେ ହଜାର କଲା ବେଳେ ଗଣମାଧ୍ୟମକୁ ଚାଞ୍ଚଲ୍ୟକର ପ୍ରତିକ୍ରିୟା ଦେଇଛି ସଞ୍ଜୟ। ଏହି ମାମଲାରେ ତାକୁ ଫସେଇ ଦିଆଯାଇଛି। ଦୁଷ୍କର୍ମ ଓ ହତ୍ୟାରେ ସେ ସଂପୃକ୍ତ ନାହିଁ, ତାକୁ ସରକାର ଫସେଇ ଦେଇଥିବା କହିଛି ସଞ୍ଜୟ। ଖାଲି ଏତିକି ନୁହେଁ ଏନେଇ ବାରମ୍ବାର ସେ କହିବାକୁ ଚାହିଁଥିଲେ ବି କହିବାକୁ ଦିଆଯାଇନି। ତାଙ୍କ ବିଭାଗ ବି ତାଙ୍କୁ ଟଙ୍କା ଦେଇ ଚୁପ୍ ରହିବାକୁ ଚାପ ପକାଇଛନ୍ତି ବୋଲି କହିଛି ସଞ୍ଜୟ। RG କର ମେଡିକାଲ୍ କଲେଜ ଜୁନିୟର ଡାକ୍ତର ଅଭୟାଙ୍କୁ ଦୁଷ୍କର୍ମ ଓ ହତ୍ୟା ମାମଲାରେ ଏକମାତ୍ର ଅଭିଯୁକ୍ତ ଭାବେ ଗିରଫ ହେଇଛି ସଞ୍ଜୟ ରାୟ। କୋଲକତା ପୋଲିସରେ ସିଭିକ୍ ଭଲିଣ୍ଟିଅର ଥିବା ସଞ୍ଜୟ ବ୍ୟତୀତ ଆଉ କାହାରିକୁ ଗିରଫ କରିନି କୋଲକାତା ପୁଲିସ କିମ୍ବା ମାମଲାରେ ଏବେ ତଦନ୍ତ କରୁଥିବା ସିବିଆଇ। ଆଉ ଏହାରି ଭିତରେ ସଞ୍ଜୟର ଏଭଳି ବୟାନ ଏବେ ଅନେକ ପ୍ରଶ୍ନ ଛିଡ଼ା କରିଛି। ସେପଟେ ମାମଲାର ତଦନ୍ତ ରାଜ୍ୟ ବାହାରେ କରିବାକୁ ଦାବି କରିଛନ୍ତି ବିରୋଧୀ ଦଳ ନେତା ଶୁଭେନ୍ଦୁ ଅଧିକାରୀ। କହିଛନ୍ତି ରାଜ୍ୟରେ ତଦନ୍ତ ହେଲେ ମାମଲା ପ୍ରଭାବିତ ହେବାର ଆଶଙ୍କା ରହିଛି। ତେବେ ଏନେଇ ଟିଏମସି ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନି।

## ଭୁଲ୍ ତଥ୍ୟ ଓ ସୂଚନା ପାଇଁ ୱିକିପିଡିଆକୁ ସରକାରଙ୍କ ନୋଟିସ୍



**ନୂଆଦିଲ୍ଲୀ, ୫।୧୧:** ଭୁଲ୍ ତଥ୍ୟ ତଥା ସୂଚନା ଦେଉଛି ୱିକିପିଡିଆ। ଏଭଳି କିଛି ଏକାଧିକ ଅଭିଯୋଗ ଆସିବା ପରେ ଉଇକିପିଡ଼ିଆ ଉପରେ ବର୍ଷିଛନ୍ତି କେନ୍ଦ୍ର ସରକାର। ଏଥିସହ ତାକୁ ନୋଟିସ୍ ପଠାଇ ଏହି ଅଭିଯୋଗ ଉପରେ ଜବାବ ମାଗିଛନ୍ତି। ପକ୍ଷପାତିତା ଏବଂ ଭୁଲ ତଥ୍ୟ ଦେଉଥିବା ନେଇ ଉଇକିପିଡ଼ିଆ ବିରୋଧରେ ଅନେକ ଅଭିଯୋଗ ହୋଇଛି। ସୂତ୍ର ଅନୁଯାୟୀ ସରକାର ଉଇକିପିଡିଆକୁ ଏଖ ଚିଠି ପଠାଇ ମଧ୍ୟସ୍ଥି ପରିବର୍ତ୍ତେ ପ୍ରକାଶକ ଭାବରେ କାହିଁକି ଶ୍ରେଣୀଭୁକ୍ତ କରାଯିବା ଉଚିତ ନୁହେଁ ବୋଲି ପ୍ରଶ୍ନ କରିଛନ୍ତି। ତେବେ ସରକାର କିମ୍ବା ଉଇକିପିଡ଼ିଆ ଏପର୍ଯ୍ୟନ୍ତ ଏ ବାବଦରେ କୌଣସି ପ୍ରକାରର ସରକାରୀ ବିବୃତ୍ତି ଦେଇନାହାଁନ୍ତି। ଇଣ୍ଟରନେଟ୍ ଏନସାଇକ୍ଲୋପିଡ଼ିଆକୁ ଲେଖିଥିବା ଏକ ପତ୍ରରେ ସରକାର ଦର୍ଶାଇଛନ୍ତି ଯେ ସମ୍ପାଦକଙ୍କର ଏକ ଛୋଟ ଗୋଷ୍ଠୀ ବିଷୟବସ୍ତୁ ଉପରେ ପୂରା ନିୟନ୍ତ୍ରଣ ରଖୁଥିବା ଜଣାପଡୁଛି। ଯେଉଁଥିପାଇଁ ଏହା ନିରପେକ୍ଷ ନୁହେଁ। ଉଇକିପିଡ଼ିଆରେ ପ୍ରକାଶିତ ସୂଚନା ସମ୍ବନ୍ଧରେ ବେଳେବେଳେ ଏଥିରେ ତ୍ରୁଟି ଦେଖାଯାଏ, ଯାହା ପାଠକମାନଙ୍କ ପାଇଁ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ। ଏହାକୁ ନେଇ ମଧ୍ୟ ସରକାର ପ୍ରଶ୍ନ ଉଠାଇଛନ୍ତି। ଅନ୍‌ଲାଇନ୍ ଏନସାଇକ୍ଲୋପିଡ଼ିଆ ଭାବରେ ଜଣାଶୁଣା ୱିକିପିଡିଆ ହେଉଛି ଏକ ମାଗଣା ପ୍ଲାଟଫର୍ମ ଯେଉଁଠାରେ ବିଶ୍ୱର ବିଭିନ୍ନ ସ୍ଥାନରୁ ଲୋକମାନେ ତଥ୍ୟ ତଥା ସୂଚନା ହାସଲ କରିପାରିବେ। ଉଇକିପିଡ଼ିଆ ସ୍ୱେଚ୍ଛାସେବୀମାନଙ୍କୁ ବିଭିନ୍ନ ବିଷୟ ଉପରେ ପୃଷ୍ଠା ସୃଷ୍ଟି ଏବଂ ସଂପାଦନ କରିବାକୁ ଅନୁମତି ଦେଇଥାଏ। ଫଳରେ ଯିଏ ଯାହା ଲେଖିଲେ ବି ତାହା ସେଠାରେ ସ୍ଥାନିତ ହୋଇଥାଏ।

ସୂଚନାଯୋଗ୍ୟ, ଦୁଇ ମାସ ପୂର୍ବେ ଯେତେବେଳେ ଦିଲ୍ଲୀ ହାଇକୋର୍ଟ ଉଇକିପିଡ଼ିଆକୁ ସମାଲୋଚନା କରିଥିଲେ ଏବଂ ଭାରତରେ ଏହା ଉପରେ ପ୍ରତିବନ୍ଧକ ଲଗାଇବାକୁ ଚେତାବନୀ ଦେଇଥିଲେ ସେତେବେଳେ ଏହି ମାମଲା ସାମ୍ନାକୁ ଆସିଥିଲା। ନ୍ୟୁଜ୍ ଏଜେନ୍ସି ଏସିଆନ୍ ନ୍ୟୁଜ୍ ଇଣ୍ଟରନ୍ୟାସନାଲ୍ଲା ରା ଉଇକିପିଡ଼ିଆ ବିରୋଧରେ ଏକ ମାମଲା ଦାଖଲ କରାଯାଇଥିଲା ଯେଉଁଥିରେ ଉଇକିପିଡ଼ିଆ ପୃଷ୍ଠାରେ ମିଥ୍ୟା ଏବଂ ଭୁଲ୍ ତଥ୍ୟ ଦିଆଯାଇଥିବା ଏଏନ୍‌ଆଇ ଦାବି କରିଥିଲା। ୨୦୦୧ରେ ପ୍ରଥମେ ଇଂରାଜୀ ଭାଷାରେ ଆରମ୍ଭ ହୋଇଥିଲା ୱିକିପିଡିଆ ଏବଂ ୨୦୦୩ ମସିହାରେ ପରେ ହିନ୍ଦୀ ୱିକିପିଡିଆ ଆରମ୍ଭ ହୋଇଥିଲା। ୱିକିପିଡିଆକୁ ଜିମି ୱେଲ୍ସ ଏବଂ ଲ୍ୟାରି ସେଙ୍ଗର ଆରମ୍ଭ କରିଥିଲେ।

## ହିନ୍ଦୁ ମନ୍ଦିର ଉପରେ ଆକ୍ରମଣ ଘଟଣାରେ ୩ ଗିରଫ


**ଓଟାୱା, ୫।୧୧:** କାନାଡାର ବ୍ରାମ୍ପଟନ୍‌ରେ ଥିବା ହିନ୍ଦୁ ସଭା ମନ୍ଦିରରେ ଭକ୍ତଙ୍କ ଉପରେ ଖଲିସ୍ତାନୀଙ୍କ ଆକ୍ରମଣରେ ତିନି ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ହିନ୍ଦୁ ମନ୍ଦିର

**ଜଣେ ପୁଲିସକର୍ମୀ ସସ୍‌ପେଣ୍ଡ**

ବାହାରେ ଖାଲିସ୍ତାନୀଙ୍କ ବିରୋଧରେ ବିକ୍ଷୋଭରେ ଅଂଶଗ୍ରହଣ କରିଥିବା ଜଣେ ପୁଲିସ କର୍ମଚାରୀଙ୍କୁ ନିଲମ୍ବିତ କରାଯାଇଛି। ପିଲ୍ ଆଞ୍ଚଳିକ ପୁଲିସ ଏହି ସୂଚନା ପ୍ରଦାନ କରିଛି। ଏହି ଗିରଫ ତିନିଜଣଙ୍କୁ ବ୍ରମ୍ପଟନ୍‌ର ଓଣ୍ଟୋରିଓ କୋର୍ଟରେ ହାଜର କରାଯିବ। ଗିରଫ ହୋଇଥିବା ବ୍ୟକ୍ତିମାନେ ହେଉଛନ୍ତି ୨୩ ବର୍ଷୀୟ ବିକାଶ ଏବଂ ୩୧ ବର୍ଷୀୟ ଅମୃତପାଲ ସିଂହ। ସେହିପରି ନିଲମ୍ବିତ ପୁଲିସକର୍ମୀ ହେଉଛନ୍ତି ହରିନ୍ଦର ସୋହି। ଏହି ମାମଲାରେ ଜଣେ ଚତୁର୍ଥ ବ୍ୟକ୍ତିଙ୍କୁ ମଧ୍ୟ ଗିରଫ କରାଯାଇଥିଲା କିନ୍ତୁ ପରେ ତାଙ୍କୁ ଛାଡ଼ି ଦିଆଯାଇଛି। ଇଣ୍ଟରନେଟରେ ଭାଇରାଲ୍ ହୋଇଥିବା ଭିଡିଓକୁ ଯାଞ୍ଚ କରାଯାଇଛି। ଯେଉଁଥିରେ ଜଣେ ଅନ୍-ଡ୍ୟୁଟି ପୁଲିସକର୍ମୀ ମନ୍ଦିର ବାହାରେ ଖଲିସ୍ତାନୀ ସମର୍ଥକଙ୍କ ସହ ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳିଛି। ଏହା କମ୍ୟୁନିଟି ସେଫ୍ଟି ଆଣ୍ଡ୍ ପୋଲିସିଂ ଆକ୍ଟର ଉଲ୍ଲଙ୍ଘନ ହୋଇଛି। ତେଣୁ ପୁଲିସକର୍ମୀ ହରିନ୍ଦର ସୋହିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ତାଙ୍କୁ ନିଲମ୍ବିତ କରାଯାଇଛି ବୋଲି ପିଲ୍ ପୁଲିସ ସୂଚନା ଦେଇଛି। କାନାଡାର ବ୍ରାମ୍ପଟନ୍ ସହରରେ ହିନ୍ଦୁ ମନ୍ଦିର ଉପରେ ଗତକାଲି ଆକ୍ରମଣ ହୋଇଥିଲା। ଖଲିସ୍ତାନୀ ସମର୍ଥକମାନେ ଠେଙ୍ଗା ବାଡ଼ି ଧରି ଶ୍ରଦ୍ଧାଳୁଙ୍କୁ ଆକ୍ରମଣ କରିଥିଲେ। ସେଠାରେ ଥିବା ଭକ୍ତମାନଙ୍କୁ ପ୍ରବଳ ମାଡ଼ ମଧ୍ୟ ମାରିଥିଲେ। ହମ୍‌ଲା ସମୟରେ ଆକ୍ରମଣକାରୀମାନେ ଖଲିସ୍ତାନୀ ପତକା ଦେଖାଇଥିଲେ। ସବୁଠୁ ଆଶ୍ଚର୍ଯ୍ୟର କଥା ହେଲା, ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆକ୍ରମଣକାରୀଙ୍କ ଉପରେ ଆକ୍ସନ ନେବା ବଦଳରେ ଓଲଟା ଶ୍ରଦ୍ଧାଳୁଙ୍କୁ ମାରପିଟ୍ କରିଥିଲା। ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭାରତ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିପରି କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ ଟ୍ରୁଡୋ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି।




## ନଭେମ୍ବର ୨୫ରୁ ସଂସଦର ଶୀତ ଅଧିବେଶନ



**ନୂଆଦିଲ୍ଲୀ, ୫।୧୧:** ସଂସଦର ଶୀତ ଅଧିବେଶନ ଆସନ୍ତା ନଭେମ୍ବର ୨୫ରୁ ଆରମ୍ଭ ହେବ। ଏହା ଡିସେମ୍ବର ୨୦ ଯାଏ ଚାଲିବ ବୋଲି ଆଜି ସଂସଦୀୟ ବ୍ୟାପାର ମନ୍ତ୍ରୀ କରି ରିଜିଜୁ ସୂଚନା ଦେଇଛନ୍ତି। ୨୫ରୁ ଅଧିବେଶନ ଆରମ୍ଭ ହେଉଥିବା ବେଳେ ଏହାର ଦ୍ୱିତୀୟ ଦିନ ଅର୍ଥାତ ନଭେମ୍ବର ୨୬ ବା ସମ୍ବିଧାନ ଦିବସରେ କେନ୍ଦ୍ରୀୟ ହଲ୍‌ରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସମ୍ବିଧାନ ଲାଗୁ ହେବାର

**୨୦ ଯାଏ ଚାଲିବ**

୭୫ ବର୍ଷ ପୂର୍ତ୍ତି ପାଇଁ ଏପରି କାର୍ଯ୍ୟକ୍ରମ କରାଯିବ। ୪ ରାଜ୍ୟର ବିଧାନସଭା ନିର୍ବାଚନ ପରେ ପ୍ରଥମଥର ପାଇଁ ସଂସଦର ଅଧିବେଶନ ଆରମ୍ଭ ହେବାକୁ ଯାଉଛି। ଜମ୍ମୁ-କଶ୍ମୀରରେ ଦୀର୍ଘ ୧୦ ବର୍ଷ ପରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ନ୍ୟାଶନାଲ କନଫରେନ୍ସ ଓ କଂଗ୍ରେସ ମେଣ୍ଟ ବାଜି ମାରିଛନ୍ତି। ତେବେ ହରିୟାଣାରେ ବିଜେପି ଐତିହାସିକ ହ୍ୟାଟ୍ରିକ ବିଜୟ ହାସଲ କରିଛି। ମହାରାଷ୍ଟ୍ର ଓ ଝାରଖଣ୍ଡ ନିର୍ବାଚନର ରେଜଲ୍ଟ ନଭେମ୍ବର ୨୩ରେ ପ୍ରକାଶ ପାଇବ। ଶୀତ ଅଧିବେଶନରେ ୱାକଫ ସଂଶୋଧନ ବିଲ୍ ଉପରେ ଆଲୋଚନା ହେବ। ବର୍ତ୍ତମାନ ୱାକଫ ବିଲକୁ ଯୁଗ୍ମ ସଂସଦୀୟ କମିଟି ଯାଞ୍ଚ କରୁଛି। କମିଟି ନଭେମ୍ବର ୨୯ରେ ସଂସଦରେ ଏହାର ରିପୋର୍ଟ ଦାଖଲ କରିବ। ଏହାବାଦ କେନ୍ଦ୍ର ସରକାରଙ୍କ ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ବିଲ ମଧ୍ୟ ଉଭୟ ସଦନରେ ଆଗତ ହୋଇପାରେ। ଏହା ଉପରେ ବଡ଼ ବିତର୍କ ହେବାର ସମ୍ଭାବନା ରହିଛି।

## ନିର୍ବାଚନ ପୂର୍ବରୁ ମହାରାଷ୍ଟ୍ର ଡିଜିପି ହେଲେ ସଞ୍ଜୟ କୁମାର ବର୍ମା

**ମୁମ୍ବାଇ, ୫।୧୧:** ଆସନ୍ତା ୨୦ ତାରିଖରେ ମହାରାଷ୍ଟ୍ରରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଏହାପୂର୍ବରୁ ୧୯୯୦ ବ୍ୟାଚ୍‌ର ଆଇପିଏସ ସଞ୍ଜୟ କୁମାର ବର୍ମାଙ୍କୁ ରାଜ୍ୟର ପୁଲିସ୍ ମହାନିର୍ଦ୍ଦେଶକ ବା ଡିଜିପି ଭାବେ ନିଯୁକ୍ତି ମିଳିଛି। ବର୍ତ୍ତମାନ ଆଇପିଏସ ବର୍ମା ଲିଗାଲ ଓ ଟେକ୍ନିକାଲ ମହାନିର୍ଦ୍ଦେଶକ ଭାବେ କାମ କରୁଛନ୍ତି। ତତ୍କାଳ ଭାବେ ତାଙ୍କୁ ମହାରାଷ୍ଟ୍ର ଡିଜିପି କରାଯାଇଛି। ରଶ୍ମୀ ଶୁକ୍ଲାଙ୍କ ସ୍ଥାନରେ ସେ ଏବେ କାର୍ଯ୍ୟ କରିବେ। ରଶ୍ମୀ ଶୁକ୍ଲା ଡିଜିପି ଥିଲେ ହେଁ ଶାସକ ଦଳ ପ୍ରତି ଅହେତୁକ ଅନୁକମ୍ପା ଦେଖାଉଥିବା ବିରୋଧୀ ଦଳଗୁଡ଼ିକ ଅଭିଯୋଗ କରିଥିଲେ। ନିର୍ବାଚନ ସମୟରେ ଡିଜିପି ରଶ୍ମୀ ବିରୋଧୀଙ୍କ ପ୍ରଚାରରେ ବାଧକ ସାଜୁଥିବା ଅଭିଯୋଗ ହୋଇଥିଲା।

ଏହାପରେ ନିର୍ବାଚନ କମିଶନ ରଶ୍ମୀଙ୍କୁ ମହାରାଷ୍ଟ୍ରର ଡିଜିପି ପଦରୁ ହଟାଇବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ହଟିବା ପରେ ଆଜି ବର୍ମାଙ୍କୁ ନୂଆ ଡିଜିପି ଭାବେ ନିଯୁକ୍ତି ମିଳିଛି। ସେ ଏହି ପଦରେ ୨୦୨୮ ଏପ୍ରିଲ ମାସ ଯାଏ କାର୍ଯ୍ୟ କରିବେ। ଅକ୍ଟୋବର ୩୧ରେ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପଟୋଲ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଚିଠି ଲେଖି ଡିଜିପି ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ରଶ୍ମୀ ଶୁକ୍ଲା ବିରୋଧୀ ନେତାଙ୍କ ଫୋନ୍ ଟ୍ୟାପ୍ କରିବାକୁ ନିର୍ଦ୍ଦେଶ ଦେଇଥିବା ସେ ଚିଠିରେ ଉଲ୍ଲେଖ କରିଥିଲେ। ଏଥିପାଇଁ ତାଙ୍କୁ ପଦରୁ ହଟାଯାଉ ବୋଲି ସେ ଦାବି କରିଥିଲେ। ଏହି ଅଭିଯୋଗ ଆସିବା ପରେ ନିର୍ବାଚନ କମିଶନର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ। ରଶ୍ମୀ ଶୁକ୍ଲାଙ୍କୁ ଡେପୁଟେସନରେ ସଶସ୍ତ୍ର ସୀମା ବଳକୁ ପଠାଇ ଦିଆଯାଇଛି।


ମହାରାଷ୍ଟ୍ରର ମହା ବିକାଶ ଆଘାଡି ସରକାର ସମୟରେ ରଶ୍ମୀ ଶୁକ୍ଲା ରାଜ୍ୟ ଗୁଇନ୍ଦା ବିଭାଗର ମୁଖ୍ୟ ଥିଲେ। ସେତେବେଳେ କିଛି ବରିଷ୍ଠ ରାଜନୀତିକ ନେତାଙ୍କ ଫୋନକୁ ସେ ଟ୍ୟାପ୍ କରିଥିବା ଅଭିଯୋଗ ହୋଇଥିଲା। ଏଥିପାଇଁ ତାଙ୍କ ବିରୋଧରେ ତିନୋଟି ମାମଲା ରୁଜୁ ହୋଇଥିଲା।



**କିଏ ହେବ ଆମେରିକାର ରାଷ୍ଟ୍ରପତି**

## ଭବିଷ୍ୟବାଣୀ କଲା 'ବେବି ହିପ୍ପୋ'

**ୱାଶିଂଟନ, ୫।୧୧:** ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ପାଇଁ ଆଜି ହେବ ଭୋଟିଂ। ଭାରତୀୟ ସମୟ ଅନୁଯାୟୀ ମଧ୍ୟାହ୍ନ ୪ଟାରେ ଭୋଟିଂ ଆରମ୍ଭ ହେବ। ପୂରା ବିଶ୍ୱର ନଜର ଏହି ନିର୍ବାଚନ ଉପରେ ରହିଛି। ତେବେ କିଏ କରିବ ହ୍ୱାଇଟ୍ ହାଉସରେ ଏଣ୍ଟ୍ରି। କିଏ ମାରିବ ବାଜି? ଏନେଇ ଭବିଷ୍ୟବାଣୀ କରିଛି ବେବି ହିପ୍ପୋ ବା କୁନି ଜଳହସ୍ତି। ଉପରାଷ୍ଟ୍ରପତି କମଲା ହାରିସ୍ ଡେମୋକ୍ରାଟିକ୍ ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବାବେଳେ ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରିପବ୍ଲିକାନ୍ ପାର୍ଟିରୁ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ମତଦାନ ଆରମ୍ଭ ହେବା ପୂର୍ବରୁ ଥାଇଲାଣ୍ଡର ଅତି ପ୍ରସିଦ୍ଧ ବେବି ହିପ୍ପୋ ମୁ ଡେଙ୍ଗ ଆମେରିକାର ନିର୍ବାଚନର ବିଜେତା ଚୟନ କରିଛି ଓ ଭବିଷ୍ୟତର ପୂର୍ବାନୁମାନ କରିଛି। ବେବି ହିପ୍ପୋ ମୁ ଡେଙ୍ଗ ଡୋନାଲ୍ଡ ଟ୍ରମ୍ପ ଏବଂ କମଲା ହାରିସଙ୍କ ମଧ୍ୟରେ ହେବାକୁଥିବା ନିର୍ବାଚନରେ ବିଜେତା ଚୟନ କରିଛି। ମୁ ଡେଙ୍ଗ ରିପବ୍ଲିକାନ୍ ପାର୍ଟି ପ୍ରାର୍ଥୀ ତଥା ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ବିଜେତା ଭାବରେ ଚୟନ କରିଛି। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ପ୍ରକୃତରେ ଥାଇଲାଣ୍ଡର ଚୋନବୁରି ଅଞ୍ଚଳରେ ଥିବା ଖାଓ ଖିୟୋ ଓପନ୍ ପ୍ରାଣୀ ଉଦ୍ୟାନର ଅପରେଟରମାନେ ଦୁଇଟି ତରଭୁଜ ରଖି ଡୋନାଲ୍ଡ ଟ୍ରମ୍ପ ଏବଂ କମଲା ହାରିସଙ୍କ ନାମ ସ୍ଥାନୀୟ ଭାଷାରେ ଲେଖିଥିଲେ। ତେବେ ବିନା ଦ୍ୱିଧାରେ, ମୁ ଡେଙ୍ଗ୍ ଟ୍ରମ୍ପଙ୍କ ନାମ ଲେଖା ହୋଇ ଥିବା ତରଭୁଜ ଆଡକୁ ଯାଇ ତାକୁ ଖାଇଲା। ଆମେରିକାରେ ନିର୍ବାଚନ ପୂର୍ବରୁ ମୁ ଡେଙ୍ଗର ଏଭଳି ଭବିଷ୍ୟବାଣୀ ଆମେରିକୀୟ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିଛି। ମୁ ଡେଙ୍ଗ, ଥାଇଲ୍ୟାଣ୍ଡର ଚୋନବୁରୀ ଅଞ୍ଚଳର ଖାଓ ଖିୟୋ ଓପନ୍ ପ୍ରାଣୀ ଉଦ୍ୟାନରେ ରହୁଥିବା ଏକ ହିପ୍ପୋ ବା ଜଳହସ୍ତି। ଜୁଲାଇ ୨୫ରେ ମୁ ଡେଙ୍ଗ ଜନ୍ମଗ୍ରହଣ କରିଥିଲା। ପ୍ରାଣୀ ଉଦ୍ୟାନ ସହ ଜଡିତ ସୋସିଆଲ ମିଡିଆ ଆକାଉଣ୍ଟରେ ସେ ବେଶ୍ ଲୋକପ୍ରିୟ। ଯେବେଠୁ ପ୍ରାଣୀ ଉଦ୍ୟାନ ହିପ୍ପୋ ମୋ ଡେଙ୍ଗର ଭିଡିଓ ସୋଶାଲ ମିଡିଆରେ ପୋଷ୍ଟ କରିବା ଆରମ୍ଭ କଲା, ସେବେଠୁ ସେ ଅଧିକ ଲୋକପ୍ରିୟ ହେବାରେ ଲାଗିଛି।





# ୨୦୩୬ ଅଲିମ୍ପିକ୍ସ ପାଇଁ ଭାରତର ଉଦ୍ୟମ

ନୂଆଦିଲ୍ଲୀ, ୫।୧୧: ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ପାଇଁ ଭାରତ ବିଧିବଦ୍ଧ ଉଦ୍ୟମ ଆରମ୍ଭ କରିଛି। ଭାରତୀୟ ଅଲିମ୍ପିକ ସଂଘ (ଆଇଓଏ) ପକ୍ଷରୁ ଏଥିଲାଗି ଇଣ୍ଟରନ୍ୟାସନାଲ ଅଲିମ୍ପିକ କମିଟି (ଆଇଓସି)କୁ ଲେଟର ଅଫ ଇଣ୍ଟେଣ୍ଟ ପଠାଇଛି। ଏହା ସହିତ ଭାରତ ବିଶ୍ୱର ଏକ କ୍ରୀଡ଼ା ଶକ୍ତି ଭାବେ ନିଜକୁ ପ୍ରତିଷ୍ଠା କରିବାକୁ ଉଦ୍ୟମ କରିଛି। ଏଥିଲାଗି ଭାରତକୁ ଅନ୍ୟ ଦାବିଦାରଙ୍କ ସହ ମୁକାବିଲା କରିବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଭାରତରେ କ୍ରୀଡ଼ାର ବିକାଶ ଏବଂ ଭାରତରୁ ବିଶ୍ୱସ୍ତରୀୟ କ୍ରୀଡ଼ାବିତ ସୃଷ୍ଟିକରିବାକୁ ଲକ୍ଷ୍ୟ ରଖିଛନ୍ତି ଏବଂ ଏଥିପାଇଁ ବିଗତ ୧୦ ବର୍ଷ ହେବ ଯୋଜନାବଦ୍ଧ ଉଦ୍ୟମ କରାଯାଉଛି। ଅଲିମ୍ପିକ୍ସରେ ଭାରତର ପ୍ରଦର୍ଶନରେ ମଧ୍ୟ କ୍ରମାଗତ ଉନ୍ନତି ପରିଲକ୍ଷିତ ହେଉଛି। ଅଶୀ ଦଶକରେ ଭାରତ ଅଲିମ୍ପିକ୍ସରେ ଗୋଟିଏ ପଦକ ପାଇବାକୁ ସଂଘର୍ଷ କରୁଥିଲା। ଏବେ ଭାରତ ଅଲିମ୍ପିକ୍ସରେ ୮/୯ଟି ପଦକ ପାଉଛି।



ଅନେକ ବିଭାଗରେ ଭାରତୀୟ ପ୍ରତିଯୋଗୀମାନେ ଫାଇନାଲ ରାଉଣ୍ଡକୁ ଯାଇପାରୁଛନ୍ତି ଏବଂ କେତେକ ଅଳ୍ପକେ ପଦକରୁ ବଂଚିତ ହେଉଛନ୍ତି। ଯଦି ଭାରତ ୨୦୩୬ରେ ଅଲିମ୍ପିକ୍ସ ଆୟୋଜନ ସୁଯୋଗ ପାଏ ତେବେ ସେହିବର୍ଷ ପାରା ଅଲିମ୍ପିକ୍ସ ଆୟୋଜନ କରିବାର ସୁଯୋଗ ମଧ୍ୟ ପାଇବ। ଏହାର ଭାରତରେ କ୍ରୀଡ଼ା ଭିତ୍ତିଭୂମିର ବିକାଶ ସହିତ ଆର୍ଥିକ ଏବଂ ପର୍ଯ୍ୟଟନ ଶିଳ୍ପର ବିକାଶ ମଧ୍ୟ ହୋଇପାରିବ। ଆଜି ପର୍ଯ୍ୟନ୍ତ ଭାରତ କେବେ ଅଲିମ୍ପିକ୍ସ ଆୟୋଜନ କରିବାର ସୁଯୋଗ ପାଇନି। ଏସିଆରେ କେବଳ ଚୀନ, ଦକ୍ଷିଣ କୋରିଆ ଏବଂ ଜାପାନ ଏହାର ଆୟୋଜନ ସୁଯୋଗ ପାଇଛନ୍ତି। ଗତ ଅଗଷ୍ଟ ୧୫ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଲିମ୍ପିକ୍ସ ଆୟୋଜନ ପାଇଁ ଭାରତ ଉଦ୍ୟମ କରିବ ବୋଲି କହିଥିଲେ। ଏହା ପୂର୍ବରୁ ଭାରତ ଏସିଆନ ଗେମ୍ସ ଏବଂ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସଫଳତାର ସହ ଆୟୋଜନ କରିଛି।ଏହି ଅଭିଜ୍ଞତା ଅଲିମ୍ପିକ୍ସ ଆୟୋଜନ କରିବାରେ ସହାୟକ ହେବ।




ପ୍ୟାରିସ ଅଲିମ୍ପିକ୍ସ

## ଗୋଲ୍ଡ ମେଡାଲିଷ୍ଟ ବକ୍ସର୍ ଇମାନ ଖଲିଫ ମହିଳା ନୁହନ୍ତି ପୁରୁଷ !

ପ୍ୟାରିସ, ୫।୧୧: ମହିଳା ବର୍ଗରେ ପ୍ୟାରିସ୍ ଅଲିମ୍ପିକ୍ ୨୦୨୪ରେ ଦମ୍‌ଦାର ପ୍ରଦର୍ଶନ କରିଥିଲେ ଅଲଜେରିଆର ବକ୍ସର ଇମାନ ଖଲିଫ। ସମସ୍ତଙ୍କୁ ପଛରେ ପକାଇ ସେ ଜିତିଥିଲେ ଗୋଲ୍ଡ ମେଡାଲ। ଏବେ ତାଙ୍କ ଜେଣ୍ଡର ବା ଲିଙ୍ଗକୁ ନେଇ ବଡ଼ ଖୁଲାସା ହୋଇଛି। ମେଡିକାଲ ରିପୋର୍ଟରୁ ସେ ମହିଳା ନୁହନ୍ତି ପୁରୁଷ ବୋଲି ଜଣାପଡିଛି। ଅଲିମ୍ପିକ୍ସ ସମୟରେ ଇମାନର ଜେଣ୍ଡରକୁ ନେଇ ବିବାଦ ଦେଖାଦେଇଥିଲା। ଏବେ ପୁଣି ଖଲିଫ ବିବାଦରେ ଛନ୍ଦି ହୋଇଥିବା ନଜର ଆସିଛନ୍ତି। ଅଲିମ୍ପିକ୍ସ ସମୟରେ ଖଲିଫ ମହିଳା ନା ପୁରୁଷ, ଏହାକୁ ନେଇ ତାଙ୍କ ଜେଣ୍ଡର ସମ୍ବନ୍ଧୀୟ ଅନେକ ଚର୍ଚ୍ଚା ହୋଇଥିଲା। କିନ୍ତୁ ସେ ଏସବୁକୁ ଖାତିର ନକରି ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ପ୍ରଥମ ସ୍ଥାନ ପାଇବାରେ ସଫଳ ହୋଇଥିଲେ। ତେବେ ଅଲିମ୍ପିକ ସରିବାର ଦୀର୍ଘଦିନ ପରେ ସାମ୍ନାକୁ ଆସିଛି ତାଙ୍କର ଡାକ୍ତରୀ ରିପୋର୍ଟ। ଏଥିରେ ଇମାନଙ୍କ ଶରୀରରେ ଅନେକ ପୁରୁଷ ଅଙ୍ଗ ରହିଥିବା ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ ଖଲିଫଙ୍କ ଶରୀରରେ ଅତିରିକ୍ତ ଅଣ୍ଡକୋଷ ଏବଂ ଏକ୍ସୱାଇ କ୍ରୋମୋଜୋମ୍ ଅଛି, ଯାହା ୫-ଆଲଫା ରେଡକ୍ଟେଜ୍ ଡିସ୍‌ଅର୍ଡର ଆଡ଼କୁ ଇଷାରା କରେ। ଏଥିସହ ତାଙ୍କ ଶରୀରରେ ଗର୍ଭାଶୟ ମଧ୍ୟ ନାହିଁ, ଯାହା ମହିଳାଙ୍କ ଶରୀରରେ ଥାଏ। ଏହା ବ୍ୟତୀତ ରେଡକ୍ସର ରିପୋର୍ଟ ଅନୁଯାୟୀ, ଏମଆରଆଇରେ ଇମାନର ଶରୀର ଭିତରେ ମାଇକ୍ରୋପେନିସ ବା ପୁରୁଷଙ୍କ ଭଳି ଯୌନାଙ୍ଗ ଥିବା ଜଣାପଡିଛି। ଇମାନଙ୍କ ଶରୀରରେ ଏକ୍ସୱାଇ କ୍ରୋମୋଜୋମ୍ ଅଛି ବୋଲି ଅଲିମ୍ପିକ୍ସ ସମୟରେ ଇମାନ ଖଲିଫଙ୍କ ବିପକ୍ଷରେ ଖେଳିଥିବା ଅନେକ ମହିଳା ବକ୍ସର ପରୋକ୍ଷରେ ଇଙ୍ଗିତ କରିଥିଲେ। ତେବେ ସେହି ସମୟରେ ଅଲିମ୍ପିକ୍ସ କମିଟି ଖଲିଫଙ୍କ ଖେଳ ଉପରେ କୌଣସି ପ୍ରତିବନ୍ଧକ ଲଗାଇ ନଥିଲା। ବିଶ୍ୱ ଚାମ୍ପିଅନସିପ୍ ୨୦୨୩ ସମୟରେ ଖଲିଫଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା। ଅନ୍ତର୍ଜାତୀୟ ବକ୍ସିଂ ଆସୋସିଏସନ୍ ତାଙ୍କୁ ବ୍ୟାନ୍ କରିଥିଲା। ଏଥିସହିତ ଅଲିମ୍ପିକ୍ସରେ ତାଙ୍କର ଅଂଶଗ୍ରହଣକୁ


## ଆଫ୍ରୋ-ଏସିଆ କପ୍ ▶ ଗୋଟିଏ ଟିମ୍‌ରେ ଖେଳିବେ ଭାରତ ଓ ପାକିସ୍ତାନ ଖେଳାଳି

**ମୁମ୍ବାଇ, ୫।୧୧:** ପୁଣିଥରେ ଆରମ୍ଭ ହେବ ଆଫ୍ରୋ-ଏସିଆ କପ। ଦୀର୍ଘ ଦୁଇ ଦଶନ୍ଧି ପରେ ଆଫ୍ରିକାନ ଏକାଦଶ ଓ ଏସିଆ ଏକାଦଶ ମଧ୍ୟରେ ଖେଳା ଯାଉଥିବା ସିରିଜ୍ ଖୁବଶୀଘ୍ର ଆରମ୍ଭ ହେବ। ଆଫ୍ରିକା କ୍ରିକେଟ ଆସୋସିଏସନ(ଏସିଏ) ପକ୍ଷରୁ ଏହି ଖବରକୁ ନିଶ୍ଚିତ କରାଯାଇଛି। ତେବେ ସିରିଜରେ ତାରିଖ ଏଯାଏ ଚୂଡ଼ାନ୍ତ ହୋଇନାହିଁ। ଯଦି ଆଫ୍ରୋ-ଏସିଆ କପ ଖେଳାଯିବ, ତା'ହେଲେ ଭାରତ ଓ ପାକିସ୍ତାନର ବଛାବଛା ଖେଳାଳିମାନେ ଗୋଟିଏ ଟିମରେ ଖେଳିବେ। ଏହାବାଦ ଶ୍ରୀଲଙ୍କା, ଆଫଗାନିସ୍ତାନ, ୟୁଏଇ ଭଳି ଏସିଆ ମହାଦେଶର ଖେଳାଳିଙ୍କୁ ମଧ୍ୟ ଏସିଆ ଏକାଦଶରେ ସୁଯୋଗ ମିଳିପାରେ। ଏସିଏ ପକ୍ଷରୁ ତା'ର ବାର୍ଷିକ ଜେନେରାଲ ମିଟିଂ(ଏଜିଏମ)ରେ ୬ ଜଣିଆ ଅନ୍ତରୀଣ କମିଟିକୁ ନିଯୁକ୍ତ କରିଛି। ଏମାନେ ସିରିଜର ରୂପରେଖ ପ୍ରସ୍ତୁତ କରିବେ। କମିଟିର ପରାମର୍ଶକ୍ରମେ ସିରିଜ କେବେ ଖେଳାଯିବ, ତା'ର ତାରିଖ ଘୋଷଣା କରାଯିବ। ଏହି ସିରିଜର ପ୍ରଥମ ସଂସ୍କରଣ ୨୦୦୫ରେ ଦକ୍ଷିଣ ଆଫ୍ରିକାରେ ଖେଳା ଯାଇଥିଲା। ୨୦୦୭ରେ ଭାରତ ଏହାର ଆୟୋଜନ କରିଥିଲା। ୨୦୦୯ରେ କେନିୟା ସିରିଜର ତୃତୀୟ ସଂସ୍କରଣର ହୋଷ୍ଟିଂ ଦାୟିତ୍ୱ ପାଇଥିଲା। କିନ୍ତୁ ବିଭିନ୍ନ କାରଣ ପାଇଁ ଏହା ଆୟୋଜନ ହୋଇପାରି ନଥିଲା। ଏସିଏର ଅନ୍ତରୀଣ ଅଧ୍ୟକ୍ଷ ତାଭେଙ୍ଗୱା ମୁକୁଲାନି କହିଛନ୍ତି, "ଆଫ୍ରୋ-ଏସିଆ କପ କ୍ରିକେଟ ବ୍ୟତୀତ ସଂଗଠନକୁ ଆବଶ୍ୟକ ଆର୍ଥିକ ସହାୟତା କରିବ। ଏହାର ଫଳ ଉଭୟ ପକ୍ଷ ପାଇଁ ବେଶ ଲାଭ ଦାୟକ ହେବ। ଆମେ ଏ ସମ୍ପର୍କରେ ଆମେ ଏସିଆ କ୍ରିକେଟ କାଉନସିଲ ସହ ଆଲୋଚନା କରିଛୁ। ଆଫ୍ରିକାନ ଦେଶଗୁଡ଼ିକ ଆଫ୍ରୋ-ଏସିଆ କପ ପୁଣି ଆରମ୍ଭ କରିବା ସପକ୍ଷରେ ରହିଛନ୍ତି।" ଯଦି ଆଫ୍ରୋ-ଏସିଆ କପ ଆରମ୍ଭ ହେବ, ତା'ହେଲେ ଭାରତ ଓ ପାକିସ୍ତାନର ଖେଳାଳିମାନେ ଗୋଟିଏ ଟିମରେ ଖେଳିବର ସୁଯୋଗ ପାଇବେ। ୨୦୧୩ ଜାନୁଆରୀ ଠାରୁ ଭାରତ ଓ ପାକିସ୍ତାନ କେବଳ ଆଇସିସି ଓ ଏସିସିର ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ହେଉଛନ୍ତି। ଉଭୟ ଦେଶ ମଧ୍ୟରେ କୌଣସି ପ୍ରକାରର ଦ୍ୱିପାକ୍ଷିକ ସିରିଜ ଖେଳା ଯାଉନାହିଁ। ୨୦୦୮ ଏସିଆ କପ ଠାରୁ ଭାରତ ମଧ୍ୟ ପାକିସ୍ତାନ ଯାଇ ନାହିଁ।



୨୦୦୫ ଆଫ୍ରୋ ଏସିଆ କପର ୩ ମ୍ୟାଚ ବିଶିଷ୍ଟ ସିରିଜ ୧-୧ରେ ଡ୍ର ରହିଥିଲା। ସିରିଜର ଶେଷ ମ୍ୟାଚ୍ ବାତିଲ ହୋଇଥିଲା। ଏହି ସମୟରେ ଏସିଆ ଏକାଦଶରେ ବୀରେନ୍ଦ୍ର ସେହୱାଗ, ଶାହିଦ ଆଫ୍ରିଦି ଓ ସନଥ ଜୟସୂରିୟାଙ୍କ ଭଳି ଖେଳାଳି ରହିଥିଲେ। ଏହାର ନେତୃତ୍ୱ ଇଞ୍ଜିମାମ ଉଲ ହକ ନେଇଥିଲେ। ଦଳରେ ରାହୁଲ ଦ୍ରାଭିଡ, ଅନୀଲ କୁମ୍ବଲେ ଓ ଆଶିଷ ନେହରାଙ୍କ ଭଳି ବଡ଼ ବଡ଼ ଖେଳାଳି ଥିଲେ। ୨୦୦୭ରେ ଏସିଆ ଏକାଦଶ ୩-୦ରେ ସିରିଜ କବଜା କରିଥିଲା। ଦଳରେ ଶୋଏବ ଅଖତର, ମହମ୍ମଦ ଆସିଫ ଓ ମହମ୍ମ ୟୁସୁଫଙ୍କ ଭଳି ପାକ ଖେଳାଳିଥିଲେ। ଏମାନେ ଭାରତର ଜହିର ଖାନ, ଯୁବରାଜ ସିଂହ, ମହେନ୍ଦ୍ର ସିଂହ ଧୋନି, ସୌରଭ ଗାଙ୍ଗୁଲି ଓ ହରଭଜନ ସିଂହଙ୍କ ସହ ଗୋଟିଏ ଟିମରେ ରହି ଖେଳିଥିଲେ।

## କୋହଲିଙ୍କ ଜନ୍ମଦିନରେ ପ୍ରଶଂସକଙ୍କୁ ବଡ଼ ଉପହାର ଦେଲେ ଅନୁଷ୍କା



ଲଣ୍ଡନ,୫।୧୧: ଟେଷ୍ଟ ସିରିଜରେ ନ୍ୟୁଜିଲାଣ୍ଡଠାରୁ ଭାରତୀୟ କ୍ରିକେଟ ଦଳ ଲଜ୍ଜାଜନକ ୩-୦ ପରାଜୟର ସମ୍ମୁଖୀନ ହୋଇଛି। ଏହି ପରାଜୟ ଟିମ ଇଣ୍ଡିଆର ବିଶ୍ୱ ଟେଷ୍ଟ ଚାମ୍ପିଅନସିପ (ଡବ୍ଲୁଟିସି ଫାଇନାଲ) ଆଶା ପାଇଁ ଏକ ବଡ ଝଟକା ଦେଇଛି। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ବିରାଟ କୋହଲି ୬ ଇନିଂସରେ ମାତ୍ର ୯୩ ରନ ସ୍କୋର କରିବାରେ ସକ୍ଷମ ହୋଇଥିଲେ। ଗୋଟିଏ ପଟେ କୋହଲିଙ୍କୁ ତାଙ୍କ ଫର୍ମ ଯୋଗୁ ଟ୍ରୋଲ କରାଯାଉଛି, କିନ୍ତୁ ଏବେ ଲଣ୍ଡନରେ ତାଙ୍କ ପିଲାମାନଙ୍କ ସହିତ ମଜା କରୁଥିବାର ଫଟୋ ଭାଇରାଲ ହୋଇଛି। ବିରାଟ କୋହଲିଙ୍କ ୩୬ତମ ଜନ୍ମଦିନରେ ବିରାଟ କୋହଲିଙ୍କ ଏକ ସୁନ୍ଦର ଫଟୋ ସାମ୍ନାକୁ ଆସିଛି। ଏହି ଭାଇରାଲ ଫଟୋରେ ସେ ତାଙ୍କ ପୁଅ ଅକାୟଙ୍କୁ ଡାହାଣ ହାତରେ ଏବଂ ଝିଅ ଭାମିକାଙ୍କୁ ବାମ ହାତରେ ଧରିଛନ୍ତି। ଅନୁଷ୍କା ପ୍ରଥମ ଥର ସୋସିଆଲ ମିଡିଆରେ ତାଙ୍କ ପୁଅର ଫଟୋ ଶେୟାର କରିଛନ୍ତି, କିନ୍ତୁ ଏହି ଫଟୋରେ ମଧ୍ୟ ତାଙ୍କ ଚେହେରା ଇମୋଜିରେ ଆବୃତ ହୋଇଛି। କୋହଲି ଆଇପିଏଲ ୨୦୨୫ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି)ର ରିଟେନ୍ ତାଲିକାରେ ଅଛନ୍ତି। ଆରସିବି କୋହଲିଙ୍କୁ ୨୧ କୋଟି ଟଙ୍କାରେ ରଖିଛି। ଏହା ସହ ସେ ଆଇପିଏଲ ଇତିହାସରେ ସର୍ବାଧିକ ପାରିଶ୍ରମିକ ପ୍ରାପ୍ତ ଭାରତୀୟ ଖେଳାଳି ହୋଇପାରିଛନ୍ତି।

## ରାଜ୍ୟ ବିଦ୍ୟାଳୟ ସମୂହ ଅସିଚାଳନା: ବଲାଙ୍ଗୀର ବିଜେତା

**ଭୁବନେଶ୍ୱର, ୫।୧୧:** ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ଓ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ମିଳିତ ଆନୁକୂଲ୍ୟରେ ବଲାଙ୍ଗୀରସ୍ଥିତ ପୃଥ୍ୱୀରାଜ ଉଚ୍ଚବିଦ୍ୟାଳୟଠାରେ ଆୟୋଜିତ ୬୮ତମ ରାଜ୍ୟ ବିଦ୍ୟାଳୟ ସମୂହ ଅସିଚାଳନା ପ୍ରତିଯୋଗିତା ସୋମବାର ଉଦ୍‌ଯାପିତ ହୋଇଛି। ଏଥିରେ ବଲାଙ୍ଗୀର ୬ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୯ କାଂସ୍ୟ ସହ ମୋଟ ୧୮ ପଦକ ଜିତି ବିଜେତା ହୋଇଛି।

ଫଏଲ୍ ବାଳକ ଓ ବାଳିକା ପଦକ ବିଜେତାମାନେ ହେଲେ ପଦ୍ମଲୋଚନ ନାଏକ (ବଲାଙ୍ଗୀର), ଅଭିନାଶ ସ୍ୱାଇଁ (ସୋନପୁର), ସ୍ୱାଗତ ପଟେଲ (ବଲାଙ୍ଗୀର), ଦେବାଶିଷ ପଟେଲ (ଭୁବନେଶ୍ୱର), ସାରିକା ପଟେଲ(ବଲାଙ୍ଗୀର), ରୁକ୍ମଣି ରାଣୀ ସୁନା (ବଲାଙ୍ଗୀର ), ସଂସ୍କୃତି ସିଂହ (ଭୁବନେଶ୍ୱର), ଶ୍ରୀୟା ଶ୍ରୁତି ପଟେଲ (ବଲାଙ୍ଗୀର)। ସାବ୍‌ରିରେ ମାନସ ପ୍ରଧାନ (ବଲାଙ୍ଗୀର), ଅହେଶ୍ୱର ନାଏକ (ସୋନପୁର), ଶ୍ରୀୟାଂଶୁ ଦେହୁରୀ (ଭୁବନେଶ୍ୱର), ସମୀର ପରାଭୋଇ (ବଲାଙ୍ଗୀର), ଝରଣା ସେଠ



(ବଲାଙ୍ଗୀର), ଲିପ୍ସା ହରିପାଲ (ବଲାଙ୍ଗୀର), ପ୍ରିୟଦର୍ଶନୀ ସାହୁ (ବଲାଙ୍ଗୀର), ସୁପ୍ରିୟା ଭୋଇ (ବଲାଙ୍ଗୀର) ପଦକ ଜିତିଛନ୍ତି। ଇପିରେ ଲିଖିତ ବିଶ୍ୱାଳ (ବଲାଙ୍ଗୀର), ଆକାଶ ଅଇଣ୍ଡା (ସମ୍ବଲପୁର), ଅମିତ ମହାକୁର (ବଲାଙ୍ଗୀର), ନିଶାଙ୍କ ପଟେଲ (ବଲାଙ୍ଗୀର), ଝିଲି ସେଠ(ବଲାଙ୍ଗୀର), ଶୁଭଶ୍ରୀ ନାଏକ (ବଲାଙ୍ଗୀର), ରୀତିକା ସାହୁ (ବଲାଙ୍ଗୀର), ବିଜୟଲକ୍ଷ୍ମୀ ତାଣ୍ଡି (ବଲାଙ୍ଗୀର) ପଦକ ଜିତିଛନ୍ତି।

ଏହି ଖେଳାଳିମାନେ ଆସନ୍ତା ୧୭ରୁ ୨୧ ତାରିଖ ପର୍ଯ୍ୟନ୍ତ ଜମ୍ମୁ କଶ୍ମୀରଠାରେ ଆୟୋଜିତ ହେବାକୁ ଥିବା ଜାତୀୟ ସ୍କୁଲ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏନେଇ ଟେକ୍ନିକାଲ ଅଫିସିଆଲ - ସୁକାନ୍ତ ସେଠ, କରିସ୍ମା ରାଉତ, ଅନ୍ୟାଶା ରାଉତ, ରୋଶନ ସାହୁ, ଜ୍ୟୋତି ଠାକୁର, ଲକ୍ଷ୍ମୀକାନ୍ତ ପଟ୍ଟନାୟକ, ବୁଦ୍ଧିରାଜ ବିଶ୍ୱାଳ, ପୁରେନ୍ଦର ସେଠ, ସତ୍ୟ ନାରାୟଣ ପଟେଲ, ସସ୍ମିତା ଗଡ଼ତିଆ, ସ୍ୱପ୍ନା ସେଠୀ, ବୀରାନ୍ଦ୍ର ସୁନା, ସଂଗୀତା ନାଏକ, ବିଭୁତି ସ୍ୱାଇଁ, ଶୁବେନ୍ଦୁ ମହାନ୍ତି, ବିନୋଦ ମହାପାତ୍ର, ବନୀତା ପଟେଲ, ଯୋଗଦେଇ ଥିଲେ। ରାଜ୍ୟ ସ୍କୁଲ ବିଭାଗ ଓଡ଼ିଶାରେ ପ୍ରଥମ ଥର ବିଦ୍ୟାଳୟ ସମୂହ ଅସିଚାଳନା ପ୍ରତିଯୋଗିତା ଆରମ୍ଭ କରିଥିବାରୁ ରାଜ୍ୟ ଅସିଚାଳନା ସଂଘ ଯୁଗ୍ମ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ସମସ୍ତଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### କାର୍ତ୍ତିକଙ୍କ ପ୍ରମ୍ପଟିଂ...

କରାଗଲା । ବାଲିର ସ୍ତୁପ ଉପରେ ଛିଡା ହୋଇଥିବା ହାଜାରେ ବର୍ଷର ଏହି ମନ୍ଦିର ଉପରେ ତାର ପ୍ରଭାବ ପଡିନଥିଲା କି ସେତେବେଳେ ଏ ବିପଦ କଥା ଉଠାଯିବାରୁ ତତ୍କାଳୀନ ବିଜେଡି ସରକାର କିଛି ଶୁଣିଲେନି। ନବୀନ ପଟ୍ଟନାୟକଙ୍କ ଡ୍ରିମ୍ ପ୍ରୋଜେକ୍ଟ କହି ସନ୍ୟାସୀ ପୂରା ଦମରେ ଲାଗିଥିଲେ ଏହା ପ୍ରକଳ୍ପ କାମ ସାରିବାକୁ । ପ୍ରକଳ୍ପର ସବୁ ପ୍ରକାର କାର୍ଯ୍ୟରେ ଅଣଓଡିଆ ଠିକାଦାରଙ୍କୁ ନିଯୁକ୍ତ କରାଗଲା। ନିଜେ ସନ୍ୟାସୀ ସବୁ ଶନିବାର ଓ ଅନ୍ୟ ଦିନମାନଙ୍କରେ ମଧ୍ୟ ଯାଇ ପରିକ୍ରମା ପ୍ରକଳ୍ପ କାମ ଦେଖୁଥିଲେ । ସେତେବେଳେ କ୍ଷମତା ନିଶାରେ ତାଙ୍କୁ ଶ୍ରୀମନ୍ଦିର ପ୍ରତି ଆସୁଥିବା ବିପଦ ଦେଖାଯାଉନଥିଲା । ନୂଆ ଯୋଗୀ ଭାତକୁ ଅନ୍ନ କହିଲା ଭଳି ନିର୍ବାଚନର କିଛି ଦିନ ଆଗରୁ ବିଜେଡିରେ ମିଶିଥିବା ଗଣେଶ୍ୱର ବେହେରା ବିଧାୟକ ହେବା ପରେ ଏବେ ସନ୍ୟାସୀଙ୍କ ପ୍ରମ୍ପଟିଂରେ ଡାଇଲଗ୍ ମାରୁଛନ୍ତି। ସେବୋଧହୁଏ ଭୁଲିଯାଉଛନ୍ତି ଯେ, ସେ ମଧ୍ୟ ଦିନେ ଏହି ପ୍ରକଳ୍ପରେ ଆଇନର ଉଲଂଘନ ବିରୋଧରେ ସ୍ୱର ଉଠାଇଥିଲେ। ୨୦୨୩ରେ ହାତଧୁଆ ପାଣି ଲିକ ହୋଇ ମେଘନାଦ ପାଚେରିରେ ଫାଟ ହେଉଛି ବୋଲି ଏଏସଆଇ ଯେତେବେଳେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଚିଠି ଲେଖିଥିଲା ସେତେବେଳେ ସରକାର କାହିଁକି ହାତବାନ୍ଧି ବସିଥିଲେ? କେବଳ ସେତିକି ନୁହେଁ, ଶ୍ରୀମନ୍ଦିର ଚାରିପଟେ ଲାଉଡସ୍ପିକର କି ବାଜା ବଜେଇବା ଉପରେ କଟକଣା ଥିଲା। କାହିଁକି ନା ଶ୍ରୀମନ୍ଦିରକୁ ବିପଦ ହୋଇପାରେ। ଡିଜେ ଶବ୍ଦରୁ ଶ୍ରୀମନ୍ଦିରକୁ ବିପଦ ଆଶଙ୍କା କରୁଥିବା ସରକାର ଚାରିପଟେ ବୁଲଡୋଜର ଓ ଭାଇବ୍ରେଟର ଲଗାଇବାକୁ କେମିତି କୁଣ୍ଠାବୋଧ କଲେନାହିଁ? ଏବେ ନିଜ ଦୋଷ ଲୁଚାଇବାକୁ ଅନ୍ୟ ଉପରେ ଦୋଷ ଲଦି ନିଜକୁ ସାଧୁ ବୋଲାଉଛନ୍ତି ସନ୍ୟାସୀ। ଶ୍ରୀମନ୍ଦିରର ସୁରକ୍ଷାକୁ ହେୟଜ୍ଞାନ କରି ହୋଇଥିବା ପରିକ୍ରମା ପ୍ରକଳ୍ପ ଦ୍ୱାରା କେବଳ ମେଘନାଦ ପାଚେରି କାହିଁକି ଶ୍ରୀମନ୍ଦିର ଭିତରେ ଜଗମୋହନ ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ୨୦ରୁ ୨୫ଟି ଫାଟ ହୋଇଥିବା ଅଭିଯୋଗ ହେଉଛି। ଏହାର ଉତ୍ତରଦାୟୀ ବିଜେଡି ଏବଂ ସର୍ବୋପରି ସନ୍ୟାସୀ ନୁହଁନ୍ତି ତ ଆଉ କିଏ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ସନ୍ୟାସୀଙ୍କ କୁକର୍ମ ପାଇଁ ନବୀନ ପଟ୍ଟନାୟକ ଆଜି କ୍ଷମତାରେ ନାହାଁନ୍ତି। ଏହି ବିପଦର ପୂର୍ବାନୁମାନ କରି ସେତେବେଳେ ଯିଏ ଯିଏ ସ୍ୱର ଉଠାଇଛନ୍ତି ତାଙ୍କୁ ଜେଲରେ ପୁରାଇଦେଇଥିଲେ ସନ୍ୟାସୀ। ଏବେ ମେଘନାଦ ପାଚେରିରେ ହୋଇଥିବା ଫାଟ ପାଇଁ ସନ୍ୟାସୀ ଉତ୍ତରଦାୟୀ ହେବା କଥା ବୋଲି ପୁରୀର ଜଗନ୍ନାଥପ୍ରେମୀ ଦାବି କରିଛନ୍ତି।

ବୀର ଓଡିଆମାନେ ଏକଦା ତିନୋଟି ବିଶ୍ୱ ପ୍ରସିଦ୍ଧ କିର୍ତ୍ତୀ ସୃଷ୍ଟି କରିଥିଲେ। ପାଣିରେ କୋଣାର୍କ ମନ୍ଦିର, ବାଲି ଉପରେ ଶ୍ରୀମନ୍ଦିର ଓ ପାହାଡ ଉପରେ ଲିଙ୍ଗରାଜ ମନ୍ଦିର। କୋଣାର୍କ ମନ୍ଦିର ଭାଙ୍ଗିଯାଇଥିବା ବେଳେ ବାଲିସ୍ତୁପରେ ଛିଡା ହୋଇଥିବା ଶ୍ରୀମନ୍ଦିରକୁ ସନ୍ୟାସୀ ଓ ତାଙ୍କ ଟିମ ବିପଦ ମୁହଁକୁ ଠେଲିଦେଇଛନ୍ତି ବୋଲି ଚର୍ଚ୍ଚା ହେଉଛି।

### ଜଗନ୍ନାଥ ସଂସ୍କୃତିକୁ...

ପ୍ରଚାର ଯାତ୍ରା ଭାବେ ସମଗ୍ର ବିଶ୍ୱରେ ପରିଚାଳନା କରୁଛନ୍ତି। ଏହା ଆମ ଶାସ୍ତ୍ର ଓ ପରମ୍ପରା ବିରୋଧୀ କାମ। ଏନେଇ ସେମାନଙ୍କୁ ବୁଝାଇବା ସତ୍ତ୍ୱେ ସେମାନେ ଏହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ହୋଇ ପାରୁ ନାହାନ୍ତି। ଫଳରେ କୋଟି କୋଟି ଭକ୍ତଙ୍କ ଭାବନାକୁ ସେମାନେ କୁଠାରଘାତ କରୁଛନ୍ତି। ତେଣୁ ଏହାକୁ ଆଉ ବରଦାସ୍ତ କରାଯିବନି କି ଆମେ ଆଉ ଚୁପ୍ ବସି ପାରିବୁନି ବୋଲି ଚେତାଇ ଦେଇଛନ୍ତି ଗଜପତି ମହାରାଜା।

ମହାପ୍ରଭୁଙ୍କ ପରମ୍ପରାରେ ବ୍ୟତିକ୍ରମ ହେବା ଠିକ୍ ନୁହେଁ। ଚିଠି ଲେଖିବା ସତ୍ତ୍ୱେ ଇସ୍କନ ମାନିଲାନି, ରଥଯାତ୍ରା ଆୟୋଜନ କରିବାକୁ ସଜବାଜ ହେଉଛି। ଗତ ୩ ତାରିଖରେ ସେମାନେ ସ୍ନାନଯାତ୍ରା କରିବାକୁ କହୁଥିବା ବେଳେ ବିରୋଧ କରିବାରୁ ତାହାକୁ ବାତିଲ କରିଛନ୍ତି। କିନ୍ତୁ ଆସନ୍ତା ୯ ତାରିଖରେ ସେମାନେ ରଥଯାତ୍ରା ଆୟୋଜନ କରୁଥିବା ବେଳେ ଏହାକୁ ବାତିଲ କରାଯିବା ନେଇ କୌଣସି ପ୍ରତିକ୍ରିୟା ଦେଇ ନାହାନ୍ତି। ତଥାପି ଇସ୍କନର ଉଚ୍ଚ କର୍ତ୍ତୃପକ୍ଷ ଭୁଲ ସୁଧାରିବେ ବୋଲି ଆଶା ରଖିଛୁ।

ମାର୍ଚ୍ଚରେ ଇସ୍କନର ଗଭର୍ଣ୍ଣିଂ କାଉନସିଲ ବୈଠକ ଅଛି। ସେଠି ଯଦି ସେମାନେ ମାନିଯିବେ, ଭଲ କଥା। ଆମେ ଚାହୁଁଛୁ ଆଲୋଚନା ଦ୍ୱାରା ସମାଧାନ ହେଉ। ଯଦି ମାନିବେନି ଆମ ପାଖରେ ଆଇନର ରାସ୍ତା ବ୍ୟତୀତ ବିକଳ୍ପ ନାହିଁ ବୋଲି କହିଛନ୍ତି ଗଜପତି।

ଏଥିସହ ସେ କହିଛନ୍ତି, ଇସ୍କନ କର୍ତ୍ତୃପକ୍ଷ ସମଗ୍ର ବିଶ୍ୱରେ ଗୋଟିଏ ଦିନରେ ଜନ୍ମାଷ୍ଟମୀ ପାଳନ କରୁଛନ୍ତି। କିନ୍ତୁ ରଥ ଯାତ୍ରା ଭିନ୍ନ ଦିନରେ ପାଳନ କରି କାହିଁକି ବ୍ୟତିକ୍ରମ କରୁଛନ୍ତି ତାଙ୍କ ଆଭିମୁଖ୍ୟ ସ୍ପଷ୍ଟ ହୋଇ ପାରୁନି। ଇସ୍କନ ଗ୍ଲୋବାଲ ବଡି କାଉନସିଲ (ଜିବିସି) ଅଧୀନରେ ଆସୁଥିବା ବେଳେ ତାହାର ନିଷ୍ପତ୍ତି ବିଶ୍ୱରେ ଥିବା ଇସ୍କନରେ ଲାଗୁ ହେଉଛି। ଆମେ ଜିବିସି ସହ ୨୦୦୮ରେ ଯୋଗାଯୋଗ କରିଥିଲୁ। ତାହା ଫଳପ୍ରଦ ହେଲାନି। କିନ୍ତୁ ଏଥର ଜିବିସି ଆମ ପ୍ରସ୍ତାବକୁ ବିଚାର କରି ପଦକ୍ଷେପ ନ ନେଲେ ଆଇନ ଅନୁଯାୟୀ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବୁ ବୋଲି ଚେତାଇ ଦେଇଛନ୍ତି ଗଜପତି। ଗଜପତି ମହାରାଜାଙ୍କୁ ସମର୍ଥନ ଜଣାଇଛନ୍ତି ରାଜ୍ୟ ସରକାର। ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଗଜପତି ମହାରାଜା ଯାହା କହିଛନ୍ତି ଆମେ ସମର୍ଥନ ଜଣାଉଛୁ । ଶ୍ରୀଜଗନ୍ନାଥ ସଂସ୍କୃତିର ସୁରକ୍ଷା ଆମର ପ୍ରାଥମିକତା । ଜଗନ୍ନାଥ ସଂସ୍କୃତିକୁ ବିକୃତ, ଅସମ୍ମାନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ । ପ୍ରଥମେ ଆଲୋଚନା କରିବୁ, ସହମତ ନ ହେଲେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ନିଷ୍ପତ୍ତି ନେବାରେ ଶ୍ରୀମନ୍ଦିର ପ୍ରଶାସନ ପ୍ରାଧୀକୃତ। ଶ୍ରୀମନ୍ଦିର ପ୍ରଶାସନ ଯାହା ନିଷ୍ପତ୍ତି ନେବେ ବିଭାଗର ସମର୍ଥନ ରହିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ।

### ମୁଖ୍ୟମନ୍ତ୍ରୀଙ୍କ...

ଗାଁରେ ଆମ୍ବଟାକୁଆ ଖାଇ ମୃତ୍ୟୁ ହୋଇଥିବା ଘଟଣା ସରକାରଙ୍କ ଦୃଷ୍ଟିକୁ ଆସିବା ପରେ ଡାକ୍ତରୀ ଦଳ ଓ ଜିଲ୍ଲା ପ୍ରଶାସନର ଅଧିକାରୀମାନେ ନଭେମ୍ବର ୧ ତାରିଖ ସକାଳୁ ସେହି ଗାଁକୁ ଯାଇ ତଦନ୍ତ ଓ ତର୍ଜମା କରିଥିଲେ। ସମସ୍ତ ଅସୁସ୍ଥ ବ୍ୟକ୍ତିଙ୍କୁ ତୁରନ୍ତ ବ୍ରାହ୍ମଣୀଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରବର୍ତ୍ତୀ ସମୟରେ ବ୍ରହ୍ମପୁର ମେଡିକାଲକୁ ସ୍ଥାନାନ୍ତରିତ କରାଯାଇ ତୁରନ୍ତ ଚିକିତ୍ସା ଆରମ୍ଭ କରାଯାଇଥିଲା । ସେଠାରେ ରମିତା ପାଟମାଝୀ ଓ ରୁନୁ ମାଝୀଙ୍କ ମୃତ୍ୟୁ ହୋଇଥିଲା । ପରେ ଉଚ୍ଚ ଚିକିତ୍ସା ପାଇଁ ଚିକିତ୍ସାଧୀନ ବ୍ୟକ୍ତିଙ୍କୁ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। ଏହି ବ୍ୟକ୍ତିମାନେ ନିଜର ନିୟମିତ ଖାଦ୍ୟ ଭାବେ ପଖାଳ ଓ ଆମ୍ବଟାକୁଆ ଜାଉ ଖାଇଥିଲେ, ଆଉ ଫୁଡ୍ ପଏଜନିଂ କାରଣରୁ ସେମାନେ ଅସୁସ୍ଥ ହୋଇପଡ଼ିଥିଲେ ବୋଲି ଜିଲ୍ଲା ପ୍ରଶାସନ ଓ ଡାକ୍ତରୀ ଦଳ ଯାଂଚ ପରେ ରିପୋର୍ଟ ଦେଇଥିବା ସରକାରଙ୍କ ପକ୍ଷରୁ କୁହାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରତ୍ୟେକ ମୃତ ବ୍ୟକ୍ତିଙ୍କ ପରିବାରକୁ ୩୦ହଜାର ଟଙ୍କା ଓ ଚିକିତ୍ସାଧୀନ ବ୍ୟକ୍ତିଙ୍କୁ ୧୦ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ଯୋଗାଇ ଦିଆଯାଇଛି ।

ଉଲ୍ଲେଖଯୋଗ୍ୟ, ଦାରିଙ୍ଗିବାଡ଼ି ବ୍ଲକ ଗଦାପୁର ପଂଚାୟତର ମାଣ୍ଡିପଙ୍କା ଗାଁରେ ଆମ୍ବଟାକୁଆ ଖାଇ ମୃତ୍ୟୁ ହୋଇଥିବା ଘଟଣାକୁ ନେଇ ବିରୋଧୀ-ଶାସକ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। କଂଗ୍ରେସ ରାଜ୍ୟପାଳଙ୍କୁ ଭେଟି ଫେରାଦ ହେବା ସହ ପ୍ରଭାବିତ ଲୋକଙ୍କୁ ଉପଯୁକ୍ତ ନ୍ୟାୟ ଦେବା ପାଇଁ ଦାବି କରିଛି। ତେବେ ରାଜ୍ୟର ପ୍ରମୁଖ ବିରୋଧୀ ଦଳ ବିଜେଡି ନେତାମାନେ କେବଳ ବୟାନବାଜି କରୁଥିଲେ ମଧ୍ୟ ଆଇନଗତ ପଦକ୍ଷେପ ନେବା ପାଇଁ ଓ ପ୍ରଭାବିତ ଲୋକଙ୍କୁ ନ୍ୟାୟ ଦେବା ପାଇଁ ଆବଶ୍ୟକ ଚାପ ସୃଷ୍ଟି କରିବାରେ ବିଜେଡି ସକ୍ଷମ ହୋଇପାରିନି।

### ଧମକ ପରେ...

ହ୍ୟୁଷ୍ଟନ୍‌ରେ ରଥଯାତ୍ରା ଆୟୋଜନ କରିଥିଲା ଆନ୍ତର୍ଜାତିକ ସଂସ୍ଥା ଇସ୍କନ। ଓଡ଼ିଆ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ବିଚାର କରି ନିଷ୍ପତ୍ତି ପରିବର୍ତ୍ତନ କରାଯାଇଛି ବୋଲି ଇସ୍କନର ଆନ୍ତର୍ଜାତିକ ଯୋଗାଯୋଗ ମୁଖ୍ୟ ପ୍ରେସ ରିଲିଜ ଜରିଆରେ ସୂଚନା ଦେଇଛନ୍ତି।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଇସ୍କନ କର୍ତ୍ତୃପକ୍ଷ ରଥଯାତ୍ରା ନିଷ୍ପତ୍ତିରେ ଅଟଳ ରହିଥିଲେ। ଅନ୍ୟପକ୍ଷରେ ଦୋଷ ଘୋଡ଼ଶଇବା ଲାଗି ବାହାନା କରିଚାଲିଥିଲେ। ଗଜପତି ମହାରାଜ ଦିବ୍ୟସିଂହ ଦେବ ରଥଯାତ୍ରା ବନ୍ଦ ପାଇଁ ଇସ୍କନ କର୍ତ୍ତୃପକ୍ଷଙ୍କୁ ଚିଠି ଲେଖିଥିଲେ। ରାଜ୍ୟ ସରକାର ମଧ୍ୟ ଅଦିନିଆ ରଥଯାତ୍ରାକୁ ବିରୋଧ କରି ଏହା ଜଗନ୍ନାଥ ସଂସ୍କୃତି ବିରୋଧୀ ବୋଲି କହିଥିଲେ। ତଥାପି ଇସ୍କନ କର୍ତ୍ତୃପକ୍ଷ ଜିଦରୁ ଓହରି ନ ଥିଲେ। ଏଭଳି ପରିସ୍ଥିତିରେ ଗଜପତି ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେଇଥିଲେ।

### ଟେଣ୍ଡର ମାଫିଆଙ୍କୁ...

ଷ୍ଟାଡିୟମ ପାଇଁ ୨୦୨୨-୨୩ ରେ ୧୧୯ଟି ଗୁପ୍ତଟେଣ୍ଡର ଜରିଆରେ ୪ କୋଟି ୫୯ ହଜାର ଟଙ୍କା ଓ ୨୦୨୩-୨୪ ରେ ଏହାର ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟପାଇଁ ୫ଟି ଗୁପ୍ତ ଟେଣ୍ଡର କରାଯାଇ ୧୮ ଲକ୍ଷ ୧୨ ହଜାର ଟଙ୍କା ବ୍ୟୟ ହୋଇଛି। ଷ୍ଟାଡିୟମରେ ହାଇମାଷ୍ଟ୍ ଓ ଏଲଇଡି ଲାଇଟ୍ ଲଗାଇବା ପାଇଁ ୭୨ଟି ଗୁପ୍ତ ଟେଣ୍ଡର କରାଯାଇ ୨ କୋଟି ୧୬ ଲକ୍ଷ ୭୮ ହଜାର ଟଙ୍କା ବ୍ୟୟ ହୋଇଛି। ଯାହାକି ଏହି ଷ୍ଟାଡିୟମ ୨୦୨୨ ଡିସେମ୍ବରରୁ ଆରମ୍ଭ ହୋଇ ୨୦୨୩ ଡିସେମ୍ବରରେ ଶେଷ ହୋଇଥିଲା। ନିଜକୁ ଯାଜପୁରର ବିକାଶ ପୁରୁଷ କହୁଥିବା 'ଦା' ପରିବାରର ଅଜାଣରେ ଏତେ ସଂଖ୍ୟାରେ ଗୁପ୍ତ ଟେଣ୍ଡର ହେବାକୁ କେହି ସହଜରେ ବିଶ୍ୱାସ କରୁନାହାନ୍ତି। ଏହି ଗୁପ୍ତ ଟେଣ୍ଡର ଟଙ୍କାରୁ କେତେ ଅର୍ଥ ଦାସ ପରିବାରକୁ ଯାଇଛି ତାହାର ଖୋଳତାଡ ପାଇଁ ବି ଦାବି ହେଲାଣି।

ସୂଚନାଧିକାରୀ କର୍ମୀମାନେ କହୁଛନ୍ତି ଯେ କୌଣସି ନିରପକ୍ଷେ ସଂସ୍ଥାଦ୍ୱାରା ଏହାର ତଦନ୍ତ ହେଲେ ବହୁ ସତ୍ୟ ପଦାକୁ ଆସିବ। ମୁଖ୍ୟମନ୍ତ୍ରୀ ଏଥିରେ ତୁରନ୍ତ ହସ୍ତକ୍ଷେପ କରିବା ଆବଶ୍ୟକ। ତବେ ଯାଜପୁରର ଏହି ଟେଣ୍ଡର ଲୁଟ୍ ପଦାକୁ ଆସିବା ପରେ ଯାଜପୁର ରାଜନୀତିରେ ହଲଚଲ୍ ଆରମ୍ଭ ହୋଇଛି। ଯାଜପୁରର ବିଜେପି ନେତାମାନେ ଏଭଳି ମହାଲୁଟ୍ ବିରୁଦ୍ଧରେ ଏକାଠି ହେଉଥିବାବେଳେ ଆଗକୁ ଏହା କି ରୂପ ନେଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

### ପେଟକୁ ଦାନା...

ସବୁ ଶ୍ରମିକମାନଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ସାମିଲ କରିବା ପାଇଁ ପଦକ୍ଷେପ ନେଉଛନ୍ତି। ଇ-ଶ୍ରମିକରେ ପଞ୍ଜୀକୃତ ହୋଇଥିବା ୧କୋଟି ୩୦ଲକ୍ଷ ଶ୍ରମିକଙ୍କ ମଧ୍ୟରୁ ପ୍ରାୟ ସମସ୍ତେ ସାମିଲ ହୋଇଥିବା ବେଳେ ଆଉ ୧ଲକ୍ଷ ୩୧ ହଜାର ଶ୍ରମିକ ବାକି ରହିଛନ୍ତି। ସେମାନଙ୍କୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ତୁରନ୍ତ ସାମିଲ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ୱାନ ନେସନ୍ ୱାନ ରେସନ ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ଅନ୍ୟ ରାଜ୍ୟରେ ରହୁଥିବା ପ୍ରବାସୀ ଓଡିଆ ମାନଙ୍କର ଇ-କେ.ୱାଇ.ସି ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ଶାସନ ସଚିବ ବୀର ବିକ୍ରମ ଯାଦବ ପ୍ରମୁଖ ଉପସ୍ଥିତ ଥିଲେ।

### ଅରାଜକତା...

ଧରିବା ପାଇଁ ପୋଲିସ ଉପରେ ଚାପ ପକାଉଥିବା ଏବେ ବଡ଼ ପ୍ରଶ୍ନ ହୋଇ ନୂଆ ସରକାର ପାଇଁ ଉଭା ହୋଇଛି। ସେପଟେ ସବୁବେଳେ ଓଭର କଂଫିଡେଣ୍ଟ ଡିସିପି ପିନାକ ମିଶ୍ରଙ୍କ ପାରିବା ପଣିଆ ନେଇ ଉଠିଛି ପ୍ରଶ୍ନ। ବିରୋଧୀ ଦଳ ନେତାଙ୍କ ଘର ଠାରୁ ମାତ୍ର ଶହେ ମିଟର ଦୂରରେ ଅପରାଧୀ ହଲାବୋଲ ଡାକରା ଦେଇଛନ୍ତି। ନୀତିଦିନ ବଡ଼ ବଡ଼ ଅପରାଧ ଘଟଣା ସାମ୍ନାକୁ ଆସିଛି। କିନ୍ତୁ ଅନେକ ଦିନ ଧରି ଗାଦି ମାଡି ବସିଥିବା କିଛି ଅପାରଗ ଅଫିସରଙ୍କ ପାଇଁ ଧୀରେ ଧୀରେ ପିନାକଙ୍କ ଇମେଜ୍ ଖରାପ ହେଉଛି। ପ୍ରେସ ମ୍ୟାନେଜମେଣ୍ଟ କରିବାକୁ ଡିସିପିଙ୍କ ସାମ୍ନାରେ କହି ସଠିକ ଖବର ଲୋକଙ୍କ ସମ୍ମାକୁ ସିନା ଆଣୁନାହାନ୍ତି। ହେଲେ ରାଜଧାନିବାସୀ ଏଡ଼େ ମୂର୍ଖ ନୁହନ୍ତି। ଏଭଳି ଗାଦିମଡାଙ୍କୁ ତୁରନ୍ତ ବଦଳି ନକଲେ ନୂଆକରି ସରକାରକୁ ବିଜେପି ଓଡ଼ିଶାରେ ବଦନାମ ହେବ, ଏଥିରେ କୌଣସି ସନ୍ଦେହ ନାହିଁ। ତେବେ ଏହି ଅଭିଯୁକ୍ତମାନେ କେବେ ଗିରଫ ହେବେ ଓ ସେମାନଙ୍କୁ କୋର୍ଟଚାଲାଣ କରାଯିବ, ତାହା ଏବେ ଦେଖିବାକୁ ବାକି ରହିଲା।

### ସାରା...

୨୪କୋଟି ୪୦ ଲକ୍ଷ ଭୋଟରଙ୍କ ମଧ୍ୟରୁ ପୂର୍ବରୁ ପ୍ରାୟ ୭କୋଟି ୮୦ ଲକ୍ଷ ଭୋଟ ଦେଇସାରିଛନ୍ତି। ସେମାନଙ୍କ ମଧ୍ୟରେ ୱିସ୍କନସିନ୍‌ରେ ପ୍ରାୟ ୧କୋଟି ୬୦ ଲକ୍ଷ ଭୋଟର ଅନ୍ତର୍ଭୁକ୍ତ। ଟ୍ରମ୍ପ ବିଜୟୀ ହେଲେ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବେ। କମଳା ଜିତିଲେ ଆମେରିକାର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ଇତିହାସ ରଚିବେ। ମାର୍କିନ ବିଧି-ବ୍ୟବସ୍ଥା ଅନୁଯାୟୀ ୨୦୨୫ ଜାନୁଆରୀ ୨୦ରେ ନିର୍ବାଚନ ପ୍ରକ୍ରିୟା ଶେଷ ହେବା ସହ ନୂତନ ରାଷ୍ଟ୍ରପତି ଶପଥ ଗ୍ରହଣ କରିବେ। ମୋଟ ୫୦ ରାଜ୍ୟ ମଧ୍ୟରୁ ନିର୍ବାଚନରେ ୭ ସ୍ୱିଙ୍ଗ ଷ୍ଟେଟ୍ ଉପରେ ହାରଜିତ ନିର୍ଭର କରୁଛି। ସେଥିରୁ ଆରିଜୋନା, ଜର୍ଜିଆ, ମିଚିଗାନ, ନେଭେଦା, ନର୍ଥ କାରୋଲିନା, ପେନ୍‌ସିଲ୍‌ଭାନିଆରେ ଟ୍ରମ୍ପଙ୍କ ସ୍ଥିତି ଭଲ ଅଛି। କେବଳ ୱିସ୍କନ୍‌ସିନ୍‌ରେ କମଳା ଆଗୁଆ ଅଛନ୍ତି। ତେବେ ଉଭୟଙ୍କ ମଧ୍ୟରେ କାଣ୍ଟେ କା ଟକ୍କର ହେଉଥିବା ସୂଚନା ମିଳିଛି।

### ଧାରଣାରତ...

ଚଳାଇବା ଦାୟିତ୍ୱରେ ଅଛନ୍ତି। ଏହି ମଉକାରେ ତାଙ୍କର କଟ୍ଟର ବିରୋଧି କୁହାଯାଉଥିବା କଟକର ଦୁଇ ବିଜେଡି ନେତାଙ୍କୁ ପାନେ ଦେବାପାଇଁ ଏହି ଗୋଟି ଚଳାଇଥିବା କୁହାଯାଉଛି। ତେବେ ହାତରୁ ମହିଳା ଭୋଟ ବ୍ୟାଙ୍କ ଖସୁଥିବାରୁ ପରଦା ପଛରେ ଥିବା ସନ୍ୟାସୀଙ୍କ ଇଙ୍ଗିତରେ ପୁଣି ମିଶନ ଶକ୍ତି ମହିଳାଙ୍କୁ ଏକାଠି କରି ସରକାରଙ୍କ ବିରୋଧି ମନୋଭାବ ସୃଷ୍ଟି ଲାଗି ଏହା କରାଯାଉଥିବା ନେଇ ମଧ୍ୟ ରାଜନୈତିକ ମହଲରେ ଆଲୋଚନା ଚାଲିଛି।

# ଖୋର୍ଦ୍ଧା ସହରରୁ ଜବତ ହେଲା ବ୍ରାଉନ ସୁଗର



**ଖୋର୍ଦ୍ଧା, ୫।୧୧ (ସଂଚାର ବ୍ୟୁରୋ):** ବ୍ରାଉନ ସୁଗରର ପେଣ୍ଟସ୍ଥଳି ପାଲଟିଥିବା ଖୋର୍ଦ୍ଧା ସହରର ସାମନ୍ତରାପୁର ଛକରୁ ପୁଣି ଜବତ ହେଲା ୨୦ ଗ୍ରାମ ବ୍ରାଉନ ସୁଗର। ଏକ ବିଶେଷସୂତ୍ରରୁ ଖବର ପାଇ ଖୋର୍ଦ୍ଧା ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ଏସ. ଡି.ପି.ଓ. ଖୋର୍ଦ୍ଧା ଅନିଲ କୁମାର ମହାନ୍ତି ଏବଂ ଖୋର୍ଦ୍ଧା ଆଦର୍ଶ ଥାନା ଇନିସପେକ୍ଟର ଇନଚାର୍ଜ ସଞ୍ଜୟ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ ସବ ଇନିସପେକ୍ଟର ପି.କେ.ପରିଡାଙ୍କ ନେତୃତ୍ୱରେ ଏକ ଟିମ ଗଠନ କରି ଖୋର୍ଦ୍ଧା ସାମନ୍ତରାପୁର ଠାରେ ଚଢ଼ାଉ କରି ଅଭିଯୁକ୍ତ ପ୍ରଭାତ ଚନ୍ଦ୍ର ସାହୁଙ୍କୁ ଅଟକ ରଖି ତାଙ୍କ ନିକଟରୁ ୨୦ ଗ୍ରାମ ବ୍ରାଉନ ସୁଗର ଜବତ କରିଥିଲେ। ଜବତ ବ୍ରାଉନ ସୁଗରର ଆନୁମାନିକ ମୂଲ୍ୟ ଦୁଇ ଲକ୍ଷ ଟଙ୍କା ହେବ ବୋଲି ଖୋର୍ଦ୍ଧା ଆଦର୍ଶ ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ.ଡି.ପି.ଓ. ଖୋର୍ଦ୍ଧା ଅନିଲ କୁମାର ମହାନ୍ତି ଗଣ ମାଧ୍ୟମକୁ ସୂଚନା ଦେଇଛନ୍ତି।

# ଜାଲ ଜିଏସ୍‌ଟି ବିଲ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ହଡ଼ପ ଅଭିଯୋଗ

**ଟାଙ୍ଗୀ-ଚୌଦ୍ୱାର, ୫।୧୧ (ସଂଚାର ବ୍ୟୁରୋ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧିନ ବିଭିନ୍ନ ପଞ୍ଚାୟତରେ ହେଉଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟକ୍ରମକୁ ସମ୍ପୂର୍ଣ୍ଣ ନକରି ଜାଲ ଜିଏସ୍‌ଟି ବିଲ୍ ମାଧ୍ୟମରେ ବ୍ଲକ କର୍ତ୍ତୃପକ୍ଷ ଲକ୍ଷାଧିକ ଟଙ୍କା ହଡ଼ପ କରି ନେଇଯାଇଥିବା ଅଭିଯୋଗ ହୋଇଛି। ବ୍ଲକର କୟଳପଡ଼ା ପଞ୍ଚାୟତର ଅଧିବାସୀ ମାନଙ୍କ ତରଫରୁ ଏସଂକ୍ରାନ୍ତରେ ବାଣିଜ୍ୟକର ବିଭାଗ ଜଏଣ୍ଟ କମିସନରଙ୍କୁ ଏକ ଅଭିଯୋଗପତ୍ର ପ୍ରଦାନ କରାଯାଇ ଘଟଣାର ବିଧିବଦ୍ଧ ତଦନ୍ତ ସହିତ ଦୋଷୀକୁ ଦଣ୍ଡ ବିଧାନ କରିବା ପାଇଁ ନିବେଦନ କରାଯାଇଛି। ପୂର୍ବତନ ସରପଞ୍ଚ ରଶ୍ମିରଞ୍ଜନ ପ୍ରଧାନ, ପ୍ରକାଶ ଚନ୍ଦ୍ର ମଲ୍ଲିକ, ମହେଶ୍ୱର ସାହୁ, ନବ କିଶୋର ପୃଷ୍ଟି, ଦୂର୍ଗାବତୀ ବର୍ଦ୍ଧନ, ଦୀପକ ବେହେରା, ନିରଞ୍ଜନ ପଣ୍ଡା ପ୍ରମୁଖଙ୍କ ଦସ୍ତଖତ ସମ୍ବଳିତ ଉକ୍ତ ଅଭିଯୋଗ ପତ୍ରରେ ଦର୍ଶା ଯାଇଛିଯେ ଉକ୍ତ ପଞ୍ଚାୟତ ଅଧିନ ଡିହସାହିସ୍ଥିତ ବାଲୁଙ୍କେଶ୍ୱର ବିଦ୍ୟାପୀଠରେ ବିଭିନ୍ନ ଉନ୍ନୟନ କାର୍ଯ୍ୟପାଇଁ ୫ଟି ଅନୁଦାନ ମାଧ୍ୟମରେ ୮ଲକ୍ଷ ୫୫ହଜାର ଟଙ୍କା ମଞ୍ଜୁର ହୋଇଥିଲା। ହେଲେ ଉକ୍ତ ପ୍ରକଳ୍ପ କାର୍ଯ୍ୟକୁ ଅତି ନିମ୍ନ ମାନର କାର୍ଯ୍ୟ କରି ଏବଂ କିଛି କାର୍ଯ୍ୟ ନକରି ଅନୁଦାନ ପ୍ରାପ୍ତ ସମସ୍ତ ଅର୍ଥ ଖର୍ଚ୍ଚ କରାଯାଇଛି ବୋଲି ଦର୍ଶା ଯାଇଛି।ବିଦ୍ୟାଳୟର ପାଠାଗାର ବାବଦରେ ମେସର୍ସ ନୀଳମଣି କରଙ୍କ ନାମରେ ଜାଲ କାଗଜ ପତ୍ର ପ୍ରସ୍ତୁତ କରାଯାଇ ମୋଟ ୨ଲକ୍ଷ ୨୦ ହଜାର ୩୭୦ ଟଙ୍କା ଆତ୍ମସାତ କରାଯାଇଥିବା ସୂଚନା ଅଧିକାର ଅଇନ୍ ବଳରେ ତଥ୍ୟ ହାସଲ କରାଯାଇଛି ବୋଲି ଅଭିଯୋଗକାରୀ ମାନେ ଦର୍ଶାଇଛନ୍ତି। ବିଦ୍ୟାଳୟପାଇଁ ଦୁଇଟି ପର୍ଯ୍ୟାୟରେ ଆସିଥିବା ଅନୁଦାନରୁ ମୋଟ ୪ଲକ୍ଷ ୫୭ ହଜାର ୭୮୦ଟଙ୍କା ସରକାରୀ ଅର୍ଥ ବ୍ଲକ କର୍ତ୍ତୃପକ୍ଷ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଅନୁରୂପଭାବେ ଅହୁରି ଅନେକ କାର୍ଯ୍ୟରେ ଜାଲ ଜିଏସ୍‌ଟି ବିଲ ପ୍ରସ୍ତୁତ କରି ଆହୁରି ବହୁ ଅର୍ଥ ବ୍ଲକ ତରଫରୁ ହଡ଼ପ କରାଯାଇଥିବା ଅଭିଯୋଗ କରାଯାଇ ଏସବୁର ବିଧିବଦ୍ଧ ତଦନ୍ତ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାପାଇଁ ଅଭିଯୋଗକାରୀ ମାନେ ନିବେଦନ କରିଛନ୍ତି।

## ୭ ମାସ ପାଇଁ ସମୁଦ୍ରରେ ମାଛଧରା ଉପରେ କଟକଣା

# ଅଣ୍ଟୁନି ସହାୟତା, ମତ୍ସ୍ୟଜୀବୀଙ୍କ ଜୀବିକା ପ୍ରଭାବିତ

**କାକଟପୁର/ଅସ୍ତରଙ୍ଗ, ୫।୧୧ (ସଂଚାର ବ୍ୟୁରୋ):** ଚଳିତ ମାସରୁ ୭ମାସ ଅର୍ଥାତ ଆସନ୍ତା ମେ ମାସ ଶେଷ ପର୍ଯ୍ୟନ୍ତ ସମୁଦ୍ରରେ ମାଛଧରା ଉପରେ କଟକଣା ଜାରି ହୋଇଛି। ବିରଳ ପ୍ରଜାତିର ସାମୁଦ୍ରିକ କଇଁଛ ଅଲିଭି ରିଡଲେଙ୍କ ପୁରୀ ଜିଲ୍ଲା ତଥା ଉପକୂଳ ନିକଟ ସମୁଦ୍ରକୁ ଆଗମନ, ସମାଗମରୁ ଆରମ୍ଭ କରି ଗଣଅଣ୍ଡାଦାନ ଏବଂ ଛୁଆ ଫୁଟି ସମୁଦ୍ରକୁ ଯିବା ପର୍ଯ୍ୟନ୍ତ ମାଛଧରା ଉପରେ କଟକଣା ଜାରି କରିଛି ବନବିଭାଗ। ମତ୍ସ୍ୟଜୀବୀମାନେ ଏହି ସମୟ ମଧ୍ୟରେ ପାରମ୍ପରିକ ପଦ୍ଧତି ବ୍ୟତୀତ ବୈଷୟିକ ଜ୍ଞାନ କୌଶଳ ଯଥା ମୋଟର ବୋଟ, ଜିରୋ ନେଟ ଆଦି ବ୍ୟବହାର କରି ମାଛ ଧରିପାରିବେ ନାହିଁ। ଏଭଳି କଟକଣା ଦ୍ୱାରା କାକଟପୁର ନିର୍ବାଚନ ମଣ୍ଡଳୀ ଅସ୍ତରଙ୍ଗ ବ୍ଲକ ଉପକୂଳରେ ରହୁଥିବା ପ୍ରାୟ ୩ ହଜାର ୪ଶହ ପ୍ରତ୍ୟକ୍ଷ ମତ୍ସ୍ୟଜୀବୀ ଓ ମାଛଧରା ଉପରେ ନିର୍ଭର କରି ପେଟପାଟଣା ଯୋଗାଡ଼ କରୁଥିବା ଅନ୍ୟ ୧୨ହଜାର ପରୋକ୍ଷ ମତ୍ସ୍ୟଜୀବୀଙ୍କ ପରିବାର ପ୍ରଭାବିତ ହେବା ଅନୁମାନ କରାଯାଉଛି। ଯଦିଓ ବନ ବିଭାଗ ଦ୍ୱାରା ଏମାନଙ୍କୁ



ଆର୍ଥିକ ସହାୟତା ପ୍ରଦାନ କରାଯାଉଛି ତେବେ ତାହା ସମସ୍ତ ମତ୍ସ୍ୟଜୀବୀଙ୍କୁ ମିଳିପାରୁନି। ଯାହାବି ମିଳୁଛି ତାହା ସମୁଦ୍ରକୁ ଶଙ୍ଖେ ଭଳି। ଫଳରେ ଏମାନେ ଏବେ ଜୀବିକା ଚିନ୍ତାରେ ପଡିଛନ୍ତି।

ସମୁଦ୍ରରୁ ମାଛ ଧରୁଥିବା ପ୍ରାୟ ୩ହଜାର ୪ଶହ ମତ୍ସ୍ୟଜୀବୀଙ୍କୁ ମତ୍ସ୍ୟବିଭାଗ ପକ୍ଷରୁ ପ୍ରତି ପରିବାର ପିଛା ସମ୍ପୂର୍ଣ୍ଣ ୭ମାସ ପାଇଁ ମୋଟ ୧୫ହଜାର ଟଙ୍କା ପ୍ରଦାନ କରାଯାଉଛି। କିନ୍ତୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର ସହନ, ଡ଼ାଲୁଅକଣି, ନଗର, କାଳିଆକଣ, ବାଲିଡିଆ, ଆଳସାହି, ପାଟସୁନ୍ଦରପୁର, ଅସନ ଭଳି ଗ୍ରାମର ମତ୍ସ୍ୟଜୀବୀଙ୍କ ଯୁକ୍ତି ସେମାନେ ୭ ମାସରେ ଲକ୍ଷ ଲକ୍ଷ ଟଙ୍କାର ମାଛ ଧରିପାରନ୍ତେ। ତେଣୁ ତାହା ତୁଳନାରେ ମାର୍କେଟରେ ବିଭିନ୍ନ ସାମଗ୍ରୀର ଦରଦାମ୍ ବୃଦ୍ଧି ସରକାରଙ୍କ ଠାରୁ ମିଳୁଥିବା ଆର୍ଥିକ ସହାୟତା ବେଶ୍ ନିଅଣ୍ଟ ବୋଲି ସେମାନେ କହି ଆସୁଛନ୍ତି।

ଅନ୍ୟ ପକ୍ଷରେ କେବଳ ଡ଼ଙ୍ଗା ଥିବା ଏବଂ ଲାଇସେନ୍ସ ଥିବା ମତ୍ସ୍ୟଜୀବୀ ପରିବାର ହିଁ ଉପରୋକ୍ତ ସରକାରୀ ସୁବିଧା ପାଇପାରୁଛନ୍ତି। କିନ୍ତୁ ମାଛ ଧରିବା ଉପରେ ପରୋକ୍ଷ ଭାବେ ନିର୍ଭରଶୀଳ ପ୍ରାୟ ୧୨ହଜାର ମତ୍ସ୍ୟଜୀବୀ ପରିବାର ଏଥିରୁ ବଂଚିତ ରହୁଛନ୍ତି। ଏମାନଙ୍କ ମଧ୍ୟରେ ରହିଛନ୍ତି ମାଛ ପ୍ୟାକିଙ୍ଗ କରି ବରଫ ଦେଉଥିବା, ଡ଼ଙ୍ଗା ଓ ଜାଲ ତିଆରି କରୁଥିବା ମତ୍ସ୍ୟଜୀବୀ ପରିବାର। ଏମାନେ ନିଜର ଅସନ୍ତୋଷ ପୂର୍ବରୁ ବାରମ୍ବାର ବନ ଓ ମତ୍ସ୍ୟବିଭାଗକୁ ସଙ୍ଘ ମାଧ୍ୟମରେ ଅବଗତ କରାଇଥିବା ଜଣାପଡିଛି। ଆସନ୍ତା ୮ ତାରିଖ ଦିନ ନୋ ଫିସିଂ ଜୋନ ସଂକ୍ରାନ୍ତୀୟ ଏକ ବୈଠକ ଭୁବନେଶ୍ୱରରେ ହେବାର ଅଛି। ସେଥିରେ ଅଂଶଗ୍ରହଣ କରିବାକୁ ଥିବା ମତ୍ସ୍ୟଜୀବୀ ପ୍ରତିନିଧି ମାନେ ୭ମାସ ପାଇଁ ୧୫ହଜାର ବଦଳରେ ୩୦ରୁ ୪୦ହଜାର ଟଙ୍କା ଦେବା ନେଇ ଦାବୀ ରଖିବେ ବୋଲି ଓଡିଶା ପାରମ୍ପରିକ ମତ୍ସ୍ୟଜୀବୀ ୟୁନିୟନ ସଭାପତି ପ୍ରସନ୍ନ ବେହେରା କହିଛନ୍ତି। ଏଥିସହ ପରୋକ୍ଷ ମତ୍ସ୍ୟଜୀବୀଙ୍କ ପରିବାରକୁ ମଧ୍ୟ ଉକ୍ତ ଆର୍ଥିକ ସହାୟତା ପ୍ରଦାନ ସକାଶେ ବି ଦାବୀ ଉପସ୍ଥାପନ କରାଯିବ।

## ମୁଣ୍ଡ ଉପରେ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ

# ବିପର୍ଯ୍ୟସ୍ତ ଅବସ୍ଥାରେ ଚନ୍ଦ୍ରଭାଗା ବେଳାଭୂମି

**କୋଣାର୍କ, ୫।୧୧ (ସଂଚାର ବ୍ୟୁରୋ) :** ଡିସେମ୍ବର ୧ରୁ ଆରମ୍ଭ ହେବ କୋଣାର୍କ ଉତ୍ସବ। ଏହି ଉତ୍ସବ ଅବସରରେ ୫ଦିନ ଧରି ଚନ୍ଦ୍ରଭାଗା ବେଳାଭୂମିରେ ଆନ୍ତର୍ଜାତିକ ବାଲୁକାକଳା ଉତ୍ସବ ଆହୋଜିତ ହୁଏ। ଦେଶବିଦେଶରୁ ସୁନାମଧନ୍ୟ ବାଲୁକାଶିଳ୍ପୀମାନେ ଆସି ଏଇ ବେଳାଭୂମିର ବାଲୁକାରାଶି ଉପରେ ନିଜ ହାତ ସ୍ପର୍ଶରେ ଗଢ଼ିବେ ଅନନ୍ୟ କଳାକୃତି। ଉତ୍ସବ ପାଖେଇ ଆସୁଥିବା ବେଳେ ପ୍ରଶାସନ ଗଭୀର ନିଦ୍ରାରେ ଥିବାରୁ ବୁଦ୍ଧିଜୀବୀ ମହଲରେ ଆଶଂକା ପ୍ରକାଶ ପାଇଛି।

ସୂଚନାଯୋଗ୍ୟ ଯେ ଚନ୍ଦ୍ରଭାଗା ପାରିପାଶ୍ୱିକ ଉନ୍ନତି କଳ୍ପେ ସରକାରଙ୍କ ପକ୍ଷରୁ ପ୍ରାୟ ୫୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ କରାଯାଇ ଥିବା ବେଳେ, ଚନ୍ଦ୍ରଭାଗା ବଜାର, ମେଳା ପଡିଆର ଉନ୍ନତିକରଣ, ଆଲୋକିକରଣ, ଯାନବାହାନ ପାର୍କିଂ, ପାଦଚଲା ରାସ୍ତା ଆଦି ନିର୍ମାଣ କରାଯିବ ବୋଲି ବିଭାଗୀୟ ଅଧିକାରୀଙ୍କ ଦ୍ୱାରା ସମସ୍ତ ପକ୍ରିୟା ଆରମ୍ଭ ହୋଇଥିଲା। ନିର୍ଦ୍ଧାରିତ ଜାଗା ମାନଙ୍କରେ



ମଧ୍ୟ କାର୍ଯ୍ୟ ଆରମ୍ଭ ହୋଇଯାଇଥିଲା। ହେଲେ ଅଳ୍ପ କିଛି ଦିନ କାର୍ଯ୍ୟ ପରେ କାର୍ଯ୍ୟ ବନ ହୋଇଯାଇଥିବା ଦେଖିବାକୁ ମିଳିଛି। ମେଳା ପଡିଆ ସମେତ ବାଲୁକା କଳା ହେଉଥିବା ସ୍ଥାନରୁ ବାଲି କଢ଼ା ଯାଇ ବଡ଼ ବଡ଼ ଖାଲ ସୃଷ୍ଟି ହୋଇଛି। ଅନ୍ୟପଟେ ମେଳା ପଡିଆରେ ବାଲି ଗଦା କରାଯାଇ କୃତ୍ରିମ ବନ୍ତ ସୃଷ୍ଟି କରାଯାଇଛି।ଫଳରେ ଆଗାମୀ ଉତ୍ସବରେ ସମସ୍ୟା ସୃଷ୍ଟି କରିବ ବୋଲି ସାଧାରଣରେ ଚର୍ଚ୍ଚା ଆରମ୍ଭ ହୋଇଛି। ବିକାଶ ନାଁରେ ବିନାଶ ଚାଲିଛି। ପ୍ରାକୃତିକ ବାଲି ବନ୍ତକୁ ନଷ୍ଟ କରି ପ୍ରଶାସନ ଚନ୍ଦ୍ରଭାଗା ଓ କୋଣାର୍କକୁ ଧ୍ୱଂସମୁଖକୁ ଟାଣି ନେଉଥିବା ପାରିବେଶପ୍ରେମି ମାନେ ମତବ୍ୟକ୍ତ କରିଛନ୍ତି।

# ଲକ୍ଷ୍ମୀ ନାରାୟଣ ପୂଜା କମିଟିର ୫୦ବର୍ଷ ପୂର୍ତ୍ତି ଉତ୍ସବ

**ଯାଜପୁର, ୫।୧୧ (ସଂଚାର ବ୍ୟୁରୋ) :** ଯାଜପୁର ଗଣପର୍ବ କାଳୀପୂଜା ଅବସର ରେ ହାବିଳି ବଜାରରେ ଥିବା ସହର ର ଅଗ୍ରଣୀ ପୂଜା କମିଟି ଲକ୍ଷ୍ମୀ ନାରାୟଣ ପୂଜା କମିଟି ପାଳନ କରିଛି ୫୦ବର୍ଷ ପୂର୍ତ୍ତି ଉତ୍ସବ। ଆଡମ୍ବର ପୂର୍ଣ୍ଣ ଭାବେ ଅନୁଷ୍ଠିତ ସ୍ୱତନ୍ତ୍ର ଉତ୍ସବକୁ ଯାଜପୁର ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କମିଟିର ସମ୍ପାଦକ ଆନନ୍ଦ ଚନ୍ଦ୍ର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନଗୋ ଯୋଗ ଦେଇ ପୂଜା ପାର୍ବଣ ମାଧ୍ୟମରେ ସହରରେ ଭାଇଚାରା ଭାବ ସୃଷ୍ଟି ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଏହି ଉତ୍ସବରେ ମୁଖ୍ୟ ବକ୍ତା ଭାବେ ବିରଜା ସଂସ୍କୃତି ଗବେଷକ ଡ ଜ୍ଞାନ ରଞ୍ଜନ ପତି ଏବଂ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ପଣ୍ଡିତ ଭୂପତି ଭୂଷଣ ମିଶ୍ର ଯୋଗ ଦେଇ ସହରର ଐତିହ୍ୟ ପରମ୍ପରା ସମ୍ପର୍କରେ ମତପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଯାଜପୁର ଥାନା ଅଧିକାରୀ ଶରତ ଚନ୍ଦ୍ର ପାତ୍ର ଓ ଜିଲ୍ଲା କାରାଧକ୍ଷ ସୁନିଲ କୁମାର ପାତ୍ର ଯୋଗ ଦେଇ ସହର ରେ ଶାନ୍ତି ପ୍ରତିଷ୍ଠା ସହ ସମାଜସେବା ପାଇଁ ଯୁବ ପିଢ଼ିଙ୍କୁ ଆହ୍ୱାନ ଦେଇଥିଲେ।

# ଗୋବରୀ ନାଳ ଶୁଖିଲେ ଚାଷ ଜମିରେ ରହୁନି ପାଣି

## ଚାଷରେ ଉପୁଜୁଛି ସମସ୍ୟା, ସ୍ଲୁଇସ୍ ଗେଟ୍ ନିର୍ମାଣ ପାଇଁ ଚାଷୀଙ୍କ ଦାବି

**ନାଉଗାଁ, ୫।୧୧ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଦେଇ ପ୍ରବାହିତ ହେଉଛି ଗୋବରୀ ନାଳ। ଏହି ନାଳ ଦେଇ ବ୍ଲକର ଉଦବୃତ ଜଳ ନିଷ୍କାସିତ ହେବା ସହ ମରୁଡ଼ି ସମୟରେ ସ୍ଲୁଇସ୍ ଗେଟ୍ ମାଧ୍ୟମରେ ପାଣିକୁ ଅଟକାଇ ଚାଷ ଜମିରେ ଉକ୍ତ ନାଳର ପାଣିକୁ ବ୍ୟବହାର କରାଯାଇ ଚାଷ କାର୍ଯ୍ୟରେ ଲଗାଯାଇଥାଏ। କିନ୍ତୁ ଉକ୍ତ ନାଳ ବର୍ତ୍ତମାନ ଚାଷୀଙ୍କ ପାଇଁ ସମସ୍ୟା ଆଣିଛି। ନାଉଗାଁ ପଞ୍ଚାୟତର ମାରେଡା ଠାରେ ଗାବେରୀ ନାଳରୁ ଏକ ନାଳ ବାହାରି କିଛି ବାଟ ଚାଷ ଜମି ମଧ୍ୟକୁ ଯାଇଛି। ଯାହାକୁ ସ୍ଥାନୀୟ ଲୋକ ମାରେଡା ନାଳ ବୋଲି କହିଥାନ୍ତି। ବର୍ଷା ଦିନେ ଗୋବରୀ ନାଳରେ ପାଣି ଆସିଲେ ଉକ୍ତ ନାଳ ଦ୍ୱାରା ପାଣି ଚାଷ ଜମିକୁ ଯାଇଥାଏ। ଗୋବରୀରୁ ପାଣି ଶୁଖିଗଲେ କିମ୍ବା କମ୍ ରହିଲେ ଚାଷ ଜମିରୁ ପାଣି ଶୁଖିଯାଇଥାଏ।



ସ୍ଥାନୀୟ ଚାଷୀ କୈଳାସ ଲେଙ୍କା, ଅଭିରାମ ଲେଙ୍କା, ରମେଶ ସ୍ୱାଇଁ, ଭ୍ରମର ଲେଙ୍କା, ଦୀନବନ୍ଧୁ ଦାସ, ଦିଲ୍ଲିପ ଲେଙ୍କା, ବିଜୟ ଭୋଇଙ୍କ କହିବା ମୁତାବକ ମାରେଡା ନାଳିଟି ଗୋବରୀ ନାଳ ସହିତ ଲାଗିଛି। ଗୋବରୀରୁ ପାଣି ଶୁଖିଗଲେ ଚାଷ ଜମିରେ ମୁନ୍ଦାଏ ହେଲେ ପାଣି ରହୁନାହିଁ। ଯେହେତୁ ନାଳିଟି ଚାଷଜମି ଠାରୁ ନିମ୍ନରେ ରହିଛି ନାଳଟି ଶୁଖିଲେ ଚାଷ ଜମିରୁ ସବୁ ପାଣି ନାଳକୁ ଗଡ଼ି ଯାଉଛି। ଯାହାଫଳରେ ବାଂଶ, ମାରେଡା, ସିତୁରା ଓ ଶିଖର ପଞ୍ଚାୟତର କିଛି ଜମି ଅର୍ଥାତ ୩ ଶହ ଏକରରୁ ଉର୍ଦ୍ଧ୍ୱ ଚାଷ ଜମି ଥାନ ଥୋଡ ବାହାରିବା ସମୟରେ ହିଁ ଶୁଖିଲା ପଡୁଛି। ଏହି ସବୁ ଚାଷ ଜମିକୁ ଜଳସେଚନର କୌଣସି ସୁବିଧା ନଥିବାରୁ ଚାଷୀ ଚାଷ ଜମିକୁ ପାଣି ମଡାଇ ପାରୁନାହିଁ। ଯାହାଫଳରେ ଧାନ ଥୋଡ ନ ବାହାରି ମରିଯାଉଛି। ଅର୍ଥ ଖର୍ଚ୍ଚ ସହିତ ପରିଶ୍ରମ କରି ଚାଷୀ ଧାନ ଚାଷ କରିଥିବା ବେଳେ ଧାନ ଅମଳ ବେଳକୁ ଆବଶ୍ୟକ ପରିମାଣର ଧାନ ଅମଳ ହୋଇପାରୁନାହିଁ।

ଚାଷୀଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଯଦି ଗୋବରୀ ନାଳ ସହିତ ମାରେଡା ନାଳ ସଂଯୁକ୍ତ ସ୍ଥାନରେ ଜଳନିକାସ ବିଭାଗ ତରଫରୁ ଏକ ସ୍ଲୁଇସ୍ ଗେଟ୍ ନିର୍ମାଣ ସହି ମାରେଡା ନାଳିକୁ ନବୀକରଣ କରାଯାଆନ୍ତା ତେବେ ନାଳରୁ ପାଣି ଶୁଖିଲେ ଗେଟ ମାଧ୍ୟମରେ ଚାଷ ଜମିରୁ ପାଣି ଅଟକାଯାଇ ପାରନ୍ତା। ଉକ୍ତ ନାଳରେ ଏକ ସ୍ଲୁଇସ୍ ଗେଟ ନିର୍ମାଣ ଓ ମାରେଡା ନାଳକୁ ନବୀକରଣ କରିବା ପାଇଁ ସ୍ଥାନୀୟ ଚାଷୀ ପ୍ରଶାସନ ନିକଟରେ ଦାବି କରିଛନ୍ତି। ଏବିଷୟରେ ବିଭାଗୀୟ ସହକାରୀ ଯନ୍ତ୍ରୀ ଇଂ.ସୂର୍ଯ୍ୟକାନ୍ତ ଦିକ୍ଷିତଙ୍କୁ ପଚାରିବାରେ କେଉଁ ବାଟ ଦେଇ ଚାଷ ଜମିରୁ ଜଳ ନିଷ୍କାସିତ ହେଉଛି ତାକୁ ଅନୁଧ୍ୟାନ କରି ସ୍ଥାୟୀ ବ୍ୟବସ୍ଥା କରାଯିବ ବୋଲି ମତବ୍ୟକ୍ତ କରିଛନ୍ତି।

# ତିରିଶ ବର୍ଷ ପରେ ବି ମରାମତି ହୋଇପାରୁନି ରାସ୍ତା

**ବୈଶିଙ୍ଗା, ୫।୧୧ (ସଂଚାର ବ୍ୟୁରୋ) :** ସାରାଦେଶରେ ବା ରାଜ୍ୟରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନା, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ କୋଟି କୋଟି ଟଙ୍କାର ଅର୍ଥ ମଞ୍ଜୁରୀ ହେବାପରେ ଗ୍ରାମାଞ୍ଚଳରେ ଏହା କିପରି ରୂପାନ୍ତରିତ ହେଉଛି, ଠିକାଦାର କିପରି କାମ କରୁଛି, ପାଞ୍ଚବର୍ଷ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ହେଉଛି କି ନାହିଁ, ଏ ସବୁ ଦେଖିବା ପାଇଁ ବିଭାଗୀୟ ଅଧିକାରୀଙ୍କ ପାଖରେ ସମୟ ନାହିଁ। ଫଳରେ ଅଳ୍ପ କିଛି ଦିନ ପରେ ଏହି ରାସ୍ତାଗୁଡିକର ଅବସ୍ଥା ଏମିତି ଖରାପ ହୋଇ ଯାଉଛି ଯେ ବିନା ମରାମତିରେ ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ଏହାର ନଗ୍ନ ଉଦାହରଣ ପାଲଟିଛି ଖୁଣ୍ଟାପୁର-ଅସ୍ତପୁରା ଗ୍ରାମ୍ୟ ସଡ଼କ।

**ଦାୟୀ ନେତା ଓ ପ୍ରଶାସନ!**

ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧିନ ଖୁଣ୍ଟାପୁର ସ୍କୁଲ ଛକ ଠାରୁ ଅସ୍ତପୁରା ନିକଟରେ ବୈଶିଙ୍ଗା -ରୁପସା ଏମ୍.ଡି.ଆର..୭୦କୁ ସଂଯୋଗ କରୁଥିବା ଦେଢ କି.ମି.ରାସ୍ତା ଟିକୁ ପ୍ରାୟ ୩୦ ବର୍ଷ ତଳେ ପିଚୁ ରାସ୍ତା ତିଆରି କରାଯାଇଥିଲା। ବର୍ତ୍ତମାନ ଏହି ରାସ୍ତାରେ ବଡ ବଡ ମେଟାଲ ସବୁ ଉଠିଯାଇ ରାସ୍ତାରେ ବିଛୁଡି ହୋଇପତି ଥିବାରୁ ଗାଡି,ବାଇକ୍ ଚାଲିବା ତ ଦୂରର କଥା ଖାଲି ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡିଛି। ଏହି ୩୦ ବର୍ଷ ମଧ୍ୟରେ କେତେ ସାଂସଦ, ବିଧାୟକ ଓ ସରପଞ୍ଚ ନିଜର ଦାୟିତ୍ୱ ନିଭାଇ ବିଦାୟ ହୋଇଯାଇଛନ୍ତି, ମାତ୍ର ଏହି ରାସ୍ତା ପ୍ରତି କାହାରି ଦରଦ ଥିବା ଭଳି ପରିଲକ୍ଷିତ ହୋଇନାହିଁ। ଏହି ୩୦ ବର୍ଷ ମଧ୍ୟରେ ବିଜୁ ଜନତାଦଳ ୨୫ ବର୍ଷ କ୍ଷମତାସୀନ ଥାଇ ମଧ୍ୟ ଏହି ରାସ୍ତା ପ୍ରତି ଗୁରୁତ୍ୱ ନ ଦେବା ପରିତାପର ବିଷୟ ପାଲଟିଛି



। ରାଜ୍ୟରେ ଭାରତୀୟ ଜନତା ପାର୍ଟି ପ୍ରଥମ କରି ଶାସନ ଭାର ଗ୍ରହଣ କରିବା ର ପାଞ୍ଚି ମାସ ପୂର୍ତ୍ତି ହୋଇଥିବାବେଳେ ଏହି ରାସ୍ତାର ଅବସ୍ଥା ସୁଧୁରିବା ନେଇ ଖୁଣ୍ଟାପୁର ଗ୍ରାମବାସୀ ବହୁ ଆଶାବାଦୀ ଥିବା ଜଣାଯାଇଛି । ବିଭାଗୀୟ କର୍ତ୍ତୃପକ୍ଷ ରାସ୍ତା ମରାମତିର ଆବଶ୍ୟକତା କୁ ଉପଲବ୍ଧି କରି ନିର୍ମାଣ ପ୍ରତି ଗୁରୁତ୍ୱ ଦେଲେ ଅଞ୍ଚଳବାସୀ ଉପକୃତ ହୋଇପାରନ୍ତେ ।




# ଦୟାବିହାର ସ୍ନାତକ ମହାବିଦ୍ୟାଳୟରେ ମେଗା ରକ୍ତଦାନ ଶିବିର

**କଣାସ, ୫।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ ଦୟାବିହାର ଠାରେ ପ୍ରତିଷ୍ଠିତ ଦୟାବିହାର ସ୍ନାତକ ମହାବିଦ୍ୟାଳୟ ପରିସରରେ ଆଜି ଏକ ମେଗା ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୧୨୧ଜଣ ଛାତ୍ରଛାତ୍ରୀ ରକ୍ତଦାନ କରିଥିଲେ।

ରକ୍ତଦାନ ଶିବିରରେ କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ସାହୁ, ଉକ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ବିଶ୍ୱାଳ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ବ୍ଲଡ୍ ସେଣ୍ଟର ଡିଏଚ୍‌ଏଚ୍ ପୁରୀର ଡାକ୍ତର ଦିପକ ସାହୁ, ଏଲ୍.ଟି ଶକ୍ତିକାନ୍ତ ମହାପାତ୍ର, ଏନ୍.ଓ ମଙ୍ଗଳା ପ୍ରସାଦ ଦିକ୍ଷିତ, କାଉସିଲତ ପ୍ରତିରଞ୍ଜନ ନାୟକ, ଡି.ଇ.ଇ.ଓ ମନୋରଞ୍ଜନ ଭୋଇ, ଆଟେଣ୍ଡାଣ୍ଟ ଅମିତ କୁମାର ପାଢ଼ୀ, ପ୍ରବିଣ କୁମାର ନାୟକ, ପଞ୍ଚାନନ ମଲ୍ଲିକ ଯୋଗଦେଇ ୧୨୧ଜଣ ଛାତ୍ରଛାତ୍ରୀଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ଯୁବ ରେଡକ୍ରସ୍ ପରାମଶ୍ର ଦାତା ରବୀନ୍ଦ୍ର କୁମାର ସାହୁ, ତପସିନୀ ମାନସିଂହ, ମାନସରଂନ ବାରିକ, ବିଜୟ କୁମାର ମହାପାତ୍ର, ସଂଗ୍ରାମ କେଶରୀ ପରିଡ଼ା, ପ୍ରଶନ୍ନହରି ପ୍ରଧାନ ଅଧ୍ୟାପକ ପ୍ରଭୃତି ପରିଚାଳନା କରିଥିବା ବେଳେ ସବ୍ୟସଚି ସାହୁ, ସ୍ୱାଗତିକା ପରିଡ଼ା, ରାଶ୍ମିତା ଜେନା, ରୂପଶ୍ରୀ ମହାରଣା, ଶୁଭଲକ୍ଷ୍ମୀ ବିଶ୍ୱାଳ ପ୍ରଭୃତି ପୂର୍ଣ୍ଣସହଯୋଗ କରିଥିଲେ।

# ରାସ୍ତା ମରାମତି ଦାବିରେ ସିପିଏମ୍‌ର ରାସ୍ତାରୋକ

**ନୀଳଗିରି, ୫।୧୧ (ସଂଚାର ବ୍ୟୁରୋ):** ପଞ୍ଚଲିଙ୍ଗେଶ୍ୱର-ବଉଳଗଡିଆ ରାସ୍ତା ଏବଂ ନୀଳଗିରିରୁ ମିତ୍ରପୁର ଦୁଇଟି (ପି.ଡବ୍ଲ୍ୟୁ.ଡି) ରାସ୍ତା ମରଣଯନ୍ତା ପାଲଟିଛି। ଏହି ଦୁଇ ରାସ୍ତାର ମରାମତି ଦାବିରେ ମଙ୍ଗଳବାର ସକାଳ ଛ ଘଟିକାରୁ ପଞ୍ଚଲିଙ୍ଗେଶ୍ୱର ଛକ ଠାରେ ମାର୍କ୍ସବାଦୀ କମ୍ୟୁନିଷ୍ଟ ପାର୍ଟି ନୀଳଗିରି ଆଂଚଳିକ କମିଟି ପକ୍ଷରୁ ରାସ୍ତାରୋକ କରଯାଇଥିଲା।

ସୂଚନାଯୋଗ୍ୟ ଯେ, ଉକ୍ତ ଦୁଇ ରାସ୍ତା ପ୍ରମୁଖ ମାର୍ଗ ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱରକୁ ସଂଯୋଗ କରୁଥିବାରୁ ରାଜ୍ୟ ଓ ରାଜ୍ୟ ବାହାରୁ ପ୍ରତିଦିନ ହଜାର ହଜାର ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଉକ୍ତ ରାସ୍ତା ଦେଇ ବାରିପଦାରୁ ଭୁବନେଶ୍ୱର ବହୁ ଲୋକ ଯାତାୟତ କରନ୍ତି। ରାସ୍ତା ମରଣଯନ୍ତା ପାଲଟିଥିବା ବେଳେ ଦୁର୍ଘଟଣାରେ ବହୁ ଲୋକ ଶିକାର ହେଉଛନ୍ତି। ମାତ୍ର ରାସ୍ତାର ଦୂରାବସ୍ଥା ପାଇଁ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ୍ୟ ରାଜ୍ୟ ସରକାର ଏଥିପ୍ରତି କର୍ଣ୍ଣପାତ କରିନାହାଁନ୍ତି।



ଏହାର ପ୍ରତିବାଦ ସ୍ୱରପ ଦଳର ନେତାମାନେ ପଞ୍ଚଲିଙ୍ଗେଶ୍ୱର ଛକ ଠାରେ ରାସ୍ତା ଅବରୋଧ କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା କରିଥିଲେ। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଗାଡି ମଟର ଅଟକି ରହିଥିଲେ। ପରେ ଉପଜିଲ୍ଲାପାଳଙ୍କ ଅନୁରୋଧ କ୍ରମେ ଡେପୁଟି କଲେକ୍ଟର ଇଶ୍ୱର ଚନ୍ଦ୍ର ରଣା ଘଟଣାସ୍ଥଳରେ ପହଞ୍ଚି ଉପଜିଲ୍ଲାପାଳ ପାଖକୁ ଏକ ପ୍ରତିନିଧି ମଣ୍ଡଳୀ ଯାଇ ଆଲୋଚନା କରିବାକୁ ଅନୁରୋଧ କରିଥିଲେ। ଅନୁରୋଧକୁ ରକ୍ଷା କରି ଦଳ ତରଫରୁ ଜିଲ୍ଲା ସମ୍ପାଦକ ମଣ୍ଡଳୀ ସଭ୍ୟ ବିଜୟ କୁମାର ପାତ୍ର, ଆଂଚଳିକ କମିଟି ସମ୍ପାଦକ ଜ୍ୟୋତିର୍ମୟ ରାଉତ, ଗୋବିନ୍ଦ ବାରିକ, କେଶବ ଲେଙ୍କା ଯାଇଥିଲେ। ଉପଜିଲ୍ଲାପାଳଙ୍କ ପ୍ରକୋଷ୍ଠରେ ପୂର୍ତ୍ତ ବିଭାଗର ଅଧିକାରୀ, ବନ ବିଭାଗ ଅଧିକାରୀ, ପୋଲିସ ଅଧିକାରୀଙ୍କ ଉପସ୍ଥିତରେ ଦାବୀ ପତ୍ର ବିଷୟ ଉପରେ ଆଲୋଚନା କରାଯାଇଥିଲା। ପନ୍ଦର ଦିନ ମଧ୍ୟରେ ଉକ୍ତ ରାସ୍ତା ଦୁଇଟି ମରାମତି ସାରିବା ପାଇଁ ପ୍ରତିଶ୍ରୁତି ପ୍ରଶାସନ ପକ୍ଷରୁ ମିଳିବାରୁ ରାସ୍ତାରୋକ ହଟାଇ ନିଆଯାଇଛି।

ଉକ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ରାଜ୍ୟ କମିଟି ସଭ୍ୟ ସିତାଂଶୁ ସେନାପତି, ନିର୍ମଳ ନାୟକ, ନରୋତ୍ତମ ମହାପାତ୍ର, ମୃତ୍ୟୁଞ୍ଜୟ ନାୟକ, ଗଙ୍ଗାଧର ମହାନ୍ତି, ନାରାୟଣ ଧମୁଡ଼ିଆ, ତ୍ରିଲୋଚନ ସ, ସତ୍ୟଜିତ ଦାସ, ରାମ ଚନ୍ଦ୍ର ସିଂ ଙ୍କ ସମେତ ବହୁ ସାଥୀ ଉପସ୍ଥିତ ଥିଲେ।

# ଶାନ୍ତିକାନନରେ ପାଠାଗାର ଓ ପଠନଗୃହ ଉନ୍ମୋଚିତ




**ବାଲେଶ୍ୱର, ୫।୧୧ (ସଂଚାର ବ୍ୟୁରୋ):** ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନସ୍ଥିତ ଫକୀରମୋହନ ସ୍ମୃତିସୌଧରେ ପାଠାଗାର ଓ ପଠନଗୃହ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ପରିଷଦର ସଭାପତି ଡ.ସୁବାସଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ଏକ ସଭାରେ କୁଳପତି ପ୍ରଫେସର ତ୍ରିପାଠୀ ଉଦ୍‌ଘାଟକ ଭାବରେ ଯୋଗ ଦେଇ ଫକୀରମୋହନ ସାହିତ୍ୟ ପରିଷଦର ଭାଷା ଓ ସାହିତ୍ୟ ଦିଗରେ ନିରବଚ୍ଛିନ୍ନ ଉନ୍ନତିମୂଳକ କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ଦିଲ୍ଲୀପ ଘୋଷ ବରେଣ୍ୟ ଅତିଥି ଭାବେ ଯୋଗ ଦେଇ ସାହିତ୍ୟର ପ୍ରଚାର ଓ ପ୍ରସାର ଦିଗରେ ପରିଷଦ ସହିତ ଫକୀରମୋହନ ମହାବିଦ୍ୟାଳୟର ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ପାଦକ ଡ. ରତ୍ନାକର ସିଂହ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ କର୍ମକର୍ତ୍ତା ଭାବେ ନିର୍ବାଚିତ ହୋଇଥିବା ଉପସଭାପତି ଦୀନବନ୍ଧୁ ଲେଙ୍କା, ଅଞ୍ଜଳି ପଣ୍ଡା, ଯୁଗ୍ମ ସମ୍ପାଦକ କଲ୍ୟାଣୀ ନନ୍ଦ, ରାଜେଶ ଗିରି, କୋଷାଧ୍ୟକ୍ଷ ତପନ ରାୟ ପରିଷଦର ସଦସ୍ୟମାନଙ୍କ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିଥିଲେ। ୫ଜଣ ବରିଷ୍ଠ ସଦସ୍ୟ ପ୍ରହ୍ଲାଦ ଚରଣ ମହାନ୍ତି, ଶରତ କୁମାର ଦାଶ, ପୁରୁଷୋତ୍ତମ ବିଶ୍ୱାଳ, ଶରତ କୁମାର ମହାପାତ୍ର ଓ ପଦ୍ମଲୋଚନ ଦତ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ୯ ଷ୍ଟେସନକୁ ପରିବେଶ ପରିଚାଳନା ସିଷ୍ଟମ ଷ୍ଟାଣ୍ଡାର୍ଡ ପ୍ରମାଣପତ୍ର

**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ଉନ୍ନତ ପରିବେଶ ପ୍ରଦର୍ଶନ ପାଇଁ, ଖୋର୍ଦ୍ଧା ରୋଡ୍ ରେଳ ମଣ୍ଡଳର ୯ ରେଳ ଷ୍ଟେସନକୁ ପରିବେଶ ପରିଚାଳନା ସିଷ୍ଟମ ଷ୍ଟାଣ୍ଡାର୍ଡ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଏହି ଷ୍ଟେସନ ଗୁଡ଼ିକ ହେଲା ପୁରୀ, ଭୁବନେଶ୍ୱର, ଖୋର୍ଦ୍ଧା ରୋଡ୍, ପଲାସା, ବାଲୁଗାଁ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, କଟକ, ବ୍ରହ୍ମପୁର। ଏହି ଷ୍ଟେସନଗୁଡ଼ିକୁ ସ୍ୱଚ୍ଛ ଓ ସବୁଜ ପରିବେଶ ସହିତ ଯାତ୍ରୀମାନଙ୍କୁ ଆନୁଷଙ୍ଗିକ ସେବା ଯୋଗାଇ ଦିଆଯାଉଛି। ଏହା ସହ ପରିବେଶ ସହିତ ଷ୍ଟେସନ ପରିସରରେ ଅନ୍ୟାନ୍ୟ ସେବା ଯେପରିକି ଟ୍ରେନ୍ ପରିଚାଳନା, ସିଗନାଲ ଏବଂ ଟେଲିକମ୍, ଷ୍ଟେସନ ରକ୍ଷଣାବେକ୍ଷଣ, ସର୍ବସାଧାରଣଙ୍କ ଉପଯୋଗିତା ସହିତ ଯାତ୍ରୀ ଟିକେଟ୍ ବୁକିଂ ଏବଂ ଅନ୍ୟାନ୍ୟ ଯାତ୍ରୀ



ସୁବିଧାକୁ ଅନ୍ତର୍ଭୁକ୍ତ କରାଯାଉଛି। ଆଇଏସ୍ଓ ୧୪୦୦୧:୨୦୧୫ ପ୍ରମାଣପତ୍ର ହେଉଛି ପରିବେଶ ପରିଚାଳନା ସିଷ୍ଟମ ପାଇଁ ଏକ ଅନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ମାନକ। ଖୋର୍ଦ୍ଧା ରୋଡ଼ ମଣ୍ଡଳ ପ୍ରବନ୍ଧକ ଏଚ୍ଏସ୍ ବାଜୱା ଷ୍ଟେସନକୁ ପରିବେଶ ଅନୁକୂଳ କରିବା ପାଇଁ ମେକାନିକାଲ୍ ବିଭାଗର ଏନଭାୟାରମେଣ୍ଟାଲ ହାଉସକିପିଂ ମ୍ୟାନେଜମେଣ୍ଟ ଟିମ୍କୁ ଅଭିନନ୍ଦନ ଜଣାଇଛନ୍ତି।

● ମେଘନାଦ ପାଚେରିରେ ଫାଟ

# ଅସନ୍ତୋଷ ଝାଡ଼ିଲେ ଜଗୁନି, ନାଁ ନ ନେଇ କଲେ ଟାର୍ଗେଟ୍



**ପୁରୀ, ୫।୧୧ (ସଂଚାର ବ୍ୟୁରୋ):** ମହାପ୍ରଭୁଙ୍କ ମେଘନାଦ ପାଚେରିରେ ଫାଟ ସୃଷ୍ଟି ହୋଇଛି। ଏହାକୁ ନେଇ ଆରମ୍ଭ ହୋଇଛି ବୟାନବାଜି। ଏହି ବୟାନବାଜି ଭିତରେ ଆଜି ମୁହଁ ଖୋଲିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୁଖ୍ୟ ବାଡ଼ଗ୍ରାହୀ ଜଗନ୍ନାଥ ସ୍ୱାଇଁ ମହାପାତ୍ର ଓରଫ ଜଗୁନି। ଆଉ ନାଁ ନ ନେଇ ପୂର୍ବ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଅସନ୍ତୋଷ ଝାଡ଼ି ସେ କହିଛନ୍ତି ଜାଣିଶୁଣି ମନ୍ଦିରକୁ ଭାଙ୍ଗିଦେଲେ। ଜଗୁନିଙ୍କ ସହିତ ସ୍ୱର ମିଳାଇଛି ବିଜେପି। ଏହାର ଜବାବ ରଖିଛି ବିଜେଡି। ମହାପ୍ରଭୁଙ୍କ ମେଘନାଦ ପାଚେରିରେ ଫାଟ ନେଇ ଜଗନ୍ନାଥ ସ୍ୱାଇଁ ମହାପାତ୍ର କହିଛନ୍ତି, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ କାମ ବେଳେ ଜେସିବି ଲଗାଇ ଭାଙ୍ଗିଲେ। ଚାରିକଡ଼ ମଠ, ମନ୍ଦିର, ଘର ସବୁ ଜେସିବିରେ ଭାଙ୍ଗିଦେଲେ। ଏହାଦ୍ୱାରା ମନ୍ଦିର ଚାରିକଡ଼ୁ ସପୋର୍ଟ କମିଗଲା। ଯେଉଁଥିପାଇଁ ପାଚେରୀ ଚାରିଆଡ଼େ ଫାଟିଗଲା। ଏହାକୁ ସଂପୂର୍ଣ୍ଣ ମରାମତି ନକଲେ ଏହା ପୂରା ଭାଙ୍ଗିଯିବ। ବର୍ତ୍ତମାନ ସ୍ଥିତି ଯାହା ଏଏସ୍ଆଇ ଏହାକୁ ସ୍ୱତନ୍ତ୍ର ଭାବେ କାମ କରୁ। ପ୍ରଧାନମନ୍ତ୍ରୀ ନିଜେ ହସ୍ତକ୍ଷେପ କଲେ ପୂରା କାମ ହେବ ବୋଲି ଜଗୁନି କହିଛନ୍ତି। ଏଏସ୍ଆଇ ପୁରୀ କାର୍ଯ୍ୟାଳୟର ଅଧିକାରୀ ଜ୍ୟୋତିରଞ୍ଜନ ପ୍ରଧାନ କହିଛନ୍ତି, 'ସମୁଦ୍ରରୁ ଆସୁଥିବା ଲୁଣି ପବନରେ ଶ୍ରୀମନ୍ଦିରର ପଥର ଯେଭଳି କିଛି କ୍ଷତି ନ ହୁଏ ସେଥିପାଇଁ କେମିକାଲ ଟ୍ରିଟମେଣ୍ଟ କରାଯାଏ। ଏଏସଆଇର ଥିବା ସାଇନ୍ସ ବ୍ରାଞ୍ଚ ଏହି କାର୍ଯ୍ୟ କରନ୍ତି। ଶ୍ରୀମନ୍ଦିର ଭିତରେ ଥିବା ଛୋଟ ମନ୍ଦିର ଗୁଡିକର ନିୟମିତ ରାସାୟନିକ ପ୍ରଲେପ ଦିଆଯାଉଛି। ମେଘନାଦ ପାଚେରୀର ମଧ୍ୟ ରାସାୟନିକ ପ୍ରଲେପ କାର୍ଯ୍ୟ ଏବେ ଶେଷ ହୋଇଛି। ଶ୍ରୀମନ୍ଦିରର କେବେ ଏହି ରାସାୟନିକ ପ୍ରଲେପ କାର୍ଯ୍ୟ ହେବ ତାହା ଆମ ସାଇନ୍ସ ବିଭାଗ କହିପାରିବେ। ଶ୍ରୀମନ୍ଦିରକୁ ଏବେ କୌଣସି ବିପଦ ନାହିଁ।

# ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କ ପରଲୋକ



**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ମାଝୀଙ୍କର ସୋମବାର ବିଳମ୍ବିତ ରାତିରେ ପରଲୋକ ଘଟିଛି। ତାଙ୍କୁ ୪୨ ବର୍ଷ ହୋଇଥିଲା ଓ ଯକୃତ ରୋଗରେ ପୀଡ଼ିତ ହୋଇ ୩ ମାସ ହେଲା ଭୁବନେଶ୍ୱର ଏମ୍ସରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ପରଲୋକ ଖବର ପ୍ରଚାରିତ ହେବା ପରେ ବହୁ ରାଜନେତା, ମାନ୍ୟଗଣ୍ୟ ବ୍ୟକ୍ତି ଶୋକ ବ୍ୟକ୍ତ କରିଛନ୍ତି। ୨୦୦୮ରେ ଅନୁଷ୍ଠିତ ଉପନିର୍ବାଚନରେ କଂଗ୍ରେସ ଟିକେଟରେ ବିଜୟୀ ହୋଇଥିଲେ ପୂର୍ଣ୍ଣଚନ୍ଦ୍ର। ସେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ଅନନ୍ତରାମ ମାଝିଙ୍କ ପୁଅ ଓ ରାୟଗଡ଼ା ବିଧାନସଭାର ବିଜେଡ଼ି ପ୍ରାର୍ଥୀ ଅନସୂୟା ମାଝୀଙ୍କ ଭାଇ।

# ଓଡ଼ିଶା ପର୍ଯ୍ୟଟନକୁ ବିଶ୍ୱବ୍ୟାପୀ କରିବାକୁ ପ୍ରୟାସ

● ୟୁକେସ୍ଥିତ ଭାରତୀୟ ହାଇକମିଶନରଙ୍କୁ ସାକ୍ଷାତ କଲେ ଉପମୁଖ୍ୟମନ୍ତ୍ରୀ

● କେଣ୍ଟରେ ଚିଲିକା ରେସ୍ତୋରାଁ ଉଦ୍‌ଘାଟିତ



**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ଅଧିକ ବିକଶିତ କରିବା ଦିଗରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ବ୍ରିଟେନରେ ଭାରତୀୟ ହାଇ-କମିଶନର ବିକ୍ରମ ଦୋରାଇସ୍ୱାମୀଙ୍କୁ ଭେଟିଛନ୍ତି।

ଏହି ଅବସରରେ ୟୁନାଇଟେଡ୍ କିଙ୍ଗଡମ୍ ଏବଂ ୟୁରୋପିଆନ ପରିଦର୍ଶକଙ୍କ ମଧ୍ୟରେ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ଐତିହ୍ୟ, କଳା ଓ ସୌନ୍ଦର୍ଯ୍ୟକୁ ପ୍ରୋତ୍ସାହିତ କରିବା ଦିଗରେ ଆଲୋଚନା କରାଯାଇଥିଲା। ହାଇ-କମିଶନର ଶ୍ରୀ ଦୋରାଇସ୍ୱାମୀ ଟୁର୍ ଅପରେଟର୍ ଏବଂ ଡେଷ୍ଟିନେସନ୍ ମ୍ୟାନେଜମେଣ୍ଟ କମ୍ପାନୀର ସହଭାଗିତା, ସହଯୋଗରେ ଓଡ଼ିଶାର ପର୍ଯ୍ୟଟନକୁ ଲୋକାଭିମୁଖୀ କରିବା ପାଇଁ ପ୍ରସ୍ତାବ ଦେଇଥିଲେ ।

ଏଥିସହିତ ଉପମୁଖ୍ୟମନ୍ତ୍ରୀ ଓଡ଼ିଶାର ପର୍ଯ୍ୟଟନ ନୀତି ସମ୍ପର୍କରେ ଆଲୋକପାତ କରିଥିଲେ, ଯାହା ନିବେଶକଙ୍କୁ ଅଧିକରୁ ଅଧିକ ଆକୃଷ୍ଟ କରିଆସିଛି । ବିଶେଷ କରି ଇକୋ ଟୁରିଜିମ୍, ଐତିହ୍ୟ ପର୍ଯ୍ୟଟନ, ସ୍ୱଚ୍ଛତା କ୍ଷେତ୍ରକୁ ସେ ପ୍ରାଧାନ୍ୟ ଦେଇଥିଲେ । ସେ ଓଡ଼ିଶାର ଅନନ୍ୟ ସମ୍ପଦ ଯଥା ବିସ୍ତୀର୍ଣ୍ଣ ବେଳାଭୂମି, ଘଞ୍ଚ ଅରଣ୍ୟ, ଅଭୟାରଣ୍ୟ, ମନ୍ଦିର, ସମୃଦ୍ଧ ହସ୍ତଶିଳ୍ପ ଓ କଳା ଉପରେ ଆଲୋକପାତ କରିଥିଲେ । ଏସିଆର ସର୍ବବୃହତ ଖାରିଜଳ ହ୍ରଦ ଚିଲିକାରୁ ଅନୁପ୍ରାଣିତ ହୋଇ ବ୍ରିଟେନର କେଣ୍ଟରେ 'ଚିଲିକା' ନାମକ ଏକ ରେସ୍ତୋରାଁକୁ ଉଦ୍‌ଘାଟନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା । ଉକ୍ତ ରେସ୍ତୋରାଁରେ ଭାରତୀୟ ଖାଦ୍ୟ ସହିତ ଓଡ଼ିଶାର ସମୃଦ୍ଧ ଖାଦ୍ୟପେୟ ମଧ୍ୟ ସ୍ଥାନ ପାଇଛି। ବେକ୍ସଲେର ମେୟରଙ୍କ ସମେତ କାଉନସିଲର ପ୍ରମୁଖ ଏବଂ ଓଡ଼ିଶା ସୋସାଇଟି ଅଫ୍ ୟୁକେର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ଗହଣରେ ଯୋଗଦେଇ ଓଡ଼ିଶାର ସଂସ୍କୃତିର ସନ୍ଦେଶ ପ୍ରଦାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା।

ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ଶ୍ରୀ ବଲବନ୍ତ ସିଂ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଶ୍ରୀ ସମର୍ଥ ବର୍ମା, ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ, ଅତିରିକ୍ତ ଶାସନ ସଚିବ, ଶ୍ରୀ ଅନୁପମ ସାହା ପ୍ରମୁଖ ବରିଷ୍ଠ ଅଧିକାରୀ ଏହି ସାକ୍ଷାତକାରରେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ଓଡ଼ିଶାର ସ୍ୱତନ୍ତ୍ର ସଂସ୍କୃତିକୁ ବିଶ୍ୱ ଦରବାରରେ ପରିଚୟ ଦେବା ପାଇଁ ୱାର୍ଲ୍ଡ ଟ୍ରାଭେଲ୍ ମାର୍କେଟ ଲଣ୍ଡନ- ୨୦୨୪ ରେ ଅଂଶଗ୍ରହଣ କରିଛି ଓଡ଼ିଶା ପର୍ଯ୍ୟଟନ । ଏହି କାର୍ଯ୍ୟକ୍ରମ ଓଡ଼ିଶାର ପର୍ଯ୍ୟଟନ କ୍ଷେତ୍ରକୁ ବିଶ୍ୱସ୍ତରରେ ପ୍ରଚାରପ୍ରସାର କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ।

# ଜାତୀୟସ୍ତରରେ ପାଳନ ହେବ ମହତାବ ଜୟନ୍ତୀ



**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ଭାରତ ସ୍ୱାଧୀନ ହେବାପରେ ଓଡ଼ିଶାର ପ୍ରଥମ ମୁଖ୍ୟମନ୍ତ୍ରୀ ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କୁ ଉପଯୁକ୍ତ ସମ୍ମାନ ଦେବା ପାଇଁ କେନ୍ଦ୍ର ସରକାର ପଦକ୍ଷେପ ନେଇଛନ୍ତି । ମହତାବଙ୍କ ୧୨୫ତମ ଜୟନ୍ତୀକୁ ଜାତୀୟସ୍ତରରେ ପାଳନ କରିବା ନିମନ୍ତେ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଉତ୍କଳ କେଶରୀ ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମ ଜୟନ୍ତୀକୁ ପାଳନ ପାଇଁ ଭାରତ ସରକାର ନିଷ୍ପତ୍ତି ନେଇଛନ୍ତି । ଓଡ଼ିଶାର ଏହି କିମ୍ବଦନ୍ତୀ ରାଷ୍ଟ୍ରବାଦୀ ନେତାଙ୍କ ପ୍ରତି ଏହା ଏକ ମହାନ ଶ୍ରଦ୍ଧାଞ୍ଜଳି ଓ ଓଡ଼ିଆ ଅସ୍ମିତାର ପ୍ରମାଣ। ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ୍ ଶାହ ଓ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି। ଓଡ଼ିଶା ସରକାର ମହତାବଙ୍କ ଜୟନ୍ତୀକୁ ବର୍ଷବ୍ୟାପୀ ପାଳନ କରିବା ପାଇଁ ନିଷ୍ପତ୍ତି ନେବାର ୩ଦିନ ପରେ କେନ୍ଦ୍ର ସରକାରଙ୍କ ଏଭଳି ନିଷ୍ପତ୍ତି ଆସିଛି । ରାଜ୍ୟ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ମହତାବଙ୍କ ଜୟନ୍ତୀ ପାଇଁ ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ଆୟୋଜନ କରାଯିବ । ଆଧୁନିକ ଓଡ଼ିଶାର ବିଧାତା ଭାବେ ମହତାବଙ୍କ ଜୀବନୀକୁ ସ୍କୁଲ,କଲେଜ ଓ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଅବଗତି ପାଇଁ ପ୍ରଦର୍ଶନ କରାଯିବାକୁ ମଧ୍ୟ ନିଷ୍ପତ୍ତି ହୋଇଛି। ନଭେମ୍ବର ୨୩ରୁ ୨୫ତାରିଖ ତିନିଧରି ରାଜ୍ୟସ୍ତରୀୟ ଉତ୍ସବ ସହ ମହତାବଙ୍କ ଜନ୍ମସ୍ଥାନ ଭଦ୍ରକ ଜିଲ୍ଲାର ଆଗରପଡ଼ାଠାରେ ଏକ ସ୍ମାରକୀ ମ୍ୟୁଜିୟମ ସ୍ଥାପନ ପାଇଁ ମଧ୍ୟ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି।

# ସୂର୍ଯ୍ୟକାନ୍ତ ପାଢ଼ୀ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲର



**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ଆଇନଜୀବୀ ସୂର୍ଯ୍ୟ କାନ୍ତ ପାଢ଼ୀ ଓଡିଶା ଉଚ୍ଚ ନ୍ୟାୟାଳୟ ରେ ଆଡ୍ଡିସନାଲ୍ ଷ୍ଟାଣ୍ଡିଂ କାଉନସିଲ୍ ଭାବେ ଓଡ଼ିଶା ସରକାରଙ୍କ ଦ୍ୱାରା ନିଯୁକ୍ତି ପାଇଛନ୍ତି। ନୂଆ ସରକାର ଆସିବା ପରେ ରାଜ୍ୟ ଆଇନ୍ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ଶ୍ରୀ ସୂର୍ଯ୍ୟ କାନ୍ତ ପାଢ଼ୀ ଙ୍କୁ ଏ ଏସ୍ ସି ଭାବେ ତାଲିକାଭୁକ୍ତ କରାଯାଇଛି। ଶ୍ରୀ ପାଢ଼ୀ ଦୀର୍ଘ ଏକ ଦଶନ୍ଧି ଧରି ଆଇନଜୀବୀ ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ, ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ଏବଂ ଭାରତ ର ସର୍ବୋଚ୍ଚ ନ୍ୟାୟାଳୟ ରେ ଆଇନଜୀବୀ ଭାବେ ବିଭିନ୍ନ ମାମଲା ପରିଚାଳନା କରି ଆସୁଛନ୍ତି। ଅଡଭୋକେଟ ସୂର୍ଯ୍ୟକାନ୍ତ ପାଢ଼ୀ ଏହି ନିଯୁକ୍ତିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ, ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ଯାତ୍ରା ଲାଗି ସ୍ୱତନ୍ତ୍ର ନିୟମ ଦାବି

# ଆଇନମନ୍ତ୍ରୀଙ୍କୁ ଭେଟିଲା ଯାତ୍ରା କମିଟି



**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ଯାତ୍ରାରେ ଅଶ୍ଳୀଳ ନୃତ୍ୟକୁ ଅନେକ ସମୟରେ ହଙ୍ଗାମା ହେଉଛି। ଏହାକୁ ନେଇ ଯାତ୍ରା ପ୍ରେମୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷୀରେ ଯାତ୍ରା ଅନୁଷ୍ଠାନ ଲାଗି ସ୍ୱତନ୍ତ୍ର ନିୟମ ଆଣିବା ଦାବିରେ ଆଇନ ମନ୍ତ୍ରୀଙ୍କୁ ଭେଟିଲା ଯାତ୍ରା କମିଟି ମହାସଂଘ। ଯାତ୍ରାକୁ ପ୍ରୋତ୍ସାହନ ବଦଳରେ ବ୍ୟବସାୟୀକରଣ କରାଇଥିବା ଏବଂ ଯାତ୍ରାରେ ଅଶ୍ଳୀଳତା, ଦ୍ୱିର୍ଥବୋଧକ ଶବ୍ଦ ଓ ସମାଜ ପ୍ରତି ଖରାପ ପ୍ରଭାବ ପକାଉଥିବା କିଛି ନାଟକ ଓ ବିଷୟକୁ ବିରୋଧ ନିମନ୍ତେ ମଧ୍ୟ ଦାବିପତ୍ର ପ୍ରଦାନ କରିଛି ସଂଘ। ସରକାର ଯାତ୍ରା ପରିବେଷଣ ପାଇଁ ଏକ ସ୍ୱତନ୍ତ୍ର ନିୟମାବଳୀ ଆଣିଲେ ଏହି ଅଶ୍ଳୀଳତାରେ ଅଙ୍କୁଶ ଲଗା ଯାଇପାରିବ ବୋଲି ସଂଘ କହିଛି। ସେପଟେ ଯାତ୍ରାରେ କୌଣସି ପ୍ରକାର ଅପସଂସ୍କୃତିକୁ ପ୍ରଶ୍ରୟ ଦିଆଯିବ ନାହିଁ। ସଂସ୍କୃତିର ସୁରକ୍ଷା ଦିଗରେ ଖୁବଶୀଘ୍ର ଏକ ନିର୍ଦ୍ଦେଶାବଳୀ ଜାରି କରାଯିବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ସ୍ଥିତି ବିଗୁଡୁଥିବା ଦେଖି ଆଇନ୍‌ମନ୍ତ୍ରୀ ଏଥିରେ ହସ୍ତକ୍ଷେପ କରିଥିଲେ। ଯାତ୍ରାରେ ଅଶ୍ଳୀଳ ନୃତ୍ୟ ବନ୍ଦ କରିବା ପାଇଁ ଖୁବଶୀଘ୍ର ଆଇନ ଆସିବ ବୋଲି ମନ୍ତ୍ରୀ କହିଥିଲେ। ଏହା ପରେ ଏହାକୁ ନେଇ ଆରମ୍ଭ ହୋଇଥିଲା ତର୍କବିତର୍କ। ଯାତ୍ରା କଳାକାର ଓ କର୍ମଚାରୀ ସଂଘ ଏବଂ ରାଜ୍ୟ କଳାକାର ମହାସଂଘ ରାଜ୍ୟ ସରକାରଙ୍କ ଏପରି ନିଷ୍ପତ୍ତିକୁ ସ୍ୱାଗତ କରିଥିଲେ।

# ରଦ୍ଦ ହେଲା ଏସ୍‌ସିବି ଡାକ୍ତରଙ୍କ ଡେପୁଟେସନ

**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ରାଜ୍ୟର କୋଣଅନୁକୋଣରୁ ଶତାଧିକ ରୋଗୀ ପ୍ରତିଦିନ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟର ନ୍ୟୁରୋଲୋଜି ବିଭାଗକୁ ଉତ୍ତମ ଚିକିତ୍ସାସେବା ପାଇବା ପାଇଁ ଆସୁଛନ୍ତି। ନ୍ୟୁରୋଲୋଜି ବିଭାଗ ଆଉଟ୍‌ଡୋରରେ ରୋଗୀଙ୍କୁ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇ ନ ଦିଆଯିବା ଖବର ବିଭିନ୍ନ ଖବରକାଗଜରେ ପୃଷ୍ଠାମଣ୍ଡନ କଲାପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସେ ସମ୍ପର୍କରେ ତୁରନ୍ତ ଅନୁସନ୍ଧାନ କରି ପ୍ରାଥମିକ ପର୍ଯ୍ୟାୟରେ ସଂପୃକ୍ତ ବିଭାଗରେ କାର୍ଯ୍ୟରତ ସହକାରୀ ପ୍ରଫେସର ଡ. ପୀତାମ୍ବର ବେହୁରିଆଙ୍କ ଶ୍ରୀରାମଚନ୍ଦ୍ର ଭଞ୍ଜ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟ ଡେପୁଟେସନ୍‌କୁ ରଦ୍ଦ କରିଛି । ରାଜ୍ୟବାସୀଙ୍କୁ ଗୁଣାତ୍ମକ ଚିକିତ୍ସାସେବା ଯୋଗାଇଦେବା ପାଇଁ ରାଜ୍ୟ ସରକାର ସଂକଳ୍ପବଦ୍ଧ। ରୋଗୀମାନଙ୍କୁ ଯଦି କୌଣସି ଚିକିତ୍ସକ ବା କର୍ମଚାରୀ ଉପଯୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଅବହେଳା କରନ୍ତି, ତା'ହେଲେ ସଂପୃକ୍ତ ଚିକିତ୍ସକ ବା କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

# ୧୦ରୁ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ



**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** କୃଷି ଓ କୃଷକ ସଶକ୍ତୀକରଣ ବିଭାଗ, ଓଡ଼ିଶା ସରକାରଙ୍କ ତରଫରୁ ନଭେମ୍ବର ୧୦ ଓ ୧୧ ତାରିଖରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନରେ ଦୁଇଦିନିଆ ଅନ୍ତର୍ଜାତୀୟ ଶ୍ରୀଅନ୍ନ ଏବଂ ବିସ୍ମୃତ ଖାଦ୍ୟ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାକୁ ଉଦ୍‌ଘାଟନ କରିବେ । ଏଥିରେ 'ଓଡ଼ିଶାର ଶ୍ରୀଅନ୍ନ ଓ କୃଷି ଐତିହ୍ୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରାଯାଇ ଖାଦ୍ୟ ନିରାପତ୍ତା ତଥା ଚିରନ୍ତନ କୃଷି ପଦ୍ଧତି ଏବଂ ବିସ୍ମୃତ ଖାଦ୍ୟର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ପ୍ରୋତ୍ସାହନ ଦିଆଯିବ।

ସମ୍ମିଳନୀ ବିଷୟରେ ସୂଚନା ଦେଇ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ କହିଥିଲେ ଯେ ଆମେ ନିଜର ଦୈନନ୍ଦିନ ଜୀବନରେ ଶ୍ରୀ ଅନ୍ନ ଏବଂ ବିସ୍ମୃତ ଖାଦ୍ୟକୁ ସାମିଲ କରି ଓଡ଼ିଶାର କୃଷି ଐତିହ୍ୟକୁ ସୁରକ୍ଷା ଦେବା ସହ ନିଜକୁ ସୁସ୍ଥ ରଖିପାରିବା । ଏଣୁ ଆପଣମାନେ ନିଜର ଖାଦ୍ୟରେ ଏସବୁକୁ ସାମିଲ କରନ୍ତୁ ଏବଂ ରାଜ୍ୟର ଶେଷତମ ଧାଡ଼ିରେ ଥିବା ଚାଷୀକୁ ଆର୍ଥିକ ରୂପେ ସ୍ୱାବଲମ୍ବୀ ହେବାରେ ସହାୟକ ହୁଅନ୍ତୁ ।

ଏହି ସମ୍ମିଳନୀ ମାଧ୍ୟମରେ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ସଂଗଠନ, ନୀତି ନିର୍ଦ୍ଧାରକ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀ, ଗବେଷଣା ପ୍ରତିଷ୍ଠାନ, ସ୍ୱାସ୍ଥ୍ୟ ଅନୁଷ୍ଠାନ, ହୋଟେଲ ଆସୋସିଏସନ୍, ସେଫ୍ ସଂଗଠନ, ବ୍ଲଗର୍ ଏବଂ ଛାତ୍ରଙ୍କ ସମେତ ବହୁ ହିତାଧିକାରୀଙ୍କୁ ସାମିଲ କରାଯାଇ ଏକ ରୋଡ଼ମ୍ୟାପ୍ ପ୍ରସ୍ତୁତ କରାଯିବ। ଏଥିରେ ଖାଦ୍ୟ ଓ କୃଷି ସଂଗଠନ, ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ, ଏସିଆ ପାସିଫିକ୍ ଆସୋସିଏସନ୍ ଅଫ୍ ଏଗ୍ରିକଲଚରାଲ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁସନ୍, ଜାତୀୟ ଉଦ୍ଭିଦ ଆନୁବଂଶିକ ସମ୍ବଳ କେନ୍ଦ୍ର, କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ପ୍ରତିଷ୍ଠାନ, ଜାତୀୟ ପୋଷଣ ସଂସ୍ଥାନ, ଏମ୍.ଏସ୍. ସ୍ୱାମୀନାଥନ୍ ଗବେଷଣା ପ୍ରତିଷ୍ଠାନ, ଅନ୍ତର୍ଜାତୀୟ ଖାଦ୍ୟ ନୀତି ଗବେଷଣା ପ୍ରତିଷ୍ଠାନ, ଉଦ୍ଭିଦ କିସମ ଓ କୃଷକ ଅଧିକାର ସୁରକ୍ଷା ପ୍ରାଧିକରଣ ଆଦି ଜାତୀୟ ଓ ଅନ୍ତର୍ଜାତୀୟ ସଂଗଠନର ବ୍ୟକ୍ତିବିଶେଷ ଅଂଶଗ୍ରହଣ କରିବେ।

ସମ୍ମିଳନୀରେ ୧୧ ଅଧିବେଶନ ଅନୁଷ୍ଠିତ ହେବ। ୯ଟି ଷ୍ଟଲରେ ବିଲୁପ୍ତପ୍ରାୟ ଖାଦ୍ୟଶସ୍ୟ, ବିଭିନ୍ନ କିସମର ପୁଷ୍ଟିଶସ୍ୟ, ଡାଲି, ବିହନ, ଶାଗ ଓ କୃଷି ଉପକରଣ ଆଦି ପ୍ରଦର୍ଶିତ ହେବ, ଯାହାଦ୍ୱାରା ଲୋକେ ପାରମ୍ପରିକ ଓ ଅଭିନବ କୃଷି ପ୍ରଣାଳୀ ସମ୍ବନ୍ଧରେ ଅବଗତ ହୋଇପାରିବେ।

ଆମ୍ବ ଟାକୁଆ ପ୍ରସଙ୍ଗ

# ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡ଼ିଲା କଂଗ୍ରେସ




**ଭୁବନେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲାରେ ଆମ୍ବ ଟାକୁଆ ଖାଇ ୨ ଜଣ ପ୍ରାଣ ହରାଇବା ଘଟଣାରେ ତେଜିଛି ରାଜନୀତି। ଏଥିପାଇଁ ରାଜ୍ୟ ସରକାରଙ୍କୁ ଦାୟୀ କରି କଂଗ୍ରେସ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ଭେଟି ହସ୍ତକ୍ଷେପ ଲୋଡ଼ିଛନ୍ତି।

ସରକାର ଖାଦ୍ୟ ନିରାପତ୍ତା ଯୋଜନାରେ କାହାରିକୁ ଭୋକରେ ରଖିବାକୁ ଦେବୁନି ବୋଲି କହୁଥିବାବେଳେ କନ୍ଧମାଳ ଘଟଣା ସାରା ଦେଶରେ ରାଜ୍ୟକୁ ନିନ୍ଦା ବୋଲି କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ। ଏହି ଘଟଣାରେ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ତାହା ଜାଣିବାକୁ ମୁଖ୍ୟ ଶାସନ ସଚିବଙ୍କୁ ଡାକି ଆଲୋଚନା କରିବେ ବୋଲି ରାଜ୍ୟପାଳ ପ୍ରତିଶ୍ରୁତି ଦେଇଥିବା କହିଛନ୍ତି କଂଗ୍ରେସ ବିଧାୟକ ଦଳ ନେତା। ପ୍ରତିନିଧି ଦଳରେ ଶ୍ରୀ କାଡ଼ାମ୍, ସାହାନୱାଜ୍ ଚୌଧୁରୀ, ଶ୍ରୀକାନ୍ତ ଜେନା, ଅନନ୍ତ ପ୍ରସାଦ ସେଠୀ, ଭକ୍ତ ଚରଣ ଦାସ, ଜୟଦେବ ଜେନା, ମହମ୍ମଦ ମୋକିମ୍, ରୋଜାଲୀନା ତିର୍କୀ, କିଶୋର ଚନ୍ଦ୍ର ପଟେଲ, ସନ୍ତୋଷ ସିଂ ସାଲୁଜା, ତାରାପ୍ରସାଦ ବାହିନିପତି, ସି.ଏସ୍ ରାଜନଏକ୍କା, ଅଶୋକ କୁମାର ଦାସ, ବିଶ୍ୱରଞ୍ଜନ ମହାନ୍ତି, ସସ୍ମିତା ବେହେରା, ଭୁଜବଳ ମାଝି, ସୋଫିଆ ଫିର୍ଦ୍ଦୋଶ, ଦେବାଶିଷ ପଟ୍ଟନାୟକ, ଅମୀୟ ପଟ୍ଟନାୟକ ପ୍ରମୁଖ ସାମିଲ ହୋଇଥିଲେ।

ଅନ୍ୟପଟେ ଗତକାଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ପ୍ରତିକ୍ରିୟା ରଖି କହିଥିଲେ ଯେ ଆମ୍ବ ଟାକୁଆ ସେମାନଙ୍କ ପାରମ୍ପରିକ ଖାଦ୍ୟ। ଯେତେ ମନାକଲେ ମଧ୍ୟ ସେମାନେ ଆମ୍ବ ଟାକୁଆ ଖାଇବା ଛାଡ଼ିନଥାନ୍ତି। ପର୍ଯ୍ୟାପ୍ତ ଚାଉଳ ଦିଆଯାଉଥିଲା। ଖାଦ୍ୟ ଅଭାବରୁ ସେମାନେ ଆମ୍ବ ଟାକୁଆ ଖାଉଥିବା ଅଭିଯୋଗକୁ ଯୋଗାଣ ମନ୍ତ୍ରୀ ଖଣ୍ଡନ କରିଥିଲେ।

# ସରକାରୀ ଜମି ମୁକୁଳିବ କେବେ ?




**ଭୁବନେଶ୍ୱର, ୫।୧୧:** ଜବରଦଖଲ ହୋଇଥିବା ସରକାରୀ ଜମିକୁ ମୁକୁଳାଇବା ଲାଗି ଖୋଦ୍ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିବାବେଳେ ରାଜଧାନୀରେ ଜବରଦଖଲ ହୋଇଥିବା ସରକାରୀ ଜମି ମୁକୁଳାଇବାରେ ପ୍ରଶାସନ କାଳବିଳମ୍ବ ନୀତି ଆପଣେଉଛି। ଘର ତିଆରି ପାଇଁ ହାଉସିଂବୋର୍ଡକୁ ଦିଆଯାଇଥିବା ଜମିକୁ ମାଫିଆମାନେ ମାଡି ବସିଥିଲେ ମଧ୍ୟ ସରକାର ତାହାକୁ ମୁକ୍ତ କରିପାରୁନାହାଁ।

ମିଳିଥିବା ସୂଚନା ଅନୁଯାୟୀ ହାଉସିଂବୋର୍ଡକୁ ରାଜଧାନୀର ବିଭିନ୍ନ ସ୍ଥାନରେ ଯେଉଁ ଜମି ମିଳିଛି ସେଠାରେ କିଛି ଜମିକୁ ମାଫିଆମାନେ ଅକ୍ତିଆର କରିବାରେ ଲାଗିଛନ୍ତି। ଏକରେ କି ଦୁଇ ଏକର ନୁହେଁ ଭୁବନେଶ୍ୱରର ରଣସିଂପୁର ଅଞ୍ଚଳରେ ହାଉସିଂବୋର୍ଡର ୪.୬୫ ଏକର ଜମି ଜବରଦଖଲ ହୋଇଯାଇଛି। ମାଫିଆମାନେ ଜମିକୁ ଜବରଦଖଲକୁ ନେଇ ତାହା ଉପରେ ଦୋକାନ ଓ ସେଡ୍ ନିର୍ମାଣ କରି ବେପାର ଚଳାଇଛନ୍ତି। ଜବରଦଖଲ ହଟାଇବାପାଇଁ ବିଡିଏକୁ ଚିଠି ଲେଖି କର୍ତ୍ତୃପକ୍ଷ କାମ ସାରିଦେଇଛନ୍ତି।

ସେହିଭଳି ଡୁମୁଡୁମା ଅଞ୍ଚଳରେ ଥିବା ହାଉସିଂବୋର୍ଡ ଜମିକୁ ଲୋକେ ମାଡିବସି ସେଠାରେ ଆଜେବେଷ୍ଟସ ଘର ତିଆରି କରି ରହୁଛନ୍ତି। କିଛି ଘର ଭଡାରେ ଲଗାଇ ଅର୍ଥ ଆଦାୟ କରୁଛନ୍ତି। କର୍ତ୍ତୃପକ୍ଷଙ୍କ ଆଖିଆଗରେ ସବୁକିଛି ଚାଲିଛି। ହେଲେ ଏମାନଙ୍କୁ କିଏ ହଟାଇବ ତାହାର ଉତ୍ତର କାହାରି ପାଖରେ ନାହିଁ।


କାନନବିହାରରେ ଥିବା ହାଉସିଂବୋର୍ଡର ୬ଟି ପ୍ଲଟକୁ ମାଫିଆମାନେ ଧିରେ ଧିରେ ନିଜ ଅକ୍ତିଆରକୁ ନେବାରେ ଲାଗିଛନ୍ତି। ସେଠାରେ ପାଖାପାଖି ୨୦ଟି ଅସ୍ଥାୟୀ ଦୋକାନଘର ନିର୍ମାଣ କରି ବେପାର ଚଳାଇଛନ୍ତି। ଏଠାରେ କିଏ ଜମି ଜବରଦଖଲକରିଛି ଓ କିଏ ଦୋକାନଘର କରି ବେପାର ଚଳାଇଛି ତାହାର ସୂଚନା ମଧ୍ୟ ହାଉସିଂବୋର୍ଡ ପାଖରେ ନଥିବା ଜଣାଯାଇଛି। ଏହାକୁ କିଏ ହଟାଇବ ତାହା ଏବେ ବଡ ପ୍ରଶ୍ନବାଚୀ ହେଲାଣି।

ଜବରଦଖଲକାରୀମାନେ ସୀମା ଟପିଛନ୍ତି ପାତ୍ରପଡ଼ା ଅଞ୍ଚଳରେ। ଏଠାରେ ସରକାର ହାଉସିଂବୋର୍ଡକୁ ଜମି ଦେବାପରେ ମାଫିଆମାନେ ୨ଏକର ଜମିକୁ ନିଜ ଅକ୍ତିଆରକୁ ନେଇ ଯାଇଛନ୍ତି। ଏଠାରେ ପାଚେରୀ ବୁଲାଇ ଆଜବେଷ୍ଟସ ଘର କରି ଲୋକେ ରହୁଛନ୍ତି। ଘର ଭଡାରେ ବି ଲଗାଇଛନ୍ତି। ଏମାନଙ୍କୁ ହଟାଇବାପାଇଁ ସରକାରୀକଳର ଆଉ ସାହସ କୁଳାଉନଥିବା ସ୍ଥାନୀୟ ଲୋକମାନେ କହୁଛନ୍ତି।

କେବଳ ହାଉସିଂବୋର୍ଡ ଜମି ନୁହେଁ, ରାଜଧାନୀ ପୋଖରୀପୁଟ ଅଞ୍ଚଳରେ ଓଡ଼ିଶା ଖଦି ବୋର୍ଡର ମୂଲ୍ୟବାନ ଜମି ମଧ୍ୟରୁ ପ୍ରାୟ ୨ଏକର ବି ଜବରଦଖଲ ହୋଇଛି। ଏଠାରେ ବସ୍ତି ଗଢ଼ିବା ଉଠିବା ସହିତ ସୀମା ବଢ଼ିବାରେ ଲାଗିଛି। ହେଲେ କର୍ତ୍ତୃପକ୍ଷ ଏହି ମୂଲ୍ୟବାନ ଜମିକୁ ମୁକୁଳାଇ ପାରୁନାହାନ୍ତି। ଖଦିବୋର୍ଡ କର୍ତ୍ତୃପକ୍ଷ ସାଧାରଣ ପ୍ରଶାସନ ବିଭାଗକୁ ପତ୍ର ଲେଖି ଲେଖି ଏକ ପ୍ରକାର ହାଲିଆ ହୋଇଗଲେଣି।

ରାଜଧାନୀରେ ଯଦି ମୂଲ୍ୟବାନ ସରକାରୀ ଜମିକୁ ମୁକୁଳାଯାଇ ପାରୁନାହିଁ ତେବେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଜବରଦଖଲରେ ଥିବା ସରକାରୀ ଜମିର ଅବସ୍ଥା କ'ଣ ହୋଇଥିବ ତାହା ସହଜରେ ଅନୁମେୟ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଏଗୁଡିକୁ ପ୍ରଶାସନ କେବେ ଜବରଦଖଲ ମୁକ୍ତ କରିବ ତାହାକୁ ଏବେ ସମସ୍ତଙ୍କର ଅପେକ୍ଷା। (ତଥ୍ୟ)

# ନନ୍ଦନକାନନ ଏକ୍ସପ୍ରେସ୍ ଉପରେ ଗୁଳିମାଡ଼



**ଭଦ୍ରକ, ୫।୧୧ (ସଂଚାର ବ୍ୟୁରୋ):** ଭଦ୍ରକ-ବାଉଦପୁର ମଝିରେ ନୂଆଦିଲ୍ଲୀ-ପୁରୀ ନନ୍ଦନକାନନ ଏକ୍ସପ୍ରେସ ଉପରକୁ ଗୁଳି ମାଡ଼ ହୋଇଛି। ଟ୍ରେନଟି ନୂଆଦିଲ୍ଲୀରୁ ପୁରୀ ଅଭିମୁଖେ ଆସୁଥିବା ସମୟରେ ଗୁଳିମାଡ କରିଛନ୍ତି ଦୁର୍ବୃତ୍ତ। ଭଦ୍ରକ ଷ୍ଟେସନର ୧୧୯ ନମ୍ବର ଗେଟ ନିକଟରେ ପୂର୍ବାହ୍ନ ୯.୧୫ରେ ଗୁଳିମାଡ଼ ହୋଇଥିବା ସୂଚନା ଦେଇଛନ୍ତି ଗାର୍ଡ ମହେନ୍ଦ୍ର କୁମାର ବେହେରା। ଏନେଇ ଭଦ୍ରକ ଷ୍ଟେସନ ମ୍ୟାନେଜର ପୁଲିସ୍ ନିକଟରେ ଅଭିଯୋଗ କରିବା ପରେ ଜିଆର୍‌ପି ଓ ସ୍ଥାନୀୟ ପୁଲିସ୍ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ନନ୍ଦନକାନନ ଏକ୍ସପ୍ରେସ ଭଦ୍ରକ ଷ୍ଟେସନ ଛାଡ଼ିବାର କିଛି ସମୟ ପରେ କୌଣସି ଦୁର୍ବୃତ୍ତ ଉପରକୁ ୨ ରାଉଣ୍ଡ ଗୁଳିମାଡ଼ କରିଥିବା ଗାର୍ଡ କହିଛନ୍ତି। ଗୁଳିମାଡ଼ରେ ଗାର୍ଡ ବଗିର ୱିଣ୍ଡୋ କାଚ ଭାଙ୍ଗିଯାଇଛି। ଗାର୍ଡ ସୁରକ୍ଷିତ ଥିବା ଯାଜପୁର ରୋଡ ଜିଆରପି ଅଧିକାରୀ ସୁଶାନ୍ତ କୁମାର ସେଠୀ ସୂଚନା ଦେଇଛନ୍ତି। ଟ୍ରେନ ଉପରକୁ କିଏ କାହିଁକି ଗୁଳି ମାଡ଼ କଲା,ତାହା ଅସ୍ପଷ୍ଟ ରହିଛି। ହେଲେ ନନ୍ଦନକାନନ ଏକ୍ସପ୍ରେସ ପୁରୀ ଅଭିମୁଖେ ଯାତ୍ରା କରିଛି। ଗୁଳି ବାଜିଥିବା ବଗିକୁ ଟ୍ରେନରୁ ଅଲଗା କରାଯାଇଛି। ଫୋରେନ୍‌ସିକ୍ ଟିମ୍ ଗାର୍ଡ ବଗିକୁ ଯାଞ୍ଚ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

# ଦିନକରେ ୬ଲକ୍ଷ କୋଟି ଘାଟା



**ମୁମ୍ବାଇ, ୫।୧୦:** ଅନ୍ତଃରାଷ୍ଟ୍ରୀୟ ଘଟଣାବଳୀ ଓ ଭୂ-ରାଜନୈତିକ ବାତାବରଣ ଯୋଗୁଁ ଭାରତୀୟ ପୁଞ୍ଜି ବଜାର ଓ ଷ୍ଟକ ମାର୍କେଟ କାରବାରରେ ଏକ ପ୍ରକାରର ବଡ ଧରଣର ପ୍ରଭାବ ପଡ଼ିଛି। ଏପରିକି ଶେୟାର ବଜାରର ନିବେଶକ ଦିନକରେ (ସୋମବାର) ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ବା ପୁଞ୍ଜି ହରାଇଛନ୍ତି। ଅପରପକ୍ଷରେ କ୍ରମାଗତ ଭାବେ ଶେୟାର ବଜାରର କାରବାରରେ ପରିବର୍ତ୍ତନ ଘଟୁଛି। ଏପରିକି ଚଳିତ ସପ୍ତାହର ପ୍ରଥମ ଦିନରେ ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ଏବଂ ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର କାରବାରରେ ହ୍ରାସ ଘଟିଛି। ଫଳରେ ୩୦ ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର କାରବାର ପ୍ରାୟ ୪୪୨ ପଏଣ୍ଟ କମି ୭୮, ୭୮୨.୨୪ ଅଙ୍କରେ ଥିଲାବେଳେ ଏନଏସଇ ନିଫ୍ଟି କାରବାରରେ ମଧ୍ୟ ୧.୨୭% ହ୍ରାସ ଘଟି ପ୍ରାୟ ୨୪, ୦୦୦ (୨୩, ୯୯୫.୩୫ ଅଙ୍କ) ଅଙ୍କର ନିକଟବର୍ତ୍ତୀ ହୋଇଥିଲା।

ଉଲ୍ଲେଖଯୋଗ୍ୟ, ସୋମବାର ଶେୟାର ବଜାରର କାରବାର ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୪୨ ଲକ୍ଷ କୋଟିରେ ପହଞ୍ଚିଥିଲା। ଏପରିକି ପୂର୍ବ କାରବାର (ଶୁକ୍ରବାର) ଶେଷ ସୁଦ୍ଧା ବଜାର ପୁଞ୍ଜି ପ୍ରାୟ ୪୪୮ ଲକ୍ଷ କୋଟି ଥିଲାବେଳେ ସୋମବାର କାରବାର ଶେଷ ସୁଦ୍ଧା ନିବେଶକମାନେ ୬ଲକ୍ଷ କୋଟିରୁ ଅଧିକ ଟଙ୍କାର ନିବେଶ ହରାଇବାରୁ ବଜାର ପୁଞ୍ଜି ୪୪୨ ଲକ୍ଷ କୋଟିରେ ପହଞ୍ଚିଥିଲା।

ସେହିଭଳି ୩୦ଶେୟାର ବିଶିଷ୍ଟ ବିଏସଇ ସେନସେକ୍ସର ମିଡକ୍ୟାପ କାରବାରରେ ୧.୩% ହ୍ରାସ ଘଟିଥିଲାବେଳେ ସ୍ମଲକ୍ୟାପର କାରବାରରେ ୧.୬୫% କମିଥିଲା। ଏପରିକି ଏନଏସଇ ନିଫ୍ଟର ମିଡକାପ କାରବାରରେ ୧.୨୬% କମି ୫୫, ୭୮୪.୫୫ ଅଙ୍କରେ ପହଞ୍ଚିଥିଲାବେଳେ ସ୍ମଲକ୍ୟାପ କାରବାରରେ ମଧ୍ୟ ୨.୦୪% ହ୍ରାସ ଘଟି ୮୯୦୨.୫୦ ଅଙ୍କରେ ରହିଥିଲା। ସେହିପରି ନିଫ୍ଟି ବ୍ୟାଙ୍କିଙ୍ଗ କାରବାର ୪୫୮.୬୫ ପଏଣ୍ଟ କମି ୫୧, ୨୧୫.୨୫ ଅଙ୍କରେ ବନ୍ଦ ହୋଇଥିଲା। ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ପ୍ରଥମ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନସେକ୍ସ ପ୍ରାୟ ୯୪୨ (୯୪୧.୮୮) ପଏଣ୍ଟ କମି ୭୮, ୭୮୨(୭୮, ୭୮୨.୨୪) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୩୦୯ (୩୦୯.୦୦) ପଏଣ୍ଟ ହ୍ରାସ ଘଟି ୨୩, ୯୯୫ (୨୩, ୯୯୫.୩୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।




ନିବେଶକଙ୍କ ପାଇଁ ବଡ଼ ଅପଡେଟ

# ୨୦୨୫ ସୁଦ୍ଧା ଆସିବ ଜିଓ ଆଇପିଓ !

**ନୂଆଦିଲ୍ଲୀ ୫।୧୧:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ ଲିମିଟେଡ୍‌ର ଟେଲିକମ ୟୁନିଟ ଜିଓ ୨୦୨୫ ସୁଦ୍ଧା ପ୍ରାଥମିକ ପବ୍ଲିକ ଅଫର (ଆଇପିଓ) ଆଣିପାରେ। ରିଟେଲ ବିଜ୍‌ନେସର ଆଇପିଓକୁ କମ୍ପାନି ଟାଳିପାରେ। ନ୍ୟୁଜ ଏଜେନ୍ସି ରୟଟର୍ସ ସୂତ୍ର ଆଧାରରେ ଏଭଳି ରିପୋର୍ଟ ପ୍ରକାଶ କରିଛି। ବିଶେଷଜ୍ଞ କହିଛନ୍ତି, ଜିଓର ଭାଲ୍ୟୁଏସନ ୧୦୦୦୦ କୋଟି ଡଲାରରୁ ଅଧିକ ହେବ। ଗତ କିଛି ବର୍ଷରେ ଏସିଆର ସବୁଠୁ ଧନୀ ବ୍ୟକ୍ତି ମୁକେଶ ଅମ୍ବାନି କେକେଆର୍, ଜେନେରାଲ ଆଟ୍‌ଲାଣ୍ଟିକ ଏବଂ ଆବୁଧାବି ଇନ୍‌ଭେଷ୍ଟମେଣ୍ଟ ଫଣ୍ଡରୁ ଡିଜିଟାଲ, ଟେଲିକମ ଏବଂ ରିଟେଲ ବିଜ୍‌ନେସ ଲାଗି ୨୫ ବିଲିୟନ ଡଲାର ପାଣ୍ଠି ଉଠାଇଛନ୍ତି। ତେବେ କମ୍ପାନି ଅନୁଷ୍ଠାନିକ ଭାବେ ଆଇପିଓ ସମ୍ପର୍କରେ କିଛି ସ୍ପଷ୍ଟ ସୂଚନା ଦେଇନାହିଁ।

# ୱାର୍ଡଓ୍ୱିଜାର୍ଡ ଇନୋଭେସନ୍ସ ମୋବିଲିଟି ପକ୍ଷରୁ ଇଲେକ୍ଟ୍ରିକ୍ ଯାନ




**ଭୁବନେଶ୍ୱର, ୫।୧୧:** ଦେଶର ଅଗ୍ରଣୀ ଇଲେକ୍ଟ୍ରିକ୍ ଦୁଇଚକିଆ ଯାନ ନିର୍ମାତା ୱାର୍ଡଓ୍ୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ ପକ୍ଷରୁ ଲୋକପ୍ରିୟ ମଡେଲ୍ ହାଇସ୍ପିଡ୍ ବର୍ଗରେ ଜେନ୍ ନେକ୍ସଟ୍ ନାନୁ+ ଓ ଲୋ ସ୍ପିଡ୍ ବର୍ଗରେ ଜେନ୍ ନେକ୍ସଟ୍ ନାନୁକୁ ଲାଲ୍ ରଙ୍ଗରେ ଉନ୍ମୋଚନ କରାଯାଇଛି। ଉଭୟ ପ୍ରଦର୍ଶନ ଓ ବ୍ୟକ୍ତିତ୍ୱ ପ୍ରଦାନ କରୁଥିବା ପରିବେଶ ଅନୁକୂଳ ଗମନାଗମନ ଓ ରାସ୍ତାରେ ବଳିଷ୍ଠ ପ୍ରଦର୍ଶନ ଚାହୁଁଥିବା ଗ୍ରାହକଙ୍କୁ ଏହି ନୂଆ ଭାରିଆଂଟ୍ ଅଧିକ ବିକଳ୍ପ ପ୍ରଦାନ କରିବ। ଉତ୍ସବ ପାଳନର ଅଂଶ ସ୍ୱରୂପ ୱାର୍ଡଓ୍ୱିଜାର୍ଡ ପକ୍ଷରୁ ଲାଲ ରଙ୍ଗରେ ଉପସ୍ଥାପନ କରାଯାଇଥିବା ଲୋକପ୍ରିୟ ଇ-ସ୍କୁଟର ହେଉଛି ସୌନ୍ଦର୍ଯ୍ୟ, ଶକ୍ତି ଓ ସମ୍ଭ୍ରାନ୍ତର ପ୍ରତୀକ। ଏହି ନୂଆ ରଙ୍ଗ ଭାରିଆଂଟ ସାରା ଭାରତରେ ଥିବା କମ୍ପାନିର ସମସ୍ତ ସ୍ୱୀକୃତିପ୍ରାପ୍ତ ଡିଲରସିପ୍ ଓ ବିତରକରଙ୍କଠାରେ ଉପଲବ୍ଧ ହୋଇଛି। ଏହା ଦ୍ୱାରା ଗ୍ରାହକମାନେ ସୁବିଧାରେ ନିଜ ଜୀବନଶୈଳୀକୁ ସୁହାଇବା ଭଳି ଇଲେକ୍ଟ୍ରିକ୍ ଯାନ କିଣିପାରିବେ।

ଏହି ଉନ୍ମୋଚନ ସମ୍ପର୍କରେ ୱାର୍ଡଓ୍ୱିଜାର୍ଡ ଇନୋଭେସନ୍ସ ଆଣ୍ଡ୍ ମୋବିଲିଟି ଲିମିଟେଡ୍ର ଅଧ୍ୟକ୍ଷ ଓ ପରିଚାଳନା ନିର୍ଦ୍ଦେଶକ ଶ୍ରୀ ୟତିନ୍ ଗୁପ୍ତେ କହିଛନ୍ତି ଯେ, "ଆମର ଜେନ୍ ନେକ୍ସଟ୍ ନାନୁ+ ଓ ଜେନ୍ ନେକ୍ସଟ ନାନୁ ମଡେଲକୁ ନୂତନ ରଙ୍ଗରେ ଉପସ୍ଥାପନ କରିଥିବାରୁ ଆମେ ଆନନ୍ଦିତ ଯାହା ଉତ୍ସବ ଋତୁର ଭାବକୁ ବହୁତ ଭଲ ଭାବେ ତୋଳିଧରିଛି। ଅଭିନବ ଓ ସୁଲଭ ପରିବେଶ ମିତବ୍ୟୟୀ ଗମନାଗମନ ସମାଧାନ ଜରିଆରେ ଉତ୍ସବ ଋତୁକୁ ସ୍ମରଣୀୟ କରିବାରେ ସହାୟକ ହେବା ଓ ଗ୍ରାହକ ଅନୁଭୂତିକୁ ବଢ଼ାଇବା ଲାଗି ଆମେ ଉତ୍ସର୍ଗୀକୃତ ରହିଛୁ।" ଜେନ୍ ନେକ୍ସଟ୍ ନାନୁ+ର ଲାଲ ରଙ୍ଗ ମଡେଲ୍ର ଏକ୍ସ ସୋ'ରୁମ୍ ଦାମ୍ ୮୮, ୦୦୦ ଟଙ୍କା ରହିଥିବା ବେଳେ ଜେନ୍ ନେକ୍ସଟ୍ ନାନୁ ମୂଲ୍ୟ ୭୫, ୦୦୦ ଟଙ୍କା ରହିଛି। ଜେନ୍ ନେକ୍ସଟ ନାନୁରେ ୬୦ ଭି ୩୧ ଏଏଚ୍ ଏନ୍ଏମ୍ସି ବ୍ୟାଟେରି, ଡିସି ବ୍ରସଲେସ୍ ହବ୍ ମୋଟର, ୨୫୦ ୱାଟ୍ ଡ୍ରାଇଭ୍ ମୋଟର, ୧୮୦ ଏମଏମ ଗ୍ରାଉଣ୍ଡ କ୍ଲିୟରାନ୍ସ, ହାଇଡ୍ରଲିକ୍ ଡିସ୍କ ବ୍ରେକ୍, ଏଲସିଡି ଡିସ୍ପ୍ଲେ, ୟୁଏସ୍ବି ଚାର୍ଜିଂ ଭଳି ସୁବିଧା ରହିଛି। ଫୁଲ୍ ଚାର୍ଜ ହେଲେ ଏହା ୯୦-୧୦୦ କିମି ଯାତ୍ରା କରିପାରିବ ଓ ଏହାର ଶ୍ରେଷ୍ଠ ସ୍ପିଡ୍ ୨୫ କେଏମପିଏଚ୍ ରହିଛି। ଜେନ୍ ନେକ୍ସଟ୍ ନାନୁ+ରେ ୬୦ ଭି ୩୬.୪ ଏଏଚ୍ ବ୍ୟାଟେରି, ଡିସି ବ୍ରସଲେସ ହବ୍ ମୋଟର, ୧୫୦୦ ୱାଟ୍ ଡ୍ରାଇଭ୍ ମୋଟର, ୧୩୫୦ ହ୍ୱିଲ୍ ବେସ୍, ୧୮୦ ଏମଏମ ଗ୍ରାଉଣ୍ଡ କ୍ଲିୟରାନ୍ସ, ଡିଜିଟାଲ ସ୍ପିଡୋମିଟର, ହାଇଡ୍ରଲିକ୍ ଡିସ୍କ ବ୍ରେକ୍, ୪.୩ ଇଂଚ ରଙ୍ଗିନ ଟିଲ୍ଟ ଡିସ୍ପ୍ଲେ, ୟୁଏସବି ଚାର୍ଜିଂ ଭଳି ସୁବିଧା ରହିଛି। ଏହାର ଶ୍ରେଷ୍ଠ ସ୍ପିଡ୍ ହେଉଛି ୫୫ କେଏମପିଏଚ୍।

# ଲରେନ୍ସ ବିଷ୍ଣୋଇଙ୍କ ଟି-ସାର୍ଟ ବିକି ଫସିଲା ମିଶୋ




ନୂଆଦିଲ୍ଲୀ, ୫।୧୧: ଜେଲରେ ଥିବା ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ନାମ ବର୍ତ୍ତମାନ ଖବରରେ ଅଛି। ପଞ୍ଜାବୀ ଗାୟକ ସିଦ୍ଧୁ ମୋସେୱାଲାଙ୍କ ହତ୍ୟା ମାମଲାରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ନାମ ରହିଛି ଏବଂ ତାଙ୍କ ନାମରେ ସୁପରଷ୍ଟାର ସଲମାନ ଖାନଙ୍କୁ ହତ୍ୟା କରିବାର ଧମକ ଦିଆଯାଇଥିବା ଖବର ଆସିଛି। ବର୍ତ୍ତମାନ ଯାହା ଅପଡେଟ ରହିଛି ତାହା ଆପଣଙ୍କୁ ଆଶ୍ଚର୍ଯ୍ୟ କରିପାରେ। ଏହି ପ୍ରସଙ୍ଗରେ, ଲୋକପ୍ରିୟ ଇ-କମର୍ସ ପ୍ଲାଟଫର୍ମ ମେଶୋ ଚର୍ଚ୍ଚାକୁ ଆସିଛି ଏବଂ ଲୋକମାନେ ଏହା ଉପରେ ରାଗ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ମିଶୋ ଏହାର ପ୍ଲାଟଫର୍ମରେ ଗ୍ୟାଙ୍ଗଷ୍ଟର ଲରେନ୍ସ ବିଷ୍ଣୋଇଙ୍କ ଫଟୋଥିବା ଟି-ସାର୍ଟ ବିକ୍ରି କରୁଥିଲେ। ତେବେ, ଏହି ପ୍ରସଙ୍ଗରେ ଲୋକଙ୍କ କ୍ରୋଧ ସାମ୍ନାକୁ ଆସିବା ମାତ୍ରେ ଏବଂ ଟୁଇଟରରୁ ଇନଷ୍ଟାଗ୍ରାମ ପର୍ଯ୍ୟନ୍ତ ନେଟିଜେନ୍ସମାନେ ମିଶୋକୁ ସମାଲୋଚନା କରିବା ଆରମ୍ଭ କରିବା ମାତ୍ରେ କମ୍ପାନୀ ଏହି ଟି-ସାର୍ଟଗୁଡ଼ିକୁ ହଟାଇ ଏହି ଉତ୍ପାଦକୁ ସବୁ ସ୍ଥାନରୁ ହଟାଇ ଦେଇଥିଲା। ଚଳଚ୍ଚିତ୍ର ନିର୍ମାତା ଆଲିଶାନ ଜାଫ୍ରେ ଏହି ପ୍ରସଙ୍ଗ ଉଠାଇ ଏହି ଟି-ସାର୍ଟର ଫଟୋ ତାଙ୍କ ଏକ୍ସ ହ୍ୟାଣ୍ଡେଲରେ ଶେୟାର କରିଥିଲେ। ସେ ଏହା ତଳେ ଲେଖିଛନ୍ତି ଯେ ଏହା ହେଉଛି ଦେଶର ଲାଟେଷ୍ଟ ଅନଲାଇନ କଟ୍ଟରପନ୍ଥ। ଏହା ଅତ୍ୟନ୍ତ ବିପଜ୍ଜନକ ଯେ ଗ୍ୟାଙ୍ଗଷ୍ଟରର ଛବି ଥିବା ଏକ ଟି-ସାର୍ଟ ଅନଲାଇନରେ ବିକ୍ରି ହେଉଛି ଏବଂ ଏହା ଉପରେ ଗ୍ୟାଙ୍ଗଷ୍ଟର ସହିତ ପିଲାମାନଙ୍କ ଟି-ସାର୍ଟ ବିକ୍ରି ହେଉଛି। ମିଶୋରେ ବିକ୍ରି ହେଉଥିବା ଏଭଳି ଟି-ସାର୍ଟ ବିଷୟରେ ଲୋକମାନେ ଜାଣିବା ମାତ୍ରେ ଏହି ଲୋକପ୍ରିୟ ପ୍ଲାଟଫର୍ମକୁ ବୟକଟ କରିବା ଆରମ୍ଭ କଲେ। ଲୋକମାନେ କହିଛନ୍ତି ଯେ ଏହା ଅତ୍ୟନ୍ତ ଲଜ୍ଜାଜନକ ଏବଂ ଗ୍ୟାଙ୍ଗଷ୍ଟର ଟି-ସାର୍ଟ ଦେଶର ପିଲାମାନଙ୍କୁ ବିକ୍ରି କରାଯାଉଛି, ଯାହା ଅତ୍ୟନ୍ତ ଲଜ୍ଜାଜନକ ବିଷୟ। ଜଣେ ବ୍ୟକ୍ତି ଏପରିକି ଲେଖିଛନ୍ତି ଯେ ଗ୍ୟାଙ୍ଗଷ୍ଟର ସଂସ୍କୃତି ଭାରତକୁ ଧ୍ୱଂସ କରିବ। ଲୋକମାନେ ଏହା ମଧ୍ୟ କହିଛନ୍ତି ଯେ ଗ୍ୟାଙ୍ଗଷ୍ଟରମାନଙ୍କୁ ପ୍ରତ୍ୟେକ ଘରେ ୧୬୮ ଏବଂ ୨୦୦ଟଙ୍କା ମଧ୍ୟରେ ବିତରଣ କରାଯାଉଛି।

# ନଭେମ୍ବର ୮ରୁ 'ପଥ ପ୍ରଦର୍ଶକ ୨.୦'

ଭୁବନେଶ୍ୱର,୫।୧୧: ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ କ୍ୟାରିୟର ମ୍ୟାପ୍ ପକ୍ଷରୁ ଚଳିତ ବର୍ଷ ନଭେମ୍ବର ୮ରୁ ଏକ ୨ଦିନିଆ ପ୍ରଦର୍ଶନୀ 'ପଥ ପ୍ରଦର୍ଶକ ୨.୦'ର ଆୟୋଜନ କରାଯାଉଛି। ୨୦୨୪ ନଭେମ୍ବର ୮ ଓ ୯ ରେ ଭୁବନେଶ୍ୱରର ଜାଗମରା ରୋଡ୍‌ସ୍ଥିତ ଖଣ୍ଡଗିରି କ୍ରିକେଟ ପଡିଆଠାରେ ରାଜ୍ୟର ବୃହତ କ୍ୟାରିୟର ଆଣ୍ଡ ୟୁନିଭର୍ସିଟି ଫେୟାର 'ପଥ ପ୍ରଦର୍ଶକ ୨.୦'ର ଆୟୋଜନ କରାଯାଇଛି। କ୍ୟାରିୟର ମ୍ୟାପ୍ ପକ୍ଷରୁ ସୋମବାର ଭୁବନେଶ୍ୱରର ଲାଇଫ୍ ହୋଟେଲ୍‌ଠାରେ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହି ସମ୍ମିଳନୀରେ କ୍ୟାରିୟର ମ୍ୟାପ୍‌ର ପ୍ରତିଷ୍ଠାତା ତଥା ଏମ୍‌ଡି ଯଶବନ୍ତ ନାରାୟଣ ସିଂହ ଲାଲ, ସିଓଓ ଅମିତ କୁମାର ତ୍ରିପାଠୀ ଓ ଜିଏମ ଜ୍ୟୋତି ସରିତା ପ୍ରମୁଖ ଯୋଗ ଦେଇ ପଥ ପ୍ରଦର୍ଶକ ୨.୦ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଦୁଇ ଦିନିଆ ପ୍ରଦର୍ଶନୀ ସକାଳ ୯ ଘଟିକାରୁ ରାତି ୯ ଘଟିକା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିରେ ନବମ ଶ୍ରେଣୀରୁ ପୋଷ୍ଟଗ୍ରାଜୁଏଟ ଛାତ୍ରୀଛାତ୍ର ଓ ସେମାନଙ୍କର ଅଭିଭାବକମାନଙ୍କୁ ବିବିଧ ଶିକ୍ଷାଗତ ଓ କ୍ୟାରିୟର ମାର୍ଗ ଅନୁସନ୍ଧାନ କରିବା ପାଇଁ ଏକ ମୂଲ୍ୟବାନ ସୁଯୋଗ ପ୍ରଦାନ କରିବ।

# ମହିନ୍ଦ୍ରା ପକ୍ଷରୁ ଇଲେକ୍ଟ୍ରିକ୍ ଏସ୍ୟୁଭି ଏକ୍ସଇଭି ୯ଇ ଓ ବିଇ ୬ଇ ଉନ୍ମୋଚିତ

ଭୁବନେଶ୍ୱର, ୫।୧୧: ୨୦୨୪ ନଭେମ୍ବର୨୬ ତାରିଖରେ ଚେନ୍ନାଇଠାରେ ଅନୁଷ୍ଠିତ ହେବାକୁ ଥିବା ଅନଲିମିଟ୍ ଇଣ୍ଡିଆ ୱାର୍ଲ୍ଡ ୱାର୍ଲ୍ଡ ପ୍ରିମିୟର୍ର ଇଲେକ୍ଟ୍ରିକ୍ ଅରିଜିନ୍ ଆଇଏନଜିଏଲଓ ଢାଂଚାରେ ଦୁଇ ଅଗ୍ରଣୀ ଇଲେକ୍ଟ୍ରିକ୍ ବ୍ରାଣ୍ଡ୍ ଏକ୍ସଇଭି ଓ ବିଇକୁ ଉନ୍ମୋଚନ କରାଯାଇଛି। ଉଭୟ ବ୍ରାଣ୍ଡ୍ ପକ୍ଷରୁ ପ୍ରଥମ ଫ୍ଲାଗସିପ୍ ଉତ୍ପାଦ ଏକ୍ସଇଭି ୯ଇ ଓ ବିଇ ୬ଇକୁ ଉନ୍ମୋଚନ କରାଯିବ। ଆଇଏନଜିଏଲଓ ଢାଂଚାରେ ପ୍ରସ୍ତୁତ କରାଯାଇଥିବା ଏହି ଉତ୍ପାଦ ହୃଦୟରେ ଭାରତୀୟ ଓ ଆଭିମୁଖ୍ୟ ବିଶ୍ୱସ୍ତରୀୟ ହୋଇଥିବା ବେଳେ ଏଥିରେ ବିଭିନ୍ନ ଇଂଟେଲିଜେଂଟ୍ ଓ ଆକର୍ଷଣୀୟ ନବସୃଜନ ରହିଛି। ଶ୍ରେଣୀର ଅଗ୍ରଣୀ ସୁରକ୍ଷା ମାନକଠାରୁ ଆରମ୍ଭ କରି ଉନ୍ନତ ପ୍ରଦର୍ଶନ, ରେଂଜ୍ ଓ ଦକ୍ଷତା ସହିତ ଆଇଏନଜିଏଲଓକୁ ବିବିଧ ଗ୍ରାହକ ଅନୁଭୂତି ପ୍ରଦାନ କରିବା ଲାଗି ପ୍ରସ୍ତୁତ କରାଯାଇଛି। ଏକ୍ସଇଭି ୯ଇ ବିଳାସପୂର୍ଣ୍ଣ ଇଲେକ୍ଟ୍ରିକ୍ ଯାନକୁ ପୁନପରିକଳ୍ପନା କରିବ ଏବଂ ବିଇ ୬ଇ ବଳିଷ୍ଠ, ସୌନ୍ଦର୍ଯ୍ୟପୂର୍ଣ୍ଣ ପ୍ରଦର୍ଶନ ପ୍ରଦାନ କରିବ। ଭାରତର ଏହି ଦୁଇ ସଂସ୍ଥା ଅତୁଳନୀୟ ଡିଜାଇନ୍, ପ୍ରଯୁକ୍ତି ଓ ପ୍ରଦର୍ଶନ ଜରିଆରେ ସାରା ବିଶ୍ୱରେ ସମସ୍ତଙ୍କୁ ଅତିକ୍ରମ କରିବାକୁ ପ୍ରସ୍ତୁତ।

# ନାଲ୍କୋରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ




**ଭୁବନେଶ୍ୱର,୫।୧୧:** ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ ବା ନାଲକୋ ପରିସରରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ-୨୦୨୪ ନିକଟରେ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷର ବିଷୟବସ୍ତୁ 'ସତ୍ୟନିଷ୍ଠ ସଂସ୍କୃତି ହିଁ ରାଷ୍ଟ୍ର ସମୃଦ୍ଧିର ଭିତ୍ତି' ଆଧାରରେ ନାଲକୋର ସମସ୍ତ ୟୁନିଟ ତଥା ଆଞ୍ଚଳିକ କାର୍ଯ୍ୟାଳୟ ଏବଂ ପୋର୍ଟ ଫାସିଲିଟିଠାରେ ମଧ୍ୟ ବିଭିନ୍ନ ସଚେତନତା ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିଭଳି ଜୀବନରେ ଅଖଣ୍ଡତା, ସାଧୁତା ଏବଂ ଉତ୍ତରଦାୟିତ୍ୱର ବାର୍ତ୍ତା ପ୍ରଚାର ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏପରିକି ଅଖଣ୍ଡତା ଶପଥ ପାଠ, ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା, କର୍ମଚାରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ମାନ ମଧ୍ୟ ଆୟୋଜିତ ହୋଇଥିଲା। ଅପରପକ୍ଷରେ କଟକ-ଭୁବନେଶ୍ୱରର ୩୫ରୁ ଅଧିକ ଶିକ୍ଷାନୁଷ୍ଠାନରୁ ପ୍ରାୟ ୩୦୦ ପ୍ରତିଯୋଗୀ ଏହି ତର୍କ ତଥା ବକ୍ତୃତା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେହିପରି ନାଲକୋ କର୍ପୋରେଟ କାର୍ଯ୍ୟାଳୟଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କୃତକାର୍ଯ୍ୟ ହୋଇଥିବା ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ନାଲକୋର ନିର୍ଦ୍ଦେଶକ (ପି ଆଣ୍ଡ ଟି) ଏବଂ ନିର୍ଦ୍ଦେଶକ (ଏଚ୍ଆର୍, ଅତିରିକ୍ତ ଦାୟିତ୍ୱ) ଜଗଦୀଶ ଅରୋରା, ନିର୍ଦ୍ଦେଶକ (ଉତ୍ପାଦନ) ପଙ୍କଜ କୁମାର ଶର୍ମା, ଆଇଆର୍ଏସ୍ଇ, ସିଭିଓ ହରଶିମରନ ସିଂ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ।

# ଓଡିଶା ବଜାରରେ ନୂଆ ମସଲା ଉଦ୍ୟୋଗ




ଭୁବନେଶ୍ୱର,୫।୧୧: ବାଓଭର୍ଟ ଏକ୍ସପର୍ଟ ପ୍ରାଇଭେଟ ଲିମିଟେଡର ପ୍ରମୁଖ କମ୍ପାନୀ ତଥା ନୂତନ ମସଲା ବ୍ରାଣ୍ଡ୍ ସିଦ୍ଧି ସ୍ପାଇସେସର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଭୁବନେଶ୍ୱରର ମଞ୍ଚେଶ୍ୱର ଶିଳ୍ପାଞ୍ଚଳଠାରେ 'ସିଦ୍ଧି ସ୍ପାଇସେସ୍' ଆନୁଷ୍ଠାନିକ ଭାବେ ଉଦ୍ଘାଟିତ ହୋଇଯାଇଛି। ଏହି ଅବସରରେ ରୋଟାରୀ କ୍ଲବର ଅଧ୍ୟକ୍ଷା ସଂଯୁକ୍ତା ନାୟକ ଏବଂ ସ୍ୱୟଂ ସିଦ୍ଧି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କେନ୍ଦ୍ରୀୟ ଶ୍ରମ ସଚିବ ନାରାୟଣ ତ୍ରିପାଠୀ, ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପର ସ୍ୱତନ୍ତ୍ର ସଚିବ ବିଭୂତି ଦାସ, କେନ୍ଦ୍ରୀୟ ଶ୍ରମ କଲ୍ୟାଣ ବିଭାଗ ସଚିବ ସଞ୍ଜୀବ ବର୍ମା, ଏକ୍ସଆଇଏମବି ପ୍ରଫେସର ଗୋପାଳ କୃଷ୍ଣ ନାୟକ, କମଳାକାନ୍ତ ମିଶ୍ର ଓ ଅନ୍ୟମାନେ ଅତିଥି ଭାବେ ଯୋଗ ଦେଇଥିଲାବେଳେ କମ୍ପାନିର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ପ୍ରାଥମିକ ପର୍ଯ୍ୟାୟରେ ସିଦ୍ଧି ସ୍ପାଇସେସର କୁମିନ ପାଉଡର, ବ୍ଲାକ ପିପ୍ପର, କନ୍ଧମାଳ ହଳଦୀ ପାଉଡର, ଚିକେନ ମସଲା, କରିନଣ୍ଡର ପାଉଡର, ମସରୁମ ମସଲା, ଗରମ ମସଲା, ଚିଲି ପାଉଡର, ମଟନ ମସଲା ଆଦି ବଜାରରେ ଉପଲବ୍ଧ ହେବ। ଏପରିକି ଶୁଦ୍ଧ, ଦେଶୀ ଓ ଜୈବିକ ଉପାୟରେ ପ୍ରସ୍ତୁତ ଉପରୋକ୍ତ ମସଲାଗୁଡିକ ବର୍ତ୍ତମାନ ଓଡ଼ିଶା ବଜାରରେ ଉପଲବ୍ଧ ହେଉଛି। ସିଦ୍ଧି ସ୍ପାଇସେସର ଏମ୍ଡି ପ୍ରତାପ କୁମାର ପ୍ରଧାନ କହିଥିଲେ, ଓଡ଼ିଶା ବଜାରରେ ଆମେ ଆମର ନୂତନ ମସଲା ଉଦ୍ୟୋଗର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ଗ୍ରାହକଙ୍କୁ ଆମେ ଉନ୍ନତମାନର ମସଲା ସାଙ୍ଗକୁ ଗୁଣାତ୍ମକ ମାନ ଉତ୍ପାଦ ଯୋଗାଇବାକୁ ପ୍ରତିଶ୍ରୁତିବଦ୍ଧ ରହିଛୁ।

# ୱାକାଥନ୍ ଜରିଆରେ ଜାଗରୁକତା ସୃଷ୍ଟି





ଭୁବନେଶ୍ୱର,୫।୧୧: ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର କଟକ ମଣ୍ଡଳ ପକ୍ଷରୁ ସତର୍କତା ସଚେତନତା ସପ୍ତାହ ନିକଟରେ ପାଳିତ ହୋଇଯାଇଛି। ଏପରିକି ୨୦୨୪ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ମଣ୍ଡଳ ପରିସରରେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ପିଏନ୍‌ବି କଟକ ମଣ୍ଡଳର ମଣ୍ଡଳ ମୁଖ୍ୟ ଜଗବନ୍ଧୁ ପାଢ଼ୀଙ୍କ ନେତୃତ୍ୱରେ ଏକ ୱାକାଥନ୍‌ର ଆୟୋଜନ କରାଯାଇଥିଲା। ଏହି ୱାକାଥନ୍ ସିଡିଏ ସେକ୍ଟର-୬ ରୁ ଆରମ୍ଭ ହୋଇ ସତୀଚଉରା ଛକ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ପହଞ୍ଚିଥିଲା। ଏପରିକି ଏହି ୱାକାଥନ୍ ମାଧ୍ୟମରେ ଲୋକମାନଙ୍କ ମଧ୍ୟରେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଉପରେ ସଚେତନତା ଆଣିବା ପାଇଁ ଚେଷ୍ଟା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମଣ୍ଡଳ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ କଟକ ସିଟି ଶାଖାର କର୍ମଚାରୀମାନେ ମଧ୍ୟ ଯୋଗ ଦେଇଥିଲେ। ଏହିପରି କାର୍ଯ୍ୟକ୍ରମ କରି ଲୋକମାନଙ୍କ ମଧ୍ୟରେ ଜାଗରୁକତା ସୃଷ୍ଟି କରିବାକୁ ପାଢ଼ୀ ଆହ୍ୱାନ ଦେଇଥିଲାବେଳେ ମୁଖ୍ୟ ପ୍ରବନ୍ଧକ ଲୋପାମୁଦ୍ରା କାନୁନ୍‌ଗୋ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବିଓଏମ୍ ପକ୍ଷରୁ ସତର୍କତା ସଚେତନତା ସପ୍ତାହ

ଭୁବନେଶ୍ୱର,୫।୧୧: ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍)ର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ସତର୍କତା ସଚେତନତା ସପ୍ତାହ ନିକଟରେ ଶେଷ ହୋଇଯାଇଛି। ଏପରିକି ୨୦୨୪ ଅକ୍ଟୋବର ୨୮ରୁ ନଭେମ୍ବର ୩ ପର୍ଯ୍ୟନ୍ତ ସତର୍କତା ସଚେତନତା ସପ୍ତାହ ବିଓଏମ ଅଞ୍ଚଳ କାର୍ଯ୍ୟାଳୟଠାରେ ପାଳନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ବିଓଏମ ପକ୍ଷରୁ ଭୁବନେଶ୍ୱରର ରୁପାଲି ଛକଠାରେ ଏକ ୱାକାଥନ୍‌ର ଆୟୋଜନ ସହ ଦୁର୍ନୀତି ବିରୋଧୀ ପ୍ଲାକାର୍ଡ ପ୍ରଦର୍ଶନ କରାଯାଇଥିଲା। ସେହିଭଳି ବିଓଏମ୍ ଭୁବନେଶ୍ୱର ଅଞ୍ଚଳର ଅଞ୍ଚଳ ପ୍ରବନ୍ଧକ ଆଲୋକ କୁମାର ମିଶ୍ରଙ୍କ ମାର୍ଗଦର୍ଶନରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ଉପଅଞ୍ଚଳ ପ୍ରବନ୍ଧକ ସଞ୍ଜୀବ କୁମାର ଦାଶ, ସିପିସି ମୁଖ୍ୟ ପ୍ରବନ୍ଧକ ରବିଶଙ୍କର କୁମାର, ଭୁବନେଶ୍ୱର ଶାଖାର ମୁଖ୍ୟ ପ୍ରବନ୍ଧକ ଦୀପକ ଦଣ୍ଡପାଟ ଏବଂ ଅଞ୍ଚଳ ସତର୍କତା ଅଧିକାରୀ ଆଶିଷ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ପ୍ରତ୍ୟେକ କାରବାରରେ ସ୍ୱଚ୍ଛତା ଓ ସଚ୍ଚୋଟତା ବଜାୟ ରଖିବା ସହିତ ନୈତିକ ଆଚରଣରେ ସର୍ବୋଚ୍ଚ ମାନ ବଜାୟ ରଖିବା ଏବଂ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ଓ ଲାଞ୍ଚ ଦେବା କିମ୍ବା ଗ୍ରହଣ କରିବା ଉପରେ ସଚେତନତା ସୃଷ୍ଟି କରିବା ଏହି ୱାକାଥନ୍‌ର ମୁଖ୍ୟ ଉଦ୍ଦେଶ୍ୟ ଥିଲା ବୋଲି ବ୍ୟାଙ୍କ ପକ୍ଷରୁ କୁହାଯାଇଛି।

# ଜାଣନ୍ତୁ କେତେ ଦରମା ପାଆନ୍ତି ଆମେରିକା ରାଷ୍ଟ୍ରପତି



ୱାଶିଂଟନ୍, ୫/୧୧: ବିଶ୍ୱର ସବୁଠୁ ଶକ୍ତିଶାଳୀ ଦେଶ ଆମେରିକା ଆଜି ଭୋଟ ଦେବ। କିଏ ହେବ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି କାହାର ହେବ ହ୍ୱାଇଟ ହାଉସ ତାକୁ ନେଇ ଚର୍ଚ୍ଚା। ଭାରତୀୟ ବଂଶୋଦ୍ଭବ ତଥା ଡେମୋକ୍ରାଟ୍ ପାର୍ଟିର କମଳା ହାରିସ ବାଜି ମାରିବେ ନା କମବ୍ୟାକ କରିବେ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନର ଡୋନାଲ୍ଡ ଟ୍ରମ୍ପ। ଦୁଇ ହେବିଓ୍ୱେଟଙ୍କ ମଧ୍ୟରେ କଡ଼ା ମୁକାବିଲା ଦେଖିବାକୁ ମିଳିବ। ଗୋଟିଏ ଶକ୍ତିଶାଳୀ ଦେଶର ବିଶ୍ୱନେତା ବୋଲାଉଥିବା ରାଷ୍ଟ୍ରପତି କେତେ ଦରମା ପାଆନ୍ତି କ'ଣ ସୁବିଧା ମିଳେ ଲୋକଙ୍କ ମନରେ ପ୍ରଶ୍ନ ଉଠିବା ସ୍ୱାଭାବିକ। ତେବେ ୟୁଏସ୍‌ଏର ବସ୍ ବା ଆମେରିକା ରାଷ୍ଟ୍ରପତିଙ୍କ ଦରମା କେତେ ଜାଣିଛନ୍ତି କି? ଜାଣନ୍ତୁ ଏହି ରିପୋର୍ଟରେ।

ଆମେରିକାର ରାଷ୍ଟ୍ରପତିଙ୍କୁ ସରକାରୀ ରାଜକୋଷରୁ ଦରମା ମିଳିଥାଏ। ସାଧାରଣ ଦେଶବାସୀଙ୍କ ତୁଳନାରେ ଆମେରିକାର ରାଷ୍ଟ୍ରପତିଙ୍କ ଦରମା ଅଲଗା ଅର୍ଥାତ ୬ ଗୁଣା ଅଧିକ। ଆମେରିକା ରାଷ୍ଟ୍ରପତିଙ୍କୁ ୪୦୦,୦୦୦ ଡାଲାର ବା ୩.୩୬ କୋଟି ଟଙ୍କା ଦରମା ମିଳେ। ଖାଲି ସେତିକି ନୁହେଁ ଆମେରିକା ରାଷ୍ଟ୍ରପତିଙ୍କୁ ଅନ୍ୟାନ ସୁବିଧା ଯେପରି ପେନସନ ମଧ୍ୟ ମିଳିଥାଏ। ୫୦, ୦୦୦ ଡଲାର (୪୨ ଲକ୍ଷ) ଅତିରିକ୍ତ ଖର୍ଚ୍ଚ, ମନୋରଞ୍ଜନ, କର୍ମଚାରୀ ଓ ରୋଷେଇ ପାଇଁ ବର୍ଷକୁ ୧୯ ହଜାର ଡଲାର ଅର୍ଥାତ ୬୦ ଲକ୍ଷ ଟଙ୍କା ମିଳେ। ସମସ୍ତ ଖର୍ଚ୍ଚକୁ ମିସାଇ ଆମେରିକା ରାଷ୍ଟ୍ରପତିଙ୍କୁ ପ୍ରତି ବର୍ଷ ମୋଟ ୫୬୯,୦୦୦ ଡଲାର ୪.୭୮ କୋଟି ଟଙ୍କା ମିଳେ। ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତି ଥିବା ଜୋ ବାଇଡେନଙ୍କ ବାର୍ଷିକ ଦରମା ୪ ଲକ୍ଷ ଡଲାର ଅର୍ଥାତ ୩.୩୬ କୋଟି ଟଙ୍କା। ୱାଶିଂଟନ ଡିସିରେ ଥିବା ହ୍ୱାଇଟ ହାଉସ ଆମେରିକା ରାଷ୍ଟ୍ରପତିଙ୍କ ସରକାରୀ କାର୍ଯ୍ୟାଳୟ ବା ବାସଭବନ। ଏଠାରେ ତାଙ୍କୁ କୌଣସି ଦେୟ ଦେବାକୁ ପଡେ ନାହିଁ। ପ୍ରଥମ ଥର ହ୍ୱାଉଟ ହାଉସକୁ ପ୍ରବେଶ କଲେ ନିଜ ଅନୁଯାୟୀ ଘର ସାଜସଜ୍ଜା ପାଇଁ ୮୪ ଲକ୍ଷ ଟଙ୍କା ଦିଆଯାଏ। ୨୦୦୧ ପରଠୁ ବଢ଼ିନାହିଁ ଦରମା।

ଭାରତର ରାଷ୍ଟ୍ରପତି ମାସକୁ ୫ ଲକ୍ଷ ଟଙ୍କା ଦରମା ପାଆନ୍ତି। ଏହା ସହିତ ଭାରତର ରାଷ୍ଟ୍ରପତି ଦେଶରେ ଯେକୌଣସି ସ୍ଥାନକୁ ମାଗଣାରେ ଯାତ୍ରା କରିବାକୁ ସୁବିଧା ପାଇଥାନ୍ତି। ଏହା ସହିତ ମାଗଣା ମେଡିକାଲ ସେବା ମଧ୍ୟ ରହିଛି। ପର୍ଣ୍ଣସଡ ବିନା ଭଡାରେ ଘର, ଦୁଇଟି ଫୋନ, ୫ ଜଣ ବ୍ୟକ୍ତିଗତ କର୍ମଚାରୀ ମଧ୍ୟ ରହିଥାନ୍ତି।

# ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ



**ନାଉଗାଁ,୫।୧୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ କୋରୁଅ ଗ୍ରାମରେ ଶ୍ରୀରାମ ଚରିତ ମାନସ ପାରାୟଣ ଅନୁଷ୍ଠିତ ହେଉଅଛି। ଶ୍ରୀ ଶ୍ରୀ ନିଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନଅଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କଳସ ଶୋଭାଯାତ୍ରା କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ପରେ ଗୋବରୀ ନଦୀରୁ ଜଳପୂର୍ଣ୍ଣ କଳସ ଅଣାଯାଇ ପୀଠରେ ସ୍ଥାପନ କରାଯାଇ ରିତିନିତୀ ଅନୁସାରେ ପୂଜାର୍ଚ୍ଚନା କରାଯାଉଛି। ଏଥିରେ ସୂର୍ଯ୍ୟପୂଜା ସହିତ ବହୁମୂଖୀ ହନୁମାନ ଚାଳିଶା, ଶ୍ରୀରାମ ରଚିତ ମାନସ ଆଦି ପାଠ କରାଯାଉଛି। ଏଥିରେ ପାରାୟଣ ପାଠକ ଭାବେ ଗୁନାକର ଦଳାଇ, ଅମୁଲି ସେନାପତି, ମାଗୁଣୀ ବେହେରା, ପୁରୁଷୋତମ ପାଳ, ଅକ୍ଷୟ ବେହେରା, ପପୁ ନାୟକ ଓ ଗ୍ରାମର ସଂର୍କିତନ ମଣ୍ଡଳୀ ଆଦି ପଠନ କରୁଛନ୍ତି। ପ୍ରତ୍ୟେହ ସଂଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବା ସହିତ ବଡ ପରଦାରେ ପାରାୟଣର ଚଳଚିତ୍ର ପ୍ରଦର୍ଶିତ କରାଯାଉଛି। ଗ୍ରାମର ଜନସାଧାରଣ ପାରାୟଣ ଶ୍ରବଣ କରିବା ସହିତ ଚଳଚିତ୍ର ଦେଖୁଛନ୍ତି। ଏହି କାର୍ଯ୍ୟକ୍ରମରେ କର୍ତା ଭାବେ ଉଲ୍ଲାସ ନାୟକ ଦାୟିତ୍ୱରେ ରହିଥିବା ବେଳେ ଗ୍ରାମର ଶ୍ରୀ ଶ୍ରୀ ନୀଳକଣ୍ଠେଶ୍ୱର ସାଂସ୍କୃତିକ ପରିଷଦ ଓ କୋରୁଅ ଗ୍ରାମବାସୀମାନେ ପରିଚାଳନା କରୁଛନ୍ତି।

# ଦେକୁଲବା ଗିରିଗୋବର୍ଦ୍ଧନ ମହୋତ୍ସବ ଉଦ୍‌ଯାପିତ

## ସମ୍ବଲପୁରୀ ନୃତ୍ୟରେ ଝୁମିଲେ ଦର୍ଶକ



**ଭେଡେନ,୫।୧୧(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଅନ୍ତର୍ଗତ ତାଳମେଣ୍ଡା ଗ୍ରାମ ପଞ୍ଚାୟତ ସ୍ଥିତ ଦେକୁଲବା ଗ୍ରାମ ପ୍ରସିଦ୍ଧ ପର୍ଯ୍ୟଟନ କେନ୍ଦ୍ର ଗିରି ଗୋବର୍ଦ୍ଧନ ପୀଠ ସ୍ଥିତ ଦଳଗଞ୍ଜନ ଲୋକ ମଣ୍ଡପ ଠାରେ ଦୁଇ ଦିନଧରି ଆଧ୍ୟାତ୍ମିକ ଚେତନା ଓ ଲୋକକଳା ର ବାର୍ତା ବହନ କରୁଥିବା ଗିରି ଗୋବର୍ଦ୍ଧନ ମହୋତ୍ସବ ୨୦୨୪ ଅନୁଷ୍ଠିତ ହୋଇଛି। ମହୋତ୍ସବ ର ଅଧ୍ୟକ୍ଷା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ଉଦଯାପନି ସମାରୋହରେ ମୁଖ୍ୟ ଅତିଥିଭାବରେ ବିଜେଡି ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥିଭାବରେ ଝାରସୁଗୁଡା ପୂର୍ବତନ ବିଧାୟିକା ଦୀପାଲି ଦାସ,ପଦ୍ମପୁର ବିଧାୟିକା ବର୍ଷା ସିଂ ବାରିହା,କୋଶଲ ରାଜ୍ୟ କମିଟର ମୁଖ୍ୟ ସଂଯୋଜକ ପ୍ରମୋଦ ମିଶ୍ର, ଜିଲାପରିସଦ ସଭ୍ୟ/ସଭ୍ୟା ପଦ୍ମନି ଗଡ଼ତିଆ, ପିଙ୍କି ବଢ଼େଇ,ସତ୍ୟଜିତ ପୁରୋହିତ, ସୁଦାମ ଜାଲ,ଶମ୍ଭୁ ସେଟ, ରଞ୍ଜିତ ସାହୁ,ଆରଏମସି ସଭାପତି ଅତାବିରା ରିତା ସାହୁ,ଏସଡିସିସି ବ୍ୟାଙ୍କ ସଭାପତି ନରେନ୍ଦ୍ର ପଧାନ,ଆରଏମସି ବରଗଡ ସଭାପତି ସୁଜିତ ପଣ୍ଡା ,ପୂର୍ବତନ ଜିଲାପରିସଦ ସଭ୍ୟ ସୁବାଷ ହୋତା,ଭେଡେନ ଆତ୍ମା କମିଟି ସଭାପତି ଅରବିନ୍ଦ ହୋତା,ଭେଡେନ ବ୍ଲକ ଉପାଧ୍ୟକ୍ଷ ଡୋଳାମଣି ଖେତି,ତାଳମେଣ୍ଡା ସରପଞ୍ଚ ସନ୍ତୋସିନି ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦାନ କରିଥିଲେ।ଉଦଯାପନି ସମାରୋହରେ ଅଞ୍ଚଳ ତଥା ଜିଲ୍ଲା ବାହାରୁ ଆସିଥିବା କଳାକାର ମାନେ ସାସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।ଏହି ଅବସରରେ ଶିକ୍ଷା, କଳା, ସାମ୍ବାଦିକତା ଖେଳ,ସମାଜସେବା,କୃଷି ଆଦି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗଣ ଇସ୍ତାହାର ର ମୁଖ୍ୟ ସମ୍ପାଦକ ପ୍ରସନ୍ନ ମିଶ୍ର, ସାମ୍ବାଦିକ ଉମେଶ ଚନ୍ଦ୍ର ବିଶ୍ୱାଳ, ଓ.ପି. ଏସ.ସି ପରୀକ୍ଷାରେ କୃତକାର୍ଯ୍ୟ ମନାପଡା ର ମାନସ ରଞ୍ଜନ ପଣ୍ଡା ଓ ପୋଢ଼ବାଢ଼ି ର ଅଭୟ ମହାକୁର,ମାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶୁଭଙ୍କର ସାହୁ, କାବ୍ୟକାର ପଦ୍ମନ କର୍ଣ୍ଣ, ଗବେସକ ଓ ସମାଲୋଚକ ଡ଼. ରଘୁନାଥ ମେହେର ,ସାମ୍ବାଦିକ ଦିପକ ଶର୍ମା, ପ୍ରମୁଖ ଙ୍କୁ ମାନପତ୍ର ଓ ଉପଢ଼ୋକନ ଦେଇ ସମ୍ମାନିତ କରାଯାଇଛି।ଏହି ଅବସରରେ କବିତା ଆସରରେ କବିମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା। ହରିଶଙ୍କର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଭେଡେନ ବ୍ଲକ ଅଧ୍ୟକ୍ଷା ସୁପ୍ରଭା ମହାଲିଙ୍ଗ,ସୁରେନ୍ଦ୍ର କର୍ମୀ,ଲକ୍ଷ୍ମୀ ଭୁଏ,ଶ୍ରଦ୍ଧାଞ୍ଜଳି ମେହେର,ଅକ୍ଷୟ ନାଏକ, ଙ୍କ ସମେତ ବ୍ଲକ ର ଅନେକ ସମିତି ସଭ୍ୟ/ସଭ୍ୟା, ସରପଞ୍ଚ ମାନେ ଉପସ୍ଥିତ ଥିଲେ। ଉଦଯାପନି ସମାରୋହରେ ଢାପ ସଂସ୍କୃତିକ ଅନୁଷ୍ଠାନ ଟିଟିଲାଗଡ଼, ଘୁଡକା ସାନବଡ଼ ସଂସ୍କୃତିକ ଅନୁଷ୍ଠାନ ତୁଷୁରା,ଭାରତୀ କଳାପରିସଦ ବରଗଡ,ବୋଧନ୍ ସଂସ୍କୃତିକ ଅନୁଷ୍ଠାନ ତୋରା,କରମସାନି ସଂସ୍କୃତିକ ଅନୁଷ୍ଠାନ ଝରାପାଲି ଦଳ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର




**ନୂଆପଡ଼ା,୫।୧୧(ସଂଚାର ବ୍ୟୁରୋ):** ସଭାବନା ସଭା ଗୃହ ଠାରେ ନୂଆପଡା ଜିଲ୍ଲାପାଳ ମଧୁସୂଦନ ଦାଶ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡ୍ଡି ରାଘବେନ୍ଦ୍ର ଙ୍କ ମିଳିତ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଶିବିରରେ ଅଭିଯୋଗକାରୀଙ୍କ ପାଇଁ ସ୍ୱତନ୍ତ୍ର ବସିବା ଯାଗା , ଛାୟା ଓ ପିଇବା ପାଣି ସୁବିଧା ହୋଇଥିଲା । ଆଜି ଶିବିରରେ ମୋଟ ୯୯ ଟି ଅଭିଯୋଗ ରୁ ୨୯ ଟି ବ୍ୟକ୍ତିଗତ ଓ ୨୦ ଟି ଗୋଷ୍ଠିଗତ ଅଭିଯୋଗ ଶୁଣାଣି ପ୍ରଶାସନ କରିଛନ୍ତି। ଏହି ସବୁ ଅଭିଯୋଗ ଉପରେ ଅତିଶିଘ୍ର ସମାଧାନ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଭିନ୍ନକ୍ଷମ ଆଦୋରାମ ସାହୁଙ୍କୁ ତତ୍କାଳୀନ ପାଞ୍ଚ ହଜାର ଟଙ୍କା ସହାୟତା ରେଡ୍ କ୍ରସରୁ ଯୋଗାଇ ଦିଆ ଯାଇଥିଲା । ଆଜିର ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ସହିତ, ବନଖଣ୍ଡ ଅଧିକାରୀ ଅଜିଜ ଖାନ, ମହାଦେବ ବଡାଇକ, ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲ୍ଲାପାଳ ଯୋଗେନ୍ଦ୍ର ମାଝୀ, ବ୍ଲକ୍ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ମୁଖ୍ୟ ଚିକତ୍ସାଧିକାରୀ ଡଃ ଧରଣୀଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ ।ବିଡ଼ିଓ ଶରତ ଭୋଇ, ତହସିଲଦାର ପୁଷ୍ପାଞ୍ଜଳୀ ଦଣ୍ଡପାଟ , ଡେପୁଟି କଲେକ୍ଟର ଆଲୋକ କୁମାର ଅନୁଗୁଳିଆ, ଶେଖ୍ ନସିମ ଶିବିର ପରିଚାଳନାରେ ସହଯୋଗ କରିଥିଲେ । ଏଠାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଅଭିଯୋଗ ଶିବିର ପରିସରରେ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ର ଆୟୋଜନ ହୋଇଥିଲା। ସେହିପରି ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ରେ ଗୋଟିଏ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା।

# ଡାକ୍ତରଖାନାର ଅବ୍ୟବସ୍ଥା ସୁଧୁରିବ କେବେ ?

## ଉନ୍ନତ ସ୍ୱାସ୍ଥ୍ୟସେବା ସାତସପନ

**ବୈଶିଙ୍ଗା,୫।୧୧(ସଂଚାର ବ୍ୟୁରୋ):** ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ସ୍ଥାପିତ ବୈଶିଙ୍ଗା ସ୍ଥିତ ଶହେ ବର୍ଷର ପୁରାତନ ଡାକ୍ତରଖାନାକୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମାନ୍ୟତା ମିଳିବା ନେଇ ସରକାରଙ୍କ ଟାଳଟୁଳ ନୀତି ଯୋଗୁଁ ଅଞ୍ଚଳରେ ଜନ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ପ୍ରକାଶ ଯେ ୧୮ ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୧୯୨୫ ମସିହାରେ ତତ୍କାଳୀନ ମୟୂରଭଞ୍ଜ ମହାରାଜା ପୂର୍ଣ୍ଣଚନ୍ଦ୍ର ଭଞ୍ଜଦେଓଙ୍କ ଦ୍ୱାରା ବାଲେଶ୍ୱର ଓ ମୟୂରଭଞ୍ଜ ଜିଲ୍ଲାର ସୀମାନ୍ତରେ ଉଭୟ ଜିଲ୍ଲାବାସୀଙ୍କ ସ୍ୱାସ୍ଥ୍ୟସମସ୍ୟା କୁ ଦୃଷ୍ଟିରେ ରଖି ପ୍ରତିଷ୍ଠା କରାଯାଇଥିଲା ଏହି ଚିକିତ୍ସାଳୟ। ସେବେଠାରୁ ଦୀର୍ଘ ଶହେ ବର୍ଷ ଧରି ଉଭୟ ଜିଲ୍ଲାର ଆଖପାଖ ୨୦ଟି ପଞ୍ଚାୟତର ଲକ୍ଷାଧିକ ଲୋକଙ୍କ ଜୀବନରେଖା ସାବ୍ୟସ୍ତ ହୋଇଆସୁଛି ଏହି ଶତାୟୁ ଚିକିତ୍ସାଳୟ। ମାତ୍ର ଦେଶ ସ୍ୱାଧିନତା ସମୟରେ ମୟୂରଭଞ୍ଜ ଗଡ଼ଜାତ ରାଜ୍ୟ ସହ ଓଡ଼ିଶାର ମିଶ୍ରଣ ହେବାପରେ ଏହି ଡାକ୍ତରଖାନାକୁ ଲଗାତର ଉପେକ୍ଷା କରାଯାଉଥିବାରୁ ଡାକ୍ତରଖାନାର 'ସ୍ୱାସ୍ଥ୍ୟ ଅବସ୍ଥା' ଦିନ କୁ ଦିନ ବିଗିଡି ଯାଉଥିବା ଅଭିଯୋଗ କରି ଗତ ଅକ୍ଟୋବର ୨ ଗାନ୍ଧୀ ଜୟନ୍ତୀ ଦିନ ଠାରୁ ୧୦ ଦିନ ଧରି ଅହୋରାତ୍ର ଗଣଧାରଣା ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଚାଲିଥିଲା।ତତ୍କାଳୀନ ସରକାର ବୈଶିଙ୍ଗା ଡାକ୍ତରଖାନା ର ଉନ୍ନତି ପାଇଁ ପ୍ରତିଶୃତି ବଦ୍ଧ ବୋଲି ଆଶ୍ୱାସନା ଦେଇଥିଲେ । ମାତ୍ର ୨୦୨୪ ସାଧାରଣ ନିର୍ବାଚନରେ ୨୪ ବର୍ଷର ଶାସକ ବିଜୁ ଜନତା ଦଳ କୁ ଗାଦିଚ୍ୟୁତ କରି ସାଧାରଣ ଭୋଟର ଭାରତୀୟ ଜନତା ପାର୍ଟି କୁ ଭୋଟ ଦେବା ପରେ ଏବେ ନୂତନ ବିଜେପି ସରକାର ଗଠନ କରିବାର ୫ ମାସ ବିତିଗଲାଣି । ପୂର୍ବଥରର ବିଧାୟକ ସନାତନ ବିଜୁଳି ଦ୍ୱିତୀୟ ବାର ବିଧାୟକ ଭାବେ ନିର୍ବାଚିତ ହୋଇ ସରକାରୀ ଦଳର ସଦସ୍ୟ ଭାବେ କାର୍ଯ୍ୟ କରି ଆସୁଛନ୍ତି । ଏହି ଡାକ୍ତରଖାନା ପାଇଁ ମାନ୍ୟବର ବିଧାୟକ ଶ୍ରୀଯୁକ୍ତ ବିଜୁଳି ପୂର୍ବରୁ ବହୁବାର ବିଧାନସଭା ରେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ଦାବି କରିଛନ୍ତି । ଏବେ ସରକାରରେ ଅଛନ୍ତି ଏଣୁ ଅଧିକ କ୍ରୀୟାଶୀଳ ହୋଇ ଗୁରୁତ୍ୱାରୋପ ଦେଲେ ଅଞ୍ଚଳବାସୀ ଉନ୍ନତ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ।






# ବେଆଇନ୍ ଭାବେ କଟା ଚାଲିଛି ଜଙ୍ଗଲ

## ଚୁପ ରହୁଛନ୍ତି ଅଧିକାରୀ

**ବୈଶିଙ୍ଗା,୫।୧୧(ସଂଚାର ବ୍ୟୁରୋ):** କାକଟପୁର ତହସିଲ ଅନ୍ତର୍ଗତ ସୁହାଗପୁର ମୌଜାର ଅନାବାଦୀ ଜମିରେ ଥିବା ଜଙ୍ଗଲ ସମୂହରୁ ଦିନବେଳା କାଠ ମାଫିଆ ବହୁ ପୁରୁଣା ବଡ ଗଛ ଗୁଡ଼ିକୁ କାଟି ଟ୍ରାକ୍ଟର ସାହାଯ୍ୟରେ ବୋହି ନେଉଥିବା ନେଇ ସ୍ଥାନୀୟ ଗ୍ରାମବାସୀମାନେ ତହସିଲଦାରଙ୍କୁ ଫୋନ ଦ୍ୱାରାଜଣାଇଥିଲେ। କିନ୍ତୁ ତହସିଲଦାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ଅସ୍ତରଙ୍ଗ ବନ୍ୟପ୍ରାଣୀ ଅଧିକାରୀଙ୍କୁ ଜଣାଇବାକୁ କହି ନିଜର କର୍ତ୍ତବ୍ୟ ସମ୍ପାଦାନ କରୁଛନ୍ତି। ଅନ୍ୟପକ୍ଷରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ଅଧିକାରୀ ପାଣିଛତ୍ରଙ୍କୁ ଫୋନ କଲେ ରେଞ୍ଜର ମହାଶୟା କହୁଛନ୍ତି କି ମୋର ସେ କାମ ନୁହେଁ ତହସିଲଦାର ଅନାବାଦୀ ଜମିରେ ମାଲିକ ସେ ତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା କଥା ମୋ ପାଖକୁ କ'ଣ ପାଇଁ ପଠାଉଛନ୍ତି। ମହାଶୟାଙ୍କୁ ଡ଼ିଏଫଓ ଙ୍କ ଫୋନ ନମ୍ବର ମାଗିବାରୁ ମହାଶୟା ରାଗିଯାଇ କହିଲେ ମୁଁ ଜଣେ ରେଜଂର ମୋ ସହିତ କିଭଳି ବ୍ୟବହାର କରାଯାଏ କହି ଫୋନ୍ କାଟିଦେଇ ଥିବା ଅଭିଯୋଗ ଆଣିଛନ୍ତି ସ୍ଥାନୀୟ ଅଧିବାସୀ ବିଚିତ୍ରାନନ୍ଦ କାଣ୍ଡି। ହେଲେ ତହସିଲଦାର ଓ ବନ୍ୟପ୍ରାଣୀ ଅଧିକାରୀ ଏ ଘଟଣା ଉପରେ କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି ସେଥିପ୍ରତି ପୁରୀ ଜିଲ୍ଲାପାଳ ଓ ଆମ ରାଜ୍ୟର ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟି ଦେବାପାଇଁ ଅଞ୍ଚଳବାସୀଙ୍କ ପକ୍ଷରୁ ଦାବୀ ହେଉଛି।

# ସ୍ୱାମୀକୁ ଗଛରେ ବାନ୍ଧି ସ୍ତ୍ରୀକୁ ହତ୍ୟା

**କୋରାପୁଟ,୫।୧୧(ସଂଚାର ବ୍ୟୁରୋ):** ସ୍ୱାମୀକୁ ଗଛରେ ବାନ୍ଧି ସ୍ତ୍ରୀକୁ ଦୁର୍ବୃତ୍ତମାନେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ଏପରି ଘଟଣା ଘଟିଛି କୋରାପୁଟ ଜିଲ୍ଲା ନନ୍ଦପୁର ଥାନା ଅନ୍ତର୍ଗତ ହାରିଆମୁଣ୍ଡା ଗାଁରେ। ମୃତ ଦମ୍ପତି ହେଲେ ହାରିଆ ମୁଣ୍ଡା ଗାଁର ମହେନ୍ଦ୍ର ଖରା ଓ ସ୍ତ୍ରୀ ସାବିତ୍ରୀ ଖରା। ଗତକାଲି ମହେନ୍ଦ୍ର ଓ ତାଙ୍କ ସ୍ତ୍ରୀ କୌଣସି କାମରେ ନନ୍ଦପୁର ଯାଇଥିଲେ। କାମ ସାରି ଘରକୁ ଫେରିବା ବେଳେ ହଣ୍ଡାଲ ତୋଟା ନିକଟରେ କିଛି ଦୁର୍ବୃତ୍ତ ଉଭୟଙ୍କୁ ଅଟକାଇଥିଲେ। ପରେ ଦୁର୍ବୃତ୍ତମାନେ ମେହେନ୍ଦ୍ରଙ୍କୁ ଗଛରେ ବାନ୍ଧି ନିସ୍ତୁକ ମାଡ଼ ମାରିଥିଲେ। ମହେନ୍ଦ୍ରଙ୍କ ସମ୍ମୁଖରେ ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଥିଲେ। ପରେ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ ଦୁର୍ବୃତ୍ତ। ସ୍ଥାନୀୟ ଲୋକେ ମହେନ୍ଦ୍ରଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ କେଉଁ କାରଣ ପାଇଁ ଦୁର୍ବୃତ୍ତମାନେ ମହେନ୍ଦ୍ରଙ୍କୁ ନିସ୍ତୁକ ମାଡ଼ ମାରିବା ସହ ସ୍ତ୍ରୀକୁ ହତ୍ୟା କଲେ ତାର କାରଣ ଜଣାପଡ଼ି ନାହିଁ। ପୁଲିସ ଘଟଣାର ତଦନ୍ତ କରୁଛି।

# ଭାଲୁ ଆକ୍ରମଣରେ ଜଣେ ଗୁରୁତର



**ନୂଆପଡ଼ା,୫।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ନୂଆମାଳପଡା ଗ୍ରାମ ପଞ୍ଚାୟତ ଅଧୀନ ରେ ଥିବା ଖନ୍ଦାପଡା ଗାଁ ଛତିଶଗଡ଼ ସିମାନ୍ତ ରେ ଜଣେ ବ୍ୟକ୍ତି ଭାଲୁ ଆକ୍ରମଣରେ ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଥାନୀୟ ଲୋକେ ଆହତ ବ୍ୟକ୍ତିଙ୍କୁ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସିନାପାଲି କୁ ପଠାଇଥିଲେ। ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ନୂଆପଡ଼ା ଜିଲ୍ଲାମୂଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ଆହତ ବ୍ୟକ୍ତି ଜଣକ ଭୋଲିଆଭଟା ଗ୍ରାମର ଶ୍ରୀଯୁକ୍ତ ଜାରୁ ଜଗତ ଙ୍କ ପୁତ୍ର ଶ୍ରୀଯୁକ୍ତ ମୁନିରାମ ଜଗତ ବୟଷ(୪୬) ବୋଲି ଜଣାପଡିଛି।

# ନାଟକ ରଚନା ଓ ଲୋକ ନାଟକ ଗବେଷଣା ପାଇଁ ସମର୍ପିତ ଇନ୍ଦ୍ରମଣୀ

**କଠଉମାଲ,୫।୧୧(ସଂଚାର ବ୍ୟୁରୋ):** ବିଶିଷ୍ଟ ନାଟ୍ୟକାର ନାଟ୍ୟ ନିର୍ଦ୍ଦେଶକ ସଂଳାପ ଲେଖକ ଆକାଶ ବାଣୀ ଦୂରଦର୍ଶନ ଲୋକନାଟକ ଗେବେଷକ ତଥା ମଞ୍ଚ ଅଭିନେତା କବି ସାହିତିକ ଭାବରେ ଗାଇସିଲେଟ ବ୍ଲକ ଅନ୍ତର୍ଗତ ଗୌରେନମୁଣ୍ଡାର ମାତ୍ର ସପ୍ତମ ଶ୍ରେଣୀ ପାଠ ପଢିଲା ସମୟରେ ତାଙ୍କ ନାଟକ ଜୀବନ ଆରମ୍ଭ ହୋଇଥିଲା। ସେ ୧୦୦ ଗୋଟି ମଞ୍ଚ ନାଟକ ଅଭିନୟ କରି ଦର୍ଶକଙ୍କ ମନକୁ ଛୁଇଁ ପାରିଛନ୍ତି ଓ ଆଜି ପର୍ଯ୍ୟନ୍ତ ୧୦ଗୋଟି ସମ୍ବଲପୁରୀ ଟେଲ୍ଲୀଫିଲ୍ମ ସଂଳାପ ଲେଖି ନିର୍ଦ୍ଦେଶନା ମଧ୍ୟ ଦେଇଛନ୍ତି ଏବଂ ତିନୋଟି ପୁସ୍ତକ ମଧ୍ୟ ପ୍ରକାଶିତ ହୋଇଛି। ନିଆଁଲିମାଳୀ ନାଟ୍ୟ କଳାପରିଷଦ ଗୌରେନମୁଣ୍ଡା ନାମରେ ସରକାରୀ ପଞ୍ଜିକୃତ ହୋଇସାରିଛି ଓ ଦେବଗଡ଼ ଜିଲ୍ଲାରେ ୨୦୧୬ମସିହାରେ ତିନୋଟି ବ୍ଲକ ଓ ଗୋଟିଏ ମୁନସିପାଲଟିରେ ନାଟକ କରି ବେଶ ଲୋକ ଲୋଚନକୁ ଆସି ପୁରସ୍କୃତ ମଧ୍ୟ ହୋଇଛନ୍ତ। ତଥା ବରଗଡ ଜିଲ୍ଲା ଭାରତ ତଥା ଓଡିଶା ସରକାର ଙ୍କ ବିଭିନ୍ନ ଯୋଜନା ଉପରେ ଗାଁ ଗାଁ ବୁଲି ଯୋଜନା ଉପରେ ନାଟକ ତଥା ନାଚ ଗୀତ ମାଧ୍ୟମରେ ପ୍ରଚାର ପ୍ରସାର କରିଛନ୍ତି। ବରଗଡ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ରେ ତିନି ବର୍ଷ ଅଭିନୟ କରିଛନ୍ତି।

# ସୁବର୍ଣ୍ଣ ସମ୍ବଲ ଦେଉଳଝରୀ ମହୋତ୍ସବର ଉଦଯାପନୀ ସମାରୋହ



**ସୁବର୍ଣ୍ଣପୁର,୫।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ନିକଟସ୍ଥ ଦେଉଳଝରି ସିଦ୍ଧେଶ୍ୱର ପିଠ ଠାରେ ସୁବର୍ଣ୍ଣ ସମ୍ବଲ ମହୋତ୍ସବ ଅବସରରେ ରୁମକୁଝୁମନା ତରଫରୁ ପ୍ରବଚନ ଓ ଭଜନ ଅନୁଷ୍ଠିତ ହୋଇଯାଇଛି । ସଂଗୀତ ନିର୍ଦ୍ଦେଶକ ଶାଶ୍ୱତ କୁମାର ତ୍ରିପାଠୀ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ଡ଼. ପ୍ରଫୁଲ୍ଲ କୁମାର ରଥ ମୁଖ୍ୟ ଅତିଥି, ଦିଲ୍ଲୀପ ତ୍ରିପାଠୀ,ଅଭିନେତା ସୁଦାମ ବିଶି,ଅଭିନେତା ଭାଗିରଥି ମିଶ୍ର, ଅଭିନେତା ଅରୁଣ କରସେଲ ସମ୍ମାନିତ ଅତିଥି ଭାବରେ ଯୋଗଦାନ କରିଥିଲେ । ଦେଉଳଝରୀ ସନ୍ଥ ମନୋହର ଦାଶ ଙ୍କ ପୂଜାର୍ଚିନା ପରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଶାନ୍ତନୁ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ । ସ୍ଥାନୀୟ କଳାକାର ଘାଣ୍ଟୁ ଘିବଲା, କୁଞ୍ଜବିହାରୀ ପ୍ରଧାନ, ମିନକେତନ ପ୍ରଧାନ, ଠାକୁର ସାହୁ, କୁନ୍ତଳା ଦେହୁରୀ ଙ୍କ ସହ ଅତିଥି କଳାକାର ସସ୍ମିତା ପରମଗୁରୁ, ସନ୍ତାନୁ ମୁନ୍ନା, ସୌଭାଗ୍ୟଲକ୍ଷ୍ମୀ ଦାଶ ଙ୍କୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା ଦୁଖି ଶ୍ୟାମ ପ୍ରଧାନ ମହୋତ୍ସବ ର ଉଦ୍ଦେଶ୍ୟ ଜ୍ଞାପନ କରିଥିବା ବେଳେ ଆନନ୍ଦ ପ୍ରଧାନ ଧନ୍ୟବାଦ ଦେଇଥିଲେ । ରାମା ନାଏକ, ପବିତ୍ର ପ୍ରଧାନ, ଲଳିତ କର୍ଣ ସହଯୋଗ କରିଥିଲେ । ସୁବର୍ଣ୍ଣପୁର ଓ ସମ୍ବଲପୁର ଜିଲ୍ଲା ସୀମାରେ ଥିବା ଦେଉଳଝରୀ କୁ ପର୍ଯ୍ୟଟନ ମାନ୍ୟତା ଦେବା ଏହି ମହୋତ୍ସବ ର ମୁଖ୍ୟ ଉଦେଶ୍ୟ ବୋଲି ଅତିଥି ମାନେ ମତ ରଖିଥିଲେ ।

# କର୍ମବୀର ପୁରସ୍କାର ହାତେଇଲେ ନକଲି କର୍ମବୀର

## ଜିଲ୍ଲାପାଳଙ୍କ ପାଖରେ ଫେରାଦ ହେଲେ ଅସଲି



**ନୟାଗଡ଼, ୫।୧୧ (ସଂଚାର ବ୍ୟୁରୋ):** ଲୋକଙ୍କୁ ଠକିବା ଆଜିକାଲିର ସଉକ ପାଲଟି ଗଲାଣି । ସହଜ ଉପାୟରେ କେମିତି ଅର୍ଥ ପାଇବେ ତାକୁ ନେଇ ସମୟ ସୁବିଧା ଖୋଜିବାରେ ଲାଗିଛନ୍ତି କିଛି ଲୋକ । ଜଣେ ରାଜନେତା ହାତେଇଥିବା ନେଇ ଜିଲ୍ଲାପାଳଙ୍କ ପାଖରେ ଫେରାଦ ହୋଇଛନ୍ତି ଅସଲି କର୍ମବୀର । ଯାହାକୁ ଆଶ୍ଚର୍ଯ୍ୟ ହୋଇଛନ୍ତି ଅତିରିକ୍ତ ଜିଲ୍ଲାପାଳ। ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ନୀଳମାଧବ ମନ୍ଦିର ଦର୍ଶନ କରିବାକୁ କିଛି ବଙ୍ଗୀୟ ଜନସାଧାରଣ ଆସିଥିଲେ । ତେବେ ସେଥି ମଧ୍ୟରୁ ବଙ୍ଗୀୟ ଦମ୍ପତ୍ତି ଚନ୍ଦ୍ରକାନ୍ତି ମାଇତି ମହାନଦୀରେ ଗାଧୋଉଥିବା ବେଳେ ଅନ୍ୟ ମନସ୍କ ଭାବେ ପାଦ ଖସିଯାଇଥିଲା ଯାହା ଫଳରେ ସ୍ୱାମୀଙ୍କୁ ବଞ୍ଚେଇବା ପାଇଁ ସ୍ତ୍ରୀ ବେଲା ମାଇତି ନଦୀକୁ ଡେଇଁଥିଲେ। କିନ୍ତୁ ମହାନଦୀର ପ୍ରଖର ସ୍ରୋତରେ ଦମ୍ପତ୍ତି ଭାସିଯାଇଥିଲେ। ସେହି ସମୟରେ ନଦୀରେ ଡ଼ଙ୍ଗାଧରି ତ୍ରିନାଥ ଦଳେଇ ଓରଫ ଆଧେଇ ଡାକ ପକାଇଥିଲେ । ନଦୀରେ ଗାଧୋଉଥିବା ବିଜୟ ନାୟକ ଓ କାର୍ତ୍ତିକ ନାୟକ ଉଭୟ ପହଁରି ପହଁରି ଯାଇ ବଙ୍ଗୀୟ ଦମ୍ପତ୍ତିଙ୍କୁ ଉଦ୍ଧାର କରି ତ୍ରିନାଥ ଦଳେଇଙ୍କ ଡ଼ଙ୍ଗାରେ ଉଭୟଙ୍କୁ କୂଳକୁ ଆଣି ଚେତା ଫେରାଇଥିଲେ। କିନ୍ତୁ ପାଖରେ ମୋବାଇଲ ନଥିବା ବେଳେ ସେଠାରେ ଉପସ୍ଥିତ ଥିବା ସମିତିସଭ୍ୟାଙ୍କ ସ୍ୱାମୀ ସରୋଜ ସାହୁ ସେଠାରେ ସେମାନଙ୍କୁ ଠିଆ କରେଇ ତାଙ୍କ ସାଙ୍ଗରେ ଫୋଟୋ ଉଠାଇଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ସମିତି ସଭ୍ୟାଙ୍କ ସ୍ୱାମୀ ସରୋଜ ସାହୁ ବଙ୍ଗୀୟ ଦମ୍ପତ୍ତିଙ୍କୁ ଉଦ୍ଧାର କରିଥିବା ନେଇ ଭୁଲ ତଥ୍ୟ ଦେଇ ଗଣମାଧ୍ୟମରେ ବାହାର କରିଥିଲେ । ଉଦ୍ଧାର କରିଥିବାର ସାହାସିକତା ଦେଖେଇ ଥିବାରୁ ତାଙ୍କୁ ରାଜ୍ୟ ସରକାରଙ୍କ ତରଫରୁ 'କର୍ମବୀର' ପୁରସ୍କାର ସହ ୨୦ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏହା ଗଣମାଧ୍ୟମରେ ପରିପ୍ରକାଶ ହେବା ପରେ, ବିଜୟ ନାୟକ ଓ କାର୍ତ୍ତିକ ନାୟକଙ୍କ ପତ୍ନୀ ସରୋଜ ସାହୁକୁ ପଚାରିବାକୁ ଯାଇଥିଲେ, କିନ୍ତୁ ସରୋଜ ସେମାନଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ତଡିଦେଇଥିଲେ । ଯାହାକୁ ନେଇ ଫାଣ୍ଡିକୁ ଅଭିଯୋଗ କରିବାକୁ ଯାଇଥିଲେ କିନ୍ତୁ ଫାଣ୍ଡି ବାବୁ ଫେରାଇ ଦେଇଥିଲେ ବୋଲି ଅଭିଯୋଗ କରିଛନ୍ତି ।

# ବିଇଏମ୍‌ସିର ଗେହ୍ଲାପୁଅ ସାଜିଛନ୍ତି ଯନ୍ତ୍ରୀ !



## ଦୀର୍ଘ ବର୍ଷ ହେବ ବଦଳି ନାହିଁ, ଦୁର୍ନୀତି ବଢୁଥିବା ଅଭିଯୋଗ

**ବ୍ରହ୍ମପୁର,୫।୧୧ (ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମ ବିରୋଧରେ ଦିନକୁ ଦିନ ଅସନ୍ତୋଷ ବଢୁଛି। କାର୍ଯ୍ୟରେ ଅବହେଳା ହେଉ କି ଦାୟିତ୍ୱହୀନ ନୀତି ପାଇଁ ବିଇଏମସି କର୍ତ୍ତୃପକ୍ଷଙ୍କୁ ବ୍ରହ୍ମପୁରବାସୀ ଏବଂ ବିଭିନ୍ନ ସଂଗଠନ ଦାୟୀ କରି ଆସିଛନ୍ତି। ଏବେ ପୁଣି ଏକ ବଡ଼ ଅଭିଯୋଗ ସାମ୍ନାକୁ ଆସିଛି। ବ୍ରହ୍ମପୁର ସହରର ଜଣେ ବ୍ୟକ୍ତି ଠିକାଦାରଙ୍କ ଜରିଆରେ ହେଉଥିବା ବିଇଏମସିର କାର୍ଯ୍ୟରେ ତ୍ରୁଟି ଦର୍ଶାଇ ନିଗମର ଯନ୍ତ୍ରୀଙ୍କୁ ଅବଗତ କରାଇବା ପରେ ତାଙ୍କୁ ଠିକାଦାରଙ୍କ ଜରିଆରେ ଧମକ୍ ଦିଆଯାଇଥିବା ଅଭିଯୋଗ କରିଛନ୍ତି। ଏପରିକି ଠିକାଦାର ମାନଙ୍କୁ ମହାନଗର ନିଗମର ଯନ୍ତ୍ରୀ ଗୁଣ୍ଡା ଭାବେ ବ୍ୟବହାର କରୁଥିବା ସେ କହିଛନ୍ତି। ବାସ୍ତବରେ, କୌଣସି ବ୍ୟକ୍ତି ଯଦି ଠିକାଦାରଙ୍କ ଅବହେଳିତ କାର୍ଯ୍ୟ ନେଇ ଯନ୍ତ୍ରୀଙ୍କୁ ଅବଗତ କରାନ୍ତି, ତେବେ ସେହି ବ୍ୟକ୍ତିଙ୍କ ନାଁ ଏବଂ ମୋବାଇଲ ନମ୍ବର ଗୋପନ ରଖିବା ପରିବର୍ତ୍ତେ ଯନ୍ତ୍ରୀମାନେ ଠିକାଦାରଙ୍କୁ ଜଣାଇ ଦିଅନ୍ତି। ଏଭଳି ଅଭିଯୋଗ ସାମ୍ନାକୁ ଆସିବା ପରେ ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକ ପଦାରେ ପଡିଯାଇଛି। ଉକ୍ତ ବ୍ୟକ୍ତିଙ୍କ ପାଖରେ ଧମକ୍ ମିଳିବାର ଅଡିଓ ମଧ୍ୟ ରହିଥିବା ସେ କହିଛନ୍ତି। ଖବର ପ୍ରକାରେ ଦୀର୍ଘ ବର୍ଷ ହେବ କିଛି ଯନ୍ତ୍ରୀ ବ୍ରହ୍ମପୁର ମହାନଗର ନିଗମର ଗେହ୍ଲାପୁଅ ସାଜି ରହିଛନ୍ତି। ପଦୋନ୍ନତି ପରେ ବି ଦୀର୍ଘ ବର୍ଷ ହେବ କିଛି ଯନ୍ତ୍ରୀଙ୍କ ବଦଳି ହୋଇନାହିଁ। ସୂଚନା ଅଧିକାର ଆଇନ ଆଧାରରେ ମିଳିଥିବା ତଥ୍ୟ ଅନୁଯାୟୀ, ସମ୍ପ୍ରତି ମହାନଗର ନିଗମର ଜଣେ ସହକାରୀ ନିର୍ବାହୀ ଯନ୍ତ୍ରୀ ଦୀର୍ଘ ବର୍ଷ ହେବ ବ୍ରହ୍ମପୁର ମହାନଗର ନିଗମରେ ରହିଛନ୍ତି। ୨୦୦୯ ମସିହାରୁ ଏହି ଯନ୍ତ୍ରୀ ଜଣକ ସହକାରୀ ଯନ୍ତ୍ରୀ ଭାବେ ଦାୟିତ୍ୱ ତୁଲାଇ ଆସୁଥିବା ବେଳେ ନିକଟରେ ରାଜ୍ୟ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ତାଙ୍କ ପଦୋନ୍ନତି ହୋଇଛି କିନ୍ତୁ ବଦଳିର ନାଁ ଗନ୍ଧ ନାହିଁ। ଜଣେ ଯନ୍ତ୍ରୀ ଗୋଟିଏ ସ୍ଥାନରେ ଦୀର୍ଘ ବର୍ଷ ରହିବା ନିୟମ ବିରୋଧୀ ହୋଇଥିବା ବେଳେ ବ୍ରହ୍ମପୁର ମହାନଗର ନିଗମରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। କେବଳ ସହକାରୀ ନିର୍ବାହୀ ଯନ୍ତ୍ରୀ ନୁହଁନ୍ତି ବରଂ ପୂର୍ବରୁ କିଛି କନିଷ୍ଠ ଯନ୍ତ୍ରୀ ଏବେ ସହକାରୀ ଯନ୍ତ୍ରୀ ଭାବେ ପଦୋନ୍ନତି ପାଇଥିବା ବେଳେ ଦୀର୍ଘ ବର୍ଷ ହେବ ବଦଳି ହୋଇନାହିଁ। ଯାହା ଫଳରେ ଯନ୍ତ୍ରୀଙ୍କ ଜରିଆରେ ବିଇଏମସିରେ ଦୁର୍ନୀତି ବଢୁଥିବା କୁହାଯାଉଛି। କିଛି ଜନ ପ୍ରତିନିଧିଙ୍କ ସୁରକ୍ଷା ବଳୟ ମଧ୍ୟରେ ଏହି ଯନ୍ତ୍ରୀ ମାନେ କାର୍ଯ୍ୟ କରୁଥିବାରୁ ଏମାନଙ୍କ ବଦଳି ଉପରେ ଧ୍ୟାନ ଦିଆଯାଉନାହିଁ। ଯାହା ଫଳରେ ଯନ୍ତ୍ରୀ ମାନେ ଦୀର୍ଘ ବର୍ଷ ହେବ ଗୋଟିଏ ଆସନରେ ବସି ଦୁର୍ନୀତିକୁ ପ୍ରଶ୍ରୟ ଦେଉଛନ୍ତି। ନିକଟରେ ବ୍ରହ୍ମପୁର ସହରରେ ଯନ୍ତ୍ରୀଙ୍କ ଖାମଖିଆଲ ନୀତି ଯୋଗୁଁ ଜଣେ ନିରୀହ ନାବାଳକର ମଧ୍ୟ ଜୀବନ ଯାଇଥିଲା। ନିର୍ଦ୍ଦେଶ ସତ୍ତ୍ୱେ ମୁକୁଳା ଡ୍ରେନ୍ ରେ ଢ଼ାଙ୍କୁଣୀ ଘୋଡାଇ ନଥିବାରୁ ଜଣେ ସ୍କୁଲ ଛାତ୍ର ଭାସିଯାଇ ମୃତ୍ୟୁ ବରଣ କରିଥିଲା। କିନ୍ତୁ କମିଶନରଙ୍କ ନୋଟିସ୍ ରେ ହିଁ ଯନ୍ତ୍ରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଅଟକି ରହିଥିବା ଜଣାପଡିଛି। ବାସ୍ତବରେ ବର୍ଷ ବର୍ଷ ଧରି ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ନହେବା କାରଣରୁ ବେଫିକର ନୀତି ଯୋଗୁଁ ଏଭଳି ଗୋଟିଏ ପରେ ଗୋଟିଏ ଅଭିଯୋଗ ସାମ୍ନାକୁ ଆସୁଛି। ବ୍ରହ୍ମପୁର ମହାନଗର ନିଗମ ଏବେ ଦୁର୍ନୀତିର ଗନ୍ତାଘର ପାଲଟିଥିବା ଚର୍ଚ୍ଚା ହେଉଛି। ତେବେ ତୁରନ୍ତ ଏଭଳି ଯନ୍ତ୍ରୀ ମାନଙ୍କୁ ବଦଳି କରିବା ଦିଗରେ ଗୃହ ଓ ନଗର ଉନ୍ନୟନ ବିଭାଗ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଦୁଷ୍କର୍ମ ଓ ହତ୍ୟା ମାମଲାର ଆସମୀକୁ କାରାଦଣ୍ଡ

**ବାଲେଶ୍ୱର,୫।୧୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ରେମୁଣା ଥାନା ଅନ୍ତର୍ଗତ ଗଣେଶ୍ୱର ପୁର ଅଞ୍ଚଳରେ ନାବାଳିକା ଙ୍କୁ ଜଳଖିଆ ଖୁଆଇବା କୁ ନେଇ ଧରମ ମାମୁଁ ଦୁଷ୍କର୍ମ ପରେ ହତ୍ୟା ଘଟଣାର ଆଜି ରାୟ ପ୍ରକାଶ ପାଇଛି । ରାୟ ଶୁଣାଇଛନ୍ତି ମାନ୍ୟବର ବାଲେଶ୍ୱର ସ୍ୱତନ୍ତ୍ର ପକ୍ସୋ କୋର୍ଟ ଜଜ୍ ରଞ୍ଜନ କୁମାର ସୁତାର । ଏଭଳି ସ୍ପର୍ଶକାତର ଘଟଣା ରେ ୨ ମାସ ଭିତରେ ରାୟ ଶୁଣେଇଛନ୍ତି ମାନ୍ୟବର କୋର୍ଟ । ମୁଦଲା ରବି ସିଂକୁ କୋର୍ଟ ୨୩ ଜଣ ସାକ୍ଷୀ ଓ ୪୦ ଟି ଦଲିଲ ଓ ଦସ୍ତାବିଜ କୁ ଆଧାର କରି ଆଜୀବନ କାରାଦଣ୍ଡ ରେ ଦଣ୍ଡିତ କରିବା ସହ ୫ ହଜାର ଟଙ୍କା ଜୋରିମାନା ଆଦେଶ ଦେଇଛନ୍ତି ।ଜରିମାନା ଅନାଦେୟ ଆସାମୀକୁ ଅଧିକ ଦୁଇ ବର୍ଷ ଜେଲ୍ ଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଏହାସହ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ମୃତ ନାବାଳିକାଙ୍କ ପରିବାର କୁ ୯ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ଏହି ମାମଲାରେ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରିଥିଲେ।